# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୭/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, January 7/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 45 | ମୂଲ୍ୟ ₹୭/-




## ମନ୍ଧାନା ଅଧିନାୟିକା ମନୋନୀତ

ଆୟର୍ଲାଣ୍ଡ ବିପକ୍ଷ ଘରୋଇ ସିରିଜ ପାଇଁ ଭାରତୀୟ କ୍ରିକେଟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି ସ୍ମୃତି ମନ୍ଧାନା।

୧୪

୦୨

## ‘ଏମର୍ଜେନ୍ସି’ ଟ୍ରେଲର ୨ ଜାରି

ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ‘ଏମର୍ଜେନ୍ସି’ ଫିଲ୍ମର ଦ୍ୱିତୀୟ ଟ୍ରେଲର ସୋମବାର ରିଲିଜ୍ ହୋଇଛି।



# ରାୟଗଡ଼ା ରେଳ ଡିଭିଜନର ଶିଳାନ୍ୟାସ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାୟଗଡ଼ା ରେଳ ଡିଭିଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ରାୟଗଡ଼ା ଜିଲା । ଶିଳ୍ପ ବିକାଶ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ରାୟଗଡ଼ା ସମେତ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ଗଜପତି ଜିଲା ଅଗ୍ରଣୀ ଲାଭ କରିବ ବୋଲି ମୋଦି କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ।

- ■ ଦେଶ ଖୁବ୍‌ଶୀଘ୍ର ବୁଲେଟ୍ ଟ୍ରେନ ଦେଖିବ: ମୋଦି
- ■ ଆଧୁନିକ ଶିଳ୍ପର ହବ୍ ହେବ ରାୟଗଡ଼ା: ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୬।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଡିଭିଜନ ହେଡକ୍ୱାର୍ଟର୍ସ ପାଇଁ ଶିଳାନ୍ୟାସ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୨୫ ବର୍ଷରେ ଯୋଗାଯୋଗ ଦ୍ରୁତଗତିରେ ହେବ। ବିକଶିତ ଭାରତର ସଂକଳ୍ପ ନେଇ ଆମେ କାର୍ଯ୍ୟ କରୁଛୁ। ୨୦୧୪ ରେ ଅନେକ ସ୍ୱପ୍ନ ଦେଖି କାମ ଆରମ୍ଭ କରିଥିଲୁ। ତେଣୁ ଗତ ଏକ ଦଶକ ଭିତରେ ଅନେକ ପରିବର୍ତ୍ତନ ଘଟିଛି। ଏହାଦ୍ୱାରା ଦେଶର ଛବି ବଦଳିଛି। ତେବେ ଏହା ଆରମ୍ଭ ମାତ୍ର। ଦେଶ ଖୁବ୍‌ଶୀଘ୍ର ବୁଲେଟ୍ ଟ୍ରେନ୍ ଦେଖିବ ବୋଲି ସୂଚନା ଦେଇଛନ୍ତି। ପୂର୍ବରୁ ମାତ୍ର ୩୫ ପ୍ରତିଶତ ରେଳ ଲାଇନ୍ ବିଦ୍ୟୁତୀକରଣ ହୋଇଥିଲା। ଆଉ ଏବେ ଶତ ପ୍ରତିଶତ ☞ପୃଷ୍ଠା–୪

# ମାଓବାଦୀଙ୍କ ବଡ଼ ବିସ୍ଫୋରଣ

## ୮ ଯବାନଙ୍କ ସମେତ ୯ ମୃତ

ମାଲକାନଗିରି,୬।୧ (ଦୁର୍ଯ୍ୟୋଧନ ପାତ୍ର)/ ବିଜାପୁର,୬।୧ (ପି.ଟି.)

ଛତିଶଗଡ଼ର ବିଜାପୁର ଜିଲାରେ ସୋମବାର ଯବାନମାନଙ୍କୁ ନେଇ ଯାଉଥିବା ଏକ ଗାଡ଼ିକୁ ମାଓବାଦୀମାନେ ଶକ୍ତିଶାଳୀ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ବିସ୍ଫୋରଣରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି)ର ୮ ଯବାନ ଏବଂ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଯବାନମାନେ ହେଲେ ହରିଶ କୋରାମ, ସେମଡୁ ବେଟି, ସୁଦର୍ଶନ ବେଟି, ସୁବରନାଥ ଯାଦବ, ଖୁମା ମରକମ, ପାଣ୍ଡୁରାମ ପୋୟାମ, ଇାମନ ସୋଡି ଓ ଭୁଧରାମ କୋରସା। ଗତ ୨ ବର୍ଷ ମଧ୍ୟରେ ମାଓବାଦୀମାନଙ୍କର ଛତିଶଗଡ଼ରେ ଏହା ସବୁଠୁ ବଡ଼ ଆକ୍ରମଣ।

ଡିଆର୍‌ଜି ଯବାନମାନେ ମାଓବାଦୀ ନିରୋଧୀ ଅଭିଯାନ ସାରି ସୋମବାର ଅପରାହ୍ନ ୨ଟା ୧୫ ମିନିଟ୍ ସମୟରେ ଦାନ୍ତେୱାଡ଼ା ଜିଲାରୁ ଏକ ସ୍କର୍ପିଓ ଗାଡ଼ିରେ ଫେରୁଥିବାବେଳେ କୁଟ୍ରୁ ଥାନା ଅନ୍ତର୍ଗତ ଅମ୍ବେଲି ଗ୍ରାମ ନିକଟରେ ବିସ୍ଫୋରଣ ଘଟିଥିଲା ବୋଲି ବସ୍ତର ରେଞ୍ଜ ପୋଲିସ ଆଇଜି ସୁନ୍ଦରରାଜ ପି କହିଛନ୍ତି। ଘଟଣାସ୍ଥଳରେ ୫ ଜଣ ଯବାନ ଶହୀଦ ହୋଇଥିଲେ। ଅନ୍ୟ ୩ ଯବାନ ଓ ଜଣେ ଡ୍ରାଇଭରଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଡିଆର୍‌ଜି ହେଉଛି ଛତିଶଗଡ଼ ପୋଲିସର ଏକ ୟୁନିଟ୍। ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟରୁ ଏବଂ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ଏହି ବିଭାଗରେ ନିଯୁକ୍ତି ଦିଆଯାଇଥାଏ। ଆଇଜିଙ୍କ ସୂଚନା ଅନୁଯାୟୀ, ଡିଆର୍‌ଜି ଯବାନମାନେ ୩ ଦିନ ହେଲା ନାରାୟଣପୁର, ଦାନ୍ତେୱାଡ଼ା ଏବଂ ବିଜାପୁର ଜିଲାର ସୀମାନ୍ତ ଅଞ୍ଚଳରେ ମାଓବାଦୀ ନିରୋଧୀ ☞ପୃଷ୍ଠା–୪

## ଓଡ଼ିଶା ୩ ବର୍ଷ ପାଇଁ ଭାରତୀୟ ଖୋ ଖୋ ଦଳର ପ୍ରାୟୋଜକ

ଭୁବନେଶ୍ୱର,୬।୧ (ତପନ ସ୍ୱାଇଁ)

ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ ଦେବା ଲାଗି ଭାରତୀୟ ଜାତୀୟ ଖୋ ଖୋ ଟିମ୍ ପାଇଁ ଓଡ଼ିଶା ୩ ବର୍ଷ ସକାଶେ ପ୍ରାୟୋଜକ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି, ଏ ନେଇ ରାଜ୍ୟ ସରକାର ବାର୍ଷିକ ୫ କୋଟି ଟଙ୍କା ନିବେଶ କରିବେ। ଜାନୁଆରୀ ୨୦୨୫ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ☞ପୃଷ୍ଠା–୪

# ଡରେଇଲାଣି ଏଚ୍‌ଏମ୍‌ପିଭି

## ୪ ରାଜ୍ୟରେ ୬ ସଂକ୍ରମିତ ଚିହ୍ନଟ

ନୂଆଦିଲ୍ଲୀ,୬।୧

କୋଭିଡ ମହାମାରୀର ପ୍ରାୟ ୫ ବର୍ଷ ପରେ ଚାଇନାରୁ ଆଉ ଏକ ସଂକ୍ରାମକ ଭୂତାଣୁ ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍ (ଏଚ୍‌ଏମ୍‌ପିଭି) ଏବେ ଭାରତରେ ପହଞ୍ଚିଛି। ଦେଶରେ ୬ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କର୍ଣ୍ଣାଟକରେ ୨ ଶିଶୁଙ୍କଠାରେ ଏଭଳି ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସର୍ବସାଧାରଣରେ ମାସ୍କ ବ୍ୟବହାର ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗୁଜରାଟରୁ ଜଣେ ଏବଂ କୋଲକାତାରୁ ୧ ଏବଂ ଚେନ୍ନାଇରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସଂକ୍ରମଣକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଭାରତର ସ୍ୱାସ୍ଥ୍ୟସେବା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଭାଇରସ୍ ଖେଳ







## ସଂକ୍ଷେପରେ

### ଆଇଓଏ, ଏଆଇଏଫ୍ଏଫ୍ ମାମଲା ଶୁଣାଣିରୁ ଓହରିଲେ ସିଜେଆଇ



ସିଜେଆଇ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ,୬।୧

ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଏବଂ ଅଲ୍ ଇଣ୍ଡିଆ ଫୁଟ୍‌ବଲ୍ ଫେଡେରେଶନ (ଏଆଇଏଫ୍ଏଫ୍) ଗଠନ ଚୂଡ଼ାନ୍ତ କରିବା ପାଇଁ ଦୁଇଟି ଆବେଦନର ଶୁଣାଣିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ସୋମବାର ଓହରିଯାଇଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ପିଟିଶନ୍‌କୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଦିଲ୍ଲୀ ହାଇକୋର୍ଟରେ ପୂର୍ବରୁ ସେ ଏଭଳି ଏକ ଆବେଦନର ଶୁଣାଣି କରିଥିବାରୁ ବର୍ତ୍ତମାନର ମାମଲାର ଶୁଣାଣିରେ ସାମିଲ ହେବାକୁ ଚାହାନ୍ତି ନାହିଁ ବୋଲି ସିଜେଆଇ କହିଛନ୍ତି। ଫେବୃଆରୀ ୧୦ରେ ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଉକ୍ତ ପିଟିଶନ୍‌ର ଶୁଣାଣି ହେବ।

### ହଷ୍ଟେଲ ୨ୟ ମହଲାରୁ ପଡ଼ି ଆଇଆଇଏମ୍ ଛାତ୍ର ମୃତ

ବେଙ୍ଗାଲୁରୁ, ୬।୧

ଆଇଆଇଏମ୍ ବେଙ୍ଗାଲୁରୁ ହଷ୍ଟେଲ ଦ୍ୱିତୀୟ ମହଲାରୁ ଖସିପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ସୁରଟର ନିଲୟ କୈଳାସଭାଇ ପଟେଲ(୨୯)। ତେବେ ଏହା ଦୁର୍ଘଟଣା ଥିଲା ନା ନିଲୟଙ୍କୁ ହତ୍ୟା କରାଯାଇଛି ସେନେଇ ତଦନ୍ତ ଜାରି ରହିଛି। ପୋଲିସ ନିଲୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ନିଲୟ ରବିବାର ତାଙ୍କର ୨୯ତମ ଜନ୍ମଦିନ ପାଳିଥିଲେ। ବାର୍ଥ ଡେ' ପାର୍ଟିରେ ତାଙ୍କର ବହୁ ବନ୍ଧୁ ସାମିଲ ଥିଲେ। ସୋମବାର ସକାଳେ ପୁରୁଷ ହଷ୍ଟେଲର ୨ ମହଲା ଉପରୁ ପଡ଼ି ନିଲୟଙ୍କ ମୃତ୍ୟୁ ଘଟିଛି ବୋଲି ଛାତ୍ରାବାସର ସୁରକ୍ଷାକର୍ମୀ କହିଛନ୍ତି।

# ଲିବେରାଲ ପାର୍ଟି ନେତା ପଦରୁ ଟ୍ରୁଡୋଙ୍କ ଇସ୍ତଫା

## କାନାଡାରେ ରାଜନୈତିକ ସଙ୍କଟ

ଓଟ୍ଟାୱା,୬।୧(ପି.ଟି.)

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସୋମବାର ଲିବେରାଲ ପାର୍ଟି ନେତା ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ୯ ବର୍ଷର କାର୍ଯ୍ୟକାଳ ଶେଷ ହୋଇଛି। ଆଭ୍ୟନ୍ତରୀଣ ଦଳୀୟ ଅସନ୍ତୋଷ ଏବଂ ଜନମତ ରେଟିଂ ହ୍ରାସ କାରଣରୁ ଇସ୍ତଫା ପାଇଁ ତାଙ୍କ ଉପରେ ଦଳ ଭିତରୁ ଚାପ ବଢ଼ିବାରେ ଲାଗିଥିଲା। ନୂଆ ନେତା ନିର୍ବାଚନ ପାଇଁ ବୁଧବାର ଦଳୀୟ ବୈଠକ ବସିବାକୁ ଥିବାବେଳେ ଏହା ପୂର୍ବରୁ ଟ୍ରୁଡୋ ଇସ୍ତଫା ଦେଇଛନ୍ତି। ଚଳିତ ବର୍ଷ ଦେଶରେ ନିର୍ବାଚନ ଅନୁଷ୍ଠିତ ହୋଇ ଅକ୍ଟୋବର ୨୦ ସୁଦ୍ଧା ନୂଆ ସରକାର ଗଢ଼ାଯିବ। ଉତ୍ତରାଧିକାରୀ ଚୟନ ହେବା ପର୍ଯ୍ୟନ୍ତ ଟ୍ରୁଡୋ ଅସ୍ଥାୟୀ ଭାବେ ପ୍ରଧାନମନ୍ତ୍ରୀ ରହିପାରନ୍ତି।

ଟ୍ରୁଡୋ କିଛିମାସ ହେଲା ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଆସୁଥିଲେ। ଦେଶର ଆର୍ଥିକ ସ୍ଥିତିରେ ଅବନତି ଆଦି ବିଭିନ୍ନ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବାବେଳେ ଏଥିରୁ ନଜର ହଟାଇବା ପାଇଁ ସେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତାଙ୍କ ହତ୍ୟା ଘଟଣାରେ ବାରମ୍ବାର ଭାରତ ସରକାରଙ୍କୁ ଦାୟୀ କରିଆସୁଥିଲେ। ଏହାକୁ ନେଇ ସେ ନିଜ ଦଳ ଭିତରେ ବିରୋଧର ସମ୍ମୁଖୀନ ହୋଇଥିଲେ। ସିଆନ୍ କାସେ, କେନ୍ ମାକ୍‌ଡୋନାଲ୍ଡଙ୍କ ଭଳି କେତେଜଣ ପ୍ରଭାବଶାଳୀ ଲିବେରାଲ ପାର୍ଟି ଏମ୍‌ପି ତାଙ୍କ ଇସ୍ତଫା ପାଇଁ ଦାବି କରିଆସୁଥିଲେ। ଟ୍ରୁଡୋଙ୍କ ଇସ୍ତଫା ଦାବିକରି ୨୦ରୁ ଊର୍ଦ୍ଧ୍ୱ ଦଳୀୟ ଏମ୍‌ପି ଏକ ସଂକଳ୍ପ ପତ୍ରରେ ସ୍ୱାକ୍ଷର କରିଥିଲେ। ଡିସେମ୍ବରରେ ଉପପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡଙ୍କ ଇସ୍ତଫା ଟ୍ରୁଡୋଙ୍କ ସରକାରଙ୍କ ପାଇଁ ଶକ୍ତ ଝଟକା ଥିଲା। ସରକାରଙ୍କ କେତେକ ନୀତିକୁ ବିରୋଧ କରି ଫ୍ରିଲାଣ୍ଡ ଇସ୍ତଫା ଦେଇଥିଲେ।




ଜଷ୍ଟିନ୍ ଟ୍ରୁଡୋ

ଲିବେରାଲ ପାର୍ଟି ନେତା ପଦରୁ ଇସ୍ତଫା ଦେବା ପୂର୍ବରୁ ଟ୍ରୁଡୋ ସୋମବାର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି। ନେତା ପଦରୁ ଇସ୍ତଫା ଦେବା ପରେ ଟ୍ରୁଡୋ ତୁରନ୍ତ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବେ କିମ୍ବା ନୂଆ ନେତା ନିର୍ବାଚିତ ହେବା ପର୍ଯ୍ୟନ୍ତ ଏହି ପଦବୀରେ ରହିବେ, ତାହା ଜଣାପଡ଼ି ନାହିଁ। ଦଳର ଦୁଇଟି ବିକଳ୍ପ ରହିଛି। ତାହା ହେଲା, ଲିବେରାଲ ପାର୍ଟି ଜାତୀୟ କାର୍ଯ୍ୟକାରିଣୀର ସୁପାରିସକ୍ରମେ ଅନ୍ତରୀଣ ନେତା ନିଯୁକ୍ତ ହୋଇପାରନ୍ତି କିମ୍ବା ଏକ ସଂକ୍ଷିପ୍ତ ନେତୃତ୍ୱ ପାଇଁ ନିର୍ବାଚନ ହୋଇପାରେ। ନେତୃତ୍ୱ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟକୁ ପ୍ରୋରଗ୍ ରଖିବା ନିମନ୍ତେ ଗଭର୍ନର ଜେନେରାଲଙ୍କୁ ନିବେଦନ କରିବେ। ତେବେ ଏହା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ସମ୍ବିଧାନ ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟ ସୂତ୍ର ଅନୁଯାୟୀ, ନୂଆ ନେତା ଚୟନ ହେବା ପର୍ଯ୍ୟନ୍ତ ଟ୍ରୁଡୋ ପ୍ରଧାନମନ୍ତ୍ରୀ ରହିବେ ବୋଲି କୁହାଯାଉଛି।

# ଭାରତରେ ବୁଲେଟ ଟ୍ରେନ୍ ସେବା ଖୁବ୍‌ଶୀଘ୍ର: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୬।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜମ୍ମୁ ରେଲୱେ ଡିଭିଜନର ଉଦ୍‌ଘାଟନ କରିବା ସହ ବିଭିନ୍ନ ରେଳ ସମ୍ବନ୍ଧୀୟ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୋଦି କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଭାରତୀୟ ରେଲୱେରେ ବିଭିନ୍ନ ଐତିହାସିକ ପରିବର୍ତ୍ତନ ଆସିପାରିଛି। ସମଗ୍ର ଦେଶରେ ହାଇସ୍ପିଡ୍ ଟ୍ରେନ୍‌ର ଚାହିଦା ବଢ଼ିଛି। ଏବେ ଦେଶରେ ୫୦ରୁ ଅଧିକ ରୁଟ୍‌ରେ ୧୩୬ରୁ ଅଧିକ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଖୁବ୍‌ଶୀଘ୍ର ଦେଶରେ ପ୍ରଥମ ବୁଲେଟ ଟ୍ରେନ୍ ମଧ୍ୟ ଦୌଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି। ମୋଦି ଆହୁରି କହିଛନ୍ତି, ରେଳ କ୍ଷେତ୍ରର ବିକାଶ ପାଇଁ ୪ ମୁଖ୍ୟ ପାରାମିଟର ହେଉଛି ଭିତ୍ତିଭୂମି ଆଧୁନିକୀକରଣ, ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ପ୍ରଦାନ, ଦେଶର ସମସ୍ତ ଅଞ୍ଚଳରେ ରେଳ ସଂଯୋଗ ଏବଂ ରୋଜଗାର ଓ ଶିଳ୍ପକୁ ପ୍ରୋତ୍ସାହନ। କେନ୍ଦ୍ର ସରକାର ଏହି ୪ ପାରାମିଟରକୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ୨୦୧୪ ପର୍ଯ୍ୟନ୍ତ କେବଳ ୩୫% ରେଳ ଲାଇନରେ ବିଦ୍ୟୁତୀକରଣ କରାଯାଇଥିଲା। ଏହି ସଂଖ୍ୟା ଖୁବ୍‌ଶୀଘ୍ର ୧୦୦%ରେ ପହଞ୍ଚିବାକୁ ଯାଉଛି। ସେହିପରି ଗତ ୧୦ ବର୍ଷ ମଧ୍ୟରେ ୩୦ ହଜାର କିଲୋମିଟରରୁ ଅଧିକ ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଶ୍ରୀନଗରରେ ସାନି ତୁଷାରପାତ ପରେ ସୋମବାର ଲାଲ୍‌ଚୌକ୍ ବରଫାବୃତ୍ତ ହୋଇଯାଇଛି।

# ଜେଲ ଗଲେ ପ୍ରଶାନ୍ତ କିଶୋର

## ଜାମିନ ନେବାକୁ ମନା କଲେ

ପାଟନା, ୬।୧

ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ସୋମବାର ବିହାର ଲୋକସେବା ଆୟୋଗ(ବିପିଏସ୍‌ସି) ପରୀକ୍ଷାରେ ଅନିୟମିତତା ହୋଇଥିବା ଦର୍ଶାଇ ଏହାକୁ ବାତିଲ କରିବା ଦାବିରେ ପାଟନାର ଗାନ୍ଧୀ ମଇଦାନରେ ଆମରଣ ଅନଶନରେ ବସିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ଗିରଫ ହେବାର କିଛି ସମୟ ମଧ୍ୟରେ ପାଟନାର ସିଭିଲ କୋର୍ଟ ପ୍ରଶାନ୍ତଙ୍କୁ ୨୫ ହଜାର ଟଙ୍କା ବଣ୍ଡରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ତେବେ ପ୍ରଶାନ୍ତ ଜାମିନ ନେବାକୁ ମନା କରିବାରୁ କୋର୍ଟ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପ୍ରଶାନ୍ତ କହିଛନ୍ତି, ଜାମିନ ବଣ୍ଡ ଭରିବି ନାହିଁ ଏବଂ ଜେଲରେ ଅନଶନ ଜାରି ରଖିବି। ଯୁବପିଢ଼ିଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଯଦି ଅପରାଧ, ତେବେ ସେ ଜେଲକୁ ଯାଇ ଏହି ଅପରାଧର ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ଅଛନ୍ତି। ଘଟଣାକୁ ନେଇ ପାଟନା ଜିଲା ପ୍ରଶାସନ କହିଛି, ବାରମ୍ବାର ଅନୁରୋଧ ସତ୍ତ୍ୱେ ମଧ୍ୟ ପ୍ରଶାନ୍ତ ଓ ତାଙ୍କ ସମର୍ଥକମାନେ ସୋମବାର ଗାନ୍ଧୀ ମଇଦାନରେ ଧାରଣା ଜାରି ରଖିଲେ। ଜିଲା ପ୍ରଶାସନ ସେମାନଙ୍କୁ ବିରୋଧ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ହୋଇଥିବା ପାଟଣାର ଗର୍ଦ୍ଦନୀବାଗ ଅଞ୍ଚଳକୁ ସ୍ଥାନାନ୍ତର ହେବା ପାଇଁ ନୋଟିସ ଦେଇଥିଲା। ତେବେ ପ୍ରଶାନ୍ତ ଓ ତାଙ୍କ ସମର୍ଥକମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହି ପ୍ରଶାସନର ଅନୁରୋଧକୁ ଅଗ୍ରାହ୍ୟ କରିଥିଲେ। ତେଣୁ ଘଟଣାସ୍ଥଳରୁ ପ୍ରଶାନ୍ତଙ୍କ ସମେତ ୪୩ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ ସୂଚନା ଦେଇଛି।



ଜନ ସୁରାଜ ପାର୍ଟି ନେତା ପ୍ରଶାନ୍ତ କିଶୋରଙ୍କୁ କୋର୍ଟରେ ହାଜର କରାଯାଉଛି।

# ଛତିଶଗଡ଼ ଖବରଦାତା ହତ୍ୟା ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

## ନିର୍ମମ ଭାବେ ମାରିଥିଲେ: ବ୍ୟବଚ୍ଛେଦ ରିପୋର୍ଟ

ହାଇଦ୍ରାବାଦ, ୬।୧

ଛତିଶଗଡ଼ର ବିଜାପୁରରେ ଖବରଦାତା ମୁକେଶ ଚନ୍ଦ୍ରକରଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେଶ ଚନ୍ଦ୍ରକରଙ୍କୁ ସୋମବାର ବିଜାପୁର ସାଇବର ପୋଲିସ ଓ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) ଟିମ୍ ହାଇଦ୍ରାବାଦରୁ ଗିରଫ କରିଛି। ସୁରେଶ ହାଇଦ୍ରାବାଦରେ ଲୁଚିଥିବା ନେଇ ତଦନ୍ତରୁ ଜଣାପଡ଼ିଥିଲା। ତେବେ ମୁକେଶଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁଯାୟୀ, ମୁକେଶଙ୍କ ମୁଣ୍ଡରେ ୧୫ଟି ଫ୍ରାକ୍ଚର ଥିବାବେଳେ ତାଙ୍କ ବେକ ଭାଙ୍ଗିଯାଇଛି। ସେହିପରି ମୁକେଶଙ୍କ ଯକୃତ ୪ ଖଣ୍ଡ ହୋଇଯାଇଥିବାବେଳେ ତାଙ୍କ ହୃତ୍‌ପିଣ୍ଡ ବାହାର କରି ଦିଆଯାଇଛି। ମୁକେଶଙ୍କ ଶରୀରରୁ ଅନେକ ଗୁରୁତର ଆଘାତର ଚିହ୍ନ ମଧ୍ୟ ମିଳିଛି। ୨ରୁ ଅଧିକ ବ୍ୟକ୍ତି ମୁକେଶଙ୍କୁ ହତ୍ୟା କରିଥିବା ନେଇ ବ୍ୟବଚ୍ଛେଦ କରିଥିବା ଡାକ୍ତର କହିଛନ୍ତି।

# ଭାରତକୁ ପୂର୍ଣ୍ଣ ବେସାମରିକ ଆଣବିକ ସହଯୋଗ ଦେବ ଆମେରିକା

ନୂଆଦିଲ୍ଲୀ,୬।୧

ଭାରତକୁ ଆମେରିକା ବେସାମରିକ ଆଣବିକ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ଯୋଗାଇଦେବ। ୨ ଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଜେକ୍ ସୁଲିଭାନ୍ ସୋମବାର ଏହା କହିଛନ୍ତି। ଆଇଆଇଟି ଦିଲ୍ଲୀରେ ଉଦ୍‌ବୋଧନ ଦେଇ ସୁଲିଭାନ୍ କହିଛନ୍ତି, ଦିବଙ୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍‌ଙ୍କ ସହ ସିଭିଲ୍ ନ୍ୟୁକ୍ଲିୟର ଡିଲ୍ ସ୍ୱାକ୍ଷର କରିଥିଲେ। ଇତିମଧ୍ୟରେ ୨ ଦଶନ୍ଧି ବିତିଥିଲେ ମଧ୍ୟ ଉଭୟ ଦେଶ ଏହାର ସହଯୋଗକୁ ସମ୍ପୂର୍ଣ୍ଣ ଅନୁଭବ କରିନାହାନ୍ତି। ଭାରତର ପ୍ରମୁଖ ଆଣବିକ ସଂସ୍ଥା ଏବଂ ଆମେରିକୀୟ କମ୍ପାନୀ ମଧ୍ୟରେ ବେସାମରିକ ଆଣବିକ ସହଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପୁରୁଣା ନିୟାମକଗୁଡ଼ିକୁ ହଟାଇବା ପାଇଁ ୱାଶିଂଟନ ନେଇଥିବା ଆବଶ୍ୟକ ପଦକ୍ଷେପ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆନୁଷ୍ଠାନିକ କାଗଜପତ୍ର କାମ ଶେଷ ହେଲେ ଭାରତ-ଆମେରିକା ସମ୍ପର୍କରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ସୁଲିଭାନ୍ କହିଛନ୍ତି।



ଆମେରିକା ଏନ୍ଏସ୍ଏ ଜେକ୍ ସୁଲିଭାନ୍‌ଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

# ତାମିଲନାଡୁ ବିଧାନସଭାରେ ଜାତୀୟ ସଙ୍ଗୀତକୁ ଅପମାନ

## ଅଧାରୁ ଉଠିଗଲେ ରାଜ୍ୟପାଳ

ଚେନ୍ନାଇ,୬।୧

ତାମିଲନାଡୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହୋଇଥିବାବେଳେ ସୋମବାର ପ୍ରଥମ ଦିନରେ ନାଟକବାଜି ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଜାତୀୟ ସଙ୍ଗୀତକୁ ଅପମାନିତ କରିଥିବା ଅଭିଯୋଗ କରି ରାଜ୍ୟପାଳ ଆର୍.ଏନ୍. ରବି ଗୃହରେ ଅଭିଭାଷଣ ନ ରଖି ଚାଲିଯାଇଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣକୁ ଷ୍ଟାଲିନ୍‌ଙ୍କ ସମେତ ଡିଏମ୍‌କେ ନେତାମାନେ ନିନ୍ଦା କରିଛନ୍ତି। ଅଭିଭାଷଣବେଳେ ଗୃହ ଛାଡ଼ି ଚାଲିଯିବା ରାଜ୍ୟପାଳଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ସେମାନେ କହିଛନ୍ତି। ରାଜ୍ୟପାଳଙ୍କ ଆଚରଣକୁ ମୁଖ୍ୟମନ୍ତ୍ରୀ ପିଲାଳିଆମି କହିବା ସହ ଏହା ବିଧାନସଭା ପରମ୍ପରାର ଉଲ୍ଲଂଘନ ବୋଲି କହିଛନ୍ତି।

ଜାତୀୟ ସଙ୍ଗୀତ ପ୍ରତି ଅପମାନ ବିଧାନସଭା ପରମ୍ପରାର ଗୁରୁତର ଉଲ୍ଲଂଘନ ଦର୍ଶାଇ ରାଜ୍ୟପାଳ ରବି ଅଭିଭାଷଣ ଦେଇ ନ ଥିଲେ। ରାଜଭବନ ସୂତ୍ର ଅନୁଯାୟୀ, ରାଜ୍ୟପାଳ ବିଧାନସଭାରେ ପହଞ୍ଚିବା ପରେ ଜାତୀୟ ସଙ୍ଗୀତ ବଦଳରେ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ବଝଥୁ' ଗାନ କରାଯାଇଥିଲା। ଜାତୀୟ ସଙ୍ଗୀତ ଗାନ କରାଯିବା ଗୃହର ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ରାଜ୍ୟପାଳ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏବଂ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରାଯିବାରୁ ଏଥିରେ ରାଜ୍ୟପାଳ ଗଭୀର ବ୍ୟଥା ଅନୁଭବ କରିବା ସହ ଗୃହ ଛାଡ଼ି ଚାଲିଯାଇଥିଲେ ବୋଲି ରାଜଭବନ ସୂତ୍ରରୁ କୁହାଯାଇଛି।



ଆର୍.ଏନ୍. ରବି

## ଫୁରସତ୍



କଙ୍ଗନା ରାଣାୱତ

# 'ଏମର୍ଜେନ୍ସି' ଟ୍ରେଲର ୨ ଜାରି

ମୁମ୍ବାଇ

ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାୱତଙ୍କ ଫିଲ୍ମ 'ଏମର୍ଜେନ୍ସି'ର ଦ୍ୱିତୀୟ ଟ୍ରେଲରକୁ ସୋମବାର ଜାରି କରାଯାଇଛି। ପ୍ରଥମ ଟ୍ରେଲର ତୁଳନାରେ ଦ୍ୱିତୀୟ ଟ୍ରେଲରରେ ବିରୋଧୀ ନେତାଙ୍କ ସହ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ରାଜନୈତିକ ତିକ୍ତତାକୁ ଅଧିକ ତୀବ୍ରତର ସହ ଦେଖିବାକୁ ମିଳିଛି। ୧୯୭୫ରେ 'ଏମର୍ଜେନ୍ସି' ଲାଗିବା ପରେ ଦେଶ ମଧ୍ୟରେ ଲାଗି ରହିଥିବା ଅଶାନ୍ତ ସ୍ଥିତି ଓ ବିଭିନ୍ନ ଘଟଣାକ୍ରମ ସହ ଇନ୍ଦିରା ଗାନ୍ଧୀଙ୍କ ଉକ୍ତି 'ଇନ୍ଦିରା ଇଜ୍ ଇଣ୍ଡିଆ'କୁ ମଧ୍ୟ ଏହି ଟ୍ରେଲରରେ ସ୍ଥାନ ମିଳିଛି।

କଙ୍ଗନା ତାଙ୍କ ସୋସିଆଲ ମିଡିଆରେ 'ଏମର୍ଜେନ୍ସି'ର ଦ୍ୱିତୀୟ ଟ୍ରେଲରକୁ ଶେୟାର କରି ଲେଖିଛନ୍ତି, 'ଏମର୍ଜେନ୍ସି'ର କାହାଣୀ କେବଳ ଇନ୍ଦିରାଙ୍କୁ ନେଇ ରହିଥିବା ବିଭିନ୍ନ ବିବାଦ ସମ୍ପର୍କରେ ନୁହେଁ, ବରଂ ଏହା କିଛି ଏପରି ପ୍ରସଙ୍ଗ ଉପରେ ଆଧାରିତ ଯାହାର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ଅନେକ ଚ୍ୟାଲେଞ୍ଜରେ ପରିପୂର୍ଣ୍ଣ ଥିବା ଏହି ଫିଲ୍ମ ପରିଶେଷରେ ଆସନ୍ତା ୧୭ରେ ମୁକ୍ତିଲାଭ କରିବାକୁ ଯାଉଛି। ସାଧାରଣତନ୍ତ୍ର ଦିବସର ଠିକ୍ ସପ୍ତାହେ ପୂର୍ବରୁ ମୁକ୍ତିଲାଭ କରୁଥିବା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକମାନେ ଭାରତୀୟ ସମ୍ବିଧାନର ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜାଣିବାକୁ ପାଇବେ। ତେଣୁ ନିଜ ପ୍ରିୟଜନଙ୍କ ସହ 'ଏମର୍ଜେନ୍ସି'କୁ ଦେଖିବା ପାଇଁ କଙ୍ଗନା ତାଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି। 'ଏମର୍ଜେନ୍ସି' ଫିଲ୍ମର ନିର୍ମାତା ଉମେଶ କେ.ଆର୍ ବନ୍‌ସଲ କହିଛନ୍ତି, ଫିଲ୍ମରେ ଭାରତୀୟ ଗଣତନ୍ତ୍ରର ଶକ୍ତି ଓ ସ୍ୱାଧୀନତାର ମୂଲ୍ୟବୋଧକୁ ଦର୍ଶାଯାଇଛି। ଦର୍ଶକଙ୍କୁ ନିଶ୍ଚିତ ଏହା ପସନ୍ଦ ଆସିବ। କଙ୍ଗନା ଖୋଦ୍ 'ଏମର୍ଜେନ୍ସି' ଫିଲ୍ମର ସହ ନିର୍ମାତା ଓ ନିର୍ଦ୍ଦେଶକ ହୋଇଥିବାବେଳେ ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସେହିପରି ଏହି ଫିଲ୍ମରେ ଅଭିନେତା ଅନୁପମ ଖେର୍, ମିଲିନ୍ଦ ସୋମନ, ଶ୍ରେୟାସ ତଲପଡ଼େ, ଅଭିନେତ୍ରୀ ମହିମା ଚୌଧୁରୀ ଏବଂ ସ୍ୱର୍ଗତ ଅଭିନେତା ସତୀଶ କୌଶିକଙ୍କୁ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। 'ଜି ଷ୍ଟୁଡିଓ' ଏବଂ 'ମଣିକର୍ନିକା ଫିଲ୍ମସ୍'ର ବ୍ୟାନରରେ 'ଏମର୍ଜେନ୍ସି' ଚଳଚ୍ଚିତ୍ରକୁ ନିର୍ମାଣ କରାଯାଇଛି।

# ସମୁଦ୍ରରେ ୧୫୦ କି.ମି. ପହଁରି ରେକର୍ଡ

## ଇତିହାସ ରଚିଲେ ଭାରତୀୟ ସନ୍ତରଣକାରୀ ଗୋଲି ଶ୍ୟାମଳା

ବିଶାଖାପାଟଣା

ବଙ୍ଗୋପସାଗରରେ ମାତ୍ର ୫ ଦିନ ମଧ୍ୟରେ ୧୫୦ କି.ମି ଦୂରତା ପହଁରି ଆନ୍ଧ୍ରପ୍ରଦେଶର ସନ୍ତରଣକାରୀ ଗୋଲି ଶ୍ୟାମଳା(୫୨) ଇତିହାସ ରଚିଛନ୍ତି। ପ୍ରଥମ ଏସୀୟ ମହିଳା ଭାବେ ତାଙ୍କୁ ଏହି ସଫଳତା ମିଳିଛି। ଏହି ଯାତ୍ରାକୁ ଶ୍ୟାମଳା ବିଶାଖାପାଟଣା ଉପକୂଳରୁ ଆରମ୍ଭ କରି କାକିନାଡା ସମୁଦ୍ର ଉପକୂଳରେ ଶେଷ କରିଛନ୍ତି। ସେ ସମୁଦ୍ର ମଧ୍ୟରେ ପହଁରି ଦୈନିକ ହାରାହାରି ୩୦ କି.ମି. ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରୁଥିଲେ। ନୂଆ ବର୍ଷ ଉପଲକ୍ଷେ ଏହି ଯାତ୍ରା ଆରମ୍ଭ କରିଥିବା ଶ୍ୟାମଳା ରବିବାର କାକିନାଡ଼ା ଉପକୂଳରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ବିଧାୟକ ଚିନାରାଜପ୍ପା ଏବଂ କାକିନାଡ଼ା ମ୍ୟୁନିସିପାଲିଟି କମିଶନର ଭବାନା ବାସିଷ୍ଠାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ୟାମଳାଙ୍କର ଜୋରଦାର ସ୍ୱାଗତ କରିଥିଲେ।

ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲା ସମରଲକୋଟା ଗ୍ରାମର ବାସିନ୍ଦା ଶ୍ୟାମଳାଙ୍କ ପାଇଁ 'କରୋମଣ୍ଡୋଲ ଓଡିସେ ମହାସାଗର ସନ୍ତରଣ ସଙ୍ଗଠନ' ଏହି ଯାତ୍ରାର ଆୟୋଜନ କରିଥିଲା। ଡାକ୍ତର ଏବଂ ସ୍କୁବା ଡାଇଭରଙ୍କ ସମେତ ଏକ ଡଜନରୁ ଅଧିକ ବିଶେଷଜ୍ଞଙ୍କ ଟିମ୍ ଶ୍ୟାମଳାଙ୍କ ଏହି ଯାତ୍ରାବେଳେ ତାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ନଜର ରଖିଥିଲେ।

ଏହି ସଫଳତା ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଶ୍ୟାମଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶେଷରେ ଶ୍ୟାମଳା ସାହସର ସହ ବିଜୟୀ ହୋଇଛନ୍ତି। ତାଙ୍କର ଏହି ଯାତ୍ରା ଭାରତର ନାରୀ ଶକ୍ତିକୁ ଦୃଢ଼ୀଭୂତ କରିବା ସହ ଅନେକ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଛି। ଏହି ଅବିଶ୍ୱସନୀୟ ଯାତ୍ରା ଶ୍ୟାମଳାଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ପ୍ରଦର୍ଶନ କରିବା ସହ ବୟସ ଆଗରେ ହାର ନ ମାନିବାକୁ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଚନ୍ଦ୍ରବାବୁ କହିଛନ୍ତି।






# କୃଷ୍ଣପ୍ରସାଦରେ କୁକୁଡ଼ା ମଡ଼କ: ବାର୍ଡ ଫ୍ଲୁ ସନ୍ଦେହ

**କୃଷ୍ଣପ୍ରସାଦ,୬।୧**
**(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କୁକୁଡ଼ା ମଡ଼କ ଦେଖାଦେଇଛି। ସିଆଣ୍ଡି ପଞ୍ଚାୟତର ରତାମାଟି, ବଳରାମପୁର ଅଞ୍ଚଳର କୁକୁଡ଼ା ଫାର୍ମରେ ଶତାଧିକ କୁକୁଡ଼ା ମରି ପଡ଼ିଥିବା ଦେଖିବାକୁ ମିଳିଛି। ଗତ ୩ଦିନ ମଧ୍ୟରେ ପ୍ରାୟ ୫ହଜାର କୁକୁଡ଼ା ମରିଥିବା କୁହାଯାଉଛି। ତେବେ ଏତେ ସଂଖ୍ୟକ କୁକୁଡ଼ା କାହିଁକି ମରୁଛନ୍ତି, ତାହାର କାରଣ ଜଣାପଡ଼ି ନ ଥିବାବେଳେ ବାର୍ଡ ଫ୍ଲୁ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସେହିପରି ଚିକେନ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ କୃଷ୍ଣପ୍ରସାଦ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରିଣୀ ସୁଦପ୍ତା ପଟ୍ଟନାୟକ କୁହନ୍ତି, ଗଣମାଧ୍ୟମରୁ କୁକୁଡ଼ା ମଡ଼କ ନେଇ ସୂଚନା ପାଇଲି। ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ ହୋଇଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।


ଏକ ଫାର୍ମରେ ମରିପଡ଼ିଥିବା କୁକୁଡ଼ା।




# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସ୍ଥାନ ସ୍ୱତନ୍ତ୍ର: ପ୍ରଭାତୀ

## ୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୧(ବନ୍ଦନା ସେଠୀ)**

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକା ସ୍ୱତନ୍ତ୍ର ସ୍ଥାନରେ ରହିଛି। ଭୌଗୋଳିକ ଅବସ୍ଥିତି ତଥା ଅନୁକୂଳ ପରିବେଶ ପାଇଁ ଏହି ହ୍ରଦ ପକ୍ଷୀ ତୀର୍ଥ ପାଲଟିଛି। ଦକ୍ଷିଣ ଆଫ୍ରିକାର ଭିକ୍ଟୋରିଆ ହ୍ରଦ ପରେ ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ ପକ୍ଷୀ ହ୍ରଦ ଭାବରେ ପରିଚିତ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଉଡିଆସୁଥିବା ଲକ୍ଷାଧିକ ପକ୍ଷୀ ଚିଲିକାର ନୈସର୍ଗିକ ଶୋଭାକୁ ଆହୁରି ଋଦ୍ଧିମନ୍ତ କରିଥାନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ '୫ମ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ'କୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଲେ, ସୁଦୂର ସାଇବେରିଆ, ରୁଷିଆ, କାଜାଖସ୍ଥାନ, ମଧ୍ୟ ଓ ଦକ୍ଷିଣ ପୂର୍ବ ଏସିଆ, ମଙ୍ଗୋଲିଆ, ଆମେରିକା, ଲଦାଖ, ତିବ୍ବତ ଓ କାସ୍ପିଆନ ସାଗର ଆଦି ଅଞ୍ଚଳରୁ ଆସୁଥିବା ପକ୍ଷୀଙ୍କ ଯୋଗୁ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ମହିମାମଣ୍ଡିତ ହୋଇଯାଏ। ୨୦୨୪ ଜାନୁଆରୀ ପକ୍ଷୀ ଗଣନା ଅନୁଯାୟୀ ଚିଲିକାକୁ ପ୍ରାୟ ୧୮୭ ପ୍ରଜାତିର ୧୧.୩୭ ଲକ୍ଷ ପକ୍ଷୀ ଆସିଛନ୍ତି। ସେହିପରି ଚିଲିକାର ନଳବଣ, ମଙ୍ଗଳାଯୋଡି ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ପରିବେଶ ସଂରକ୍ଷଣର ଏକ ଅନନ୍ୟ ପ୍ରୟାସ। ଏହି ସମାହାରକୁ ବିଶ୍ୱସ୍ତରରେ ପହଞ୍ଚାଇବା ତଥା ଚିଲିକା, ସାତକୋଶିଆ, ଭିତରକନିକା ଏବଂ ହୀରାକୁଦ ଭଳି ପକ୍ଷୀତୀର୍ଥ ପର୍ଯ୍ୟଟନସ୍ଥଳୀର ବିକାଶ ଓ ପ୍ରୋତ୍ସାହନ ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଇଛି। ଉତ୍ସବର ସମସ୍ତ ଅଂଶଗ୍ରହଣକାରୀ ଆମ ପାଇଁ ଜଣେ ଜଣେ ବ୍ରାଣ୍ଡ୍ ଆମ୍ବାସାଡର ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ, ପ୍ରାକୃତିକ ଐତିହ୍ୟ, ଜୈବ ବିବିଧତାର ସଂରକ୍ଷଣ ନିମନ୍ତେ ଓଡ଼ିଶା ପ୍ରତିବଦ୍ଧ। ଏହି ଉତ୍ସବ ଚିଲିକା ହ୍ରଦର ସୌନ୍ଦର୍ଯ୍ୟ, ଜୈବ ବିବିଧତା, ସୁରକ୍ଷା ଏବଂ ଗୋଷ୍ଠୀ ପରିଚାଳିତ ସଂରକ୍ଷଣର ଗରିମାମୟ ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ନିମନ୍ତେ ଏକ ପ୍ରଚେଷ୍ଟା ବୋଲି ସେ କହିଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ସ୍ଥାନୀୟ ଲୋକମାନେ ଚିଲିକା ହ୍ରଦ ଓ ଚିଲିକାକୁ ଆସୁଥିବା ପକ୍ଷୀଙ୍କ ସୁରକ୍ଷା ଦାୟିତ୍ୱ ନେବା ଜରୁରୀ। ସେମାନଙ୍କର ବିକଳ୍ପ ଜୀବନଜୀବିକା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଚିଲିକା ହ୍ରଦ ମଧ୍ୟରେ ସୌରଶକ୍ତି ଚାଳିତ ଡଙ୍ଗା ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ପକ୍ଷୀ ବିଶାରଦ ଡ. ଅସାଦ ରହମାନୀ, ଡ. ସୁରେଶ କୁମାର ଏବଂ ଆନ୍ତର୍ଜାତିକ ବନ୍ୟପ୍ରାଣୀ ଫଟୋଗ୍ରାଫର ଧ୍ରୀତିମାନ ମୁଖାର୍ଜୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପ୍ରଚାରଧର୍ମୀ ବୃତ୍ତଚିତ୍ର ଏବଂ ବିଭାଗ ଦ୍ୱାରା ପ୍ରସ୍ତୁତ 'ବାର୍ଡ ଅଫ୍ ଚିଲିକା ଲେକ୍' ପକେଟ ଡାଏରୀ ଉନ୍ମୋଚନ ହୋଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ନନ୍ଦନକାନନ ମୁଖ୍ୟ ବନ ସଂରକ୍ଷକ ତଥା ନିର୍ଦ୍ଦେଶକ ମନୋଜ ଭି ନାୟାର ଧନ୍ୟବାଦ ଦେଇଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥିମାନେ।

### ୧୨ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରାଜ୍ୟ ବନ୍ୟପ୍ରାଣୀ ସଙ୍ଗଠନ ପକ୍ଷରୁ ଆୟୋଜିତ ଜାତୀୟ ଚିଲିକା ବିହଙ୍ଗ ଉତ୍ସବରେ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ୭ରୁ ୮ ତାରିଖ ପର୍ଯ୍ୟନ୍ତ ଚିଲିକା ଓ ମଙ୍ଗଳାଯୋଡିରେ ପକ୍ଷୀ ଦର୍ଶନ, ୧୧ ତାରିଖରେ ବରକୁଳଠାରେ ଓଡ଼ିଶା ବାର୍ଡର୍ସ କନ୍‌କ୍ଲେଭ୍, ୧୨ ତାରିଖରେ ନନ୍ଦନକାନନରେ ପକ୍ଷୀ ପଦଯାତ୍ରା ଏବଂ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ ହେବାର କାର୍ଯ୍ୟକ୍ରମ ରହିଛି।

# ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରୁପାଶଙ୍ଖ ଦାନ କଲେ ନଳିନୀପ୍ରଭା

**ପୁରୀ,୬।୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ନନ୍ଦପଡ଼ାର ନଳିନୀପ୍ରଭା ଦାସ ଓ ତାଙ୍କ ପରିବାରବର୍ଗ ରୁପାଶଙ୍ଖ ଦାନ କରିଛନ୍ତି। ରୁପା ଶଙ୍ଖଟିର ଓଜନ ୧ କିଲୋ ୬୧୯ ଗ୍ରାମ୍ ରହିଛି। କୌଣସି ମାନସିକ ନ ଥିଲେ ମଧ୍ୟ ରୁପାଶଙ୍ଖ ଦାନ କରିବା ପାଇଁ ନଳିନୀପ୍ରଭା ଇଚ୍ଛା ରଖିଥିଲେ। ନଳିନୀପ୍ରଭା କହିଛନ୍ତି, ଥରେ ସେ ଟିଭିରେ ଦେଖିଥିଲେ, ଜଣେ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶଙ୍ଖ ଦାନ କରିଛନ୍ତି। ସେହିଦିନଠାରୁ ସେ ଏଭଳି ଦାନ କରିବା ନିମନ୍ତେ ମନରେ ଭାବିଥିଲେ, ଯାହା ଆଜି ପୂରଣ ହୋଇଛି। ଏହି ଶଙ୍ଖକୁ ଯଦି ମହାପ୍ରଭୁ ସୁନାବେଶରେ ଧାରଣ କରନ୍ତି ତେବେ ସେ ନିଜକୁ କୃତାର୍ଥ ଓ ଭାଗ୍ୟବାନ ମଣିବେ ବୋଲି ନଳିନୀପ୍ରଭା କହିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ଅବସରରେ ତାଙ୍କ ପରିବାରବର୍ଗଙ୍କ ସମେତ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର ଏବଂ କୃପାସିନ୍ଧୁ ଦାସ ମହାପାତ୍ର ଉପସ୍ଥିତ ଥିଲେ।







# ୨ ପିଲାଙ୍କୁ ହତ୍ୟା କରି ଦମ୍ପତିଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ, ୬।୧**

କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ଆର୍‌ଏମ୍‌ଭି ସେକେଣ୍ଡ ଷ୍ଟେଜ୍ ଅଞ୍ଚଳରେ ସୋମବାର ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ଜବତ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସଫ୍ଟୱେର କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ଅନୁପ କୁମାର(୩୮) ଓ ତାଙ୍କ ସ୍ତ୍ରୀ ରାକ୍ଷୀ(୩୫) ସୋମବାର ବିଳମ୍ବିତ ରାତିରେ ପ୍ରଥମେ ନିଜ ଝିଅ ଅନୁପ୍ରିୟା(୫) ଓ ପୁଅ ପ୍ରିୟାଂଶ(୨)ଙ୍କୁ ବିଷ ଦେଇ ହତ୍ୟା କରିଥିଲେ ଓ ଏହାପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ଏହି ପରିବାର ଉତ୍ତରପ୍ରଦେଶର ମୂଳ ନିବାସୀ ହୋଇଥିବାବେଳେ ସେମାନେ ଆର୍‌ଏମ୍‌ଭି ସେକେଣ୍ଡ ଷ୍ଟେଜ୍ ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ। ସୋମବାର ସକାଳେ ଅନୁପଙ୍କ ଘରେ ଘରୋଇ ସହାୟକ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି କାମ କରିବା ପାଇଁ ଆସିଥିଲେ ମଧ୍ୟ ଘରର କବାଟ କେହି ଖୋଲି ନ ଥିଲେ। ଏନେଇ ସେ ପଡ଼ୋଶୀଙ୍କୁ ଜଣାଇଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ମୃତଦେହକୁ ଜବତ କରିଛି। ଘଟଣାକୁ ନେଇ ବେଙ୍ଗାଲୁରୁ ଡେପୁଟି ପୋଲିସ କମିଶନର (ମଧ୍ୟ) ଶେଖର ଏଚ୍ ଟେକ୍କନ୍ନବର କହିଛନ୍ତି, ଅନୁପ ଏବଂ ରାକ୍ଷୀଙ୍କ ଦ୍ୱାରା ଏହି ଚରମ ପଦକ୍ଷେପ ନିଆଯିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

୨ ପିଲାଙ୍କୁ ବିଷ ଦିଆଯାଇ ହତ୍ୟା କରାଯାଇଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଶେଖର କହିଛନ୍ତି।

ତେବେ ପିଲାବେଳୁ ଅନୁପ୍ରିୟାର ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା। ତେଣୁ ଝିଅର ଚିକିତ୍ସାରେ ଅନୁପ ଓ ରାକ୍ଷୀ ବହୁ ଖର୍ଚ୍ଚାନ୍ତ ହୋଇଥିବା ସହ ଅଧିକାଂଶ ସମୟରେ ସେମାନେ ଆର୍ଥିକ ଚାପରେ ରହୁଥିଲେ ବୋଲି ସେମାନଙ୍କ ଘରୋଇ ସହାୟକ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ମନମୋହନ ସିଂହ ସ୍ମୃତି କମିଟି ପକ୍ଷରୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ନୂତନ ଗ୍ୟାଲେରୀ ଉଦ୍‌ଘାଟନ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ନନ୍ଦନକାନନ ପରିସର, ସମୟ: ଅପରାହ୍ନ ୩ଟା।
- ନୃତ୍ୟ ବିଲାସ ଓଡ଼ିଶୀ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ନୃତ୍ୟ ଉତ୍ସବ, ପଦ୍ମଶ୍ରୀ ଡ.ମିନତୀ ମିଶ୍ର ଏବଂ ଗୁରୁଶ୍ରୀ ଗାନ୍ଧୀ ମଲ୍ଲିକ ସ୍ମୃତି ସମ୍ମାନ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତେଶ୍ୱର ଓଡ଼ିଶୀ ନୃତ୍ୟ ମହୋତ୍ସବ, ସ୍ଥାନ:ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ନୂଆପାଟଣା ସେବା ସମବାୟ ସମିତିରେ ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: ସାଇ ମନ୍ଦିର ପ୍ରାଙ୍ଗଣ ନୂଆପାଟଣା ହାଟ,ସମୟ: ସକାଳ ୮ଟା।
- ପାଞ୍ଚଗାଁ କୁମ୍ଭୀପୁଟ ସେବା ସମବାୟ ସମିତିରେ ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: ସମିତି ପରିସର, ସମୟ: ସକାଳ ୮ଟା।
- ବୋଧିଦ୍ରୁମ ରୋପଣ ଦିବସ ପାଳନ, ସ୍ଥାନ: ବୋଧିଦ୍ରୁମ ବୁଦ୍ଧ ବିହାର, ଜେମାଦେଈପୁର, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- 'ବିକଶିତ ଭାରତ-୨୦୪୭' ସମ୍ପର୍କିତ ଆନ୍ତର୍ଜାତିକ ସେମିନାର, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଜୟ ଜଗନ୍ନାଥ କ୍ଲବରେ ଫୁଟବଲ ମ୍ୟାଚ, ସ୍ଥାନ: ବଣା ପଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜାମୁନିଆ ଆଞ୍ଚଳିକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଜାମୁନିଆ ଖେଳ ପଡ଼ିଆ, ରୂପସା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ, ସ୍ଥାନ: ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- କବୟିତ୍ରୀ ସ୍ୱର୍ଗତ ଶାନ୍ତିଲତା ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ କବିତା ପାଠ, ମେଧା ପୁରସ୍କାର ପ୍ରଦାନ, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର ପରିସର, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।

- ଦିବଂଗତ ଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲଞ୍ଜାତରା, ବିଲଣା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକୋତ୍ସବ, ସ୍ଥାନ: ହନୁମାନ ବାଟିକା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ମନ୍ଦିରରେ ପୂଜା, ବେଦ ପାଠ, ଭଜନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ : ସକାଳ ୬ ଏବଂ ଅପରାହ୍ନ ୫ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମେଳା ଏବଂ ପୂଜା, ସ୍ଥାନ: ଭୂଇଁପୁର, ଶାଳକଣିଆଁ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଗ୍ରାମ୍ୟ ପାନୀୟ ଜଳ ବିଭାଗର ଉନ୍ନତି ମୂଳକ ଆଲୋଚନା ଶିବିର, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା।
- ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଥାନା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଙ୍ଗନୱାଡ଼ି ଛାତ୍ରୀଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା, ସ୍ଥାନ: ବ୍ଲକ୍ ସଭାଗୃହ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ବୁଗୁଡା ଶିକ୍ଷକ ଭବନ,ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ : ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଭାସ ଭାରତୀୟ ଦିବସ, ସ୍ଥାନ: ଅନୁଗୋଳ ସରକାରୀ ବାଳିକା ହାଇସ୍କୁଲ, ସମୟ- ପୂର୍ବାହ୍ନ ୯ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଲଳିତ କଳା ସଂସଦର ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ମା'ଅମ୍ବିକା ସରକାରୀ ବିଦ୍ୟାଳୟ ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଳାଇ ହାଇସ୍କୁଲ ଖେଳପଡ଼ିଆ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ମଣ୍ଡି ଉଦ୍‌ଘାଟନ, ସ୍ଥାନ: ପାଣିକୋଇଲି ପାକ୍ସ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଲକ୍ଷ୍ମୀ ନାରାୟଣଙ୍କ ଭସାଣୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକା ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୫ଟା।

## ନୟାଗଡ଼

- ରାମଚରିତ ମାନସର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।
- ସଡ଼କ ସୁରକ୍ଷା ଉପରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା, ସ୍ଥାନ: ଗଣିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡିର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଆରଏମ୍‌ସି ବଜାର ପ୍ରାଙ୍ଗଣ ଖଣ୍ଡପଡ଼ା ରୋଡ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ୩ୟ ଉତ୍ସବ, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜିଆଇଏସିଆର୍ ପଡ଼ିଆ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ସଦ୍‌ଭାବନା ଗୃହ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ଆତ୍ମସୁରକ୍ଷା ତାଲିମ୍ ଶିବିର, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧରମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର, ସ୍ଥାନ: କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା-୨୫, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ଲତା ଘନଶ୍ୟାମ ମଣ୍ଡଳ ପକ୍ଷରୁ ଶ୍ରୀମଦ୍ ଭାଗବତ ପାଠ, ସ୍ଥାନ : ସାକ୍ଷୀ ଗୋପୀନାଥ ପଡା, ସମୟ : ୩ଟା ୩୦।
- ଦାନିପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ଶ୍ରୀମଦ ଭାଗବତ କଥା ମହୋତ୍ସବରେ ନନ୍ଦ ଉତ୍ସବ, ଶ୍ରୀକୃଷ୍ଣ ବାଲଲୀଳା ଓ ଗୋବର୍ଦ୍ଧନ ପୂଜା ବିଷୟରେ ପ୍ରବଚନ, ସ୍ଥାନ: ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ଆୟୋଜିତ ଯୁବ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ଅପରାହ୍ନ ୫ଟା।
- ଜିଲା ସଂସ୍କୃତି ପରିଷଦ ପ୍ରଯୋଜିତ ଆମର ସମ୍ବଲପୁର ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ଅପରାହ୍ନ ୫ଟା୩୦।
- ଚଳଚ୍ଚିତ୍ର ପ୍ରଚ୍ଛଦପଟ ଗାୟକ ଶାନଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ ବଡ଼ତିକାରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ହାଇସ୍କୁଲ ଖେଳପଡିଆ,ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ମାହେଶ୍ୱରୀ ସେନା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ସକାଳ ୯ଟା।
- ୪ର୍ଥ ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବରଘାଟ ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ମୁର୍ଦ୍ଧୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଡକ ସୁରକ୍ଷା ମାସ ପାଳନ ଅବସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ସୋନପୁର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- *ଡୁଙ୍ଗୁରିପାଲି ବ୍ଲକ ସୁଲିଆ ମନ୍ଦିରରେ ସୁଲିଆ ଯାତ୍ରା ମହୋତ୍ସବ, ସ୍ଥାନ: ସୁଲିଆ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମାଚ୍, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା
- ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ୩ୟ ଧନୁଯାତ୍ରା ମହୋତ୍ସବର ଷଷ୍ଠସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଛାତ୍ରୀଛାତ୍ରଙ୍କ ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମଦିବସରେ ନବ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ, ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁଣ୍ଡା କମ୍ପାନୀ ବିରୋଧରେ କଣ୍ଟାପାଲି ଗ୍ରାମବାସୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା
- ୧୭ ବର୍ଷରୁ କମ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭିଏସ୍‌ଏସ୍ ଖେଳ ପଡ଼ିଆ, ବ୍ରଜରାଜନଗର, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ରାଉରକେଲା ମ୍ୟୁନିସିପାଲ କଲେଜରେ ଏନ୍‌ସିସି କ୍ୟାଡେଟର ବିମାନ ଜନିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ଉପନିଷେଦ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରାଫିକ ସଚେତନତା ବୈଠକ, ଦ୍ୱିତୀୟ ଦିବସ ସ୍ଥାନ: ଜଗଦା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଟକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ସିଭିକ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଜିଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ, ସ୍ଥାନ: ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରକେଟ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଲିଗ, ସ୍ଥାନ:ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା।
- ସଡକ ସୁରକ୍ଷା ସଚେତନତା ପାଇଁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ନୂଆପଡାଠାରୁ ନବଜ୍ୟୋତି ବିଦ୍ୟାଳୟ ଖରିଆର ରୋଡ, ସମୟ: ସକାଳ ୯ଟା।
- ମା' ସୁନାଦେଈ କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲ, ସ୍ଥାନ: ଶହୀଦ ଭଗତ ସିଂ ଖେଳପଡିଆ, ସୁନାବେଡା, ସମୟ: ସକାଳ ୯ଟା।
- ମାୟାଧର ମାଝି ପ୍ରଥମ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗ୍ରୁପ ସି ଲିଗ୍ ମ୍ୟାଚ, ସ୍ଥାନ: କୋମନା ବ୍ଲକ ପାଟଖଲିଆ ଖେଳପଡିଆ ମିଛାପାଲି, ସମୟ: ସକାଳ ୯ଟା।
- ସଡକ ସୁରକ୍ଷା ସଚେତନତା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ମସିଣାଗୋରା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଜଞ୍ଜାଳ ବଢ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କାନକୁହା କଥା ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକ ଓ କୌଣସି ବିବାଦୀୟ ପରିବେଶ ସୃଷ୍ଟି କରିପାରେ। ପରୋକ୍ଷ ଶତ୍ରୁତା, ବାଣିଜ୍ୟରେ କ୍ଷତି, ଜମିଜମାରେ ଦ୍ୱନ୍ଦ୍ୱ ଅସ୍ଥିରତାର ମୁଖ୍ୟ କାରଣ ହେବ। ମନୋରଞ୍ଜନ, କଳା, ସାହିତ୍ୟରେ ଉନ୍ନତି ଆଶା ରହିଛି।

**ବୃଷ** ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବା ଦିଗରେ ପଡ଼ୋଶୀଙ୍କ ସହାନୁଭୂତି ପାଇବେ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିଲେ ମଧ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭାବିତ ହେବ ନାହିଁ। ଆନୁଷ୍ଠାନିକ ଓ ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ମନକୁ ଆଶ୍ୱସ୍ତି ପ୍ରଦାନ କରିବ। ନିଜର ଆତ୍ମୀୟଙ୍କ ଦ୍ୱାରା ପରୋକ୍ଷ ଶତ୍ରୁତାରେ ପୀଡ଼ିତ ହେବାକୁ ପଡ଼ିପାରେ।

**ମିଥୁନ** ପାରିବାରିକ ସମସ୍ୟାଜନିତ ବିକ୍ଷିପ୍ତ ଚିନ୍ତାଧାରା ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣର ମସୁଧା କରିପାରନ୍ତି। ଦୀର୍ଘଦିନର ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ସାଙ୍ଗକୁ ସୁନାମ ଅର୍ଜନ କରିବେ।

**କର୍କଟ** ଏକାଦଶସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବ। ବାକ୍ ଅସଂଯମତା ଯୋଗୁ ସଭାସମିତିରେ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟକୁ ସଙ୍କୁଚିତ କରିବାକୁ ମନ ବଳାଇ ପାରନ୍ତି। ଆତ୍ମୀୟଙ୍କ ପରଶ୍ରୀକାତରତା ଓ ଈର୍ଷାପରାୟଣତାରୁ ଅସୁବିଧା ଭୋଗିବେ।

**ସିଂହ** ବୁଧାଦିତ୍ୟ ଯୋଗଜନିତ ପାରସ୍ପରିକ ଆଲୋଚନା କ୍ରମେ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର, ନିର୍ମାଣ, ପରିବହନ ଓ ମକଦ୍ଦମା କ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରର ବ୍ୟୟ ବୃଦ୍ଧି ସାଙ୍ଗକୁ ପିଲାଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଅର୍ଥ ସଙ୍କଟରେ ଅତିଷ୍ଠ ହେବେ।

**କନ୍ୟା** ସପ୍ତମସ୍ଥ ରାହୁ ଓ ଚନ୍ଦ୍ର ଯୋଗୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବ। ବଳବାନ୍ କୋଣାଧିପତି ହେତୁ ସାହିତ୍ୟ କୃତିରୁ ପ୍ରଶଂସା, ଗବେଷଣାରେ ଅଗ୍ରଗତି କରିବେ। ପାରିବାରିକ କ୍ଷେତ୍ର, ପ୍ରଶାସନିକ ସେବା, ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ନୂତନ ପ୍ରକଳ୍ପ, ଅର୍ଥନୈତିକ ସଂସ୍କାର, କୁଟନୀତି, ଚୁକ୍ତିପତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ଧନ ସପ୍ତମାଧିପଙ୍କ ଦୁର୍ବଳତା କାରଣରୁ ଆର୍ଥିକ ଦୁରବସ୍ଥା ସାଙ୍ଗକୁ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଅସୁସ୍ଥତା କାରଣରୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବେ। ରଚନାତ୍ମକ କାର୍ଯ୍ୟ, ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ପରିବହନରେ ସୁଫଳ ପାଇବେ। ସ୍ୱାତୀ ନକ୍ଷତ୍ର ଅର୍ଥ ସମ୍ପର୍କ, କ୍ରୀଡ଼ାରେ ପ୍ରଶଂସିତ ହେବେ।

**ବିଛା** ମୁଖଭାବସ୍ଥ ରବି ଓ ବୁଧ ଯୋଗୁ ବ୍ୟବହାରରେ ଶାଳୀନତା ଅଭାବରୁ ବନ୍ଧୁଙ୍କ ସହ ସମ୍ପର୍କହାନି ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ଆଶା ମଉଳି ଯାଇପାରେ। କ୍ରୀଡ଼ା, ଚଳଚ୍ଚିତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ଫ୍ଲାଟ୍ କାରବାର, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଗଧାଡିରେ ରହିବେ।

**ଧନୁ** ବୃହସ୍ପତି ଦୁଃସ୍ଥାନରେ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରଣୀ ହେବେ କିନ୍ତୁ ଚିନ୍ତାଧାରା ବିକ୍ଷିପ୍ତ ରହିବ। ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। କଚେରି ମାମଲା, କଳା, ସାହିତ୍ୟ, ସଙ୍ଗୀତ, ଭ୍ରମଣ ପ୍ରଭୃତିରେ ସୁଯୋଗ ପାଇବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଚିନ୍ତାର କାରଣ ହେବ।

**ମକର** ଅନୁକୂଳ ଗ୍ରହସ୍ଥିତି ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ ଯୋଜନା, ରାଜନୀତି, ସଭାସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଅଗ୍ରଗତି କରିବେ। ବ୍ୟବସାୟ କ୍ଷେତ୍ର, ଦୂରଯାତ୍ରା, ପର୍ଯ୍ୟଟନ, ପରିଭ୍ରମଣ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥ, ସମ୍ମାନ, ପ୍ରତିଷ୍ଠା ସାଙ୍ଗକୁ ବନ୍ଧୁଙ୍କ ଶୁଭ କାମନାରେ ମନ ପ୍ରଫୁଲ୍ଲିତ ରହିବ।

**କୁମ୍ଭ** ରାହୁ ଓ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ କଳହ ଉପୁଜିପାରେ। ବିବାଦୀୟ ଘଟଣାର ଫଇସଲା, ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅଟକିଥିବା ସରକାରୀ କାମରେ ସଫଳତା ପାଇବେ। ପରିବାର କିମ୍ବା ଆତ୍ମୀୟଙ୍କ ବେଖାତିର ମନୋଭାବ ପରିସ୍ଥିତିକୁ ଜଟିଳ କରିଦେଇପାରେ।

**ମୀନ** ଭାଗ୍ୟସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟି ହେତୁ ଅର୍ଥନୈତିକ ଅଭିବୃଦ୍ଧି ସହ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ। ନିର୍ମାଣ, ପରିବହନ, ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚମାନର ଫଳ ଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ଉପନୀତ ହେବେ। ଶତ୍ରୁତା, ଋଣ ପରିଶୋଧ, କଚେରି ମାମଲା ଓ ଦୂରଯାତ୍ରା ଦୁଶ୍ଚିନ୍ତାର କାରଣ ହୋଇପାରେ।

ଆଜି ଜାନୁୟାରୀ ୭ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର, ରାଶିନକ୍ଷତ୍ର-ରେବତୀ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୬ ଗତେ ଘ.୦୭।୧୦ ମଧ୍ୟେ, ଘ.୦୯।୦୯ ଗତେ ଘ.୧୧।୩୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୨।୩୬ ଗତେ ଘ.୦୩।୫୭ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ୩ ବର୍ଷ ପାଇଁ...

ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ଏଥିପାଇଁ ପାଣ୍ଠି ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ହକିର ସଫଳ ପ୍ରାୟୋଜନ କରିଥିବା ଓଡ଼ିଶା ଖୋ ଖୋ ଦଳ ପାଇଁ ୧୫ କୋଟି ଟଙ୍କା ଦେଇ ଏହାର ପ୍ରଚାର ଓ ପ୍ରସାର ଦିଗରେ ପଦକ୍ଷେପ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଭାରତୀୟ ଖୋ ଖୋ ଖେଳାଳିପ୍ରୋତ୍ସାହନ ପାଇବା ସହ ଓଡ଼ିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜ୍ୱଳ କରିପାରିବ।

## ମାଓବାଦୀଙ୍କ ବଡ଼...

ମିଳିତ ଅଭିଯାନରେ ସାମିଲ ଥିଲେ। ଏହି ଅଭିଯାନ ବେଳେ ୫ ମାଓବାଦୀ ନିହତ ହୋଇଥିବାବେଳେ ଡିଆରଜିର ହେଡ୍ କନ୍‌ଷ୍ଟେବଲ୍ ପ୍ରାଣ ହରାଇଥିଲେ। ଏହି ଅଭିଯାନ ପରେ ଯବାନମାନେ ସୋମବାର ଦାନ୍ତେୱାଡ଼ାରୁ ଫେରୁଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଉକ୍ତ ସ୍ଥାନରେ ୧୦ ଫୁଟ୍ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରୁ କଂକ୍ରିଟ୍ ଖଣ୍ଡ ବହୁଦୂର ପର୍ଯ୍ୟନ୍ତ ବିଛାଡ଼ିହୋଇ ପଡ଼ିଥିବାବେଳେ ଗାଡ଼ିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଗାଡ଼ିର ଗୋଟିଏ ପାର୍ଟ ପାଖ ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରୁ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିବା ବେଳେ ସିଆରପିଏଫ୍, କୋବ୍ରା ଓ ଡିଆରଜିର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଏହି ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି। ତେବେ ଆଣ୍ଟି ଲ୍ୟାଣ୍ଡମାଇନ୍ ଗାଡି ନ ଥିବାରୁ ବିସ୍ଫୋରଣରେ ଯବାନଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଗତ ୧ ମାସ ମଧ୍ୟରେ ପ୍ରାୟ ୨୦ ମାଓବାଦୀଙ୍କର ପୋଲିସ ଗୁଳିରେ ମୃତ୍ୟୁ ଘଟିଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ କାଗାରକୁ ବିରୋଧକରି ମାଓବାଦୀମାନେ ଏହି କାଣ୍ଡ ଘଟାଇଥିବା ଜଣାପଡିଛି।

ମାଓବାଦୀଙ୍କ ବିସ୍ଫୋରଣରେ ୯ଜଣଙ୍କ ମୃତ୍ୟୁ ଘଟଣାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦାନ୍ତେୱାଡ଼ା ସମେତ ୭ ଜିଲାକୁ ନେଇ ଗଠିତ ବସ୍ତର ଅଞ୍ଚଳରେ ଅତୀତରେ ସୁରକ୍ଷା ବଳ ଉପରେ ଆତଙ୍କବାଦୀମାନେ ଏକାଧିକ ମରଣାନ୍ତକ ଆକ୍ରମଣ ଘଟାଇଛନ୍ତି। ଏହା ପୂର୍ବରୁ ୨୦୨୩ ଏପ୍ରିଲ ୨୬ରେ ଦାନ୍ତେୱାଡ଼ା ଜିଲା ନିକଟବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ଯୋଗୁ ୧୦ ପୋଲିସ କର୍ମଚାରୀ ଏବଂ ଜଣେ ଡ୍ରାଇଭର ନିହତ ହୋଇଥିଲେ।

### ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ: ଶାହା

ଛତିଶଗଡ଼ରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର କହିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ପ୍ରତିଜ୍ଞାକୁ ସେ ଦୋହରାଇଛନ୍ତି। ଘଟଣାରେ ଶାହା ଗଭୀର ମର୍ମାହତ ବୋଲି କହିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ନିଜର ଦୁଃଖ ଜଣାଇବା ପାଇଁ ଭାଷା ନାହିଁ ବୋଲି ଶାହା କହିବା ସହ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଯବାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରାୟଗଡ଼ା ରେଳ ଡିଭିଜନର...

ଛୁଇଁବା ପାଇଁ କାମ ଚାଲିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଦକ୍ଷିଣ ଓଡ଼ିଶାର ବିକାଶ କ୍ଷେତ୍ରରେ ରାୟଗଡ଼ା ରେଳ ଡିଭିଜନ ସହାୟକ ହେବ। ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଏହି ନୂତନ ଡିଭିଜନାଲ ହେଡକ୍ୱାର୍ଟର୍ସ ସ୍ଥାପନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନରେ ଏହି ପ୍ରକଳ୍ପର ଶିଳାନ୍ୟାସ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ରାୟଗଡ଼ା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାୟଗଡ଼ା ଆଧୁନିକ ଶିଳ୍ପର ହବ୍ ହେବ। ଏହି ଜିଲାରେ ୧ ଲକ୍ଷ ୫୦ହଜାର କୋଟି ଟଙ୍କା ଶିଳ୍ପ କ୍ଷେତ୍ରରେ ନିବେଶ ହେବାକୁ ଯାଉଛି। ଆଗାମୀ ଦିନରେ ଜିଲାରେ ଥିବା ଖଣିଜ ସମ୍ପଦର ଉପଯୋଗ କରି ଅନେକ ଶିଳ୍ପ ଗଢ଼ିଉଠିବ। ରାୟଗଡ଼ା ରେଳ ଡିଭିଜନ ଏଥିରେ ସମସ୍ତ ଆବଶ୍ୟକତା ପୂରଣ କରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓ ରେଳମନ୍ତ୍ରୀଙ୍କ ସହଯୋଗରେ ଚଳିତବର୍ଷ ବଜେଟରେ ୧୦ ହଜାର ୫୮୬ କୋଟି ଟଙ୍କା ଓଡ଼ିଶାକୁ ମିଳିଛି। ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଅଧିକ ଫୋକସ୍ କରୁଥିବାରୁ ଗତ ୬ ମାସରେ ୩ ଥର ଆସିଛନ୍ତି। ଆସନ୍ତା ୮ ତାରିଖରେ ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦି ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝି କହିଛନ୍ତି।

କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସରେ ଯୋଡ଼ିହୋଇ ଆକାଂକ୍ଷୀ ଜିଲା ପାଇଁ ରାୟଗଡ଼ା ରେଳ ଡିଭିଜନ ସ୍ଥାପନ ହୋଇଥିବା ସୂଚନା ଦେଇଛନ୍ତି। ରାୟଗଡ଼ା ରେଳ ଡିଭିଜନ ଅଧୀନରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ଗଜପତି ଜିଲା ସମେତ ଛତିଶଗଡ଼ର କିରଣ୍ଡୁଲ ପର୍ଯ୍ୟନ୍ତ ଅଞ୍ଚଳ ରହିବ ବୋଲି ସୂଚନା ଦିଆଯାଇଥିଲା। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ, ବିଧାୟକ ଆପଲାସ୍ୱାମୀ କାଡ୍ରାକା ପ୍ରମୁଖ ମଞ୍ଚାସୀନ ରହି ନିଜର ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶାଖାପାଟଣା ଡିଆରଏମ୍ ମନୋଜ କୁମାର ସାହୁ, ଡିଆଇଜି ନୀତି ଶେଖର, ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ସ୍ୱାଥୀ ଏସ୍. କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଡରେଇଲାଣି ଏଚ୍‌ଏମ୍‌ପିଭି...

ବ୍ୟବସ୍ଥା ଏବଂ ସର୍ଭିଲାନ୍ସ ନେଟ୍‌ୱର୍କ ସବୁପ୍ରକାର ସ୍ୱାସ୍ଥ୍ୟଜନିତ ଚ୍ୟାଲେଞ୍ଜକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) କର୍ଣ୍ଣାଟକରେ ନିୟମିତ ସର୍ଭିଲାନ୍ସ ପରେ ୨ ଏଚ୍‌ଏମ୍‌ପିଭି ସଂକ୍ରମିତଙ୍କୁ ଚିହ୍ନଟ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପୂର୍ବରୁ ବ୍ରୋଙ୍କୋନିମୋନିଆରେ ଆକ୍ରାନ୍ତ ଥିବା ଜଣେ ୩ ମାସର ଶିଶୁକନ୍ୟା ବେଙ୍ଗାଲୁରୁର ବାପ୍‌ଟିଷ୍ଟ ହସ୍ପିଟାଲରେ ଭର୍ତ୍ତି ହେବାପରେ ତାଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଗତ ୩ ତାରିଖରେ ବାପ୍‌ଟିଷ୍ଟ ହସ୍ପିଟାଲରେ ଜଣେ ୮ ମାସର ଶିଶୁପୁତ୍ରଠାରେ ଏଚ୍‌ଏମ୍‌ପିଭି ଭୂତାଣୁ ଚିହ୍ନଟ ହୋଇଥିବାବେଳେ ସେ ଏବେ ସୁସ୍ଥ ହେଉଛନ୍ତି। ଗତମାସ ୨୪ରେ ଗୁଜରାଟ ଅହମଦାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୨ ମାସର ଶିଶୁଠାରେ ଭୂତାଣୁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଚେନ୍ନାଇର ୨ଟି ହସ୍ପିଟାଲରୁ ୨ ଜଣ ଶିଶୁ ଏଚ୍‌ଏମ୍‌ପିଭିରେ ସଂକ୍ରମିତ ହୋଇ ଖବର ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏନେଇ ଜରୁରୀ ବୈଠକ ଡାକିଛି। କୋଲକାତାରେ ସୋମବାର ଜଣେ ସଂକ୍ରମିତଙ୍କ ମିଶାଇ ଗତ ନଭେମ୍ବରରୁ ୩ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହେଲେଣି ବୋଲି ପିଅର୍ଲେସ୍ ହସ୍ପିଟାଲର ସିଇଓ ସୁଦୀପ୍ତ ମିତ୍ର କହିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଖଣ୍ଡନ କରିଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ଏଚ୍‌ଏମ୍‌ପିଭିରେ କେହି ସଂକ୍ରମିତ ହୋଇ ନ ଥିବା ସେ କହିଛନ୍ତି।

ଚିହ୍ନଟ ହୋଇଥିବା ସଂକ୍ରମିତଙ୍କର ବିଦେଶ ଭ୍ରମଣ ସହ କୌଣସି ସମ୍ପର୍କ ନାହିଁ। ଭାରତ ସମେତ ସାରା ବିଶ୍ୱରେ ଏହି ଭୂତାଣୁ ପୂର୍ବରୁ ବ୍ୟାପିଥିଲା। ବିଭିନ୍ନ ଦେଶରେ ଶ୍ୱାସକ୍ରିୟାଜନିତ ରୋଗ ବିଭିନ୍ନ ସମୟରେ ଚିହ୍ନଟ ହୋଇଥାଏ ବୋଲି ମନ୍ତ୍ରଣାଳୟ କହିଛି। ଇନ୍‌ଫ୍ଲୁଏଞ୍ଜା କିମ୍ବା ଅତ୍ୟଧିକ ଶ୍ୱାସକ୍ରିୟାଜନିତ ଅସୁସ୍ଥତା ବଢ଼ିବା ଆଦୌ ଅସାଧାରଣ ଘଟଣା ନୁହେଁ ବୋଲି ଆଇସିଏମ୍‌ଆର ଏବଂ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ୍ (ଆଇଡିଏସ୍‌ପି) ନେଟ୍‌ୱର୍କ ପକ୍ଷରୁ କୁହାଯାଇଛି। ସମସ୍ତ ସର୍ଭିଲାନ୍ସ ଚ୍ୟାନେଲ ଜରିଆରେ ମନ୍ତ୍ରଣାଳୟ ସ୍ଥିତି ଉପରେ ନଜର ରଖିଛି। ବର୍ଷସାରା ଏଚ୍‌ଏମ୍‌ପିଭି ସଂକ୍ରମଣ ଚିହ୍ନଟ ଧାରା ଆଇସିଏମ୍‌ଆର୍ ଜାରି ରଖିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଆମେରିକାର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେଣ୍ଟେଶନ (ସିଡିସି) ସୂଚନା ଅନୁଯାୟୀ, ଏଚ୍‌ଏମ୍‌ପିଭି ହେଉଛି ନିମୋଭାଇରିଡା ବା ରେସ୍ପିରେଟୋରି ସିନ୍‌ସାଇଟାଲ ଭାଇରସ୍ (ଆର୍‌ଏସ୍‌ଭି) ପରିବାରର। ସଂକ୍ରମିତ ବ୍ୟକ୍ତିଙ୍କଠାରେ ଥଣ୍ଡା ଓ ଜ୍ୱର ସଦୃଶ ଲକ୍ଷଣ ଦେଖାଯାଉଛି। ସଂକ୍ରମିତମାନେ କଫ, ଜ୍ୱର, ନାକ ବନ୍ଦ ଓ ଗଳାରୁଦ୍ଧ ହୋଇଯିବା ଭଳି ଅସୁବିଧା ଭୋଗୁଛନ୍ତି। ଅନେକ ସ୍ଥଳେ ଏଥିଯୋଗୁ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ବୋଙ୍କାଇଟିସ୍ (ଶ୍ୱାସନଳୀରେ ପ୍ରଦାହ) ବା ନିମୋନିଆ (ଫୁସ୍‌ଫୁସ୍ ସଂକ୍ରମଣ) ହୋଇପାରେ। ରୋଗ ପ୍ରତିଷେଧକ ଶକ୍ତି କମ୍ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିରେ ସଂକ୍ରମିତ ହେବା ଆଶଙ୍କା ରହିଛି।

କର୍ଣ୍ଣାଟକ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜନସାଧାରଣଙ୍କୁ ସର୍ବସାଧାରଣ ସ୍ଥାନରେ କାଶିବା ଓ ଛିଙ୍କିବା ସମୟରେ ମୁହଁ ଓ ନାକକୁ ଘୋଡ଼ାଇ ରଖିବା ପାଇଁ ପରାମର୍ଶ ଦେବା ସହ ହାତକୁ ବାରମ୍ବାର ସାବୁନରେ ଧୋଇବା ଏବଂ ଲକ୍ଷଣ ଥିଲେ ସର୍ବସାଧାରଣ ସ୍ଥାନକୁ ନ ଯିବା ପାଇଁ ପରାମର୍ଶ ଦେଇଛି। ସଂକ୍ରମିତ ସମ୍ପର୍କୀୟଙ୍କ ରୁମାଲ, ଟାୱେଲ ଆଦିକୁ ବ୍ୟବହାର ନ କରିବା ପାଇଁ ମନ୍ତ୍ରଣାଳୟ ସୁପାରିସ୍ କରିଛି। ଗତ ଡିସେମ୍ବର ୧୬ରୁ ଚାଇନାରେ ସର୍ବାଧିକ ଏଚ୍‌ଏମ୍‌ପିଭି ସଂକ୍ରମଣ ବ୍ୟାପିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଏଚ୍‌ଏମ୍‌ପିଭି ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ ଚିକିତ୍ସା ପଦ୍ଧତି କିମ୍ବା ଟିକା ନ ଥିବାରୁ ଏହାର ଲକ୍ଷଣ ଦୂର କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଶୀତଋତୁରେ ଶ୍ୱାସଜନିତ ରୋଗର ମୁକାବିଲା ପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବ ଉପରେ ଗୁରୁତ୍ୱ ଦିଆଯାଇଛି।

## ଆତଙ୍କିତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)

ବେଙ୍ଗାଲୁରୁ ଓ ଗୁଜରାଟରେ ହ୍ୟୁମାନ୍ ମେଟାନିମୋ ଭାଇରସ୍ (ଏଚ୍‌ଏମ୍‌ପିଭି) ଚିହ୍ନଟ ହେବା ପରେ ଲୋକଙ୍କ ମନରେ ଛନକା ପଶିଛି। ଏ ପରିସ୍ଥିତିର ମୁକାବିଲା ଲାଗି ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଭୂତାଣୁ ସଂକ୍ରାନ୍ତରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ରାଜ୍ୟକୁ ଆଡ୍‌ଭାଇଜରି ଜାରି କରି ନାହାନ୍ତି। ତଥାପି ଏଚ୍‌ଏମ୍‌ପିଭିକୁ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତେଣୁ ଏହାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଡ୍‌ଭାଇଜରୀ ଜାରି କରାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡିଏମ୍‌ଇଟିଙ୍କ ସହ ଆର୍‌ଏମ୍‌ଆର୍‌ସିର ଡାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ରୋଗକୁ ନେଇ ଅଯଥା ଭୟଭୀତ ହେବାର ଆବଶ୍ୟକତା ନାହିଁ। ଭାରତ ସରକାର ଏ ପର୍ଯ୍ୟନ୍ତ ଏନେଇ କୌଣସି ଆଡ୍‌ଭାଇଜରି ଜାରି କରିନାହାନ୍ତି। ତେବେ ଯେକୌଣସି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। କୋଭିଡ୍ ଆମକୁ ବହୁ ଜିନିଷ ଶିଖାଇ ଦେଇଛି। ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥା ପୂର୍ବ ତୁଳନାରେ ଅଧିକ ସୁଦୃଢ଼ ହୋଇଛି। ଏହି ଭୂତାଣୁ ପୂର୍ବରୁ ଥିଲା ଓ ରହିଛି। ତେଣୁ ଏହାକୁ ନେଇ ଡରିବାର ନାହିଁ ବୋଲି ସେ ମତ ଦେଇଛନ୍ତି।

# 'ଅତିଥି ଦେବୋ ଭବ' ମନ୍ତ୍ରରେ କାର୍ଯ୍ୟ କରିବାକୁ ପ୍ରଭାତୀଙ୍କ ଆହ୍ୱାନ

**ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**

ଭୁବନେଶ୍ୱର,୬।୧
(ସୌମ୍ୟରଞ୍ଜନ ରାଉତ)



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟକ ଗାଇଡ୍, ସୁପରଭାଇଜର ଓ ସଂଯୋଜକଙ୍କୁ ପରାମର୍ଶ ଦେଉଛନ୍ତି।

ଆସନ୍ତା ୮ ତାରିଖରୁ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ଆରମ୍ଭ ହେବ। ପ୍ରଥମଥର ଓଡ଼ିଶାରେ ହେବାକୁ ଯାଉଥିବା ଏହି ଉତ୍ସବ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସୋମବାର ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୃଷି ସଦନ ଅଡିଟୋରିୟମରେ ପର୍ଯ୍ୟଟକ ଗାଇଡ୍, ସୁପରଭାଇଜର ଓ ସଂଯୋଜକଙ୍କ ଲାଗି ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବା ସହ 'ଅତିଥି ଦେବୋ ଭବ' ମନ୍ତ୍ରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏବେ ଓଡ଼ିଶାର ପର୍ଯ୍ୟଟନ ରହସ୍ୟକୁ ଉନ୍ମୋଚନ କରିବାର ସମୟ ଆସିଛି। ଓଡ଼ିଶାର ପର୍ଯ୍ୟଟନକୁ ବିଶ୍ୱର କୋଣ ଅନୁକୋଣେ ପହଞ୍ଚାଇବା ପାଇଁ ଏହି ୩ ଦିନିଆ ପ୍ରବାସୀ ଭାରତୀୟ ଦିବସ ଶ୍ରେଷ୍ଠ ସୁଯୋଗ। ୩ଦିନ ପାଇଁ ପର୍ଯ୍ୟଟକ ଗାଇଡ୍‌ମାନେ ଆମ ଓଡିଶାର ଆମ୍ବାସାଡର ହେବେ। ଆପଣମାନଙ୍କ ବ୍ୟବହାର, ଚାଲିଚଳନରେ ସମଗ୍ର ଓଡ଼ିଶାର ପରିଚୟ ଓ ସ୍ୱାଭିମାନ ପ୍ରତିଫଳିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ପର୍ଯ୍ୟଟକ ଗାଇଡ୍, ସୁପରଭାଇଜର ଓ ସଂଯୋଜକଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ବିଭାଗୀୟ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବଢ଼ିଲା ତାପମାତ୍ରା, କୁହୁଡ଼ି ପାଇଁ ସତର୍କତା

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ରାଜ୍ୟରେ ଶୀତର ଲହରି ଜାରି ରହିଥିଲେ ମଧ୍ୟ ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା(ରାତି ତାପମାତ୍ରା) ପ୍ରାୟ ୨ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଆସନ୍ତା ୪ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିପାରେ। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଢେଙ୍କାନାଳ, କଟକ, କଳାହାଣ୍ଡି, କନ୍ଧମାଳ, କୋରାପୁଟ୍ ଆଦି ଜିଲାରେ ଘନ କୁହୁଡ଼ି ପ୍ରଭାବ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ନିଂ ରହିଛି। ସେହିପରି ଖୋର୍ଦ୍ଧା, କଟକ, ଅନୁଗୋଳ, ଗଜପତି, ଗଞ୍ଜାମ, ରାୟଗଡ଼ା, ଜଗତ୍‌ସିଂପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର ଓ ମାଲକାନଗିରି ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିପାରେ।

ସୂଚନାଥାଉକି, ସୋମବାର ରାଜ୍ୟରେ ସର୍ବାଧିକ ତାପମାତ୍ରା ବଲାଙ୍ଗୀରରେ ୩୧.୩ ଡିଗ୍ରୀ ଏବଂ ଫୁଲବାଣୀରେ ସର୍ବନିମ୍ନ ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସୁନ୍ଦରଗଡ଼, କୋରାପୁଟ, କଟକ, କନ୍ଧମାଳ ଆଦି ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ଗଞ୍ଜାମ, ଜଗତ୍‌ସିଂପୁର, ଖୋର୍ଦ୍ଧା, କେନ୍ଦୁଝର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ମଧ୍ୟ କେତେକ ସ୍ଥାନରେ କୁହୁଡ଼ିର ଆସ୍ତରଣ ଜନଜୀବନକୁ ପ୍ରଭାବିତ କରିଥିଲା।

# ୯୦ ବାଂଲାଦେଶୀ ଗଲେ, ୯୫ ଭାରତୀୟ ମତ୍ସ୍ୟଜୀବୀ ଫେରିଲେ

ପାରାଦୀପ,୬।୧(ଶରତ ରାଉତ)


ଭାରତ ଓ ବାଂଲାଦେଶୀ କୋଷ୍ଟଗାର୍ଡ ଟିମ୍ ପରସ୍ପରକୁ ପ୍ରତ୍ୟର୍ପଣ ସମ୍ପର୍କିତ ଚୁକ୍ତିନାମା ହସ୍ତାନ୍ତର କରୁଛନ୍ତି।

**ଉଭୟ ପକ୍ଷର କୋଷ୍ଟଗାର୍ଡ ଟିମ୍ ଜରିଆରେ ପ୍ରତ୍ୟର୍ପଣ**

**ପାରାଦୀପରେ ୨ ମାଛଧରା ବୋଟ ଜବତ ଘଟଣା**

ପାରାଦୀପରେ ଡିସେମ୍ବର ୧୦ରୁ ଅଟକ ଥିବା ୭୮ ବାଂଲାଦେଶୀ ମତ୍ସ୍ୟଜୀବୀ ଓ ୨ ବୋଟ ସୋମବାର ପ୍ରତ୍ୟୁଷରେ ସ୍ୱଦେଶ ଫେରିଯାଇଛନ୍ତି। ସେମାନଙ୍କ ସହ ପୂର୍ବରୁ କୋଲକାତାରେ ଅଟକ ଥିବା ୧୨ ମତ୍ସ୍ୟଜୀବୀଙ୍କୁ ମଧ୍ୟ ପଠାଇ ଦିଆଯାଇଛି। ଜବାବରେ ବାଂଲାଦେଶରେ ଅଟକ ଥିବା ୬ ଭାରତୀୟ ମାଛଧରା ବୋଟ ସମେତ ସେଠାକାର ଜଳସୀମାରେ ଧରାପଡ଼ିଥିବା ୯୫ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ କୋଷ୍ଟଗାର୍ଡ ଟିମ୍ ଛାଡ଼ିଦେଇଛି। ଭାରତ-ବାଂଲାଦେଶ ଜଳସୀମା ପାଖରେ ଉଭୟ ପକ୍ଷର କୋଷ୍ଟଗାର୍ଡ ଟିମ୍ ପରସ୍ପର ଦେଶର ନାଗରିକଙ୍କୁ ପ୍ରତ୍ୟର୍ପଣ କରିବା ସହ ଚୁକ୍ତିନାମା ହସ୍ତାନ୍ତର କରିଥିଲେ। ଏହାପରେ ଭାରତୀୟ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ସମ୍ପୃକ୍ତ ବୋଟ୍‌ଗୁଡିକୁ ନେଇ ଧାର୍ଯ୍ୟ ସ୍ଥାନରେ ଛାଡ଼ି ଦେଇଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୯ରେ ବାଂଲାଦେଶର ଦୁଇଟି ବଡ଼ ମାଛଧରା ବୋଟ ଭାରତୀୟ ଜଳସୀମାରେ ପ୍ରବେଶ କରି ଫିଶିଂ କରୁଥିଲେ। ସେହି ବୋଟ ଦୁଇଟି ହେଲା ଲୈଲା ଓ ମେଘନା। ସେଥିରେ ୭୮ ମତ୍ସ୍ୟଜୀବୀ ଥିଲେ। ବୋଟରେ ୧୬୦ ଟନ୍ ମାଛ ଥିଲା। ସମ୍ପୃକ୍ତ ୨ ବୋଟକୁ ଭାରତୀୟ କୋଷ୍ଟଗାର୍ଡ ଟିମ୍ କାବୁ କରି ପାରାଦୀପରେ ପହଞ୍ଚିବା ପରେ ସେଥିରେ ଥିବା ବାଂଲାଦେଶୀ ମତ୍ସ୍ୟଜୀବୀମାନଙ୍କୁ ପାରାଦୀପ ଆଦର୍ଶ ଥାନାକୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ପୋଲିସ ବାଂଲାଦେଶୀ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପାଇଁ ସମସ୍ତ ପ୍ରକାର କାଗଜପତ୍ର ପ୍ରସ୍ତୁତ କରିଥିଲା। ମାତ୍ର ଡିସେମ୍ବର ୧୨ରେ ଭାରତ ସରକାର ବାଂଲାଦେଶ ବୋଟ୍ ପ୍ରତ୍ୟର୍ପଣ କରିବାକୁ ଆଲୋଚନା କରିଥିଲେ। ଏଥିସହ ମତ୍ସ୍ୟଜୀବୀମାନଙ୍କୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ଉଭୟ ବୋଟ ପାରାଦୀପ ବନ୍ଦର କୋଷ୍ଟଗାର୍ଡ ବର୍ଥରେ ଥିଲା।


# ପାଠପଢ଼ା ବୟସରେ ରୋଗ ସାଜିଛି ଦାଉ

ଲାଠୋର,୬।୧
(ଭୁବନେଶ୍ୱର ବାରିକ)

- ୧୦ ବର୍ଷ ବାଳକ ରୋହନଙ୍କ ଚିକିତ୍ସାରେ ଅବହେଳା
- ବିଏସକେୱାଇ କାର୍ଡ କାମରେ ଆସୁନି



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ସଦର ଗ୍ରାମର ତଳିପଡ଼ାରେ ରୁହନ୍ତି ସାବେତ୍ରୀ ନାଗ। ୬ ବର୍ଷ ପୂର୍ବରୁ ସ୍ୱାମୀ ବାଳକୃଷ୍ଣ ନାଗଙ୍କ ଦେହାନ୍ତ ହୋଇଯାଇଛି। ଫଳରେ ସେ ପରିବାର ଚଳାଇବା ପାଇଁ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ କାମ କରୁଛନ୍ତି। ଘରେ ଏକମାତ୍ର ପୁଅ ରୋହନ(୧୦)। ହେଲେ ଖେଳକୁଦ ଓ ପାଠପଢା ବୟସରେ ରୋହନ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ଘରେ ପଡ଼ି ରହିଛନ୍ତି। ଏହି ପରିବାରର ଯେଉଁ ଜମିବାଡି ଟିକକ ରହିଛି ତାକୁ ଚାଷ କରି ବର୍ଷସାରା ଚଳିବା କଷ୍ଟକର ହୋଇଛି। ରାଶନ କାର୍ଡରେ ମାସକୁ ମିଳୁଥିବା ୧୦ କେଜି ଚାଉଳ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳୁଥିବା ପାଉଣାରେ କୌଣସି ମତେ ଚଳିବାକୁ ପଡ଼ିଥାଏ ମା' ପୁଅଙ୍କୁ। ୩ ବର୍ଷ ପୂର୍ବେ ରୋହନଙ୍କ ଗୋଡ଼ କୁଣ୍ଡେଇ ହୋଇ ଫୁଲା ପଡ଼ିଗଲା। ପାଣି ଝରି ଜଳା ପୋଡ଼ା ହେଲା। ପୁଅର କଷ୍ଟ ଦେଖି ସାବେତ୍ରୀ ଯାହା ଅର୍ଥ ସାଇତି ରଖିଥିଲେ ତାକୁ ଖର୍ଚ୍ଚ କରି ବିଭିନ୍ନ ହସ୍ପିଟାଲ ନେଇ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏ ସମ୍ପର୍କରେ ତାଙ୍କ ଗ୍ରାମର ସଚେତନ ଯୁବକ ମନୋଜ ପ୍ରଧାନ ବଲାଙ୍ଗୀର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଟ୍ୱିଟ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଫଳରେ ଖପ୍ରାଖୋଲ ମେଡିକାଲ ଟିମ୍ ପ୍ରାୟ ୮ ମାସ ତଳେ ରୋହନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଚିକିତ୍ସା କରି ଛାଡ଼ି ଦେଇଥିଲେ। ମଝିରେ ମଝିରେ ହସ୍ପିଟାଲରୁ ଔଷଧ ଆଣି ଖାଉଥିଲେ। ହେଲେ ରୋଗ ସମ୍ପୂର୍ଣ୍ଣ ଭାବେ ଭଲ ହୋଇ ନ ଥିଲା। ଏବେ ମା' ସାବେତ୍ରୀ ରୋହନଙ୍କୁ କୌଣସି ହସ୍ପିଟାଲକୁ ନେଇ ଚିକିତ୍ସା କରି ନ ପାରିବାରୁ ତାଙ୍କ ରୋଗ ବଢିଯାଇ ଦେହକୁ ବ୍ୟାପିଲାଣି। ଦେହସାରା କୁଣ୍ଡେଇ ହୋଇ ପାଣି ଝରିବା ସହ ଜଳାପୋଡ଼ା ହେଉଛି। ଫଳରେ ପାଠ ପଢିବା ବୟସରେ ସେ ବିଦ୍ୟାଳୟକୁ ଯିବା ସମ୍ଭବ ହେଉନାହିଁ। ବିଏସକେୱାଇ କାର୍ଡ ରହିଥିଲେ ମଧ୍ୟ ପୁଅକୁ କେଉଁ ହସ୍ପିଟାଲ ନେଇ ଚିକିତ୍ସା କଲେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବ ତାହା ଜାଣି ନ ପାରି ଚିନ୍ତାରେ ଘାରି ହେଉଛନ୍ତି। ରୋହନଙ୍କୁ ଯଥାଶୀଘ୍ର କୌଣସି ସହୃଦୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ହସ୍ପିଟାଲ ନେଇ ଉଚ୍ଚତର ଚିକିତ୍ସା ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହେବା ଆଶଙ୍କା କରାଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା



# ଭାଇରସ୍ ଖେଳ

କୋଭିଡ୍–୧୯ ବା କରୋନା ଭୂତାଣୁ ସଂକ୍ରମଣ ସାମ୍ନାକୁ ଆସିବାର ୫ବର୍ଷ ପରେ ଏବେ ହ୍ୟୁମାନ ମେଟା ନ୍ୟୁମୋ ଭାଇରସ୍ (ଏଚ୍ଏମ୍ପିଭି) ସଂକ୍ରମଣକୁ ନେଇ ନୂଆ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ଭୂତାଣୁ ଭଳି ଏଚ୍ଏମ୍ପିଭି ଦ୍ରୁତ ଗତିରେ ବ୍ୟାପୁଥିବା କୁହାଯାଉଛି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ଜାନୁଆରୀ ୬ରେ କର୍ନାଟକରେ ୨ଜଣ, ତାମିଲନାଡୁରେ ୨ ଜଣ ଏବଂ ଗୁଜରାଟରେ ଜଣେ ସଂକ୍ରମିତ ହୋଇଛନ୍ତି। କୋଲକାତାରେ ନଭେମ୍ବର ୨୦୨୪ରୁ ଇତିମଧ୍ୟରେ ୩ ଜଣ ସଂକ୍ରମିତ ହୋଇଥିବା ପିୟର୍ଲେସ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଅସ୍ୱୀକାର କରିଛନ୍ତି। ସଂକ୍ରମଣକୁ ନେଇ କର୍ନାଟକ, ମହାରାଷ୍ଟ୍ର ଓ ଦିଲ୍ଲୀରେ ଗାଇଡଲାଇନ ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ,ଏହା ଶ୍ୱାସକ୍ରିୟା ସହିତ ଜଡ଼ିତ ଏକ ପ୍ରକାର ଫ୍ଲୁ ଭୂତାଣୁ। ଏହା ଚାଇନାରୁ ସୃଷ୍ଟି ହୋଇଥିବା କୁହାଯାଉଛି। ସେଠାରେ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଥିବା ଖବର ପ୍ରକାଶ ପାଉଥିଲେ ମଧ୍ୟ ଏହାର ଠିକ୍ ସଂଖ୍ୟା ଜଣାପଡୁନାହିଁ। ବିଶ୍ୱ ସ୍ତରରେ ଏଚ୍ଏମ୍ପିଭି ସଂକ୍ରମଣରେ ଚାଇନା ପଛକୁ ରହିଛି ମାଲେସିଆ। ସେଠାରେ ୨୦୨୪ରେ ୩୨୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା । କିନ୍ତୁ କୌଣସି ମୃତ୍ୟୁ ଘଟିବାର ଖବର ମିଳିନାହିଁ। ଉଲ୍ଲେଖନୀୟ ଯେ, ୨୦୧୯ର ଶେଷ ଭାଗରେ ଚାଇନାର ଉହାନରୁ କୋଭିଡ୍ ଭୂତାଣୁ ସୃଷ୍ଟି ହୋଇଥିଲା। ସେଥିରେ ବିଶ୍ୱର ୨୨୬ଟି ଦେଶରେ ୭୦ କୋଟିରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହେବା ସହ ୭୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା । ଆମେରିକାରେ ସବୁଠୁ ଅଧିକ ମୃତ୍ୟୁ ଘଟିଥିଲା । ସେଠାରେ ପାଖାପାଖି ୧୨ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲାବେଳେ ଏହା ପଛକୁ ଥିଲା ଭାରତ। ଭାରତରେ ୫ ଲକ୍ଷ ୩୩ ହଜାରରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ କୋଭିଡ–୧୯ ସଂକ୍ରମଣ ପାଇଁ ସେ ସିଧାସଳଖ ଚାଇନାକୁ ଦାୟୀ କରାଯାଇଥିଲେ ମଧ୍ୟ କରୋନା ଭୂତାଣୁ ପ୍ରାଣୀଙ୍କ ଶରୀରରୁ କିମ୍ବା ପରୀକ୍ଷାଗାରରୁ ସୃଷ୍ଟି ହୋଇଛି କି ନାହିଁ ତାହା ଏଯାବତ ପ୍ରମାଣିତ ହୋଇନାହିଁ। ଏଭଳି ଏକ ଦ୍ୱନ୍ଦ୍ୱ ଅସମାହିତ ଥିବାବେଳେ ଏବେ ଏଚ୍ଏମ୍ପିଭିକୁ ନେଇ ଚାଇନା ପୁନର୍ବାର ଚର୍ଚ୍ଚାକୁ ଆସିଛି। କିନ୍ତୁ ଏହି ଫ୍ଲୁ ଭୂତାଣୁ ଭୟଙ୍କର ନୁହେଁ ବୋଲି ଦିଲ୍ଲୀସ୍ଥିତ ଏମ୍ସର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ ପ୍ରାଧ୍ୟାପକ ଡ. ହର୍ଷାଲ ଆର୍ ସାଲ୍ଭେ କହିଛନ୍ତି । ତାଙ୍କ ମତରେ ଏହା ଏକ ନୂଆ ଭାଇରସ୍ ନୁହେଁ। ଉଲ୍ଲେଖଯୋଗ୍ୟ ଯେ, ୨୦୦୧ରେ ନେଦରଲାଣ୍ଡସର ବୈଜ୍ଞାନିକମାନେ ଏହି ଭାଇରସ୍‌କୁ ଉଦ୍ଭାବନ କରିଥିଲେ। ଚାଇନାରେ ମଧ୍ୟ ନୋରୋ ଭାଇରସ୍ ବ୍ୟାପୁଛି। ଜାନୁଆରୀ ୬ରେ ଜାହାଜରେ ଯାତ୍ରା କରୁଥିବା ଜଣେ ବ୍ରିଟିଶ ନାଗରିକଙ୍କର ନୋରୋ ଭାଇରସ୍ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଛି। ଦେଖିବାକୁ ଗଲେ କେବଳ ଏଚ୍ଏମ୍ପିଭି ନୁହେଁ ପୃଥିବୀରେ ଭିନ୍ନ ଭିନ୍ନ ଭୂତାଣୁ ପ୍ରକାଶ ପାଇବାରେ ଲାଗିଛି।

> **କରୋନାର ଉଦାହରଣରୁ ଜଣାପଡ଼ିଲା ଯେ ଯେଉଁପ୍ରକାରର ଅର୍ଥ ବିଶ୍ୱବ୍ୟାପୀ ଭ୍ୟାକ୍ସିନ୍ (ଟିକା) ପାଇଁ ଖର୍ଚ୍ଚ କରାଯାଇଥିଲା ତାହାର ଆଖିଦୃଶିଆ ସଫଳତା ଏବେ ମଧ୍ୟ ପ୍ରମାଣିତ ହୋଇନାହିଁ। କରୋନାରେ ମୃତ୍ୟୁବରଣ କରିଥିବା ଅନେକ ଲକ୍ଷ ଲୋକ ଦୁଇଟିଯାକ ଟିକା ପାଇବା ସତ୍ତ୍ୱେ ମଧ୍ୟ ବଞ୍ଚିପାରିଲେ ନାହିଁ। ଏହା ସହିତ ଟିକା ଲଗାଇବାକୁ ମନାକରିଥିବା ନାଗରିକ ମଧ୍ୟ ବଞ୍ଚି ରହିଛନ୍ତି। ସେଥିପାଇଁ ହୁଏତ ଏହିସବୁ ଭାଇରସ୍‌ର ଖେଳ ପଛରେ ବଡ଼ ଫାର୍ମା ସଂସ୍ଥାଗୁଡ଼ିକର ବ୍ୟବସାୟିକ ମନ୍ଦ ଉଦ୍ଦେଶ୍ୟ ଲୁଚ୍ଚାୟିତ ରହିଛି।**

ଅନ୍ୟଦିଗରୁ ଦେଖିଲେ ଏହିସବୁ ନୂତନ ଭାଇରସ୍‌ର ଭୟାବହତା ବିଷୟରେ ଏବେ କହିବା କଷ୍ଟକର। କାରଣ ମନେହେଉଛି ଯେପରି ପ୍ରବଳ ଆର୍ଥିକ ସମ୍ପୃକ୍ତି ଥିବା ହେତୁ ପୃଥିବୀର ବୃହତ୍ ଫାର୍ମା ଅର୍ଥାତ୍ ଔଷଧ ନିର୍ମାତା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଏଭଳି ଭୟ ସୃଷ୍ଟିକରି ରଖିବାକୁ ଚାହୁଁଛନ୍ତି। ସେହି ଭୟ ଲାଗିରହିଲେ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସବୁ ଦେଶର ସରକାର ପ୍ରବଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। କରୋନାର ଉଦାହରଣରୁ ଜଣାପଡ଼ିଲା ଯେ ଯେଉଁପ୍ରକାରର ଅର୍ଥ ବିଶ୍ୱବ୍ୟାପୀ ଭ୍ୟାକ୍ସିନ୍ (ଟିକା) ପାଇଁ ଖର୍ଚ୍ଚ କରାଯାଇଥିଲା ତାହାର ଆଖିଦୃଶିଆ ସଫଳତା ଏବେ ମଧ୍ୟ ପ୍ରମାଣିତ ହୋଇନାହିଁ। କରୋନାରେ ମୃତ୍ୟୁବରଣ କରିଥିବା ଅନେକ ଲକ୍ଷ ଲୋକ ଦୁଇଟିଯାକ ଟିକା ପାଇବା ସତ୍ତ୍ୱେ ମଧ୍ୟ ବଞ୍ଚିପାରିଲେ ନାହିଁ। ଏହା ସହିତ ଟିକା ଲଗାଇବାକୁ ମନାକରିଥିବା ନାଗରିକ ମଧ୍ୟ ବଞ୍ଚି ରହିଛନ୍ତି। ସେଥିପାଇଁ ହୁଏତ ଏହିସବୁ ଭାଇରସ୍‌ର ଖେଳ ପଛରେ ବଡ଼ ଫାର୍ମା ସଂସ୍ଥାଗୁଡ଼ିକର ବ୍ୟବସାୟିକ ମନ୍ଦ ଉଦ୍ଦେଶ୍ୟ ଲୁଚ୍ଚାୟିତ ରହିଛି।

# ଜୀବନରେ ଚାପର ତାପ



ଡ. ଶରତ ଚନ୍ଦ୍ର ପରିଡ଼ା

ପ୍ରତ୍ୟେକ ବସ୍ତୁ ଓ ବ୍ୟକ୍ତିର ନିଜସ୍ୱ ଚାପ ଓ ଚାପଶକ୍ତି ରହିଛି। ବିଜ୍ଞାନରେ ବାୟୁଚାପ ଓ ଜଳଚାପ ପଢ଼ିଛେ। ଗ୍ଲାସରେ ଜଳପୂର୍ଣ୍ଣ କରି ତା' ଉପରେ ପୋଷ୍ଟକାର୍ଡ଼ ରଖି ତଳମୁହାଁ କରିଦେଲେ ଜଳର ଚାପଠାରୁ ବାୟୁର ଚାପ ଅଧିକ ଯୋଗୁ ଜଳ ତଳେ ଢାଳି ହୁଏ ନାହିଁ। ପୋଷ୍ଟକାର୍ଡ଼ ଖସି ପଡ଼େ ନାହିଁ। ବନ୍ୟା ସମୟରେ ଜଳଚାପ ଅଧିକ ଯୋଗୁ ବନ୍ଧବାଡ଼ ଭାଙ୍ଗିଯାଏ। ଝଡ଼ବାତ୍ୟାରେ ବାୟୁଚାପ ଅଧିକ ହେତୁ ଗଛବୃଛ ଉପୁଡ଼ି ପଡ଼େ। ଗ୍ରୀଷ୍ମକାଳରେ ସୂର୍ଯ୍ୟତାପ ଅଧିକ ହେତୁ ତରୁଲତା ଜଳିପୋଡ଼ି ଯାଏ। ଯୁଗେ ଯୁଗେ ଚାପ ରହିଛି, ରହିଥିବ। କିଛି ଅଭିଳଷିତ କିନ୍ତୁ ଅପ୍ରାପ୍ତ ବସ୍ତୁ ବା ଲକ୍ଷ୍ୟ ପ୍ରାପ୍ତିରେ ପ୍ରତିବନ୍ଧକ ଆସିଲେ ତା'ପାଇଁ ଚାପ ପ୍ରୟୋଗ କରାଯାଏ। ଚାପକୁ ଚାପିଦେବା ସହଜ ନୁହେଁ। ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିବାର ଶକ୍ତି ହିଁ ଚାପପ୍ରୟୋଗ। ଚାପ ଏକ ଲଗାମ।

ଚାପର ଅନ୍ୟ ନାମ ବଳ କଷାକଷି। ବିଭିନ୍ନ ଦିଗରୁ ଆସୁଥିବା ଚାପର ପ୍ରତିଯୋଗିତାରେ ଲଘୁଚାପ ସୃଷ୍ଟି ହୁଏ। ଅସ୍ୱାଭାବିକତାରୁ ଚାପ ଜନ୍ମ। ଅନ୍ୟାୟ ଚାପକୁ ଚାପିବା ପାଇଁ ତତୋଽଧିକ ନ୍ୟାୟଚାପ ଲୋଡ଼ା ହୋଇଥାଏ। ଚାପର ଖେଳ ହେଉଛି ନ୍ୟାୟ ଅନ୍ୟାୟ ମଧ୍ୟରେ ଲଢ଼େଇ। ମାତୁଳ ଶକୁନିଙ୍କର ଚାପରେ ଦୁର୍ଯ୍ୟୋଧନ ମହାଭାରତ ଯୁଦ୍ଧର ସୂତ୍ରପାତ କରିଥିଲେ। ରାଣୀ କୈକେୟୀଙ୍କ ଚାପରେ ରାମଚନ୍ଦ୍ର ବନବାସ କଲେ। ଧର୍ମାବତାର ବିଚାରପତି ନ୍ୟାୟ ଅନ୍ୟାୟ ନିରପେକ୍ଷ ଭାବରେ ବିଚାର କରିଥା'ନ୍ତି। ସର୍ବଦା ଏହା ସମ୍ଭବ ହୋଇ ନ ଥାଏ। ବାହୁବଳୀ, ଅର୍ଥବଳୀ, କ୍ଷମତାବଳୀମାନେ ନିଜ ନିଜର ପ୍ରଭାବ ପତିଆରା ପ୍ରୟୋଗ କରି ନିଜ ପକ୍ଷରେ ନ୍ୟାୟ କରାଇ ନିଅନ୍ତି। ନିରୀହକୁ ଡରାଇ ମରାଇ ମତାଇ ବତାଇ ଦରକାର ହେଲେ ପ୍ରାଣ ମଧ୍ୟ ନେଇଯା'ନ୍ତି। ବିଚାରପତିଙ୍କ ଉପରେ ଭୟ ଓ ପ୍ରଲୋଭନର ଚାପ ପ୍ରୟୋଗ କରାଯାଏ।

ଅବିଚାର, ଅନ୍ୟାୟ ଓ ଦୁର୍ନୀତି ଚାପର ଚାରି ଆଡ଼େ ପ୍ରତାପ। ଗୁଣ୍ଡାଗର୍ଦ୍ଦି କରି ତଳତଳିଆ ଲୋକଙ୍କୁ ଭୟରେ ଚାପି ଉପର ମହଲ ଲୋକଙ୍କ ଉପରେ ଭିନ୍ନ ଚାପ ପ୍ରୟୋଗ କରାଯାଏ। ନିରୀହ ନିରପରାଧ ପଛେ କାରାଗାରରେ ନରକ ଯନ୍ତ୍ରଣା ଭୋଗୁ, କିନ୍ତୁ ଚାପପ୍ରୟୋଗ କରି ନରହନ୍ତା ମୁକୁଳିଯାଏ। ନିଶରେ ହାତମାରି ଛାତି ଫୁଲେଇ ହାଟବଜାରରେ ବୁଲେ। ସରକାରୀ, ଅର୍ଥବଳ ବା ଅନ୍ୟ କୌଣସି ପ୍ରଲୋଭନ ଚାପ ଯୋଗୁ ପୋଲିସ ଚୋରକୁ ଧରି ଚାପକୁ ଡରି ଗିରଫ କରେ ନାହିଁ। ଚୋରି ଗଣ୍ଡଗୋଳ ପ୍ରଭୃତି ସହିତ ଅସଂପୃକ୍ତ ଓ ଘରେ ଶୋଇଥିବା ନିରପରାଧ ଲୋକକୁ ପୋଲିସ ଉଠାଇନିଏ। ମିଛ ଦଫା ଲଗାଇ ଜେଲକୁ ପଠାଇଦିଏ। ପୋଲିସ ବୃଥା ପତିଆରା ଦେଖାଏ। ପୋଲିସ ବାବୁ ପଦକ ପାଏ। ମିଛ ଅପରାଧୀର ପିଲା ପରିବାର ଉଜୁଡ଼ି ଯାଏ। ସାକ୍ଷୀ ଉପରେ ଚାପ ଦେଇ ନ୍ୟାୟ କିଣାବିକା ହୁଏ। ମିଛ ସତ ହୁଏ, ଆଉ ସତ ହୁଏ ମିଛ। ଶାସନ କ୍ଷେତ୍ରରେ ଅଧିକ ହେଉଥିବାରୁ



ମାଲିମୋକଦ୍ଦମା ବଢ଼ି ଚାଲିଛି। 'ହଜାରେ ଦୋଷୀ ପଛେ ମୁକୁଳି ଯାଆନ୍ତୁ, କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ– ଏହି ସ୍ଲୋଗାନ ଆଜି ଏକ ପ୍ରହସନ।

ପରିବାରରେ ପିଲାମାନଙ୍କ ଦାବି ପୂରଣ ନ ହୋଇ ପାରିଲେ ମା'ମାନଙ୍କ ଉପରେ ଚାପ ପଡ଼େ। ମା' ସେହି ଚାପକୁ ନେଇ ବାପାଙ୍କ ଉପରେ ପ୍ରୟୋଗ କରନ୍ତି। ଶାଶୁ ଶ୍ୱଶୁରଙ୍କ ଠାରୁ କିଛି ହାସଲ କରିବାକୁ ଥିଲେ ସ୍ତ୍ରୀ ସ୍ୱାମୀ ଉପରେ ଚାପ ପକାନ୍ତି। ବିଚରା ସ୍ୱାମୀଟି ନିଜ ଇଚ୍ଛା ବିରୋଧୀ କଥା ମା'ବାପାଙ୍କୁ କହିବାକୁ ବାଧ୍ୟ ହୁଏ। ଧନ, ଯାନ, ଯୌତୁକଲୋଭୀ ସ୍ୱାମୀମାନେ ଶ୍ୱଶୁରଘରୁ ଅଧିକ କିଛି ଆଣିବା ପାଇଁ ସ୍ତ୍ରୀଙ୍କ ଉପରେ ଚାପ ପକାନ୍ତି। ଝିଅର ଚାପ ବାପାଙ୍କ ଉପରେ ପଡ଼େ। ଲୋଭର ଚାପ ଆଗରେ ନିରୀହ କୁଳବଧୂର ପ୍ରାଣ ବି ବଳିପଡ଼େ। ଆଜିକାଲି କଙ୍ଗାରୁ କୋର୍ଟରେ ଅଶିକ୍ଷିତ ଅବିଚାରିତ ଚାପରେ କିଏ ଏକଘରିକିଆ ହୋଇ ନିଆଁପାଣିରୁ ସାଇଭାଇରୁ ବାଛନ୍ଦ ହେଲାଣି ତ କିଏ ଅର୍ଥଦଣ୍ଡରେ ଦଣ୍ଡିତ ହେଲାଣି। ଚାକିରି, ବଦଳି ବା ପ୍ରମୋଶନ ବା ସରକାରୀ ଯୋଜନାରେ ହିତାଧିକାରୀ ହେବା କ୍ଷେତ୍ରରେ ଯିଏ ଉପର ମହଲରେ ଚାପ ପକାଇପାରିଲା, ସେଭଳି ଅଯୋଗ୍ୟ କୁହାମୁଣ୍ଡା କପିଳାମାନେ ନିଜ କଳାକାମ କରାଇ ନିଅନ୍ତି। ଯୋଗ୍ୟମାନେ ଭକୁଆ ହୋଇ ଜଳକା ପରି ଚାହିଁ ରହିଥା'ନ୍ତି। 'କାହାକୁ କହିବା, କପାଳରେ ସିନା ହାତ ମାରିବା' ନ୍ୟାୟରେ ପୀଡ଼ିତ କାନମୁଣ୍ଡା ଆଉଁଶି ଚାପ ଆଗରେ ଚୁପ୍ ହୋଇ ବସନ୍ତି। ଯୋଗ୍ୟତା ଚାପର ନିକିତିରେ ତଉଲାଯାଏ। ବିବାହଯୋଗ୍ୟ ସନ୍ତାନମାନେ ମାତାପିତାଙ୍କ ଉପରେ ଚାପ ପ୍ରୟୋଗ କରି ନିଜ ପସନ୍ଦରେ ବିବାହ କରିଥା'ନ୍ତି।

ସମ୍ପର୍କରେ ଚାପ, ସମ୍ପତ୍ତିରେ ଚାପ, କ୍ଷମତାରେ ଚାପ, ଅଜ୍ଞାତ ଶିଶୁର କ୍ରନ୍ଦନରେ ଚାପ ପ୍ରୟୋଗ ଦେଖାଯାଏ। ତପସ୍ୟା ଚାପରେ ଇଷ୍ଟଦେବତା ସ୍ଥିର ହୋଇ ରହିପାରନ୍ତି ନାହିଁ। ଇନ୍ଦ୍ରପଦ ଦୋହଲିଯାଏ। ଲୋକାପବାଦର ଚାପରେ ଅନୂଢ଼ା ମା' ନବଜାତ ଶିଶୁକୁ ଫିଙ୍ଗିଦିଏ। ମା'ବାପା ଓ ଅଭିଭାବକଙ୍କ ଅବାଞ୍ଛିତ ଅଭିଳାଷରେ ଛାତ୍ରୀଛାତ୍ରମାନେ ପାଠରେ ଚାପଗ୍ରସ୍ତ ହୁଅନ୍ତି। ଯୌତୁକ ଚାପରେ କନ୍ୟାଭ୍ରୂଣକୁ ନିର୍ମମ ଭାବରେ ହତ୍ୟା କରାଯାଉଛି। ରାଜନେତାମାନେ ଭୋଟ ଚାପରେ କାର୍ଯ୍ୟ ଅକାର୍ଯ୍ୟ ବିଚାର କରନ୍ତି ନାହିଁ। ତଥାକଥିତ ଶିକ୍ଷିତ ଯୁବାପିଢ଼ି ମାନହାନି ଚାପରେ ଶାରୀରିକ ଶ୍ରମକାତର। ଚୋରି ରାହାଜାନି ଛିନ୍ତାଇ ହେବା ଭୟର ଚାପରେ ଯାତ୍ରୀମାନେ ଆତଙ୍କିତ। ଦୁନିଆକୁ ଅନ୍ନ ଯୋଗାଉଥିବା ଚାଷୀ ଋଣଚାପରେ ଆତ୍ମହତ୍ୟା କରୁଛି। ଦାରିଦ୍ର୍ୟ ଚାପରେ ଘରଦ୍ୱାର ପିଲାଛୁଆଙ୍କୁ ଛାଡ଼ି ଗରିବଲୋକ ଦାଦନ ଖଟିବାକୁ ପ୍ରବାସ କରୁଛି।

ବହୁମୁଖୀ ଅନ୍ୟାୟ ଚାପର ଦୁଷ୍ପରିଣାମ ସରଳ ଅସହାୟ ଲୋକେ ଭୋଗନ୍ତି। ଅଧିକାଂଶ ଚାପ ନକାରାତ୍ମକ। ପଥରୋଧକ। ଉନ୍ନତିବାଧକ। ଏହାର ପ୍ରଭାବରେ ଆତ୍ମବିଶ୍ୱାସ ଟଳମଳ ହୁଏ। ଚାପରେ ପଡ଼ିଲେ ଯୋଗ୍ୟ ଅଯୋଗ୍ୟ ଓ ସାଧୁ ଅସାଧୁ ହୁଏ। ସତ ମିଛ ହୁଏ। ଅଗୁଣୀ ପୁରସ୍କାର ପାଏ, ଗୁଣୀ ତିରସ୍କାର ସହେ। 'ବାପରାଣ ଡିଙ୍କି ଗିଳି' ରୀତିରେ ଲୋକେ ଚାପ ଆଗରେ ମୁଣ୍ଡ ନୁଆଇଁ ଥା'ନ୍ତି। 'ପାଣିରେ ଘର କରି କୁମ୍ଭୀର ସାଙ୍ଗରେ କଳି' ଅନୁଚିତ ଭାବି ଭାଗ୍ୟକୁ ଆଦରି ବିଦ୍ରୋହୀମନ ନୀରବି ଯାଏ। ପଞ୍ଚତନ୍ତ୍ରର କାହାଣୀ 'ଧର୍ମବୁଦ୍ଧି ପାପବୁଦ୍ଧି' କାହାଣୀରେ ପାପବୁଦ୍ଧି ଉଭୟଙ୍କ ଉପାର୍ଜିତ ଧନକୁ ଛଳକପଟ କରି ଅପହରଣ କରି ନେଇଥିଲା। ଧର୍ମବୁଦ୍ଧି ଚୋରି କରି ନେଇଛି ବୋଲି ରାଜଦରବାରରେ ଓଲଟା ଅଭିଯୋଗ ଆଣି ସେଠାରେ ଥିବା ବୃକ୍ଷ ସାକ୍ଷୀ ବୋଲି କହିଲା। 'ଚୋର କିଏ ?' ବୋଲି ଧର୍ମାବତାର ପଚାରିବାରୁ ପୂର୍ବରୁ ଗଛ କୋଡରଡ଼ରେ ନିଜର ପିତାଙ୍କୁ ଲୁଚାଇ ରଖିଥିବା ପାପବୁଦ୍ଧିର ପିତା କହିଲେ 'ଧର୍ମବୁଦ୍ଧି ଚୋର'। ଧର୍ମବୁଦ୍ଧି ଇତ୍ୟବସରରେ ଗଛ ଚାରିପଟେ ଅଗ୍ନି ସଂଯୋଗ କରିଦେଲା। ଗଛ ଜଳିଲା। ପାପବୁଦ୍ଧିର ପିତା ନିଆଁରଡ଼ରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପୁତ୍ରର ଗୁପ୍ତକଥା ପଦାରେ ପକାଇଦେଲେ। ଧର୍ମବୁଦ୍ଧିର ଚାପ ହେଉ ଅବା ଅଗ୍ନିର ଚାପ ହେଉ 'ଚାପ ପଡ଼ିଲେ ବାପ ବୋଲେ' ଉକ୍ତିଟି କାଳକାଳକୁ ରହିଛି।

ଚାପର ମୁଖା ଖୋଲିବାକୁ ସାହସ ଜୁଟାଇବା ବୁଦ୍ଧିମାନ୍‌ର କାର୍ଯ୍ୟ। ଚାପ ଚରମ ହେଲେ ହୃଦ୍‌ଘାତ, ମଧୁମେହ ଓ ଶ୍ୱାସ ଭଳି ମାନସିକ ଓ ଶାରୀରିକ ରୋଗବୃଦ୍ଧି ହୁଏ। ଚାପ ଜୀବନର ଅବିଚ୍ଛେଦ୍ୟ ଅଂଶ। ଏହାକୁ ଏଡ଼ାଇ ହେବ ନାହିଁ। ଥଣ୍ଡା ମିଜାଜରେ ଆତ୍ମସ୍ଥ ହୋଇ ଚାପ ସହିତ କଳା କୌଶଳ ପ୍ରୟୋଗ କରି ଉତ୍କଣ୍ଠା କମାଇବାକୁ ହେବ। ଚାପରେ ବିଚଳିତ ବା ନିରାଶ ହେବା ନିର୍ବୋଧତା। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସକାରାତ୍ମକ ହୋଇ ଜିଇବାକୁ ପଡ଼ିବ। ଗୀତ ଶୁଣି , ବିଶ୍ରାମ ନେଇ ଓ ପ୍ରକୃତିର ମୁକ୍ତ ପରିବେଶରେ ବୁଲି ସାଙ୍ଗସାଥୀ, ପରିବାର ଓ ଛୋଟପିଲାଙ୍କ ସହିତ ସମୟ ବିତାଇ ନିଜକୁ ହାଲୁକା କରିବାକୁ ପଡ଼ିବ। ଧୈର୍ଯ୍ୟ, ଶାନ୍ତି, ଯୋଗ, ଧ୍ୟାନ, ବ୍ୟାୟାମ ଆଦି ଆପଣେଇ ନେଲେ ଚାପର ନିୟନ୍ତ୍ରଣ ସ୍ୱାଭାବିକ ହୋଇଥାଏ।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ,**
**ପଟିଆ, ଭୁବନେଶ୍ୱର**
**ମୋ:୯୪୩୭୭୭୬୯୦୮**

# କ୍ଷତିପୂରଣ ନା ତୁଷ୍ଟୀକରଣ



ହରିଶଙ୍କର ମିଶ୍ର

ବିଧାନସଭାରେ ଗୃହୀତ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍‌ରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥ ଉପରକୁ ଭକ୍ତଙ୍କୁ ବାରଣ ଯୋଗୁ ଦଇତା ସେବକମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଥିବା ଖବର ପ୍ରକାଶ ପାଇଛି। ପୂର୍ବ ସରକାର ସମୟରେ ଭକ୍ତବିହୀନ ରଥଯାତ୍ରାରେ ମଧ୍ୟ ଏପରି ଅର୍ଥ ଦିଆଯାଇଥିବାରୁ ଏହା କ୍ଷତିପୂରଣ ନାମରେ ତୁଷ୍ଟୀକରଣ ପାଇଁ ଅନୈତିକ ଦେୟ ମନେହୁଏ। ନୂଆ ସରକାର ଏହି ଅର୍ଥ ବରାଦ ପୂର୍ବରୁ ସରକାର ୨୦୧୪ ମସିହାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ଅନୁଦାନ ଲବ୍ଧଅର୍ଥରେ ପ୍ରକାଶିତ 'ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥାଦିଙ୍କର ଦର୍ଶନ ଓ ସ୍ପର୍ଶ ନିର୍ଣ୍ଣୟ' ପୁସ୍ତକଟିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ଆବଶ୍ୟକ ଥିଲା। ଏହା ସତ୍ୟ ଯେ ଶ୍ରୀମନ୍ଦିରରେ ସେବକକୃତ କିଛି ଅଘଟଣ ଯୋଗୁ ଶ୍ରୀଜୀଉମାନଙ୍କ ନୀତି ବିଳମ୍ବିତ ହେଲେ ସେମାନେ କୁହନ୍ତି ଯେ ସବୁ କାଳିଆର ଇଚ୍ଛା। ରଥାରୂଢ଼ ଶ୍ରୀଜୀଉମାନଙ୍କ ଦର୍ଶନ ଓ ସ୍ପର୍ଶ ନିଷେଧ ଯେ କାଳିଆର ସାଙ୍କେତିକ ନିର୍ଦ୍ଦେଶ ଥିଲା ଏହାକୁ କିନ୍ତୁ ସମ୍ପୃକ୍ତ ସେବକ ଗୋଷ୍ଠୀ ସ୍ୱୀକାର ନ କରିବା ଦୁର୍ଭାଗ୍ୟଜନକ।

କିଛି ଦଶନ୍ଧି ପୂର୍ବରୁ କୌଣସି ଭକ୍ତ ରଥାରୂଢ଼ ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ରଥ ଉପରକୁ ଯାଉ ନ ଥିଲେ। ସମୟକ୍ରମେ ରଥାରୂଢ଼ ଶ୍ରୀଜୀଉମାନଙ୍କ ଦର୍ଶନ ସହ ସ୍ପର୍ଶ ମାନସିକତା ଯୋଗୁ ରଥ ଉପର ଲୋକାରଣ୍ୟ ହେଲା। ରଥରେ ନାନା ଅଭାବନୀୟ ପରିସ୍ଥିତି ସହ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗ ବିବର୍ଣ୍ଣ ଓ ବିଦୀର୍ଣ୍ଣ ହେଉଥିଲା। ଅପରପକ୍ଷରେ ରଥ ଉପରକୁ ଯାଇ ପାରୁ ନ ଥିବା ବା ଯିବାକୁ ଉଚିତ ମନେକରୁ ନ ଥିବା ଆବାଳ ବୃଦ୍ଧବନିତା ନିର୍ନିମେଷ ନୟନରେ ଚାହିଁ ରହୁଥିଲେ ମଧ୍ୟ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଦର୍ଶନରୁ ବଞ୍ଚିତ ହେଉଥିଲେ। ରଥ ଉପରକୁ ଯିବା ପାଇଁ ଅଦମ୍ୟ ଇଚ୍ଛାରେ ଅନେକେ ରଥ ପାର୍ଶ୍ୱରେ ଥିବା ଦେବଦେବୀଙ୍କ ଉପରେ ଗୋଡ଼ ଦେବାକୁ ମଧ୍ୟ ପଛାଉ ନ ଥିଲେ।

ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଭକ୍ତଙ୍କ ସୁବିଧା ଆଳରେ ସେବକଙ୍କ ଆର୍ଥିକ ଲାଭ ପାଇଁ ଧାର୍ମିକ ଦିଗକୁ ଅଣଦେଖା କରି ୨୦୦୬ରୁ ରଥ ଉପରକୁ ଯିବା ପାଇଁ ଲୁହା ଶିଡିର ବ୍ୟବସ୍ଥା କରିଦେଲେ। ୨୦୧୧ ମସିହା ରଥଯାତ୍ରା ବେଳେ କୌଣସି କାରଣରୁ ପୋଲିସ ଓ ସେବକଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ରାଜ୍ୟ ଆଇନ ବିଭାଗ ତଦନ୍ତ ବିବରଣୀ ତର୍ଜମା କରି ତା୨୩।୩।୨୦୧୨ରିଖ ଚିଠି ଦ୍ୱାରା ରଥରେ ଲୁହା ଶିଡି ନ ଲଗାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାସହ ସମସ୍ତେ ରଥ ତଳେ ରହି ଶ୍ରୀଜୀଉମାନଙ୍କ ଦର୍ଶନ କରିବା ପାଇଁ ଜଣାଇଲେ। କିନ୍ତୁ ୧୩।୬।୨୦୧୨ରେ ଶ୍ରୀମନ୍ଦିର ପରିଚାଳନା କମିଟି ଆଇନ ବିଭାଗର ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ନିଷ୍ପତ୍ତିକୁ ସମ୍ପୃକ୍ତ ସେବକମାନେ ଅସହଯୋଗର ଧମକ ଦେଇ ରାତାରାତି ପ୍ରତ୍ୟାହାର କରାଇବାରେ ସକ୍ଷମ ହେଲେ। ସେମାନେ ବୋଧହୁଏ ଶ୍ରୀଜୀଉମାନଙ୍କ ସାଙ୍କେତିକ ନିର୍ଦ୍ଦେଶ ବୁଝିବାରେ ଅକ୍ଷମ ଥିଲେ। ଫଳତଃ ସେ



ବର୍ଷ ରଥ ଉପରେ ଚଢିଥିବା ଜଣେ ବିଦେଶିନୀଙ୍କୁ ସେବକଙ୍କ ଅଶାଳୀନ ଆଚରଣ ଅନ୍ତର୍ଜାତୀୟ ଖବର ହୋଇଗଲା। ଏହା ଏକ ଧାର୍ମିକ ପ୍ରସଙ୍ଗ ହୋଇଥିବାରୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଗୋର୍ଦ୍ଧନ ପୀଠାଧୀଶ ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଏ ସମ୍ପର୍କରେ ଠିକ୍ ନିର୍ଣ୍ଣୟ ପାଇଁ ପରିଚାଳନା କମିଟିର ନିଷ୍ପତ୍ତିରେ ଲିଖିତ ଅନୁରୋଧ କରାଗଲା। ପ୍ରସଙ୍ଗ ରହିଲା, 'ବିଧର୍ମାବଲମ୍ବୀ/ଅଣହିନ୍ଦୁ ରଥ ଉପରକୁ ଯିବା ବିଷୟରେ କୌଣସି ଶାସ୍ତ୍ରୀୟ ପ୍ରତିବନ୍ଧକ ଅଛି ନା ନାହିଁ'। କିନ୍ତୁ ଗୁରୁଜୀଙ୍କ ଆମନ୍ତ୍ରଣରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କିଛି ସଭ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟିର ସଭ୍ୟ, ଶ୍ରୀମନ୍ଦିର ସେବକ ନିଯୋଗ, ଶ୍ରୀମନ୍ଦିର ନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ ନେଇ ଯେଉଁ ବୈଠକ ହେଲା ସେଥିରେ ମତପ୍ରକାଶ ପାଇଲା ଯେ ଶାସ୍ତ୍ରୀୟ ବ୍ୟବସ୍ଥା ଏବଂ ପ୍ରତିଷ୍ଠିତ ପରମ୍ପରା ଅନୁସାରେ କେବଳ ଅଣହିନ୍ଦୁ କାହିଁକି, ରଥ ଉପରକୁ ସେବା ସମ୍ପୃକ୍ତ ସେବକ ଓ କର୍ମଚାରୀମାନଙ୍କ ବ୍ୟତୀତ ଅନ୍ୟ କେହି ଯିବାର ବିଧାନ ନାହିଁ। ତେଣୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ମୂଳ ଚିଠିକୁ ପରିବର୍ତ୍ତନ କରି ରଥ ଉପରକୁ ଯିବାକୁ କେଉଁମାନେ ଅଧିକୃତ ଓ ଅନଧିକୃତ ତାର ନିର୍ଣ୍ଣୟ ଦେବାକୁ ତା୨୩।୮।୨୦୧୩ ରିଖର ପତ୍ର ମାଧ୍ୟମରେ ପୁନଃ ଅନୁରୋଧ କଲେ। ଶଙ୍କରାଚାର୍ଯ୍ୟ ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ବୃନ୍ଦ, ବିଭିନ୍ନ ସେବକ ନିଯୋଗର ପ୍ରତିନିଧି, ମୁକ୍ତିମଣ୍ଡପ ପଣ୍ଡିତ ସଭା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସନ୍ଥ ପଣ୍ଡିତ, ଗବେଷକ, ଜିଲା ଏବଂ ଉଚ୍ଚ ନ୍ୟାୟାଳୟ ଅଧିବକ୍ତା ସଂଘର ପ୍ରତିନିଧିଙ୍କ ସହିତ ଆଲୋଚନା ସହ ଶ୍ରୀମନ୍ଦିରର ଦୁଇଶହ ବର୍ଷର ଲିଖିତ ବିବରଣୀ ଏବଂ ନଥିପତ୍ର, ବିଭିନ୍ନ ଶାସ୍ତ୍ର ଆଧାରରେ ଏହାର ନିର୍ଯାସ ନିର୍ଣ୍ଣୟ ନେଇଥିଲେ ତାହା ସେହି ପୁସ୍ତକରେ ବିଭିନ୍ନ ଅଧ୍ୟାୟରେ ଦର୍ଶାଯାଇଛି।

ପ୍ରଥମ ଅଧ୍ୟାୟରେ ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତି, ଦ୍ୱିତୀୟ ଅଧ୍ୟାୟରେ ଶ୍ରୀଗୋର୍ଦ୍ଧନ ପୀଠ ଆନୁକୂଲ୍ୟରେ ବିଚାର ଗୋଷ୍ଠୀର ବିବରଣୀ, ତୃତୀୟ ଅଧ୍ୟାୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତ, ଚତୁର୍ଥ ଅଧ୍ୟାୟରେ ବିଶିଷ୍ଟ ସନ୍ଥ ଓ ପଣ୍ଡିତମାନଙ୍କର ମତ, ପଞ୍ଚମ ଅଧ୍ୟାୟରେ ଦେଉଳ ପୁରୋହିତ ଛତିଶା ନିଯୋଗର ମହାନାୟକ ଏବଂ ପୂଜାପଣ୍ଡା ପୁଷ୍ପାଳକ ପ୍ରତିହାରୀ ସେବକ ନିଯୋଗର ଲିଖିତ ମତ ରହିଛି। ସୂଚନାଯୋଗ୍ୟ ଯେ ଦଇତା ନିଯୋଗର କର୍ମକର୍ତ୍ତା ଗୋଟିଏ ବୈଠକରେ ରଥାରୂଢ଼ ଶ୍ରୀଜୀଉମାନଙ୍କ ଦର୍ଶନ ଓ ସ୍ପର୍ଶ ସପକ୍ଷରେ ମତ ରଖିଥିଲେ ବି ଲିଖିତ ଆକାରରେ କୌଣସି ମତ ନ ଦେଇ ବିଭିନ୍ନ ଖବରକାଗରେ ପ୍ରକାଶିତ ସେମାନଙ୍କର ମତ ଓ ମନ୍ତବ୍ୟ ଷଷ୍ଠ ଅଧ୍ୟାୟରେ ସନ୍ନିବେଶିତ ହୋଇଛି। ରଥ ଉପରେ ଶ୍ରୀଜୀଉମାନଙ୍କର ସ୍ପର୍ଶ ଓ ଦର୍ଶନରୁ କିଛି ଆୟ ହୁଏ ନାହିଁ ବରଂ ଭକ୍ତ ଓ ଭଗବାନଙ୍କୁ ସେମାନେ ମିଶାଇ ଥାଆନ୍ତି ବୋଲି ମତ ଦେବା ସହ ଏହାକୁ ବନ୍ଦ କଲେ ଭୟଙ୍କର ପରିଣାମର ଚେତାବନୀ ମଧ୍ୟ ଦେଇଥିଲେ। ସପ୍ତମ ଅଧ୍ୟାୟରେ ଭକ୍ତଙ୍କ ଭାବନା, ଅଷ୍ଟମ ଅଧ୍ୟାୟରେ ପ୍ରାମାଣିକ ତଥ୍ୟମାନଙ୍କର ଉଦ୍ଧୃତାଂଶ, ନବମ ଅଧ୍ୟାୟରେ ସର୍ବୋଚ୍ଚ ନ୍ୟାୟାଳୟ ନିଷ୍ପତ୍ତିର ଉଦ୍ଧୃତାଂଶ ଏଂ ଦଶମ ଅଧ୍ୟାୟରେ ଅଠତିରିଶଟି ଶାସ୍ତ୍ର ପୁରାଣର ନାମ ସହ ୧୮୦୫ ମସିହାର ଚାର୍ଲ୍ସ ଗ୍ରୋମଙ୍କ ବିବରଣୀ, ବେଙ୍ଗଲ ଜିଲା ଗେଜେଟିଅର ପୁରୀ ଏବଂ ଶ୍ରୀମନ୍ଦିର ଆଇନ ୧୯୫୨, ୧୯୫୫ ଆଦି ସହାୟକ ଗ୍ରନ୍ଥ ସୂଚୀର ତାଲିକା ରହିଛି। ସରକାର ସେମାନଙ୍କ ତୁଷ୍ଟୀକରଣ ପାଇଁ ରାଜ୍ୟବାସୀଙ୍କ ଟିକସ ବା ଭକ୍ତଙ୍କ ଦାନ ଅର୍ଥରୁ କ୍ଷତିପୂରଣ ଦେବା କେତେଦୂର ଯଥାର୍ଥ ତାହା ବିଚାରଯୋଗ୍ୟ।

**୧୧୩ ଗୁଣ୍ଡିଚା ବିହାର ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ଅନାଥଙ୍କ ସାହାରା ପାଲଟିଛନ୍ତି ଲାମା ଥୁପଟେନ ଫୁନଷ୍ଟୋକ। ଅରୁଣାଚଳ ପ୍ରଦେଶରେ ସେ ମଞ୍ଜୁଶ୍ରୀ ବିଦ୍ୟାପୀଠ ପ୍ରତିଷ୍ଠା କରି ୩୦୦ ଅନାଥ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ସେଠାରେ ପିଲାମାନେ ରହୁଛନ୍ତି, ଖାଉଛନ୍ତି ଓ ପଢୁଛନ୍ତି। ତାୱାଙ୍ଗ ଜିଲାର ପାହାଡ଼ିଆ ଅଞ୍ଚଳର ଏକ ଛୋଟ ଗାଁରେ ଏହି ସ୍କୁଲ ଚାଲିଛି। ସେ ୧୯୮୮ରେ ଏକ ଝୁପୁଡ଼ିରେ ୧୭ ଜଣ ଅନାଥ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ କରିଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧିପାଇ ୩୦୦ରେ ପହଞ୍ଚିଲାଣି। ସ୍କୁଲଟି ସିବିଏସ୍‌ଇରେ ପଞ୍ଜୀକୃତ ହୋଇଛି । ଏଠାରେ ୧୦ ଶ୍ରେଣୀ ଯାଏ ପିଲା ପଢୁଛନ୍ତି। ଏମାନେ ଅରୁଣାଚଳ ପ୍ରଦେଶର ବିଭିନ୍ନ ଜିଲାରୁ ଆସିଛନ୍ତି। ସ୍କୁଲରେ ୩୭ ଜଣ ଷ୍ଟାଫ୍ ଅଛନ୍ତି । ଲାମା ନିଜେ ପିଲାଙ୍କୁ ବି ପଢ଼ାଉଛନ୍ତି। ଲାମା ଜଣେ ମେଧାବୀ । ସେ ତିବ୍ବତୀୟ ଭାଷାରେ ପିଏଚ୍.ଡି କରିଛନ୍ତି। ସେ ପ୍ରଥମେ ଏକ ପବ୍ଲିକ ସ୍କୁଲରେ ଶିକ୍ଷକ ଭାବେ କାମ କରୁଥିଲେ। ସେଥିରୁ ଅର୍ଥ ସଞ୍ଚୟ କରି ଅନାଥଙ୍କ ପାଇଁ ସ୍କୁଲ ଆରମ୍ଭ କରିଥିଲେ। ସବୁ ବିଷୟ ସହିତ ବୁଦ୍ଧିଷ୍ଟ ଫିଲୋଶଫି ସହ ସ୍ଥାନୀୟ ଭାଷା ମଧ୍ୟ ପଢ଼ାଯାଉଛି। ଏହି ସ୍କୁଲରୁ ପିଲା ପାସ୍ କରି ଆଇନଜୀବୀ, ଆଇଏଏସ୍ ଅଧିକାରୀ ହୋଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ଜାନୁଆରୀ ୧୯୭୬**

- ଜାତୀୟକରଣ କରାଯାଇଥିବା କୋଇଲା ଖଣିଗୁଡ଼ିକର ନିରାପତ୍ତା ପାଇଁ କେନ୍ଦ୍ର ଶକ୍ତି ମନ୍ତ୍ରୀ କେ.ସି. ପନ୍ଥ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।
- ସିକିମର କଂଗ୍ରେସ ସଦସ୍ୟ ଏଲ୍. ସୋଲେମାନ ସାରିଙ୍ଗ ରାଜ୍ୟସଭାର ସଭ୍ୟ ରୂପେ ଶପଥ ଗ୍ରହଣ କରିଛନ୍ତି।
- ବିଶିଷ୍ଟ ସାମ୍ବାଦିକ ଏ.ଟି. ଚନ୍ଦ୍ରମୋହନଙ୍କ ୫୪ ବର୍ଷ ବୟସରେ ପରଲୋକ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | |
| | 1 | 7 | | | | | | |
| 4 | 8 | | 7 | 5 | | | | 9 |
| | 4 | 8 | | 6 | | 5 | 7 | |
| | 9 | | 8 | | 1 | | | |
| 6 | | | | | | | | |
| | | | | 1 | 3 | 6 | | 2 |
| | 3 | | | | | | 9 | 8 |
| 2 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 3 | 9 | 1 | 6 | 2 | 7 | 8 |
| 8 | 1 | 7 | 2 | 5 | 4 | 6 | 9 | 3 |
| 9 | 2 | 6 | 8 | 7 | 3 | 4 | 1 | 5 |
| 5 | 4 | 9 | 3 | 2 | 1 | 8 | 6 | 7 |
| 7 | 8 | 1 | 6 | 4 | 9 | 5 | 3 | 2 |
| 3 | 6 | 2 | 5 | 8 | 7 | 1 | 4 | 9 |
| 2 | 9 | 4 | 7 | 6 | 5 | 3 | 8 | 1 |
| 1 | 3 | 8 | 4 | 9 | 2 | 7 | 5 | 6 |
| 6 | 7 | 5 | 1 | 3 | 8 | 9 | 2 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜନ ପ୍ରତିନିଧିଙ୍କ ଦୁର୍ନୀତି

ମହାଶୟ,

ଆମ ଦେଶରେ ଅନେକ ଦୁର୍ନୀତିଖୋର ନେତା ରାଜନୀତିକୁ ସର୍ବାଧିକ ଲାଭଜନକ ପାରିବାରିକ ପେସା ଭାବେ ଗ୍ରହଣ କରି ଦେଶର ପ୍ରାକୃତିକ, ଖଣିଜ ଓ ଅନ୍ୟାନ୍ୟ ସମ୍ପଦକୁ ଲୁଣ୍ଠନ କରିଚାଲିଛନ୍ତି। କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପିକାର ସଦସ୍ୟ ଓ ମନ୍ତ୍ରୀ ହୋଇ ପ୍ରାପ୍ତ ରାଜନୈତିକ ତଥା ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଦେଶକୁ ଶୋଷଣ କରିଆସୁଛନ୍ତି। ଦେଶର ବିଳମ୍ବିତ ଓ ପ୍ରଭାବିତ ନ୍ୟାୟିକ ପ୍ରକ୍ରିୟା ଗୋଳିଆ ପାଣି ସଦୃଶ ଏମାନଙ୍କୁ ଖସି ଯିବାରେ ସାହାଯ୍ୟ କରୁଛି। ଏମାନଙ୍କ ପାଇଁ ଦେଶ ଓ ଦେଶବାସୀଙ୍କର ସର୍ବନାଶ ହୋଇଚାଲିଛି। ଖଣିଜ ଓ ପ୍ରାକୃତିକ ସମ୍ପଦର ନିରନ୍ତର ଲୁଣ୍ଠନ ଚାଲିଛି। ସ୍ୱାଧୀନତାର ୭୭ ବର୍ଷ ଅତିକ୍ରାନ୍ତ ପରେ ବି ଗରିବ ଲୋକେ ଅଖାଦ୍ୟ ଖାଇ ଓ ଦୂଷିତ ଜଳ ପାନକରି ଅକାଳ ମୃତ୍ୟୁ ଲଭୁଛନ୍ତି। ଶିଳ୍ପପତି ଓ ପୁଞ୍ଜିପତିମାନେ ଦୈନିକ ହଜାର ହଜାର କୋଟି ଟଙ୍କା ଶୋଷଣ କରିଚାଲୁଛନ୍ତି।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଅହେତୁକ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜିଠାରେ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ କରାଯାଇଥିବା ବିକ୍ଷୋଭ ସମାବେଶରେ ନେତା ଓ କର୍ମୀମାନେ।

# ବିରୋଧୀ ଜାଣି ନାହାନ୍ତି, ବିରୋଧ କାହାକୁ

ଭୁବନେଶ୍ୱର,୬।୧(ଅନିଲ ଦାସ)

ନିଜକୁ ମୁଖ୍ୟ ବିରୋଧୀ ଦଳ ବୋଲାଉଥିବା ବିଜୁ ଜନତା ଦଳ ତରଫରୁ ରାଜଧାନୀରେ ଏକ ଜନସମାବେଶର ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରି ରାଜ୍ୟ ସରକାରଙ୍କୁ ଏହି ତ୍ରୁଟି ପାଇଁ ଉତ୍ତରଦାୟୀ କରିବା। ସାଧାରଣ ନିର୍ବାଚନର ୬ ମାସ ପରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ଦଳୀୟ ନେତା କର୍ମୀ ଯୋଗାଡ଼ କରି ସମାବେଶକୁ ସଫଳ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଜେଡି କାହାକୁ ବିରୋଧ କରିଛି ସେ ନେଇ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଦଳର ଶୀର୍ଷ ନେତୃତ୍ୱଠାରୁ ଆରମ୍ଭ କରି ନିଜକୁ ଆଗଧାଡ଼ିର ବୋଲାଉଥିବା ନେତାମାନେ ମଧ୍ୟ ନିଜ ଭାଷଣରେ କାହାକୁ ବିରୋଧ କରୁଥିଲେ ସେ ବିଷୟରେ କୌଣସି ନାମ ଉଲ୍ଲେଖ କରି ନ ଥିଲେ। ଏହା ଫଳରେ ଉପସ୍ଥିତ କର୍ମୀ ଓ ଦଳୀୟ ସମର୍ଥକମାନେ ନିଜର ସ୍ଥିତି ବୁଝିପାରି ନ ଥିଲେ ବୋଲି ସଭା ସ୍ଥଳରେ ଆଲୋଚନା ହେଉଥିଲା। ବିଜେଡି ଶାସନରେ ଥିବା ବେଳର ବିକ୍ଷୋଭ ଏବଂ ଏବର ବିକ୍ଷୋଭ ଭିତରେ ସେଭଳି କିଛି ଫରକ ଥିବାଭଳି ମନେହେଉ ନାହିଁ। ଗତ ୧୧ ବର୍ଷ ତଳେ ଶାସନ ଗାଦିରେ ଥିବାବେଳେ ବିଜେଡି କେନ୍ଦ୍ର ସରକାରଙ୍କ ବିରୋଧରେ ଯେଭଳି ଲୋକଦେଖାଣିଆ ବିକ୍ଷୋଭ କରୁଥିଲା ଆଜିର ବିକ୍ଷୋଭକୁ ଦେଖିଲେ ସେଭଳି କିଛି ପରିବର୍ତ୍ତନ ଦେଖିବାକୁ ମିଳି ନ ଥିବା ନେଇ ଆଲୋଚନା ହେଉଛି।

ଏହି ସମାବେଶରେ ଯୋଗଦେଇ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜୁନ୍ ମାସରେ ଭାଜପା ସରକାର ଗଠନ ହେବାର ୭ ମାସ ପରେ ହୋଇଗଲାଣି। କେବଳ ଲମ୍ବା ଲମ୍ବା ଭାଷଣ ଛଡ଼ା କାମଧର ଶୂନ ହୋଇଛି। ଦରଦାମ୍ ବଢ଼ି ବଢ଼ି ଚାଲିଛି। କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଏ ସରକାର ଲୋକଙ୍କ ସରକାର ବୋଲି ଦାବି କରୁଛି। କିନ୍ତୁ ଲୋକଙ୍କ ସୁଖ ଦୁଃଖ ସହ ଏ ସରକାରର ସମ୍ପର୍କ ଥିବାପରି ଜଣାପଡୁନାହିଁ। ଡାଲି, ଲୁଣ, ପରିବା, ଗ୍ରୋସରିଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏବେ ଆକାଶଛୁଆଁ। ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ଆଈ ମା' କାହାଣୀ କହି ସରକାର ଖୁସି ହେଉଛନ୍ତି। ସାଧାରଣ ଲୋକ ବଞ୍ଚିବା କଷ୍ଟକର ହୋଇଗଲାଣି। ଅଦିନିଆ ବର୍ଷା ଯୋଗୁ ଫସଲ ହାନି ଘଟିଛି। ପ୍ରତିଦିନ ଚାଷୀ ଆତ୍ମହତ୍ୟା କରୁଛନ୍ତି। ବୋଝ ଉପରେ ଏହା ନଳିତା ବିଡ଼ା ପରି ହୋଇଛି। କିନ୍ତୁ ନେତାଙ୍କ ସମୟ ନିଜ ପ୍ରମୋଶନରେ ବିତୁଛି। ହାଟ ବଜାରରେ ଲୋକ ପ୍ରତିଦିନ ଅଶାନ୍ତି। ମା'ମାନେ କାନ୍ଦୁଛନ୍ତି। ଚାଷୀ କାନ୍ଦୁଛନ୍ତି। କିନ୍ତୁ ଏ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ମିଛ କଥା କହି, ମିଛ ପ୍ରତିଶ୍ରୁତି ଦେଇ ଏ ସରକାର କ୍ଷମତାକୁ ଆସିଛି। ବିଜେଡିଠାରୁ କମ୍ ଭୋଟ ପାଇ ଏ ସରକାର କ୍ଷମତାକୁ ଆସିଛି। ଡବଲ ଇଞ୍ଜିନ ଲୋକଙ୍କ ଉପରେ ଡବଲ ମାଡ଼ କରୁଛି। ଏପଟେ ଦରବୃଦ୍ଧି ମାଡ଼। ସେପଟେ ଜିଏସ୍‌ଟି ମାଡ଼। ସବୁ ଜିନିଷରେ ଜିଏସ୍‌ଟି। ଗରିବ ଲୋକ ସବୁଠାରୁ ଅଧିକ ଜିଏସ୍‌ଟି ଦେଉଛନ୍ତି। ଭାଜପା ସରକାର ଟେଲରେ ଗୋଲାପି ଚିତ୍ର ଦେଖାଇଲେ କିନ୍ତୁ ଫିଲ୍ମରେ ରିଲିଜ ହେଲା ଏମ୍‌ଏମ୍ ସରକାର, ମହଙ୍ଗା ମାଡ଼ ସରକାର। ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରତିବାଦ ହିଁ ସରକାରଙ୍କ ଅସଲ ଚେହେରା ଖୋଲିଦେବ ବୋଲି ନବୀନ କହିଛନ୍ତି।

ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିଜେଡି ନେତା ତଥା ବିଧାୟକ ଅରୁଣ ସାହୁ କହିଛନ୍ତି, ଏଇ ୬' ମାସରେ ଓଡ଼ିଶା ଲକ୍ଷ୍ମୀଛଡ଼ା ହୋଇଗଲାଣି। କେନ୍ଦ୍ର ସହଯୋଗରେ ଓଡ଼ିଶା ଲକ୍ଷ୍ମୀଛଡ଼ା। ଦରଦାମ୍ ବୃଦ୍ଧି ଘଟିଛି। ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ କହିଛନ୍ତି, ଦୁର୍ଭାଗ୍ୟଜନକ ଭାବେ ଆମେ ବିରୋଧୀ ଦଳରେ ଅଛୁ। କିନ୍ତୁ ଗାଁ ଗହଳିରେ ଲୋକେ କହୁଛନ୍ତି ଆମେ ତ ବିଜେଡିକୁ ଭୋଟ ଦେଇଥିଲୁ। କିନ୍ତୁ ଭାଜପା ସରକାର କଲା କେମିତି। ଲୋକେ ଆଗକୁ ଏହାର ଜବାବ ଦେବେ। ୬ ମାସ ଭିତରେ କେବଳ ରଙ୍ଗ ବଦଳାଇଛନ୍ତି। ବିଜୁବାବୁଙ୍କ ନାଁରେ ଥିବା ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଡବଲ ଇଞ୍ଜିନ୍ ସରକାର ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ବୋଲି ସେ ଅଭିଯୋଗ କରିଛନ୍ତି। ବଦ୍ରି ନାରାୟଣ ପାତ୍ର କହିଛନ୍ତି, ଲୋକ ଭୋଟ ଦେଇ ଆଉ ମୁହଁ ଖୋଲିବା ସ୍ଥିତିରେ ନାହାନ୍ତି। ଗତ ୭ ମାସ ହେବ ଦରଦାମ୍ ହୁ ହୁ ହୋଇ ବଢ଼ି ଚାଲିଛି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ସରକାରୀ ଦଳର ବିଧାୟକ ଓ ଏମ୍‌ପିଙ୍କ ପିସି ଆଦାୟକୁ ଦରଦାମ୍ ବୃଦ୍ଧିର ମୁଖ୍ୟ କାରଣ ବୋଲି କହିଛନ୍ତି। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଆଜି ବିଜୁ ଜନତା ଦଳର ଏହି ବିକ୍ଷୋଭ ଦେଖି ଭାଜପା ନେତାମାନେ ଘର କୋଣରେ ବସିଥିବେ। ଏହି ବିଶାଳ ଶୋଭାଯାତ୍ରା ଦେଖି ସେମାନଙ୍କ ଛାତିରେ ଛନକା ପଶିଛି। ଡବଲ ଇଞ୍ଜିନ ଅର୍ଥ ସବୁଥିରେ ଡବଲ। ଆଳୁ ପିଆଜ ରେଟଠୁ ନେଇ ସବୁ ଡବଲ। ସକାଳ ୯ଟାରୁ ଲୋୟର ପିଏମ୍‌ଜିଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଜେଡି କର୍ମୀଙ୍କର ଭିଡ଼ ଜମିଥିଲା। ଏହି ସମାବେଶରେ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନା, ସଞ୍ଜୟ ଦାସବର୍ମାଙ୍କ ସମେତ ବହୁ ନେତା ଦରଦାମ୍ ବୃଦ୍ଧିକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ସମସ୍ତେ ଏକଜୁଟ ହୋଇ ପ୍ରତିବାଦ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି।

# ବଲେବଲେ ଢାବାକୁ ନେଇ ପୁଣି ରାଜନୀତି

କାଏମା, ୬।୧
(ଶିବ ପ୍ରସାଦ ମହାନ୍ତି)

- ବିଜେଡି ପ୍ରଶ୍ନର ଉତ୍ତର ରଖିଲା ଭାଜପା
- ବଲେବଲେ ଢାବା ଆହାର କେନ୍ଦ୍ରରେ ପରିଣତ ହେବ : ହିମାଂଶୁ

ଯାଜପୁର ଜିଲା ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର ଧର୍ମଶାଳା ଭବନ ପରିସରରେ ଥିବା ବହୁ ଚର୍ଚ୍ଚିତ ବଲେବଲେ ଢାବାକୁ ନେଇ ପୁଣି ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧର୍ମଶାଳା ଗସ୍ତରେ ଆସିଥିବା ବେଳେ ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନ ପରିସରରେ ଥିବା ବହୁ ଚର୍ଚ୍ଚିତ ବଲେବଲେ ଢାବାକୁ ଯାଇଥିଲେ ବୋଲି ବିଜେଡିର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ଘଟଣାକୁ ନେଇ ସେ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ବଳବନ୍ତରାୟ କହିଛନ୍ତି, ପୂର୍ବରୁ ଏହି ବଲେବଲେ ଢାବାକୁ ରଙ୍ଗଶାଳା ନାଁ ଦିଆଯିବା ସହ ଏଠାରେ ଅନୈତିକ କାର୍ଯ୍ୟ କରାଯାଉଥିବା ବୋଲି କୁହାଯାଉଥିଲା। କିନ୍ତୁ ୪ ତାରିଖରେ ମୁଖ୍ୟମନ୍ତ୍ରୀ ଧର୍ମଶାଳା ମହୋତ୍ସବରେ ଯୋଗଦେବାକୁ ଆସିଥିଲେ। ଏହାପୂର୍ବରୁ ସେହି ବିବାଦୀୟ ବଲେବଲେ ଢାବାକୁ ସେ କ'ଣ ପାଇଁ ଯାଇଥିଲେ ବୋଲି ବଳବନ୍ତରାୟ ପ୍ରଶ୍ନ କରିଛନ୍ତି।

ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ ହିମାଂଶୁ କହିଛନ୍ତି, ୨୪ବର୍ଷର ବଂଶବାଦ ଶାସନ ଚାଲିଯିବା ପରେ ପୂର୍ବତନ ବିଧାୟକ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଧର୍ମଶାଳା ଭବନ ପରିସରରେ ରହିଛି ବଲେବଲେ ଢାବା। ମୁଖ୍ୟମନ୍ତ୍ରୀ ଧର୍ମଶାଳା ଭବନ ଯାଇଥିଲେ। ତେଣୁ ବଳବନ୍ତରାୟ ମିଛ ନ କହି ସତକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ ବୋଲି ହିମାଂଶୁ କହିଛନ୍ତି। ଧର୍ମଶାଳାରେ ସରକାରୀ ଟଙ୍କାରେ ନିର୍ମିତ ଫୁଡ୍ କୋର୍ଟକୁ ବଲେବଲେ ଢାବାରେ ପରିଣତ କରାଯାଇ ସେଠାରେ ଖରାପ କାମ କରାଯାଉଥିଲ। ଖୁବ୍‌ଶୀଘ୍ର ସେଠାରେ ଗରିବ ଲୋକମାନଙ୍କ ପାଇଁ ମାଗଣା ଖାଦ୍ୟ ବା ଆହାର କେନ୍ଦ୍ର କରାଯିବା ପାଇଁ କାମ ଆରମ୍ଭ ହୋଇଛି ବୋଲି ହିମାଂଶୁ କହିଛନ୍ତି। ସେହିପରି ଏହି ଘଟଣାକୁ ଭାଜପା ଜିଲା ସଭାପତି ଗୌତମ ରାୟ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ବଲେବଲେ ଢାବା ନୁହେଁ ବରଂ ଧର୍ମଶାଳା ଭବନ ଯାଇଥିବା କହିଛନ୍ତି।

ଅନ୍ୟପକ୍ଷେ ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନିର୍ବାଚନରେ ପରାଜୟ ପରଠାରୁ ତାଙ୍କର ସେମିତି ଦେଖା ମିଳୁ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଧର୍ମଶାଳା ଗସ୍ତ ବେଳେ ସେ ସଭାରେ ନ ଥିଲେ। କୌଣସି ଜରୁରୀ କାମ ପାଇଁ ସେ ଉପସ୍ଥିତି ହୋଇ ନ ଥିବା ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ସୋମବାର ଏକ ଖବରଦାତା ସମ୍ମିଳନୀ ଡାକି ସେ ବିଜେଡିକୁ ସମାଲୋଚନା କରିଛନ୍ତି। ବଳବନ୍ତରାୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯେଉଁଭଳି ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସ୍ମୃତିରେଖା କହିଛନ୍ତି।

# ରାୟଗଡ଼ାରେ ଶୀଘ୍ର ମେଡିକାଲ କଲେଜ: ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୬।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ରେଳ ଡିଭିଜନ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝି ଯୋଗଦେଇ ରାୟଗଡ଼ା ଠାରେ ମେଡିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି। ଶୀଘ୍ର ଜିଲାବାସୀ ଖୁସି ଖବର ପାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ଅଗ୍ରଗତି ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଗଣମାଧ୍ୟମକୁ ସମ୍ବୋଧିତ କରିବା ସମୟରେ ମଧ୍ୟ ମେଡିକାଲ କଲେଜ ସ୍ଥାପନା ସମ୍ପର୍କରେ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ମଞ୍ଚରେ ଅଭିଭାଷଣ ରଖି ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଓ ବିଧାୟକ ଆପଲାସ୍ୱାମୀ କାଡ୍ରାକା ମେଡିକାଲ କଲେଜ ସ୍ଥାପନା ପାଇଁ ଦାବି କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ମେଡିକାଲ କଲେଜ ହେବ ବୋଲି ଘୋଷଣା କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ.: ଇ-ସିପିଏମ୍-ଜିଏସ୍ୟୁ-ଏଡିଆର୍‌ଏ-୦୧-୨୦୨୫ ତାରିଖ: ୦୩।୦୧।୨୦୨୫। ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ଜିଏସ୍ୟୁ/ଦ.ପୂ. ରେଳପଥ/ଆଦ୍ରା ନିମ୍ନଲିଖିତ କାର୍ଯ୍ୟ ପାଇଁ ୦୧ (ଏକ) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ବର୍ଣ୍ଣନା:** ଚାନ୍ଦିଲ-ପୁରୁଲିଆ ଜଂ.- ପୁରୁଲିଆ ଓ ଚାନ୍ଦିଲ ଷ୍ଟେଶନଠାରେ ୫୦ କେ ଗାଲନ୍ ଓଭରହେଡ୍ ଆର୍‌ସିସି ଟାଙ୍କିକୁ ବଦଳାଇବା। ଟେଣ୍ଡର ମୂଲ୍ୟ: ₹୪,୬୭,୯୪,୧୪୯.୪୪। ଇ-ଟେଣ୍ଡରର ସମାପ୍ତି ତାରିଖ ଓ ସମୟ ତା୨୯।୦୧।୨୦୨୫ରିଖ, ୧୫.୦୦ ଘଟିକା। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ **www.ireps.gov.in**ରେ ଦେଖାଯାଇପାରିବ। **(PR-984)**

# ‘ଭୁବନେଶ୍ୱର ଚାଲ’ରୁ ଦୂରେଇ ରହିଲେ ପାରାଦୀପ ନଗର ସଭାପତି



ରାଲିରେ ସାମିଲ ହୋଇଥିବା ଅରିନ୍ଦମ ସର୍ଖେଲ ଓ ସମର୍ଥକମାନେ।

## ତୁଟୁନି ବିଜେଡି ବିବାଦ

ପାରାଦୀପ,୬।୧(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ରାଜନୀତି କ୍ରମଶଃ ବିବାଦୀୟ ହେବାରେ ଲାଗିଛି। ୨୦୧୯ରୁ ଚାଲି ଆସିଥିବା ବିବାଦ ୨୦୨୪ ନିର୍ବାଚନ ପରେ ଅଧିକ ହେଲାଣି ବୋଲି ଆଲୋଚନା ହେଉଛି। ସୋମବାର ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ବିଜେଡି ଡାକରା ଦେଇଥିବା ଭୁବନେଶ୍ୱର ଚାଲ ଅଭିଯାନରେ ପାରାଦୀପ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ତାଙ୍କ ସମର୍ଥକମାନେ ଦୂରେଇ ରହିଛନ୍ତି। ସେମାନେ ରାଲିରେ ସାମିଲ ହୋଇନାହାନ୍ତି। ଅପରପକ୍ଷେ ପାରାଦୀପ ବିଜେଡି ରାଲି ନେତୃତ୍ୱ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ କଂଗ୍ରେସରୁ ଆସି ଦଳରେ ମିଶିଥିବା ଅରିନ୍ଦମ ସର୍ଖେଲ (ବାପି)ନେଇଛନ୍ତି। ଏ ସମ୍ପର୍କରେ ସମ୍ବିତ କୁହନ୍ତି, ଆମର ନେତା ହେଲେ ନବୀନ ପଟ୍ଟନାୟକ। ତାଙ୍କ ଡାକରାରେ ଆମେ ରାଲିରେ ଯାଉଛୁ। ନିର୍ବାଚନ ପରେ ଏବେ ଦଳ ପ୍ରଥମ କରି ଲୋକଙ୍କ ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇଛି। ମାତ୍ର ଦଳରେ ଯେଉଁମାନେ ଢୋଲ ଭିତରେ ମୂଷା ଭଳି କାମ କରିଥିଲେ ସେମାନେ ଯାଇନାହାନ୍ତି। ଏ ସମ୍ପର୍କରେ ନଗର ସଭାପତି ବିଶ୍ୱାଳ କୁହନ୍ତି, ଦଳର କାର୍ଯ୍ୟକ୍ରମ ହୋଇଛି। ମୋର ଯିବାର ଥିଲା। ଜରୁରୀ କାମ ଯୋଗୁ ଯାଇ ପାରିନାହିଁ। ସୋମବାର ପାରାଦୀପରୁ ଯାଇଥିବା ଲୋକଙ୍କ ମଧ୍ୟରେ ସର୍ଖେଲଙ୍କ ସମର୍ଥକ ଅଧିକ ଥିବା ଜଣାପଡିଛି।

# ଅଞ୍ଚଳର ବିକାଶ ପାଇଁ ଦାବି କଲେ ଏମ୍‌ପି ସପ୍ତଗିରି

ରାୟଗଡ଼ା,୬।୧
(ଆଶିଷ ରଞ୍ଜନ ପଣ୍ଡା)

- ମେଡିକାଲ କଲେଜ ସମେତ ଡାକ୍ତର ପଦବୀ ପୂରଣ, ଆଇସିୟୁ ଦାବି
- ରେଳ ଡିଭିଜନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ପ୍ରସ୍ତାବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲ ମାଧ୍ୟମରେ ରାୟଗଡ଼ାରେ ରେଳ ଡିଭିଜନ ଶିଳାନ୍ୟାସ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଏହାକୁ ସ୍ୱାଗତ କରିଛନ୍ତି। ହେଲେ ୨୦୧୭-୧୮ ରେ ରାୟଗଡ଼ା ରେଳ ଡିଭିଜନ ହେବା ନେଇ ସ୍ଥିର ହୋଇଥିବାବେଳେ ୨୦୧୯ରେ ଏନେଇ ଘୋଷଣା ହୋଇଥିଲା ବୋଲି ସେ କହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଅଭାବରୁ ୬ ବର୍ଷ ପରେ ଡିଭିଜନ କାର୍ଯ୍ୟକ୍ଷମ ପାଇଁ ଶିଳାନ୍ୟାସ ହେଲା। ଯଦି ସେହି ସମୟରେ ଏହା ହୋଇଥାନ୍ତା ତେବେ ଆଜିର ଦିବସରେ ଡିଭିଜନର ଶୁଭାରମ୍ଭ ହୋଇପାରିଥାନ୍ତା ବୋଲି କହି ଉଲାକା ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଡିଭିଜନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜଣେ ବିଭାଗୀୟ ଅଧିକାରୀଙ୍କୁ ନିଯୁକ୍ତ କରାଯାଇ କାର୍ଯ୍ୟର ରକ୍ଷଣାବେକ୍ଷଣ କରାଗଲେ ଏହା ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବା ସହିତ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଉଲାକା କହିଛନ୍ତି। ସେହିଭଳି ରାୟଗଡ଼ାଠାରେ ମେଡିକାଲ କଲେଜ ସ୍ଥାପନା ନେଇ ଦୀର୍ଘଦିନରୁ ଦାବି ହୋଇଆସିଛି। ହେଲେ ଏହା ଅଦ୍ୟାବଧି ସମ୍ଭବ ହୋଇପାରିନାହିଁ। ଯାହା ହେଉ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଖୁବ ଶୀଘ୍ର ମେଡିକାଲ କଲେଜ ପାଇଁ ଘୋଷଣା କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହା ହେଲେ ରାୟଗଡ଼ା ସମେତ ପଡ଼ୋଶୀ ଜିଲାର ଲୋକେ ମଧ୍ୟ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଏମ୍‌ପି ଉଲାକା କହିଛନ୍ତି। ଏହାସହିତ ଜିଲାରେ ଖାଲି ପଡ଼ିଥିବା ୫୦ ପ୍ରତିଶତ ଡାକ୍ତର ପଦବୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ସୁବିଧା ନ ଥିବା ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିଭଳି ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦରେ ରାୟଗଡ଼ା ଜିଲାରୁ କେହି ପ୍ରତିନିଧିତ୍ୱ କରୁ ନ ଥିବାରୁ ଜିଲାର ବିକାଶ ପାଇଁ ସ୍ଥାନୀୟ ଏକ ପ୍ରତିନିଧି ଚୟନ କରିବାକୁ ମଧ୍ୟ ଉଲାକା ଦାବି କରିଛନ୍ତି।

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. NO. 387 of 2024**

**HDFC BANK LIMITED ............ APPLICANT**
**-VERSUS-**
**DURGA PRASAD TRIPATHY AND OTHERS .....DEFENDANT(S)**

To,
1. **DURGA PRASAD TRIPATHY**, aged about 46 years, S/o-Ghanasyam Tripathy, At-Talasahi, Near Maulimaa Mandir, PO/PS-Malkangiri, City-Jeypore, Dist-Malkangiri, State-Odisha, Pin-764045.
2. **PADMINI TRIPATHY**, aged about 35 years, D/o-Rajkishore Mishra, At-Talasahi, Near Maulimaa Mandir, PO/PS-Malkangiri, City-Jeypore, Dist-Malkangiri, State-Odisha, Pin-764045.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 387 OF 2024** in the court of the Debts Recovery Tribunal Cuttack for recovery of **Rs.33,22,094.24** only together with current and future interest, costs and the other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the publication or on **20.02.2025** at **10.30 a.m.** as to why reliefs prayed for should not granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **19th day of December, 2024**.

**(Nikhila Ranjan Pati)**
**Sd/- Registrar**

**ORISSA STATE AIDS CONTROL SOCIETY** OSACS
**Department of Health & Family Welfare, Govt. of Odisha**

**Tender / Bid No. 4359/OSACS** **Date: 01.01.2025**
File no. : XV-Proc.- 23/2024

**NOTICE INVITING BID**
**FOR SUPPLY OF LABORATORY EQUIPMENTS**

**No.E-636** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Supply of Laboratory Equipments** for the **current Financial Year, which is extendable further for another one year** on the same rates, terms and conditions, with mutual consent of both parties & performance of the bidder. The tender documents in prescribed formats should be submitted to the address as mentioned above through **Registered Post / Speed Post / Courier** only. For more details, please visit website of OSACS i.e. **www.osacs.nic.in** and dowonload the tender documents. The Date of availability of Tender Document is **07.01.2025, 11.00 A.M.** & Last Date & Time of Receiving of Sealed Tender **27.01.2025 upto 5.00 P.M.**

**OIPR-10009/11/0023/2425** **Sd./- Project Director**

**OFFICE OF THE DISTRICT EDUCATION OFFICER, SONEPUR**
**(District Project Management Unit, Sonepur)**
**(PM. POSHAN, Sonepur)**
**Tender Call Notice No.66 Date. 06.01.2025**

Sealed Tenders are invited from the intending registered transport agent having valid **“Carrier License”** for engagement of transport Agent under MDM Programme for transport of Rice from **CWC, Godown to school points in Subarnapur District**. The tender papers for the above purpose containing the term and conditions, cost of tender papers, EMD and statutory requirement can be downloaded from the District web site i.e. www.subarnapur.nic.in or available at DPMU(MDM) Sonepur. The tender papers complete in all respect should reach the office of the **DEO, Sonepur** by Dt. 20.01.2025 before 5.00 P.M. through Registered Post/Speed Post only and the sealed tenders will be opened in the office chamber of DM & Collector, Subarnapur on Date 21.01.2025 at 3.00 P.M. in the presence of bidder or his/her authorized representative. The tender received beyond the date and time mentioned above shall not be taken into consideration. The authority shall not responsible for any postal delay. The Collector, Subarnapur reserves the right to reject/cancelled/withdraw any or all the tenders without assigning any reason thereof and shall bear no liability what so ever consequent upon such decision.

**1. Period of sale of tender documents Date. 06.01.2025 to 20.01.2025 before 5.00 P.M.**
**2. Last Date of receipt tender documents Date 20.01.2025 before 5.00 P.M.**
**3. Date of opening of Technical Bid and Financial Bid Date 21.01.2025 at 3.00 P.M.**

**Sd./-**
**Collector, Subarnapur**

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER MANAGEMENT DIVISION NO. 2, BALODABAZAR (C.G.)**
**CORRIGENDUM NO. 1**

In System Tender No. 162740 N.I.T. No. 07/SAC/24-25, Balodabazar, Dated 13.12.2024 whose G-Number is 04594 Dated 17.12.2024 due to including Chhattisgarh Govt. WRD, Mantralya Mahandi Bhavan, Nawa Raipur - Atal Nagar letter No. 4513/F-7-34/S- 2/31/2006 Nawa Raipur, Dated 25.11.2024, in Tender Document form B (Envelope-C )
following amendments are made :-

| S. No. | Earlier Published | Amendments Now Read as |
|---|---|---|
| 1 | Online tenders are invited for the following work up to 03.01.2025 at 17.30 Hours | Online Tenders are invited for the following work up to 14.01.2025 at 17.30 Hours |
| 2 | Bid Open Start Date and time : 06.01.2025, 11:30 Hours | Bid Open Start Date and time : 15.01.2025, 11:30 Hours |

**Note** : All other terms and conditions will remain be unchanged.

G-242505089/4

**Sd./- Executive Engineer**
**Water Management Division No. 2, Balodabazar**
**For, Chief Engineer, Mahanadi Project, Raipur. (C.G.)**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

ବିରମାଲ ଶାଖା, ବିରମାଲ,
ସା: ବିରମାଲ ଚାରି ଛକ, ପୋ: ବିରମାଲ,
ଜିଲ୍ଲା: ବରଗଡ, ଓଡ଼ିଶା, ପିନ୍ - ୭୬୮୦୨୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା(ମାନ)ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ ସାଙ୍କେତିକ ଦଖଲ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ନିମ୍ନଦର୍ଶିତ ଋଣଗ୍ରହୀତା(ମାନ)ଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **“ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ ତା.୧୪.୦୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ | ସମ୍ପତ୍ତି ସମ୍ବନ୍ଧୀୟ ଆଇନଗତ ମାମଲା | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଯୋଗାଯୋଗ ବ୍ୟକ୍ତି / ଯୋଗାଯୋଗ ନଂ |
|---|---|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀମତୀ ରଜନୀ ଦାଶ,** ସ୍ୱାମୀ: ଶ୍ରୀ ଲୋକନାଥ ଦାଶ, ସା: ଭେଉଁରିଆ, ପୋ: ପଦମପୁର, ଭାୟା: ରାଜବୋଡାସମ୍ବର, ଜିଲ୍ଲା: ବରଗଡ, ପିନ୍ - ୭୬୮୦୩୬ | ଶ୍ରୀମତୀ ରଜନୀ ଦାଶଙ୍କ ନାମରେ ଥିବା ଜମି ଏବଂ ସେଥିରେ ଥିବା ଜି + ୧ ମହଲା ବିଶିଷ୍ଟ ବାସୋପଯୋଗୀ ବିଲ୍ଡିଂ ଯାହାର ପ୍ଲଟ୍ ନଂ.: ୭୭୨/ ୧୬୬୮, ଏମ୍. ଏସ୍. ଖାତା ନଂ.: ୨୪୬/୧୪୩, ମୌଜା: ଭେଉଁରିଆ, ଥାନା / ତହସିଲ: ପଦମପୁର, ଜିଲ୍ଲା: ବରଗଡ, ପିନ୍ - ୭୬୮୦୩୬, ପରିମିତ କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳା ପ୍ରସାଦ ସାହୁଙ୍କ ଜମି, ଦକ୍ଷିଣ: ଡାଲିମ୍ବ ପୁରୋହିତଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ମହେନ୍ଦ୍ର ମିଶ୍ରଙ୍କ ଜମି | ନାହିଁ | ୦୬.୦୧.୨୦୨୫ ସୁଦ୍ଧା ଟ.୧୮,୬୧,୪୩୮/- + ପରବର୍ତ୍ତୀ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ | ଟ.୩୪,୫୧,୦୦୦/- / ଟ.୩,୪୫,୧୦୦/- / ଟ.୩୪,୫୧୦/- | ଶ୍ରୀ ରାଜେନ୍ଦ୍ର କୁମାର, ମୋ.: ୮୭୫୮୨୦୮୧୦୮ |

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍: https://baanknet.com ଦେଖନ୍ତୁ।**

ସ୍ଥାନ: ବରଗଡ଼
ତାରିଖ: ୦୬.୦୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ନାବାଳିକା ଝିଅଙ୍କୁ ବଳାତ୍କାର, ଅଭିଯୁକ୍ତ ବାପାଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୬।୧ (ସୂର୍ଯ୍ୟକାନ୍ତ ବେହେରା)

ନାବାଳିକା ଝିଅଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଅଭିଯୁକ୍ତ ବାପାଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ ତଥା ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍ସୋ-୧) ସୋମବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ସକିଲା ଟୁଡୁଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ସେ ଭୁବନେଶ୍ୱର ଶହୀଦନଗର ଅଞ୍ଚଳରେ ଥିବା ଏକ ବସ୍ତିରେ ରହୁଥିଲେ। ବିଚାରପତି ସରୋଜ କୁମାର ସାହୁ ମାମଲାର ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ୨୩ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ୪ ଜଣ ସାକ୍ଷୀଙ୍କ ବୟାନ ଓ ୨୬ ଦସ୍ତାବିଜକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି।

ପ୍ରାପ୍ତସୂଚନା ଅନୁଯାୟୀ, ଅଭିଯୁକ୍ତ ସକିଲା ପୀଡ଼ିତାଙ୍କ ବାପା। ସେ ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ୪ ମାସ ଧରି ତାଙ୍କ ସହ ଜୋରଜବରଦସ୍ତି ବଳାତ୍କାର କରୁଥିଲେ। ଏନେଇ କାହାକୁ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇ ଆସୁଥିଲେ। ଶେଷରେ ଅଭିଯୁକ୍ତ ବାପା ସକିଲା ନିଜ ଝିଅକୁ ବିବାହ କରିବାକୁ ଜିଦ୍ ଧରିବାରୁ ଏନେଇ ଝିଅ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ୨୦୨୧ ଏପ୍ରିଲ ୯ ତାରିଖରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ମାମଲାର ବିଚାରପ୍ରକ୍ରିୟା ଚାଲୁଥିବାବେଳେ ପୀଡ଼ିତା ନାବାଳିକା ଜଣଙ୍କ ଲୋକଲଜ୍ଜା ଭୟରେ ଆତ୍ମହତ୍ୟା କରିଥିଲେ, ଯାହା ଫଳରେ ମାମଲାର ଗୁରୁତ୍ୱ ବଢ଼ି ଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ରାଜୀବ ସାସ୍ମଲ ଓ ଅତିରିକ୍ତ ପିପି ବଳରାମ ଦେଓ ପରିଚାଳନା କରୁଥିଲେ।

# ଛାତ୍ରୀଙ୍କୁ ବଳାତ୍କାର, ଅଧ୍ୟାପକ ଗିରଫ

କେନ୍ଦୁଝର,୬।୧ (ଦୀପକ ମିଶ୍ର)

କେନ୍ଦୁଝରସ୍ଥିତ ଡିଗ୍ରୀ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଜଣେ ଅଧ୍ୟାପକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ କଲେଜର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ଅଧ୍ୟାପକ ଅମୀୟ ବାଗ ଯାଦବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଧ୍ୟାପକ ଓ ଉକ୍ତ ଛାତ୍ରୀ ଜଣଙ୍କ କଲେଜ କ୍ୟାମ୍ପସ ବାହାରେ ପାଖାପାଖି ଭଡ଼ା ଘରେ ରହୁଛନ୍ତି। ସୋମବାର ଦ୍ୱିତୀୟ ବର୍ଷ ସିଭିଲ ଇଞ୍ଜିନିୟରିଂର ପୀଡ଼ିତା ଛାତ୍ରୀ ସମ୍ପୃକ୍ତ ଅଧ୍ୟାପକଙ୍କ ନିକଟକୁ ସନ୍ଧ୍ୟାରେ ପାଠପଢ଼ା ବିଷୟରେ ବୁଝିବା ପାଇଁ ଯାଇଥିଲେ। ଅଧ୍ୟାପକ ଜଣଙ୍କ ସେହି ସମୟରେ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଛାତ୍ରୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୧୨/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଟାଉନ ଥାନାର ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ପାଇ ମାମଲା ରୁଜୁ ହୋଇଛି। ଛାତ୍ରୀ ଜଣଙ୍କ ପାଠ ବିଷୟରେ ବୁଝିବା ପାଇଁ ଯାଇଥିବାବେଳେ ଅଧ୍ୟାପକ ବଳାତ୍କାର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଅଧ୍ୟାପକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ଆଇଆଇସି ସାହୁ କହିଛନ୍ତି।

# ବୌଦ୍ଧରେ ୫, ୪୦୦ ଏକରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଚାଷ ନଷ୍ଟ

ଭୁବନେଶ୍ୱର,୬।୧ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ଗଞ୍ଜେଇ ଚାଷ ବିରୋଧରେ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ମିଳିଥିବା ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ୩୦ସୁଦ୍ଧା ୧୫ ହଜାର ଏକରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି, ଯାହାର ମୂଲ୍ୟ ୧କୋଟି ୭୭ ଲକ୍ଷ ଟଙ୍କା ହେବ। ରାଜ୍ୟର ବିଭିନ୍ନ ଥାନାରେ ୩୫୦ ମାମଲା ରୁଜୁ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ମାତ୍ର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବୌଦ୍ଧରେ ସର୍ବାଧିକ ୧୧୨ଟି ମାମଲା ରୁଜୁ ହୋଇଥିବା ବେଳେ ୫,୪୦୦ ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସେହିପରି ଗଜପତିରେ ୩୪ ମାମଲା ରୁଜୁ ହୋଇଥିବାବେଳେ ୧ ହଜାର ୨୨ ଏକରରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସୂଚନାଯୋଗ୍ୟ ରାଜ୍ୟର ୮ ଟି ଜିଲା ତଥା ରାୟଗଡ଼ା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁରରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବାବେଳେ ଏହାର ମୂଳୋତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଡ୍ରୋନ୍ ଏବଂ ସାଟେଲାଇଟ ସାହାଯ୍ୟରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରାଯାଇ ନଷ୍ଟ କରାଯାଉଛି।



ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛ।

# ଗୋଟିଏ ରାତିରେ ୨ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ବାହାନଗା, ୬।୧ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଆପିତିରା ଗ୍ରାମସ୍ଥିତ ଦୁଇଟି ଘରେ ଦୁର୍ବୃତ୍ତମାନେ ପଶି ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି।

ଗ୍ରାମର ବିଜନ ମହାଳିଙ୍କ ଘର ସାମ୍ନା ପଟ ଗ୍ରୀଲ୍ ତାଲା ଭାଙ୍ଗି ଘର ଭିତରେ ପଶି ଆଲମାରୀ ଭିତରୁ ସୁନା ଅଳଙ୍କାର ଓ ନଗଦ ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ରବିବାର ରାତି ପ୍ରାୟ ୯ଟାରେ ପରିବାର ସଦସ୍ୟମାନେ ଗୋପାଳପୁର ମହୋତ୍ସବ ଦେଖିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଭିତରେ କଳାକନା ବୁଲାଇ ଦେଇଛନ୍ତି। ସେହିପରି ବିଜନ ଘର ନିକଟସ୍ଥ ସୁମନ୍ତ ପାଣିଗ୍ରାହୀଙ୍କ ଘରେ ମଧ୍ୟ ଦୁର୍ବୃତ୍ତମାନେ ଘରର ପଛ ପଟ ଗ୍ରୀଲର ତାଲା କାଟି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ କୌଣସି ଅଳଙ୍କାର ଓ ଟଙ୍କା ପାଇ ନ ଥିବା ବେଳେ ଆଲମାରୀରେ କେବଳ ଗୋଟିଏ ମଙ୍ଗଳସୂତ୍ର, ଦୁଇଟି ପାଉଁଜି ନେଇଯାଇଥିବା ଜଣାପଡିଛି। ସୁମନ୍ତ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ମହୋତ୍ସବ ଦେଖିବା ପାଇଁ ଗୋପାଳପୁର ଯାଇଥିଲେ। ଏହାରି ସୁଯୋଗରେ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଜଣାପଡିଛି। ଖବରପାଇ ଗୋପାଳପୁର ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ସୁରେନ୍ ସଦଳବଳେ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ବାବଦରେ ବିଜନ ମଳିକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ସୁମନ୍ତଙ୍କ ଝିଅ ମଧ୍ୟ ଗୋପାଳପୁର ଥାନାରେ ଅନୁରୂପ ଭାବେ ମଧ୍ୟ ଚୋରି ବାବଦରେ ଅଭିଯୋଗ କରିଛନ୍ତି। ଦୁଇଟି ଅଭିଯୋଗ ପାଇବା ପରେ ପୋଲିସ୍ ପୃଥକ ମାମଲା(ନଂ.୧୨/୨୫, ୧୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ଚୋରି ବାବଦରେ ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ।

# ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ୨ ଭଉଣୀ ଗୁରୁତର

କୋଷାଗୁମୁଡ଼ା, ୬।୧ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ସାନ ଆମ୍ବଡା ପଞ୍ଚାୟତ ନେଇଗାଁରେ ସୋମବାର ଭୋର ପ୍ରାୟ ୫ଟା ୩୦ରେ ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ୨ ଭଉଣୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନେଇଗାଁର ସସ୍ମିତାରାଣୀ ଗାଣ୍ଡା(୨୭) ଓ ଶ୍ରଦ୍ଧା ଗାଣ୍ଡା (୨୫)। ଉଭୟଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜୟପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତମାନେ କେଉଁ କାରଣରୁ ଏଭଳି ଆକ୍ରମଣ କରିଛନ୍ତି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଆକ୍ରମଣ ଘଟାଇ ସେମାନେ ଫେରାର ହୋଇଯାଇଛନ୍ତି। ଏବେ ଏହାର ତଦନ୍ତ ଚାଲିଥିବା କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ପୋଲିସ ସୂଚନାନୁଯାୟୀ ଶ୍ରଦ୍ଧା କୋଷାଗୁମୁଡ଼ା ବ୍ଲକ ବାଙ୍କୁଲି ସ୍ଥିତ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପିକାଭାବେ କାର୍ଯ୍ୟ କରନ୍ତି। ସୋମବାର ଭୋର ପ୍ରାୟ ୫ଟା ୩୦ରେ ଅଙ୍ଗନୱାଡି କର୍ମୀ ଥିବା ବଡ଼ ଭଉଣୀ ସସ୍ମିତାରାଣୀଙ୍କ ସହ ସ୍କୁଟିରେ କୌଣସି ଏକ କାମରେ କୋଷାଗୁମୁଡ଼ା ଯାଉଥିଲେ। ଗାଁରୁ ଅଳ୍ପ ଦୂର ଯିବା ପରେ ହଠାତ୍ କେତେଜଣ ଦୁର୍ବୃତ୍ତ ସେମାନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ଶ୍ରଦ୍ଧା ଓ ସସ୍ମିତାରାଣୀଙ୍କ ହାତ, ବେକ ଓ ମୁଣ୍ଡରେ ଆଘାତ ଲାଗିବା ସହ ସେମାନେ ରାସ୍ତା ଉପରେ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଜୟପୁର ମେଡିକାଲକୁ ପଠାଇଥିଲେ। ଏ ନେଇ ସସ୍ମିତାଙ୍କ ଭାଇ ସଲିଲ କୋଷାଗୁମୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କୋଷାଗୁମୁଡା ପୋଲିସ କେସ ନଂ. ୨/୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଟିକିରା ଉପରେ ଦୁଧ ଆଉଟିଲି**
**ମଞ୍ଜାରୀ ଖାଇଲା ସର,**
**ତିନିଦିନ ହେଲା ନାହାନ୍ତି ନାଗର**
**ଖାଇ ଗୋଡ଼ାଉଛି ଘର।**

ମନର ମଣିଷ ପାଖରେ ନ ଥିଲେ ସବୁ ଥାଇ କିଛି ନ ଥିବା ସମ ବୋଧ ହୋଇଥାଏ। ଟିକିଏ ସାନ୍ନିଧ ପାଇବା ନେଇ ମନରେ ବ୍ୟାକୁଳତା ସୃଷ୍ଟି ହୋଇଥାଏ। ସ୍ୱାମୀକୁ ପାଖରେ ନ ପାଇ ହତାଶ ହୋଇପଡ଼ିଥିବା ସ୍ତ୍ରୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟେଳି ଟେଳି ମୁଣ୍ଡି ମୁଣ୍ଡି ପାଟିକି ପକା,**
**ଆକଟ ବେଳକୁ ମୋର ନାମକୁ ଡକା।**

ବ୍ୟକ୍ତି ଯେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଥାଏ ସେତେବେଳେ ସେ ଚିନ୍ତାଶୂନ୍ୟ ହୋଇପଡ଼ିଥାଏ। ମନ ଆକାଶରେ ଉଡ଼ିବୁଲିବା ସହ କାହାରିକୁ ପାଖ ମଡ଼ାଇ ଦେଇ ନ ଥାଏ। କିନ୍ତୁ ଯେତେବେଳେ ବିପଦର ସମ୍ମୁଖୀନ ହୁଏ, ସେତେବେଳେ ତା'ମନ ଘର ଧରିବା ସହ ବ୍ୟଥିତ ହୋଇ ପଡ଼ିଥାଏ। ଏପରିସ୍ଥଳେ ସେ ନିଜ ଆତ୍ମୀୟର ସହାୟତା ଲୋଡ଼ିବା ଛଡ଼ା ଆଉ କିଛି ଚାରା ପାଇ ନ ଥାଏ। ସୁଖ ବେଳେ ସୁଖ ଭୋଗୀ ବିପଦ ବେଳକୁ ନିଜ ଆତ୍ମୀୟର କଥା ମନେ ପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୯ ଜୁଆଡ଼ି ଗିରଫ



ଟିଟିଲାଗଡ,୬।୧ (ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ନିକଟସ୍ଥ କୁମୁଡା ପାହାଡ଼ ପଛପଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ଚଢ଼ାଉ କରିବା ସହ ଜୁଆ ଖେଳରେ ସାମିଲ ୯ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୮୨ ହଜାର ୫୦୦ ଶହ ଟଙ୍କା, ୬ପ୍ୟାକେଟ ତାସ୍, ୬ ଟି ମୋବାଇଲ ଫୋନ, ଦୁଇଟି ବାଇକ୍, , ବିଦ୍ୟୁତ୍ ତାର ଓ ବଲ୍‌ବ ଆଦି ଜବତ ହୋଇଛି । ଗିରଫ ଜୁଆଡ଼ିମାନଙ୍କ ମଧ୍ୟରୁ କେତେଜଣ ସରକାରୀ କର୍ମଚାରୀ ଥିବା ସୂଚନା ମିଳିଛି । କୁମୁଡା ପାହାଡ ନିକଟରେ ଦୀର୍ଘ ଦିନ ଧରି ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଫଳରେ ଟିଟିଲାଗଡ଼ ଥାନା ଅଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ କରିବା ସହ ଜୁଆଡ଼ିମାନଙ୍କୁ କାବୁ କରିଥିଲା ।

# ବ୍ୟବସାୟୀଙ୍କ ଠାରୁ ୨ଲକ୍ଷ ଟଙ୍କା ଝାମ୍ପି ନେଲେ

ଜଳେଶ୍ୱର,୬।୧ (ରବିନାରାୟଣ ପାତ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବଡ଼ବଜାର ଶନି ମନ୍ଦିରଠାରେ ସୋମବାର ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କ ଠାରୁ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ୨ଲକ୍ଷ ଟଙ୍କା ଝାମ୍ପି ନେଇଯାଇଛନ୍ତି। ସିସିଟିଭି ଫୁଟେଜରୁ ଏହି ଘଟଣାରେ ୪ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିବାବେଳେ ୨ଜଣ ଯୁବକ ଟଙ୍କା ବ୍ୟାଗ୍ ଧରି ସ୍ଥାନୀୟ ଅଗ୍ରୱାଲ ଛକଆଡ଼କୁ ପଳାଇ ଯାଇଥିବା ଜଣାପଡ଼ିଛି। ଉପସ୍ଥିତ ଲୋକେ ଦୁର୍ବୃତ୍ତମାନଙ୍କୁ ଗୋଡ଼ାଇଥିଲେ ମଧ୍ୟ ସେମାନଙ୍କୁ ଧରିବାରେ ବିଫଳ ହୋଇଥିଲେ। ବ୍ୟବସାୟୀ ଭୋଳାନାଥ ଜେନା ଓଡି୦୧-ଏଏଲ୍-୪୨୯୧ ନମ୍ବର ବିଶିଷ୍ଟ ଏଫ୍‌ଏକ୍ସଜେଡ୍ ମୋଟର ସାଇକେଲରେ ଆସି ଶନିମନ୍ଦିର ନିକଟରେ ଚା' ପିଉଥିଲେ। ଏହି ସମୟରେ ୨ଯୁବକ ଏକ ବାଇକ୍‌ରେ ଆସି ଭୋଳାନାଥଙ୍କ ନିକଟରେ ଥିବା ୨ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇଥିଲେ। ସେହି ବ୍ୟାଗ୍‌ରେ ତାଙ୍କର ବହୁ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଜଳେଶ୍ୱର ବଜାରରେ ଦିନକୁ ଦିନ ଲୁଟ୍ ଏବଂ ଛିନ୍‌ତାଇ ବଢ଼ିବାରେ ଲାଗିଛି। ଦୁଇଦିନ ତଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଷ୍ଟେଟ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ନେଇ ଏକ ସ୍କୁଟିରେ ଘରକୁ ଫେରୁଥିବାବେଳେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ତାଙ୍କ ନିକଟରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ।

# ତହସିଲଦାରଙ୍କ ଏତଲା ପରେ ଜଣେ ଗିରଫ

## କାଉନ୍‌ସିଲର, ଗ୍ରାମବାସୀଙ୍କୁ ଆକ୍ରମଣ ଘଟଣା

ଜଳେଶ୍ୱର, ୬।୧ (ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୩ନଂ. ୱାର୍ଡ ସୁବର୍ଣ୍ଣରେଖା ବାଲିଘାଟରେ ରବିବାର ୨ ନଂ. ୱାର୍ଡ କାଉନସିଲର ଓ କେତେକ ଗ୍ରାମବାସୀଙ୍କୁ ଆକ୍ରମଣ ଘଟଣାରେ ତହସିଲଦାରଙ୍କ ଏତଲା ପରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶେଖ୍ ସାମସଦ୍। ତାଙ୍କ ଘର ୩ ନଂ ୱାର୍ଡର ଝାଡେଶ୍ୱରପୁରରେ।

ଜଳେଶ୍ୱର ପୌରାଞ୍ଚଳର ୩ନଂ. ୱାର୍ଡର କେତେକ ଦୁର୍ବୃତ୍ତ ସୁବର୍ଣ୍ଣରେଖା ନଦୀବନ୍ଧ କାଟି ଚୋରାରେ ବାଲି ଚାଲାଣ କରି ଆସୁଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ତହସିଲଦାର ଓ ଖଣିବିଭାଗକୁ ଜଣାଇଥିଲେ। ରବିବାର ଦ୍ୱିପ୍ରହରରେ ତହସିଲଦାର, ୨ନଂ. ୱାର୍ଡ କାଉନସିଲର ଓ କେତେକ ଗ୍ରାମବାସୀ ତହସିଲଦାରଙ୍କ ସହିତ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଫେରୁଥିବା ବେଳେ ବାଲି ଚୋରାଚାଲାଣକାରୀମାନେ ଜାଣିପାରି କାଉସିଲର ଓ ଗ୍ରାମବାସୀଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏପରିକି ହାତାହାତି ହୋଇଥିଲେ। ଏଥିରେ କାଉନସିଲର ସୁରଜ ଚୌରାସିଆ ଆହତ ହୋଇଥିବା ବେଳେ ସାଥିରେ ଥିବା ଗ୍ରାମବାସୀ ନରେନ୍ଦ୍ରକୃଷ୍ଣ କଟାଳ, ନନ୍ଦ କୁମାର କଟାଳ, କମଳନାଥ ପାଳ, ଗ୍ରାମ୍ୟ ମୁଖ୍ୟ ଭଗୀରଥ ନାୟକ ଓ କାର୍ତ୍ତିକଲାଲ ମାଇତି ପ୍ରମୁଖ ଆହତ ହୋଇଥିଲେ। ସେମାନଙ୍କୁ ଜିକେ ଭଟ୍ଟର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତହସିଲଦାର ସତ୍ୟଜିତ୍ ମହାନ୍ତି ଏନେଇ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୧୨/୨୫) ରୁଜୁ ହୋଇଛି ବୋଲି ଆଇଆଇସି ରଞ୍ଜନ କୁମାର ସେଠୀ ପ୍ରକାଶ କରିଛନ୍ତି ।

# ମହିଳାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉତ୍ତୋଳନ କରି ଯୁବକ ଗିରଫ

ଭୁବନେଶ୍ୱର,୬।୧ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ପରବର୍ତ୍ତୀ ସମୟରେ ତାଙ୍କ ଅଜାଣତରେ ଶାରୀରିକ ସମ୍ପର୍କ ସମୟର ଫଟୋ ଓ ଭିଡିଓକୁ ମୋବାଇଲରେ ଉତ୍ତୋଳନ କରିବା ଅଭିଯୋଗରେ ଲିଙ୍ଗରାଜ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ କଟକ ବାଙ୍କୀ ଥାନା ଅଞ୍ଚଳର ବିକାଶ ଚନ୍ଦ୍ର ପଟ୍ଟନାୟକ। ସେ ସୁନ୍ଦରପଦା ଅଞ୍ଚଳର ଏକ ଔଷଧ ଦୋକାନରେ ସେଲ୍ସ ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ସୂଚନାନୁସାରେ ପୀଡ଼ିତା ମହିଳା ଜଣଙ୍କ ଅଭିଯୁକ୍ତ କାମ କରୁଥିବା ଦୋକାନକୁ ଔଷଧ ଆଣିବାକୁ ଯିବା ବେଳେ ପରିଚିତ ହୋଇଥିଲେ। ଏହାପରେ ଧୀର ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢିବାରୁ ଅଭିଯୁକ୍ତ ବିବାହ କରିବାର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟର ଦୃଶ୍ୟ ମୋବାଇଲରେ ଉତ୍ତୋଳନ କରିବା ସହ ପରବର୍ତ୍ତୀ ସମୟରେ ମହିଳାଙ୍କ ହ୍ୱାଟସଆପ ନମ୍ବରକୁ ଶେୟାର କରିଦେଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ମୋବାଇଲରୁ ଜାଣି ଥାନାରେ ଅଭିଯୋଗ କରିଥିଲେ ।

# ଓୟୁଏଟି ଛାତ୍ରଙ୍କୁ ଆକ୍ରମଣ ଘଟଣା, ଆଉ ଦୁଇ ଗିରଫ

ଭୁବନେଶ୍ୱର,୬।୧ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ କେନ୍ଦ୍ର କରି ଓୟୁଏଟିର ଛାତ୍ର ଆୟୁଷ ନାରାୟଣ ଦାସଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ପୋଲିସ ସୋମବାର ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରରେ ରହୁଥିବା ଯାଜପୁରର ଶୁଭମ୍ ସ୍ୱାଇଁ ଓ ନୟାଗଡ଼ର ଚିନ୍ମୟ ବେହେରା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୋଲିସ ରବିବାର ୬ଜଣଙ୍କୁ ଗିରଫ କରିଥିଲା। ସୂଚନାନୁସାରେ ଆୟୁଷ ଓୟୁଏଟିର ଛାତ୍ର ହୋଇଥିବାବେଳେ ଅଭିଯୁକ୍ତମାନଙ୍କ ସହ କୌଣସି କାରଣକୁ ନେଇ ପୂର୍ବରୁ ଝଗଡ଼ା ହୋଇଥିଲା। ଏହି ରାଗ ରଖି ଅଭିଯୁକ୍ତମାନେ ଆୟୁଷଙ୍କୁ ପାନେ ଦେବେ ବୋଲି ମନସ୍ଥ କରିଥିଲେ। ଶନିବାର ଆୟୁଷ ହଷ୍ଟେଲ ଫେରୁଥିବା ବେଳେ ଅଭିଯୁକ୍ତମାନେ ମୋଟରସାଇକେଲ ଯୋଗେ ଯୋଜନାବଦ୍ଧ ଭାବେ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆୟୁଷଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା।

# ଲାଇସେନ୍ସ ରଦ୍ଦ ପରେ ବି ଚାଲିଛି ଖଣିଜ ପରିବହନ

## ଖଣିଜ ପରିବହନରେ ଅନିୟମିତତା ଘଟଣା

ଯୋଡ଼ା,୬।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ରୋଇଡ଼ା ଓଏମ୍‌ଡିସି ଖଣିରୁ ଖଣିଜ ପରିବହନରେ ଅନିୟମିତିତା ନେଇ ପୋଲିସ ଓ ଖଣି ବିଭାଗ ଚଢ଼ାଉ କରିଥିଲା। ତଦନ୍ତ ପରେ ଅନିୟମିତତା ଦର୍ଶାଇ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ଚିଠି (ସଂଖ୍ୟା ୨୭, ୧ ଜାନୁଆରୀ ୨୦୨୫)ରେ ଏକ ପରିବହନ ଲାଇସେନ୍ସକୁ ରଦ୍ଦ କରିଥିଲା। ମାତ୍ର ଲାଇସେନ୍ସ ରଦ୍ଦ ପରେ ବି ଉକ୍ତ ପରିବହନ ସଂସ୍ଥା ଖଣିଜ ପରିବହନ କରୁଥିବା ନେଇ ଅଭିଯୋଗ ହୋଇଛି। ପ୍ରକାଶ ଯେ, ପୋଲିସ ଓ ଖଣି ବିଭାଗର ମିଳିତ ଚଢ଼ାଉ ପରେ ପରିବହନରେ ନିୟୋଜିତ ୧୩ ଟ୍ରକ୍ ଖଣି ବିଭାଗ ଅଟକ ରଖିଥିଲା। ଘଟଣାର ତଦନ୍ତ ପରେ ବିଭାଗ ତୁଳସୀ ଟ୍ରାନ୍ସପୋର୍ଟ ନାମକ ପରିବହନ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଖଣିଜ ପରିବହନରେ ଅନିୟମିତତା ଉପରେ ଖଣି ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଂସ୍ଥାର ଲାଇସେନ୍ସ ରଦ୍ଦ କରିଥିଲା। ଗତ ୧ ତାରିଖରେ ବିଭାଗ ଦ୍ୱାରା ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୩ ଜାନୁଆରୀରେ ରୋଇଡ଼ା ଅଞ୍ଚଳର ଏକ ବୃହତ ଖଣିରୁ ୩ଟି ଟ୍ରକ୍‌ରେ ଖଣିଜ ପରିବହନ ହୋଇଛି। ନିଲମ୍ବିତ ଲାଇସେନ୍ସରେ କିପରି ପୁଣି ଖଣିଜ ପରିବହନ ହେଲା,ଏହାର ସବିଶେଷ ତଥ୍ୟ ଜାଣିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ପରିବହନ ଲାଇସେନ୍ସ ସସ୍ପେଣ୍ଡ ହେବା ପୂର୍ବରୁ ଟ୍ରାନ୍ସପୋର୍ଟ ସଂସ୍ଥା ରୋଇଡ଼ାଠାରେ ପରିବହନ କାର୍ଯ୍ୟ କରୁଥିଲା। ଏଣୁ ଏହା ପୁରୁଣା ଖଣିଜ ପରିବହନ ଅନୁମୋଦନ। ତେବେ ନିଲମ୍ବନ ପରେ କିପରି ପରିବହନ ହେଲା ଏହାର ଯାଞ୍ଚ ମଧ୍ୟ ବିଭାଗ ଆରମ୍ଭ କରିଛି ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଇଣ୍ଟିଗ୍ରେଟେଡ ମାଇନ୍ସ ମିନେରାଲ ମ୍ୟାନେଜମେଣ୍ଟ ସିଷ୍ଟମ ଥାଇ ମଧ୍ୟ ଏହିପରି ତ୍ରୁଟି କିପରି ହେଲା ଏହା ତଦନ୍ତ ସାପେକ୍ଷ ବୋଲି ଖଣି ବିଷାରଦ ମତପ୍ରକାଶ କରିଛନ୍ତି।

# ଜିଲାରେ ୧୨,୨୦,୩୦୪ ଭୋଟର

ଭବାନୀପାଟଣା,୬।୧ (ଉତ୍ତମ କୁମାର ଦାଶ)



ଜିଲାପାଳ ଓ ଅନ୍ୟମାନେ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

## କଳାହାଣ୍ଡି ଜିଲା
### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ କକ୍ଷରେ ସୋମବାର କଳାହାଣ୍ଡି ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପାୱାର ସଚିନ ପ୍ରକାଶ ଏହାକୁ ପ୍ରକାଶ କରିଛନ୍ତି। ଏଥିରେ ଜିଲାର ୫ ନିର୍ବାଚନ ମଣ୍ଡଳୀ ଯଥା ୭୭-ଲାଞ୍ଜିଗଡ଼, ୭୮- ଜୁନାଗଡ, ୭୯-ଧର୍ମଗଡ଼. ୮୦-ଭବାନୀପାଟଣା ଓ ୮୧-ନର୍ଲାରେ ଥିବା ଭୋଟରଙ୍କ ସଂଖ୍ୟା ପ୍ରକାଶିତ ହୋଇଛି। ଚଳିତବର୍ଷ ଜାନୁଆରୀ ୫ ତାରିଖ ସୁଦ୍ଧା ଜିଲାରେ ସର୍ବମୋଟ ୧୨ ଲକ୍ଷ ୨୦ ହଜାର ୩୦୪ ଜଣ ଭୋଟରଙ୍କ ନାମ ତାଲିକାରେ ରହିଛି। ଏଥିରେ ୬ ଲକ୍ଷ ୧୦ ହଜାର ୫୦୧ ଜଣ ପୁରୁଷ, ୬ ଲକ୍ଷ ୯ ହଜାର ୭୩୭ ଜଣ ମହିଳା ଓ ୬୬ ଜଣ କିନ୍ନର ଭୋଟର ରହିଛନ୍ତି । ୨୦୨୪ ବର୍ଷରେ ୯ ହଜାର ୧୧ ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ କରାଯାଇଛି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୩୪ ହଜାର ୧୭୩ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୩ ହଜାର ୯୩୯ ପୁରୁଷ, ୧ ଲକ୍ଷ ୨୦ ହଜାର ୨୧୪ ମହିଳା ଓ ୨୦ ଜଣ କିନ୍ନର ଭୋଟର ରହିଛନ୍ତି । ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୪୮ ହଜାର ୮୨୧ ଜଣଙ୍କ ନାମ ଭୋଟର ତାଲିକାରେ ପ୍ରକାଶିତ ହୋଇଛି। ଏଥିରେ ୧ ଲକ୍ଷ ୨୫ ହଜାର ୬୯୨ ଜଣ ପୁରୁଷ ଓ ୧ ଲକ୍ଷ ୨୩ ହଜାର ୧୨୬ ଜଣ ମହିଳା ଭୋଟରଙ୍କ ସମେତ ୩ ଜଣ କିନ୍ନର ଭୋଟର ରହିଛନ୍ତି। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୬୪ ହଜାର ୩୪୨ ଜଣ ଭୋଟର ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧ ଲକ୍ଷ ୩୨ ହଜାର ୯୯୫, ମହିଳାଙ୍କ ସଂଖ୍ୟା ୧ ଲକ୍ଷ ୩୧ ହଜାର ୩୪୧ ଓ ୬ ଜଣ କିନ୍ନର ଭୋଟର ରହିଛନ୍ତି। ସେହିପରି ଭବାନୀପାଟଣା ଖିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୮ ହଜାର ୫୩୩ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୯ ହଜାର ୫୯୬ ଜଣ ପୁରୁଷଖ, ୧ ଲକ୍ଷ ୧୮ ହଜାର ୯୧୮ ଜଣ ମହିଳା ଓ ୧୯ ଜଣ କିନ୍ନର ଭୋଟର ରହିଛନ୍ତି। ନର୍ଲା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୪ ହଜାର ୪୩୫ ଜଣ ଭୋଟର ରହିଥିବା ବେଳେ ଏଥିରେ ୧ ଲକ୍ଷ ୧୮ ହଜାର ୨୭୯ ଜଣ ପୁରୁଷ,୧ ଲକ୍ଷ ୧୬ ହଜାର ୧୩୮ ଜଣ ମହିଳା ଓ ୧୮ ଜଣ କିନ୍ନର ଭୋଟର ରହିଛନ୍ତି। ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ସମ୍ପାଦକ ଜୟଶଙ୍କର ନାଏକ, କଂଗ୍ରେସ ଦଳର ପ୍ରତିନିଧି ଉଚ୍ଛବ ସାହୁ , କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ନବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଇଆର୍‌ଓଙ୍କଠାରୁ ଏହି ଚୂଡ଼ାନ୍ତ ଭୋଟର ତାଲିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଙ୍କ ସମେତ ଜିଲା ନିର୍ବାଚନ ଶାଖାର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଅଭିଯୋଗ

କଳମପୁର,୬।୧ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅଞ୍ଚଳରେ ୪ଟି ବିଦେଶୀ ମଦ ଦୋକାନ ଓ ୨ଟି ଦେଶୀ ରନ୍ଧା ମଦଭାଟି ରହିଛି। ସେଥିମଧ୍ୟରୁ ଦୁଇଟି ଠିପି ଖୋଲା ବିଦେଶୀ ମଦ ଦୋକାନରେ ବିଭିନ୍ନ ପ୍ରକାର ଅନିୟମିତତା ଅଭିଯୋଗ ହୋଇଆସୁଛି। ଖାଉଟିଙ୍କ ଅଭିଯୋଗ ଅନୁସାରେ ଏହି ଦୋକାନରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ ନିଆଯାଉଛି। ଗୋଟିଏ ରୟାଲଷ୍ଟାଗ୍ ନିବ୍‌ର ଦାମ ୨୧୦ଟଙ୍କା ଧାର୍ଯ୍ୟ ମୂଲ୍ୟ ରହିଥିବା ବେଳେ ଅଧିକ ୨୦ଟଙ୍କା ଯୋଗ କରି ୨୩୦ଟଙ୍କାରେ ବିକ୍ରି କରାଯାଉଛି। ମଦ ବିକ୍ରୟ ସହିତ ବିଲ ଦେବାର ପ୍ରାବଧାନ ରହିଥିବା ବେଳେ ଏଠାରେ ନିୟମକୁ ପାଳନ କରୁନାହାନ୍ତି। ଦୋକାନ ଖୋଲିବା ଓ ବନ୍ଦ କରିବା ସମୟ ସରକାରୀ ସ୍ତରରେ ନିର୍ଘଣ୍ଟ ହୋଇଥିବା ବେଳେ ଏହାକୁ ମଧ୍ୟ ଖାତିର କରାଯାଉ ନାହିଁ। ଏ ନେଇ ଜୁନାଗଡ଼ ଅବକାରୀ ନିରୀକ୍ଷିକା ଲକ୍ଷ୍ମୀ ପ୍ରିୟା ମଲ୍ଲିକଙ୍କ ସହିତ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। କଳାହାଣ୍ଡି ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ସେ ଏ ବିଷୟରେ ଖବର ପ୍ରସାରଣ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ମାୟାଧର ମାଝି ମେମୋରିଆଲ କ୍ରିକେଟ ଆରମ୍ଭ


ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ।

ନୂଆପଡ଼ା,୬।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଅନ୍ତର୍ଗତ ମିଛାପାଲି ଜୟ ମା’ ଧରଣୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ମାୟାଧର ମାଝି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମା’ ପାଟଖଲେନ ଖେଳପଡିଆରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଗାତିବେଡା ଓ ମାଳପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗାତିବେଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୯୦ ରନ କରିଥିଲା। ଜବାବରେ ମାଳପଡା ଦଳ ୭.୫ ଓଭରରେ ୫ ଉଇକେଟ ହରାଇ ୯୩ ରନ କରି ବିଜୟୀ ହୋଇଥିଲା । ଅନୁଷ୍ଠାନ ସଭାପତି ଜିତାମିତ୍ର ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ କେଶବ ସାହୁ ମୁଖ୍ୟ ଅତିଥି, ଦେଡର୍ହା ସରପଞ୍ଚ ପ୍ରତିନିଧି ଚଞ୍ଚଳ ମାଝି, ପ୍ରମାନନ୍ଦ ମାଝି, ବ୍ରଜରାଜ ଧରୁଆ ପ୍ରମୁଖ ସମ୍ମାନିତ ଭାବରେ ଯୋଗ ଦେଇଥିଲେ। ଟିକେଚନ ଧରୁଆ ଓ ଟିକେଲା ମାଝି ଖେଳ ପରିଚାଳନା କରିଥିଲେ।

## ଉଦ୍‌ଘାଟନୀ ମ୍ୟାଚରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ଲୋଇସିଂହା,୬।୧ (ସୁଶାନ୍ତ ବାରିକ)

### ରାଜ୍ୟସ୍ତରୀୟ ବଡ଼ଟିକା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଧରଣୀଧର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ପ୍ରଥମ ରାଜ୍ୟସ୍ତରୀୟ ବଡଟିକା କପ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୁବନେତା ଆକାଶ ମିଶ୍ର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଓ ଝାରସୁଗୁଡା ଶାନ୍ତିନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂଶିତ ରହିବାରୁ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ୭-୬ ଗୋଲରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି । ସ୍ପୋର୍ଟ୍ସ ହଷ୍ଟେଲ ଖେଳାଳି ପ୍ରମୋଦ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଉଦଘାଟନୀ ସମାରୋହରେ କ୍ରୀଡା ସଂଘର ସଭାପତି ଭୁବନେଶ୍ୱର ଧରୁଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୁବନେତା ମିଶ୍ର ମୁଖ୍ୟଅତିଥି, ଜିଲା କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ସ୍ଥାନୀୟ ସରପଞ୍ଚ ଉଦୟନାଥ ନାଏକ ,ବୃନ୍ଦାବନ ସେଠ,କଳାରସିଂ ବାଗ,ଅଶୋକ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ୧୧ରେ ‘ପ୍ରବାସୀ ଓଡ଼ିଆ ଦିବସ’ ପାଳିବ ୱାର୍ଲ୍ଡ ଓଡ଼ିଶା ସୋସାଇଟି

ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ପ୍ରବାସୀ ଓଡ଼ିଆଙ୍କ ସର୍ବୋଚ୍ଚ ସଙ୍ଗଠନ ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ)ର ଚତୁର୍ଥ ପ୍ରତିଷ୍ଠା ଦିବସ ଜାନୁଆରୀ ୧୧ରେ ଭୁବନେଶ୍ୱରସ୍ଥିତ ମେ’ ଫେୟାର ହୋଟେଲରେ ପାଳିତ ହେବ। ଏହି ସମାରୋହକୁ ‘ପ୍ରବାସୀ ଓଡ଼ିଆ ଦିବସ’ ନାମରେ ନାମିତ କରାଯାଇଛି। ଏହି ଅବସରରେ ‘ଉତ୍କଳ ଉତ୍ସବ’ ନାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହେବ। ଏନେଇ ସୋସାଇଟି ପକ୍ଷରୁ ସୋମବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବର ଅନ୍ୟତମ ଆକର୍ଷଣ ଭାବରେ ‘ରାଇଜିଂ ଓଡ଼ିଶା ସମିଟ୍’ ଆୟୋଜନ କରାଯିବ। ପ୍ରବାସୀ ଓଡ଼ିଆ ଦିବସରେ ସୋସାଇଟିର କର୍ମକର୍ତ୍ତା, ସଦସ୍ୟ ବୃନ୍ଦ, ପ୍ରବାସୀ ଓଡ଼ିଆମାନେ ଯୋଗଦେବେ। ପ୍ରବାସୀ ଓଡ଼ିଆଙ୍କ ଏହି ମହାକୁମ୍ଭରେ ଓଡ଼ିଶାର ମାନ, ସମ୍ମାନ ଓ ସମୃଦ୍ଧି ବୃଦ୍ଧି ପାଇଁ ବିଶେଷ ଯୋଗଦାନ ଦେଇଥିବା ବିଶିଷ୍ଟ ଓଡ଼ିଆମାନଙ୍କୁ ‘ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ’ ଏବଂ ‘ରତ୍ନଶ୍ରୀ ପୁରସ୍କାର’ ପ୍ରଦାନ କରାଯିବ। ଛତିଶଗଡ଼ର ଓଡ଼ିଆ ବିଧାୟକ ପୁରନ୍ଦର ମିଶ୍ରଙ୍କୁ ‘ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ’ ପ୍ରଦାନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସେହିପରି ଉଦ୍ୟୋଗପତି ବ୍ରହ୍ମା ମିଶ୍ରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ‘ରାଇଜିଂ ଓଡ଼ିଶା ସମିଟ୍’କୁ ନୂଆଦିଲ୍ଲୀର ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ପରିଚାଳନା କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିବେ ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରବାସୀ ଓଡ଼ିଆ ଦିବସର ‘ଉତ୍କଳ ଉତ୍ସବ’ ଶୀର୍ଷକ ଉଦ୍‌ଯାପନୀ ସମାରୋହକୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରିବେ ବୋଲି ସୋସାଇଟିର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୋସାଇଟିର ଭାରତ ଅଧ୍ୟାୟର ସଭାପତି ଡ. ବିପିନ ମିଶ୍ର, ଓଡ଼ିଶା ଶାଖାର ସଭାପତି ସନତ ମିଶ୍ର, କର୍ମକର୍ତ୍ତା ସୌରେନ୍ଦ୍ର ମହାପାତ୍ର, ପବିତ୍ର ମହାରଥା, ଅଜୟ ମିଶ୍ର, ରୀତା ପାତ୍ର, ଅଭିନ୍ନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ଗୋପବନ୍ଧୁ ମିଶ୍ରଙ୍କ ପରଲୋକ



ଦେଓଗାଁ,୬।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାର ବିଶିଷ୍ଟ ଶିକ୍ଷାବିତ୍ ଗୋପବନ୍ଧୁ ମିଶ୍ର(୯୪)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । କିଛି ମାସ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ବଡପୁଅ ପୂର୍ବତନ ହାଇକୋର୍ଟ ବିଚାରପତି ଲଳିତ ମୋହନ ମିଶ୍ରଙ୍କ ସହ ସେ କଟକରେ ରହୁଥିଲେ । କଟକଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡପୁଅ ଲଳିତ ମୁଖାଗ୍ନି ଦେଇଥିଲେ । ସେ ଏକାଧାରରେ ଶିକ୍ଷାବିତ୍, ସଂଗଠକ ଓ ଆୟୁର୍ବେଦିକ ଚିକିତ୍ସକ ଭାବେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଜରାସିଂହା ତଥା ସମଗ୍ର ଦେଓଗାଁ ବ୍ଲକରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ପୂର୍ବତନ ବିଧାୟକ ନରସିଂହ ମିଶ୍ର, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଯୁବନେତା ଶୈଳେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ଜରାସିଂହା ସରପଞ୍ଚ କୁଶମଣି ମେହେର, ସମିତିସଭ୍ୟ ଅମିତ କୁମାର ତ୍ରିପାଠୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

## ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଉଦ୍‌ଘାଟିତ

ନୂଆପଡ଼ା,୬।୧ (ମକାରୁ ବେମାଲ)


ଅନ୍ୟ ଅତିଥିଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦେଶର ବଛା ବଛା ୮ଟି ଦଳ ଅଂଶ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୧୨ରେ ଫାଇନାଲ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ମ୍ୟାଚ ୱାଇଏମ୍‌ସି ନୂଆପଡା ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବରଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ନୂଆପଡା ଦଳ ୨୭.୩ ଓଭରରେ ୩ ଉଇକେଟ ହରାଇ ୧୭୭ ରନ କରି ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓସିଏ ପେନାଲ ଅମ୍ପେୟାର ଚୂଡାମଣି ପାଢୀ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ।

## ଅଭିଯୁକ୍ତ କୋର୍ଟ ଚାଲାଣ, ୧୫ ମୋବାଇଲ ଜବତ

ଜୟପାଟଣା,୬।୧ (ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ସହରରେ ଥିବା ଜେକେ ମୋବାଇଲ ଷ୍ଟୋରରୁ ଗତ ଡିସେମ୍ବର ୩୧ ତାରିଖ ରାତିରେ ଚୋରି ହୋଇଥିଲା। କେହି ଦୁର୍ବୃତ୍ତ ଦୋକାନ କାଚ୍ଚ ଭାଙ୍ଗି ୧୮ରୁ ଉର୍ଦ୍ଧ୍ୱ ଦାମି ମୋବାଇଲ ଚୋରି କରି ନେଇଥିଲେ। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଅଧିକ ହେବ ବୋଲି ଜୟପାଟଣା ଥାନାରେ ଦୋକାନ ମାଲିକ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସେଠାରେ ଲାଗିଥିବା ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସନ୍ଧାନ ପାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ମୁଖିଗୁଡା ଗ୍ରାମର ପରମେଶ୍ୱର ବାଗ(୨୨)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୫ଟି ଚୋରି ମୋବାଇଲ ଜବତ କରାଯାଇଛି। ଏ ନେଇ ଜୟପାଟଣା ପୋଲିସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଇଛି। ସ୍ଥାନୀୟ ଏସ୍‌ଡିପିଓ ମନୋଜ ବେହେରା, ଆଇଆଇସି ଶେଷଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ରାଉରକେଲା ମୁଖ୍ୟ ଶାଖା,** ରୋଜି ସପିଂ ସେଣ୍ଟର, ୧ମ ମହଲା, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧

**ଡିମାଣ୍ଡ ନୋଟିସ୍**


**ଆମର ରାଉରକେଲା ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଉରକେଲା ମୁଖ୍ୟ ଶାଖା**ର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ: ୧) ସୋହେଲ ଅହମ୍ମଦ, ପିତା: ୰ ୱାସି ଅହମ୍ମଦ, ବୁଦେଲଯୋର, ପ୍ଲଟ୍ ନଂ.: ୬/୧୭୨୬, ଆଶିୟାନା ହାଇ ସ୍କୁଲ ଲେନ୍, ବିଶ୍ରା, ସୁନ୍ଦରଗଡ଼, ଓଡ଼ିଶା-୭୭୦୦୩୬, ୨) ୱାସିମ ଅହମ୍ମଦ, ପିତା: ୰ ୱାସି ଅହମ୍ମଦ, ଗଜାନନ୍ଦ ଲେନ୍, ଓଲ୍ଡ ଷ୍ଟେସନ ରୋଡ୍, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧ | ଗୃହ ଋଣ / ୧୪.୧୦.୨୦୨୪ | ୦୭.୧୧.୨୦୨୪ / ୧୫.୧୦.୨୦୨୪ ସୁଦ୍ଧା ଟ.୨୨,୧୯,୨୯୭.୪୧ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | ସୋହେଲ ଅହମ୍ମଦଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର ପ୍ଲଟ୍ ନଂ.: ୬/୧୭୨୬, ଖାତା ନଂ.: ୮୮/୧୨୮୯, ମୌଜା: ବୁଦେଇଯୋର, ଥାନା: ବିଶ୍ରା, ତହସିଲ: ବିଶ୍ରା, ଜିଲ୍ଲା: ସୁନ୍ଦରଗଡ଼, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଉକ୍ତ ସମ୍ପତ୍ତିର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ: ୬/୭୦୧/ପି, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୬/୭୦୧/ପି, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ରାଉରକେଲା
ତାରିଖ: ୦୬.୦୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



# ସମ୍ବଲପୁର ଲୋକମହୋତ୍ସବ ଉଦ୍‌ଯାପିତ



ଅଇଁଠାପାଲି ପିଏଚ୍‌ଡି ପଡିଆରେ ଚାଲିଥିବା ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ ସୋମବାର ଉଦ୍‌ଯାପନୀ ଦିବସରେ କଳାକାରମାନେ ଦୁଲଦୁଲି ବାଦ୍ୟ ପରିବେଷଣ କରୁଛନ୍ତି।



ଉଦ୍‌ଯାପନୀ ଦିବସରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

■ ରଙ୍ଗବେରଙ୍ଗର ଆତସବାଜିରେ ଝଟକିଲା ମୁକ୍ତାକାଶ

■ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ମିଳିତ ନୃତ୍ୟ

**ସମ୍ବଲପୁର,୬।୧(ବି.ଶଙ୍କର)**

ଐତିହାସିକ ସମ୍ବଲପୁର ଲୋକ ମହୋତ୍ସବ-୨୫ ସୋମବାର ରାତିରେ ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆରେ ଉଦ୍‌ଯାପିତ ହୋଇଛି । ଲୋକନୃତ୍ୟ, ଗୀତ, ବାଦ୍ୟରେ ସୁସଜ୍ଜିତ ମଞ୍ଚ ଦୁଲିକି ଉଠିଥିଲା । ସେହିପରି ସମ୍ବଲପୁର ସମେତ ରାଜ୍ୟ ଓ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନଙ୍କ ମିଳିତ ନୃତ୍ୟରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଉପସ୍ଥିତ ଦର୍ଶକମାନେ ମିଳିତ ନୃତ୍ୟରେ ବିଭୋର ହୋଇଥିଲେ । ମହୋତ୍ସବରେ ଭାଗନେଇ ଥିବା ସମସ୍ତ ନୃତ୍ୟଦଳ ଏକତ୍ରିତ ହୋଇ ନୃତ୍ୟ ଜରିଆରେ ଏକତା ଓ ସଂହତିର ବାର୍ତ୍ତା ଦେଇଥିଲେ । ରଙ୍ଗ ବେରଙ୍ଗର ଆତସ ବାଜିରେ ମହୋତ୍ସବସ୍ଥଳି ଚମକି ଉଠିଥିଲା। ମହୋତ୍ସବ ସହ ସଂଯୋଜକ ରଞ୍ଜନ ସାହୁ ସଭା ସଂଯୋଜନା କରିଥିଲେ। ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ହୋତା ସୂଚନା ଓ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମଣୀ ମହାନନ୍ଦ, ଜେଏସ୍‌ଡବ୍ଲ୍ୟ-ବିପିଏସଏଲ ଏଚଆର ଜେପି ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମା' ସମଲେଇଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ବଲପୁରର ଲୋକ ସଂସ୍କୃତିକୁ ନେଇ ସମଗ୍ର ଦେଶରେ ଜଣାଶୁଣା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଲୋକନୃତ୍ୟ ଗୁରୁ ସୁରଥ ନାଏକ ଓ ଲୋକ ସାହିତ୍ୟିକ ସତ୍ୟନାରାୟଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ସମସ୍ତ ଉପସମିତିର ଆବାହକ ଓ ସହ ଆବାହକ ଏବଂ ଉପଦେଷ୍ଟା ମଣ୍ଡଳି ସଦସ୍ୟ, ଜିଲା ସଂସ୍କୃତି ଅଧିକାରୀ ମାମୁନି ଆଚାର୍ଯ୍ୟ, ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡିଙ୍କ ସମେତ ସଂଯୋଜକ ଓ ସହ ସଂଯୋଜକଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଲୋକଗୀତ କାର୍ଯ୍ୟକ୍ରମରେ ପ୍ରଥମ ଗୀତ ମର୍ଦ୍ଦଳ ଶୈଳୀରେ ମିତ୍ରଭାନୁ ଗୌନ୍ତିଆଙ୍କ ରଚିତ କାନେ କାଟେ କାନ କୁରୁରୁ ଗୀତକୁ ବିଭୂତି ପଟ୍ଟନାୟକ, ସୌମ୍ୟଜିତ ସୌମିତ୍ରି ବଡପଣ୍ଡା ଗାନ କରିଥିଲେ । ଏହପରେ ଡଣ୍ଡ ଶୈଳୀରେ ବଂଶୀ ମୋର କିଏ ଚୁରେଇ ନେଲା, ଲୋକଗୀତ ପର୍ଯ୍ୟାୟର ତୃତୀୟ ଅର୍ଘ୍ୟ ଥିଲା ଲିପିକା ବିଭାରଙ୍କ ମାଦଳ ଶୈଳୀର ମଲିଫୁଲ ଜହ୍ନକ ରାତି, ବନ୍ଦ ଖଁଡିଦ ଗୀତକୁ ଦୁଷ୍ମନ୍ତ ସୁନା ଗାନ କରିଥିଲେ। କାର୍ଯ୍ୟକ୍ରମର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରତନ କୁମାର ପୂଜାହାରୀ । ସମ୍ବଲପୁରର ଐତିହ୍ୟ ଓ ପର୍ଯ୍ୟଟନ ଉପରେ ଲୋକମହୋତ୍ସବ ତଥ୍ୟ ସଂଗ୍ରହ ଉପସମିତି ପକ୍ଷରୁ ଆଶିଷ କୁମାର ପ୍ରଧାନଙ୍କ ଆବାହତ୍ୱରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ଲୋକନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସମସ୍ତ ଉଦଘୋଷକ ବିରୂପାକ୍ଷ ପ୍ରଧାନ, ଉମାଶଙ୍କର ଦାସ, ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା, ଗଣେଶ ମେହେର, ସ୍ୱାଗତିକା ପଣ୍ଡା, ସୁଶ୍ରୀ ପାଣିଗ୍ରାହୀ, ଜ୍ୟୋତିରାଦିତ୍ୟ ମହାନ୍ତି, ହରଲିନ କୌର, ମାନସ ରଞ୍ଜନ ମିଶ୍ର, ମୀମାଂସା ପ୍ରିୟଦର୍ଶିନୀ ରଥ, ସ୍ୱାଗତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପତି, ସ୍ମୃତିରେଖା ଆଚାର୍ଯ୍ୟ, ଗୀତାଞ୍ଜଳି ନାଏକ ମାନେ ମଞ୍ଚକୁ ଆସି ସ୍ୱପରିଚୟ ଦେଇଥିଲେ। ଲୋକନୃତ୍ୟ ପର୍ଯ୍ୟାୟରେ ପ୍ରଥମେ ସମ୍ବଲପୁର କହର ଅନୁଷ୍ଠାନର କଳାକାରମାନେ ଚପକରାଟି ନାଚ, ଆସାମର ବଡୋ ନାଚ, ଗଞ୍ଜାମର ଶଙ୍ଖ ରଣପ୍ପା ପରିବେଶିତ ହୋଇଥିଲା। ଏଥିରେ ନର୍ତ୍ତକମାନେ ଶଙ୍ଖ ବାଦନ ପୂର୍ବକ ଆନେକ ଶାରିରୀକ କଳାକୌଶଳ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାପରେ ଝାରଖଣ୍ଡର ପୁରୁଲିଆ ଛଉ, ସମ୍ବଲପୁର ଭରନି କଳା ପରିଷଦ ବଜନିଆ, ହରିୟାଣାର ଘୁମର, ସୁନ୍ଦରଗଡ କୁଟ୍ରାର କରମା ଓ ନାଦୋ କିଷାନ ନାଚ, ବଲାଙ୍ଗୀରର ଘୁଡକା, ସିକ୍କିମର ନେପାଳି ନାଚ, ଭାରତି କଳା ବିକାଶ କେନ୍ଦ୍ରର ରସରକେଲୀ, ମହାରାଷ୍ଟ୍ରର ଲାବଣୀ, ଆସାମର ବିହୁ, ଗୁଜୁରାଟର ସିଦ୍ଧିମାଲ ପରିବେଶିତ ହୋଇଥିଲା। ଏହାପରେ ଗୁରୁ ଆଲୋକ କୁମାର ପଣ୍ଡା ଓ କୃଷ୍ଣଚନ୍ଦ୍ର ବାଗଙ୍କ ସଂଯୋଜନାରେ ସମସ୍ତ ନୃତ୍ୟଦଳଙ୍କୁ ନେଇ ସମବେତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।

# ଚାଳକଙ୍କ ବୟାନରେ ନାହିଁ ତାଳମେଳ

**ସମ୍ବଲପୁର, ୬।୧(ପ୍ରମୋଦ ବହିଦାର)**

■ ଭାଜପା ନେତାଙ୍କୁ ଟ୍ରକ୍ ମଡାଇ ହତ୍ୟା ଘଟଣା

■ ଅଭିଯୁକ୍ତ ଚାଳକ ଜେଲଗଲେ



ପ୍ରସନ୍ନ କୁମାର ଜେନାମଣି

ସମ୍ବଲପୁର ଜିଲା ବୁର୍ଲା ଥାନା ଆ.କଟାପାଲିରେ ଗତ ଶନିବାର ବିଳମ୍ବିତ ରାତିରେ ଟ୍ରକ୍ ମଡାଇ ୨ବରିଷ୍ଠ ଭାଜପା ନେତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସୋମବାର ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ହାଇୱା ଚାଳକ ପ୍ରସନ୍ନ କୁମାର ଜେନାମଣି(୩୦)ଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିଲା। ଏ ସମ୍ପର୍କରେ କୌଣସି ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ହାଇୱା ଚାଳକ ଭାଜପା ନେତାଙ୍କ କାର୍‌କୁ ଜାଣିଶୁଣି ଧକ୍କା ଦେଇଥିଲେ ବୋଲି କହିଛନ୍ତି। କୋର୍ଟ ଚାଲାଣ ବେଳେ ଜିଲା ପୋଲିସ ମୁଖ୍ୟାଳୟ ନିକଟରେ ଗଣମାଧ୍ୟମକୁ ହାଇୱା ଚାଳକ ଦେଇଥିବା ପ୍ରତିକ୍ରିୟାରେ କୌଣସି ତାଳମେଳ ରହି ନ ଥିଲା। ସେ ପ୍ରଥମେ କହିଛନ୍ତି ଯେ, ନିଦ ଲାଗିଯିବାରୁ ଦୁର୍ଘଟଣା ଘଟିଲା। ପୁଣି ମତ ବଦଳାଇ କହିଛନ୍ତି ଯେ, ହାଇୱାରେ ମଣିଷ ମାରି ମୁଁ ପାପ କରିଛି। ପ୍ରଥମ ଥର ଭୁଲରେ ତାଙ୍କ ହାଇୱା ଉକ୍ତ କାର୍‌ରେ ବାଜି ଯାଇଥିଲା। ଦ୍ୱିତୀୟ ଥର ଆଖି ଲାଗିଯିବାରୁ ଓ ତୃତୀୟ ଥରେ ଜାଣିଶୁଣି କାର୍‌କୁ ଧକ୍କା ଦେଇଥିଲେ ବୋଲି ସେ କହିଛନ୍ତି। ମାତ୍ର କାହିଁକି ବୋଲି ପଚାରିବାରେ ଭୁଲବଶତଃ ଅନ୍ୟ ଏକ କାର୍ ଭାବି ଏହି କାର୍‌କୁ ଧକ୍କା ଦେଇଥିଲେ ବୋଲି କହିଛନ୍ତି। ସେ କହିଛନ୍ତି, ହିଣ୍ଡାଲ୍‌କୋରୁ ପାଉଁଶ ନେଇ ଅନଲୋଡ଼ କରିବାକୁ ବରଗଡ଼ ଯାଉଥିଲେ। ମାତ୍ର କେଉଁସ୍ଥାନକୁ ନେଉଥିଲେ ତାହା କହିନାହାନ୍ତି। ଏହି ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରେ ଅନ୍ୟ ଏକ କାର୍ ମାଲିକଙ୍କ ସହିତ ଝଗଡ଼ା ହୋଇଥିଲା। ତେଣୁ ସେ ଭୁଲ୍‌ରେ ଭାଜପା କର୍ମୀଙ୍କ କାର୍‌କୁ ପିଛା କରିଥିଲେ। ଏହି ସମୟରେ ଉକ୍ତ କାର୍‌ରେ ତାଙ୍କ ହାଇୱା ଭୁଲ୍‌ରେ ବାଜି ଯାଇଥିଲା ବୋଲି ଚାଳକ କହିଛନ୍ତି। ତାଙ୍କର ଏଭଳି ବୟାନ ଘଟଣାକୁ ଅଧିକ ରହସ୍ୟାବୃତ୍ତ କରୁଛି। ଏ ନେଇ ପୋଲିସ ମଧ ମୁହଁ ଖୋଲୁ ନ ଥିବାରୁ ଏହାକୁ ନେଇ ସାଧାରଣରେ ସନ୍ଦେହ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ ଯେ, ଗତ ଶନିବାର ବିଳମ୍ବିତ ରାତିରେ ୫୩ନ. ଜାତୀୟ ରାଜପଥର ଆ. କଟାପାଲିଠାରେ ହାଇୱା ଚାପାରେ ୬ଜଣ କାର୍ ଆରୋହୀଙ୍କ ମଧ୍ୟରୁ ଗୋଶାଳା ଭାଜପା ମଣ୍ଡଳ ସଭାପତି କରଡୋଲା ଗ୍ରାମର ଦେବେନ୍ଦ୍ର ନାୟକ ଓ କରଡୋଲାର ପୂର୍ବତନ ସରପଞ୍ଚ ଚାରପାଲି ଗ୍ରାମର ମୁରଲୀ ଛୁରିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ବରିଷ୍ଠ ଭାଜପା କର୍ମୀ କରଡୋଲା ପାଣି ପଞ୍ଚାୟତ ସଭାପତି ରାମନାରାୟଣ ପଣ୍ଡା(କୁନା), ବସନ୍ତପୁର ଗ୍ରାମର ସମାଜସେବୀ ସୁରେଶ ଛନ୍ଦ ଗୁରୁତର ଆହତ ହୋଇ ବର୍ତ୍ତମାନ ବୁର୍ଲାରେ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଛନ୍ତି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟଠାରେ ଆତ୍ମସୁରକ୍ଷା ତାଲିମ ଶିବିର ମହାବିଦ୍ୟାଳୟ ଅଧକ୍ଷା ଡ. ସ୍ନେହଲତା ମିଶ୍ର ଉଦ୍‌ଘାଟନ କରିଛନ୍ତି। ସେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସମାଜରେ ନାରୀମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗ ଅଧାପିକା ତଥା ତାଲିମ ଶିବିରର ତତ୍ତ୍ୱାବଧାରକ ସୋନାଲି ସାମରିଆ ଛାତ୍ରୀମାନଙ୍କୁ ନିର୍ଭୟ ହୋଇ ତଥା ଉପସ୍ଥିତ ବୁଦ୍ଧି ଜରିଆରେ ସମସ୍ତ ବିପଦକୁ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। ଆତ୍ମସୁରକ୍ଷା ତାଲିମ ଶିବିରରେ ନେହା କୁମାରୀ ସାଇ ତାଲିମ ପ୍ରଦାନ କରିବେ। ମହାବିଦ୍ୟାଳୟର ଅନେକ ଅଧାପକ, ଅଧାପିକା ତଥା ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଦେବଗଡ଼ ଜିଲା: ସମସ୍ତ ମଣ୍ଡଳ ଭାଜପା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଦେବଗଡ଼,୬।୧ (ଶଶାଙ୍କ ଶେଖର ଝାଙ୍କର)**

ଭାରତୀୟ ଜନତା ପାର୍ଟୀ ପକ୍ଷରୁ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧି ପଦ ପାଇଁ ଗତ ୪ ତାରିଖରେ ମନୋନୟନ ପତ୍ର ଦାଖଲ କରାଯାଇଥିବା ବେଳେ ଦେବଗଡ଼ ନଗର (ପୌରାଞ୍ଚଳ) ମଣ୍ଡଳ ସଭାପତି ଭାବେ ରାଜେନ୍ଦ୍ର ଆଚାର୍ଯ୍ୟ(ରାଜୁ) ଓ ମଣ୍ଡଳ ପ୍ରତିନିଧି ଭାବେ ଇଂ.ସୁଜିତ କୁମାର ପ୍ରଧାନ, କଳା ମଣ୍ଡଳ (ବାରକୋଟ ବ୍ଲକ) ମଣ୍ଡଳ ସଭାପତି ଭାବେ ବେଲାଳସେନ ବାରିକ ଓ ମଣ୍ଡଳ ପ୍ରତିନିଧି ଭାବେ ରବୀନ୍ଦ୍ରନାଥ ବେହେରା, ରିଆମାଳ ମଣ୍ଡଳ (ରିଆମାଳ ବ୍ଲକ) ସଭାପତି ଭାବେ ସଞ୍ଜୀବ କୁମାର ବେହେରା ଓ ମଣ୍ଡଳ ପ୍ରତିନିଧି ଭାବେ ସମୀର କୁମାର ସାହୁ, ସୁଗୁଡା ତିଲେଇବଣି ମଣ୍ଡଳ (ତିଲେଇବଣି ବ୍ଲକ) ସଭାପତି ଭାବେ ବିରଞ୍ଚି ନାରାୟଣ ନନ୍ଦ ଓ ମଣ୍ଡଳ ପ୍ରତିନିଧି ଭାବେ ଯୋଗେଶ ଚନ୍ଦ୍ର ପ୍ରଧାନ, ବାରକୋଟ (ବାରକୋଟ ବ୍ଲକ) ମଣ୍ଡଳ ସଭାପତି ଭାବେ ପ୍ରଭାତ କୁମାର ସାହୁ ଓ ମଣ୍ଡଳ ପ୍ରତିନିଧି ଭାବେ ଫକୀର ମୋହନ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପରୋକ୍ତ ମଣ୍ଡଳଗୁଡିକ ନିମନ୍ତେ ଦାଖଲ ହୋଇଥିବା ଅନ୍ୟ ସମସ୍ତ ନାମାଙ୍କନପତ୍ର ନାକଚ ହୋଇଗଲା ବୋଲି ଧରି ନିଆଯିବ ବୋଲି ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଦେବଗଡ଼ ଜିଲା ନିର୍ବାଚନ ଅଧିକାରୀ କାଳନ୍ଦୀ ସାମଲ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ୧୧ରେ 'ପ୍ରବାସୀ ଓଡ଼ିଆ ଦିବସ' ପାଳିବ ୱାର୍ଲ୍ଡ ଓଡ଼ିଶା ସୋସାଇଟି

**ଭୁବନେଶ୍ୱର, ୬।୧ (ବନ୍ଦନା ସେଠୀ)**




ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ପ୍ରବାସୀ ଓଡ଼ିଆଙ୍କ ସର୍ବୋଚ୍ଚ ସଙ୍ଗଠନ ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ)ର ଚତୁର୍ଥ ପ୍ରତିଷ୍ଠା ଦିବସ ଜାନୁଆରୀ ୧୧ରେ ଭୁବନେଶ୍ୱରସ୍ଥିତ ମେ' ଫେୟାର ହୋଟେଲରେ ପାଳିତ ହେବ। ଏହି ସମାରୋହକୁ 'ପ୍ରବାସୀ ଓଡ଼ିଆ ଦିବସ' ନାମରେ ନାମିତ କରାଯାଇଛି। ଏହି ଅବସରରେ 'ଉତ୍କଳ ଉତ୍ସବ' ନାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହେବ। ଏନେଇ ସୋସାଇଟି ପକ୍ଷରୁ ସୋମବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବର ଅନ୍ୟତମ ଆକର୍ଷଣ ଭାବରେ 'ରାଇଜିଂ ଓଡ଼ିଶା ସମିଟ୍' ଆୟୋଜନ କରାଯିବ। ପ୍ରବାସୀ ଓଡ଼ିଆ ଦିବସରେ ସୋସାଇଟିର କର୍ମକର୍ତ୍ତା, ସଦସ୍ୟ ବୃନ୍ଦ, ପ୍ରବାସୀ ଓଡ଼ିଆମାନେ ଯୋଗଦେବେ। ପ୍ରବାସୀ ଓଡ଼ିଆଙ୍କ ଏହି ମହାକୁମ୍ଭରେ ଓଡ଼ିଶାର ମାନ, ସମ୍ମାନ ଓ ସମୃଦ୍ଧି ବୃଦ୍ଧି ପାଇଁ ବିଶେଷ ଯୋଗଦାନ ଦେଇଥିବା ବିଶିଷ୍ଟ ଓଡ଼ିଆମାନଙ୍କୁ 'ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ' ଏବଂ 'ରତ୍ନଶ୍ରୀ ପୁରସ୍କାର' ପ୍ରଦାନ କରାଯିବ। ଛତିଶଗଡ଼ର ଓଡ଼ିଆ ବିଧାୟକ ପୁରନ୍ଦର ମିଶ୍ରଙ୍କୁ 'ପ୍ରଥମ ପ୍ରବାସୀ ଓଡ଼ିଆ ସମ୍ମାନ' ପ୍ରଦାନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସେହିପରି ଉଦ୍ୟୋଗପତି ବ୍ରହ୍ମା ମିଶ୍ରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା 'ରାଇଜିଂ ଓଡ଼ିଶା ସମିଟ୍'କୁ ନୂଆଦିଲ୍ଲୀର ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ପରିଚାଳନା କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିବେ ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରବାସୀ ଓଡ଼ିଆ ଦିବସର 'ଉତ୍କଳ ଉତ୍ସବ' ଶୀର୍ଷକ ଉଦ୍‌ଯାପନୀ ସମାରୋହକୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରିବେ ବୋଲି ସୋସାଇଟିର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୋସାଇଟିର ଭାରତ ଅଧ୍ୟାୟର ସଭାପତି ଡ. ବିପିନ ମିଶ୍ର, ଓଡ଼ିଶା ଶାଖାର ସଭାପତି ସନତ ମିଶ୍ର, କର୍ମକର୍ତ୍ତା ସୌରେନ୍ଦ୍ର ମହାପାତ୍ର, ପବିତ୍ର ମହାରଥା, ଅଜୟ ମିଶ୍ର, ରୀତା ପାତ୍ର, ଅଭିନ୍ନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

**ଦେବଗଡ଼, ୬।୧ (ଶଶାଙ୍କ ଶେଖର ଝାଙ୍କର)**

ଗୋଷ୍ଠୀ ଶିକ୍ଷା ବିଭାଗ ତିଲେଇବଣି ଆନୁକୂଲ୍ୟରେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ବ୍ଲକ ଅଧୀନ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଓ ଇଂଲିଶ ଭାଷାରେ ପ୍ରବନ୍ଧ, କୁଇଜ ଓ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ସିଆର୍‌ସିସି ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଉଦୟ ନାଥ ପ୍ରଧାନ, କ୍ଷିତିଶ କୁମାର ପ୍ରଧାନ, ଛାୟାକାନ୍ତ ବିଶ୍ୱାଳ, କ୍ରୀଡା ଶିକ୍ଷକ ତିଲେଶ୍ୱର ସ୍ୱାଇଁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ବିଭିନ୍ନ ସରକାରୀ, ବେସରକାରୀ ଓ ଇଂଲିଶ ବିଦ୍ୟାଳୟରୁ ମୋଟ ୭୬ଜଣ ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ପ୍ରାଣବନ୍ଧୁ ଘଡ଼େଇ, ଅଶୋକ କୁମାର ସାହୁ, ରାଜେଶ କୁମାର ନାଏକ, ଶିକ୍ଷୟିତ୍ରୀ ମଞ୍ଜୁଲତା ନାଥଙ୍କ ସହ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୋଷ୍ଠୀ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम  A Government of India Undertaking

**ରାଉରକେଲା ମୁଖ୍ୟ ଶାଖା,**
ରୋଜି ସପିଂ ସେଣ୍ଟର, ୧ମ ମହଲା, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧

**ଡିମାଣ୍ଡ ନୋଟିସ୍**

**ଆମର ରାଉରକେଲା ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଉରକେଲା ମୁଖ୍ୟ ଶାଖା**ର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:


| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ: **୧) ସୋହେଲ ଅହମ୍ମଦ,** ପିତା: ୰ ୱାସି ଅହମ୍ମଦ, ବୁଦେଲଯୋର, ପ୍ଲଟ୍ ନଂ.: ୬/୧୭୨୬, ଆଶିୟାନା ହାଇ ସ୍କୁଲ ଲେନ୍, ବିଶ୍ରା, ସୁନ୍ଦରଗଡ଼, ଓଡ଼ିଶା-୭୭୦୦୩୬, **୨) ୱାସିମ ଅହମ୍ମଦ,** ପିତା: ୰ ୱାସି ଅହମ୍ମଦ, ଗଜାନନ୍ଦ ଲେନ୍, ଓଲ୍ଡ ଷ୍ଟେସନ ରୋଡ୍, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧ | ଗୃହ ଋଣ / ୧୪.୧୦.୨୦୨୪ | ୦୭.୧୧.୨୦୨୪ / ୧୫.୧୦.୨୦୨୪ ସୁଦ୍ଧା ଟ.୨୨,୧୯,୨୯୭.୪୧ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | ସୋହେଲ ଅହମ୍ମଦଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର ପ୍ଲଟ୍ ନଂ.: ୬/୧୭୨୬, ଖାତା ନଂ.: ୮୮/୧୨୮୯, ମୌଜା: ବୁଦେଇଯୋର, ଥାନା: ବିଶ୍ରା, ତହସିଲ: ବିଶ୍ରା, ଜିଲ୍ଲା: ସୁନ୍ଦରଗଡ଼, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଉକ୍ତ ସମ୍ପତ୍ତିର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ: ୬/୭୦୧/ପି, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୬/୭୦୧/ପି, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ରାଉରକେଲା
ତାରିଖ: ୦୬.୦୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ





## ସଂକ୍ଷେପରେ

### ବେଆଇନ ଧାନ ବୋଝେଇ ଭ୍ୟାନ୍ ଜବତ

**ଦେଓଗାଁ,୬।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଲେଜ ନିକଟରେ ଏକ ଧାନବୋଝେଇ ମ୍ୟାକ୍ସ ପିକ୍ଅପ ଭ୍ୟାନ୍କୁ ପୋଲିସ ରବିବାର ସନ୍ଧ୍ୟାରେ ଜବତ କରିଛି । ପ୍ରକାଶ ଯେ, ଦେଓଗାଁର କୁଲିଆବାହାଲ ଗ୍ରାମରୁ ଧାନବୋଝେଇ କରି ଏହି ଭ୍ୟାନ୍ ଶିବଡଲା ପଟେ ଯାଉଥିଲା । ଏହି ଭ୍ୟାନ୍ରେ ବେଆଇନ ଭାବେ ଧାନ ଚାଲାଣ ହେଉଥିବା ଖବର ପାଇ ପୋଲିସ ତଡ଼ାଉ କରି ଜବତ କରିଥିଲା । ଏଥିରେ ୭୦ ବସ୍ତା ଧାନ ବୋଝେଇ ହୋଇଥିବା ବେଳେ ଯୋଗାଣ ବିଭାଗ ଅଧିକାରୀମାନେ ଯାଞ୍ଚ କରିଥିଲେ । ଡ୍ରାଇଭର ଧାନ ବୋଝେଇ ଭ୍ୟାନ୍ର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସନ୍ଦେହ କରି ଯାଞ୍ଚ କରିବା ପରେ ବେଆଇନ ଧାନ ଚାଲାଣ ହେଉଥିବା ଜଣାପଡିଥିଲା । ଏନେଇ ଏକ ମାମଲା(ନଂ ୬/୨୦୨୫) ରୁଜୁ ହୋଇଛି । ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।



### ଜନ ଅଭିଯୋଗ ଶୁଣାଣି ଶିବିର

**ପାଟଣାଗଡ଼,୬।୧ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ବ୍ଲକ ପଣ୍ଡାମୁଣ୍ଡା ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପାଟଣାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ, ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ ଯୋଗଦେଇ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ପଣ୍ଡାମୁଣ୍ଡା ସରପଞ୍ଚ, ସମିତି ସଭ୍ୟ, ସମସ୍ତ ୱାର୍ଡ ମେମ୍ବରଙ୍କ ସହିତ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ ।

### କୋର୍ଟ ବାର୍ ହଲ, କ୍ୟାଣ୍ଟିନ ଶିଳାନ୍ୟାସ

**ଟିଟିଲାଗଡ଼,୬।୧ (ଶରତ ମିଶ୍ର)**

ନିର୍ମାଣାଧୀନ ଟିଟିଲାଗଡ଼ ନୂତନ ସିଭିଲ କୋର୍ଟ ପରିସରରେ ସୋମବାର କୋର୍ଟ ବାର୍ ହଲ ଏବଂ କ୍ୟାଣ୍ଟିନର ଶିଳାନ୍ୟାସ ହୋଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଆଭାସି ଜରିଆରେ ଏହାର ଶିଳାନ୍ୟାସ ଫଳକ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିଳାନ୍ୟାସ ସ୍ଥଳରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ, ସବଜଜ୍ କୃଷ୍ଣଚନ୍ଦ୍ର ନାୟକ, ଏସଡ଼ିଜେଏମ ସୁମିତ କୁମାର ପାଣିଗ୍ରାହୀ, ବାର ସଭାପତି ସଞ୍ଜୟ ବେହେରା, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ରବିକିରଣ ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ବରିଷ୍ଠ ଆଇନଜୀବୀ ଅରବିନ୍ଦ ମେହେଟ୍ଟୋ, କମ୍ବୁପାଣି ପାଢ଼ୀ, ଶ୍ୟାମାପ୍ରସାଦ ଗରିଆ, ସୁଜିତ ପଣ୍ଡା, ତୁଳସୀ ସାହୁ, ବିକାଶ ଭୋଇ, ଜୟନ୍ତ ପଣ୍ଡା, ଦେବେନ୍ଦ୍ର ମିଶ୍ର, ଲଳିତ ମୋହନ ତାଣ୍ଡି, ଟିକେରାମ ସାହୁ, ରାଜେଶ ବାବୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# 'ମଠଖାଇ ମହୋତ୍ସବ ଆନ୍ଦୋଳନରେ ପରିଣତ ହୋଇଛି'



ଦଡେଶ୍ୱର ହୋତାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି ।



ହିନ୍ଦୀ ନାଟକ ଚାନ୍ଦ ଔର ଚକୋରର ଏକ ଦୃଶ୍ୟ ।

- ୧୭ତମ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
- ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରଥମ କୁଳପତି ଦଡେଶ୍ୱର ହୋତାଙ୍କୁ ମଠଖାଇ ସମ୍ମାନ

**ବଲାଙ୍ଗୀର, ୬।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ସୋମବାର ୧୭ ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମହୋତ୍ସବ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ କଟକ ବିଧାୟିକା ସୋଫିଆ ଫିରଦୋସ ଓ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ସନାତନ ଠାକୁର ଯୋଗଦାନ କରିଥିଲେ । ମୁଖ୍ୟଅତିଥି ବିଧାୟିକା ସୋଫିଆ ତାଙ୍କ ବକ୍ତବ୍ୟରେ ମଞ୍ଚ ନାଟକ କ୍ଷେତ୍ରରେ ମଠଖାଇ ମହୋତ୍ସବକୁ ପ୍ରଶଂସା କରିଥିଲେ । ରାଜନୀତି ଶିଖିବାକୁ ହେଲେ ନରସିଂହ ମିଶ୍ର ଏକ ବଡ ମାର୍ଗ ବୋଲି କହିଥିଲେ । ସମ୍ମାନିତ ଅତିଥି ଠାକୁର ମଠଖାଇ ମହୋତ୍ସବ ନାଟକ କ୍ଷେତ୍ରରେ ଏକ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି କହିଥିଲେ । ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସାମାଜିକ ବିକାଶ ତଥା ସାମାଜିକ ସଂସ୍କାର ପାଇଁ ନାଟକ ଏକ ମାଧ୍ୟମ ବୋଲି କହିଥିଲେ । ଏହାଛଡ଼ା ନାଟକ ଦେଖିବା ମୋର ନିଶା ବୋଲି କହିଥିଲେ । ଏହି ଅବସରରେ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରଥମ କୁଳପତି ଦଡେଶ୍ୱର ହୋତାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା । ଆଜିର ସଭାକୁ ସଭାପତି ଅଶୋକ ଦାସ ପରିଚାଳନା କରିଥିଲେ । ସମ୍ପାଦକ ବ୍ୟାସଦେବ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଥିଲେ । ଦ୍ୱିତୀୟ ଦିନ ରଙ୍ଗମଞ୍ଚକୁ କୋଲକତାର ବିଶିଷ୍ଟ କଳାକାର ମନୋଜ ମିତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ସଭା ପ୍ରାରମ୍ଭରୁ ବଲାଙ୍ଗୀର ନଟରାଜ କଳା ପରିଷଦ ପକ୍ଷରୁ ଚୁରା ଫଗୁନ୍ ନୃତ୍ୟ ପରିବେଷଣ କରାଯାଇଥିଲା । ସଭା ପରେ ଛତିଶଗଡ ରାୟପୁରସ୍ଥିତ ରଙ୍ଗ ଶୃଙ୍ଖଳା ନାଟ୍ୟ ମଞ୍ଚ ପକ୍ଷରୁ ହୀରା ମାଣିକପୁରୀଙ୍କ ଅନୁସୃଜିତ ଏବଂ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଚାନ୍ଦ ଔର ଚକୋର ମଞ୍ଚସ୍ଥ ହୋଇଥିଲା ।

ପୂର୍ବାହ୍ନ ୧୧ଟାରେ କୋଶଳ କଳାମଣ୍ଡଳ ରଙ୍ଗମଞ୍ଚ ଠାରେ ନାଟକ ଯୋଗାଯୋଗର ମାଧ୍ୟମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ନାଟ୍ୟକାର ପରମେଶ୍ୱର ମୁଣ୍ଡ ଓ ନିବେଦିତା ଜେନା ଯୋଗଦେଇ ନାଟକ କିଭଳି ଦର୍ଶକ ଏବଂ ଅଭିନେତାଙ୍କ ଭିତରେ ଯୋଗାଯୋଗ ସ୍ଥାପନ କରେ ଆଲୋଚନା କରିଥିଲେ । ଏହି ଆଲୋଚନାଚକ୍ରକୁ ନାଟ୍ୟକାର ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ । ଆଲୋଚନାଚକ୍ରରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ତରୁଣ କୁମାର ମିଶ୍ର, ପ୍ରେମଚାନ୍ଦ ମହାନ୍ତି, ଅରୁଣ ନାଏକ, ଧର୍ମେନ୍ଦ୍ର ନନ୍ଦ, ମୁରଲୀଧାରୀ ପତି, ବାସୁଦେବ ମେହେର, ବ୍ରଜମୋହନ ପଣ୍ଡା, ଗୌର ମହାପାତ୍ର, ସଙ୍ଗୀତା ଦାଶ, ପୀତବାସ ପଣ୍ଡା, ମନୋରଞ୍ଜନ ସାହୁ ଓ ବିଇଡି କଲେଜ ଛାତ୍ରମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗୀର ସହର ଉପକଣ୍ଠରେ ହାତୀପଲ

**ବଲାଙ୍ଗୀର,୬।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି-ମାଧିଆପାଲି ମଝିରେ ରବିବାର ରାତିରେ ହାତୀପଲ ବୁଲୁଥିବା ଦେଖିବାକୁ ମିଳିଥିଲା । ସହର ପାଖକୁ ହାତୀପଲ ଆସିବା ଖବର ପ୍ରଚାରିତ ହେବା ପରେ ଭୟର ବାତାବରଣ ଖେଳିଯାଇଥିଲା । ଏହି ହାତୀପଲରେ ୯ଟି ହାତୀ ରହିଥିବା ଜଣାପଡିଛି । ଲୋଇସିଂହା ରେଞ୍ଜରେ ବୁଲୁଥିବା ଏହି ହାତୀପଲ ବଲାଙ୍ଗୀର ସହର ଉପକଣ୍ଠକୁ ଆସିଯାଇଥିଲେ । ଖବର ପାଇ ଲୋଇସିଂହା, ବଲାଙ୍ଗୀର ଓ ଦେଓଗାଁ ରେଞ୍ଜ ବନବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ପୋଲିସ ଟିମ୍ ହାତୀ ଘଉଡାଇବାକୁ ବାହାରିଥିଲେ । ବିଳମ୍ବିତ ରାତିରେ ହାତୀପଲ ବାଦୀଘୋର ଜଙ୍ଗଲ ପାଖକୁ ଚାଲିଯାଇଥିଲେ । ସେଠାରୁ ସୋମବାର ସକାଳେ ବଲାଙ୍ଗୀର-ପାଟଣାଗଡ ଖରସେଲ ଜଙ୍ଗଲ ଭିତରକୁ ଚାଲିଯାଇଥିବା ସୂଚନା ମିଳିଛି । ରାତିରେ ବଲାଙ୍ଗୀର ସହର ଆଖପାଖ ମୁଖ୍ୟ ରାସ୍ତାଗୁଡିକ ବ୍ୟସ୍ତବହୁଳ ରହୁଥିବା ବେଳେ ଲୋକେ ଯିବାଆସିବା କରୁଥାନ୍ତି । ଏଣୁ ବଲାଙ୍ଗୀର ଡିଏଫ୍ଓ ସୁଦର୍ଶନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସିଏଫ୍ ମାନସ ବେହେରା ବଲାଙ୍ଗୀର, ଲୋଇସିଂହା ଓ ଦେଓଗାଁ ରେଞ୍ଜର ବନ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସ୍ଥିତି ଉପରେ ନଜର ରଖିଛନ୍ତି ।

# ୯୧ ବର୍ଷରେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା



ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ସାହିତ୍ୟିକମାନେ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ।

**ବଲାଙ୍ଗୀର,୬।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଆ, ହିନ୍ଦୀ ଓ କୋଶଲୀ ଭାଷା ସାହିତ୍ୟର ଯଶସ୍ୱୀ କବି ଓ କଥାକାର ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ସୋମବାର ୯୧ ବର୍ଷରେ ପଦାର୍ପଣ କରିଛନ୍ତି । ଏହି ଅବସରରେ ବଲାଙ୍ଗୀର ରାଧାରାଣୀପଡାସ୍ଥିତ ତାଙ୍କ ବାସଭବନ କବିକୁଟୀରରେ ପଦ୍ମଶ୍ରୀ ଉଦ୍‌ଗାତାଙ୍କ ଜନ୍ମଦିନ ପାଳନ କରାଯାଇଛି । ବଲାଙ୍ଗୀରର ବହୁ ବିଶିଷ୍ଟ ବ୍ୟକ୍ତି, କବି ଓ ସାହିତ୍ୟିକ ତାଙ୍କ ବାସଭବନକୁ ଯାଇ ପଦ୍ମଶ୍ରୀ ଉଦ୍‌ଗାତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, କବି ସନ୍ଦୀପ କୁମାର କୁଅଁର, ବୀରେନ୍ଦ୍ର କୁମାର ଝାଙ୍କର ତାଙ୍କ ବାସଭବନକୁ ଯାଇ ଉପାୟନ ଓ ପୁଷ୍ପମାଲ୍ୟ ଅର୍ପଣ କରି ପଦ୍ମଶ୍ରୀ ଉଦ୍‌ଗାତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ । ଏହାସହିତ ଅନ୍ୟ ବହୁ ସାହିତ୍ୟିକ ଓ କଳାକାର ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏବେ ବି କବି ଉଦ୍‌ଗାତା ସାହିତ୍ୟ କ୍ଷେତ୍ରରେ ବେଶ୍ ସକ୍ରିୟ ରହିଛନ୍ତି । ଏଯାବତ୍ ସେ ୩୩୦ ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି । ଓଡିଆ ଓ କୋଶଲୀ ଭାଷା ସାହିତ୍ୟର ପ୍ରଚାର, ପ୍ରସାର ଓ ହିନ୍ଦୀ ଅନୁବାଦ ସାହିତ୍ୟ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ସାହିତ୍ୟ ସାଧନା ପାଇଁ ସେ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ସମ୍ମାନ, ବିଦ୍ୟାବାଚସ୍ପତି ସମ୍ମାନ, ସାରଳା ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ସହ ଦେଶ ଓ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ଓଡିଆ ଓ କୋଶଲୀ ଭାଷା ଏବଂ ସାହିତ୍ୟର ଉତ୍ତରଣ ଦିଗରେ ସେ ନିରନ୍ତର କାର୍ଯ୍ୟ କରିବାକୁ ଜନ୍ମଦିନ ଅବସରରେ କହିଛନ୍ତି ।

# ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ବଲାଙ୍ଗୀର ବିଧାୟକ କଳିକେଶଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବଲାଙ୍ଗୀର,୬।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଉପକଣ୍ଠ ଗନ୍ଧରେଲସ୍ଥିତ ରାଧାରମଣ ମନ୍ଦିର ପରିସରରେ ସାମାଜିକ ସଙ୍ଗଠନ ମାହେଶ୍ୱରୀର ବାର୍ଷିକ ସାଧାରଣ ସଭା ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ତଥା ଜାତୀୟ ରାଇଫଲ ଆସୋସିଏଶନ ସଭାପତି କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସଙ୍ଗଠନ ମୁଖ୍ୟ ଶାଖା ସହ ଆଗଲପୁର, ଲୋଇସିଂହା, ତରଭା, ପୁଇଁତଲା, ଟିଟିଲାଗଡ, ଦେଓଗାଁ, ଖପ୍ରାଖୋଲ, ପାଟଣାଗଡ଼, ବଲାଙ୍ଗୀର ସଦର ଶାଖାର ବହୁ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ । ବିଧାୟକ ସିଂଦେଓ ଯୁବବର୍ଗଙ୍କୁ ସମାଜ ନିର୍ମାଣ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡା କ୍ଷେତ୍ରରେ ନୂଆ ପ୍ରକଳ୍ପ ହାତକୁ ନେଇ କାମ କରିବାକୁ ଉତ୍ସାହିତ କରିଥିଲେ । ସଙ୍ଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ତୃପ୍ତିମୟୀ ମହାପାତ୍ର ପରିଚାଳନା କରିଥିଲେ । ଏହି ଅବସରରେ ସମସ୍ତ ସଭ୍ୟଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସଭାପତି ଶୋଭନ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଆଶୁତୋଷ ବାଗ, ସୋମେଶ ମିଶ୍ର, ଜତିନ୍ଦ୍ର ସାହୁ, ତୁଷାର କୁଅଁର, କରନ୍ ବେହେରା, ଶିବାନନ୍ଦ ସାହାଣୀ, ଓମ୍ ସୁନା, ଅଂଶୁମାନ କୁମ୍ଭାର, ଦେବାଶିଷ ପାଣ୍ଡିଆ, କାହ୍ନ ସିଂ ସହଯୋଗ କରିଥିଲେ ।

# ଖପ୍ରାଖୋଲରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

### ଆରମ୍ଭ ହେଲା କଂସଙ୍କ ରାଜୁତି

**ଖପ୍ରାଖୋଲ,୬।୧ (ଅଭୟ ତ୍ରିପାଠୀ)**

ସ୍ଥାନୀୟ ଧନୁଯାତ୍ରା ପଡିଆଠାରେ ଚତୁର୍ଥ ଧନୁଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜକ କମିଟି ସଭାପତି ବୁଲୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସରପଞ୍ଚ ବେଟିଖାଇ ସେନ୍ଦ୍ରୀଆ ଯୋଗଦେଇ ଥିଲେ । ଅତିଥିମାନେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଅତିଥିମାନେ ମହୋତ୍ସବ ଉପରେ ଆଲୋକପାତ କରିବା ସହ ଏହି ଧନୁଯାତ୍ରା ମହୋତ୍ସବ କେବଳ ପୁରାଣର କଥାବସ୍ତୁ ନୁହେଁ, ଦୈନନ୍ଦିନ ଜୀବନରେ ଆମ ସଂସ୍କୃତି ଓ କଳାର ପରିପ୍ରକାଶର ମାଧ୍ୟମ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ପରିଚାଳନା କରିଥିଲେ । ବିନୋଦ ସାହୁ, ଦିଲିପ ଗଡତ୍ୟା, ସୁଶୀଲ ପ୍ରଧାନ, ରଞ୍ଜନ ସାହୁ, ଈଶ୍ୱର ମେହେର, ପରକ୍ଷୀତ ସାହୁଙ୍କ ସମେତ ଆୟୋଜକ କମିଟିର ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମେ ଶ୍ରୀଅନ୍ନ ଅଭିଯାନ ତରଫରୁ ମିଲେଟ ପ୍ରସ୍ତୁତ ଖାଦ୍ୟ ମେଳା ଆରମ୍ଭ ହୋଇଥିଲା । ଆଗାମୀ ୧୨ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ।

# ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳିତ




ଜୟନ୍ତୀ ସଭାରେ ଅତିଥି ଓ ସଂଗଠନ ସଦସ୍ୟ ।

**ଲୋଇସିଂହା, ୬।୧ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ପଶ୍ଚିମ ଓଡିଶା ମହିଳା ସଂଗଠନ ଆନୁକୂଲ୍ୟରେ ଜ୍ଞାନଜ୍ୟୋତି ମାତା ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଭାରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ଜି. ସାହୁ, ସଂଗଠନ ସଭାନେତ୍ରୀ ସବିତା ନନ୍ଦ ମୁଖ୍ୟବକ୍ତା, ଅଧ୍ୟାପିକା ଶାନ୍ତିପ୍ରିୟା ହୋତା, ତୃପ୍ତିମୟୀ ନାଏକ, ଅନିତା ହୋତା ଓ ସଂଗଠନର ସଭ୍ୟା ସବିତା ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାତା ସାବିତ୍ରୀ ବାଇଫୁଲେଙ୍କ ତ୍ୟାଗ ଓ ବଳିଦାନ ପାଇଁ ସମ୍ପ୍ରତି ଭାରତୀୟ ସମାଜରେ ନାରୀ ଶିକ୍ଷା ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରେମଶିଲା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୈଳିକ ବୈଶ୍ୟ ସମାଜର ବନ୍ଧୁମିଳନ



**ବେଲପଡ଼ା,୬।୧ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ତୈଳିକ ବୈଶ୍ୟ ସମାଜର ବନ୍ଧୁ ମିଳନ ଉତ୍ସବ ରବିବାର ବାସୁଦେବପଡାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜର ବ୍ଲକ ସଭାପତି ଚୈତନ୍ୟ ସାହୁ ସଭାପତିତ୍ୱ କରିଥିଲେ । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତୈଳିକ ବୈଶ୍ୟ ସମାଜର ଜିଲା ସଭାପତି ଉମାକାନ୍ତ ସାହୁ ଓ ମୁଖ୍ୟବକ୍ତା ଭାବରେ ଜିଲା ସମ୍ପାଦକ ପ୍ରଦୀପ ସାହୁ ଯୋଗ ଦେଇଥିଲେ । ଅତିଥିଗଣ ସମାଜର ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତିକୁ ସଂଗଠିତ ସହ ପ୍ରଗତି ପାଇଁ ଲୋଡା ଏକତା ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ମହେଶ୍ୱର ସାହୁ ପରିଚାଳନା କରିଥିଲେ । ଜିଲାର ବଙ୍ଗୋମୁଣ୍ଡା, ପାଟଣାଗଡ଼, ଖପ୍ରାଖୋଲ, ମୁରିବହାଲ, ଖୁଟ ସମଲେଇ, ପାଢ଼େଲ ସମାଜର କର୍ମକର୍ତ୍ତାଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । ଆଗକୁ ସମାଜର ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଶେଷରେ ବେଲପଡା ବ୍ଲକ ସମ୍ପାଦକ ପର୍ଶୁରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବେଲପଡ଼ା ବ୍ଲକ ସମାଜର ଋଷି ସାହୁଙ୍କ ସମେତ ଶତାଧିକ ସଦସ୍ୟ ସହଯୋଗ କରିଥିଲେ ।

# ସୁରୁବନ୍ଧର ହେବ ପୁନରୁଦ୍ଧାର

**ଟିଟିଲାଗଡ଼,୬।୧ (ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ସହରର ସର୍ଗିଗୁଡାଠାରେ ଥିବା ଜଳାଶୟ ସୁରୁବନ୍ଧର ପୁନରୁଦ୍ଧାର ହେବାକୁ ଯାଉଛି । ଦୀର୍ଘ ଦଶନ୍ଧି ଧରି ପ୍ରଶାସନିକ ଅବହେଳାର ଶିକାର ହୋଇ ଏହା ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିଲା । ଲୋକଙ୍କ ଦାବି ସତ୍ତ୍ୱେ ଏହାର ସଫେଇ କିମ୍ବା ପଙ୍କୋଦ୍ଧାର କାର୍ଯ୍ୟ ହେଉ ନ ଥିଲା । ଫଳରେ ଦୀର୍ଘ ବର୍ଷ ଧରି ଅବ୍ୟବହୃତ ହୋଇ କ୍ରମଶଃ ପୋତି ହେବାରେ ଲାଗିଛି । ଏପରି କି ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ଏହା ଉପରେ ପଡ଼ିଥିବା ଅଭିଯୋଗ ହୋଇ ଆସୁଥିଲା । ତେବେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିବା ପରେ ରବିବାର ସୁରୁବନ୍ଧ ନିକଟରେ ନଡ଼ିଆ ଭାଙ୍ଗି ପୁନରୁଦ୍ଧାର ପାଇଁ ଶୁଭ ଦେଇଛନ୍ତି । ଏହି ଜଳାଶୟର ସଫେଇ ସହ ଚାରିକଡ଼ରେ ଗାର୍ଡୱାଲ, ୱାକିଂ ଟ୍ରାକ, ଆଲୋକୀକରଣ, ଓପନ ଜିମ୍, ଶିଶୁ ଉଦ୍ୟାନ ଆଦି ବ୍ୟବସ୍ଥା ହେବ । ତତଲାଗଡ଼ ଭାବରେ ପରିଚିତ ଟିଟିଲାଗଡ଼ ଅଞ୍ଚଳରେ ଜଳାଶୟର ଉନ୍ନତି ହେଲେ ଜଳ ସଂରକ୍ଷଣ ପରିମାଣ ବୃଦ୍ଧି ସହ ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବ ବୋଲି ପୌରାଧ୍ୟକ୍ଷା ଜୈନ କହିଛନ୍ତି । ଜଳାଶୟର ପୁନଃରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, କାଉନସିଲର ଚନ୍ଦ୍ରକାନ୍ତି ନାଗ, ବିଜୟ ମେହେର, ବୈକୁଣ୍ଠ ନାଗ, ଶଙ୍କର ମେହେର, ଘନ ମେହେର, ଦଶମୁ ମାଝୀ, ଲୋକନାଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



# ଧାନକ୍ରୟରେ ଫଲ୍‌ସ ଏଣ୍ଟ୍ରି ଅଭିଯୋଗ, ତଦନ୍ତ ଦାବି

**ଲୋଇସିଂହା,୬।୧ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପାକ୍ସରେ ଧାନକ୍ରୟରେ ଫଲସ ଏଣ୍ଟ୍ରି କରାଯାଉଥିବା ଚାଷୀ ଜାଣିବାକୁ ପାଇଛି । ଟୋକନ ପାଇ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ଅପେକ୍ଷାରତ ଥିବା ବେଳେ ଚାଷୀଙ୍କୁ ଭୁଆଁ ବୁଲାଇ ମିଲର୍ସ ସହିତ ପାକ୍ସ କର୍ମଚାରୀ ସଲାସୁତରା କରି ଫଲ୍‌ସ ଏଣ୍ଟ୍ରି କରୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଉକ୍ତ ପାକ୍ସରେ ଧାନ ବିକ୍ରି ପାଇଁ ୬ ଶହ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ପ୍ରଥମ ଦଫାରେ ୧୩ ହଜାର ୬ ଶହ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଛି । ସେଥିରୁ ୪ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କ୍ରୟ କରାଗଲାଣି । ୬ ମିଲର୍ସ ଉକ୍ତ ପାକ୍ସରୁ ଧାନ ଉଠାଉଛନ୍ତି । ରାଧାଗୋବିନ୍ଦ ମିଲକୁ ୩୬ଶହ କୁଇଣ୍ଟାଲ ଟାର୍ଗେଟ ମିଳିଥିବା ବେଳେ ସେଥିରୁ ୧୭୫୫ କୁଇଣ୍ଟାଲ ଧାନ କ୍ରୟ କରାଗଲାଣି । ସେହିପରି ସମଲେଶ୍ୱରୀ ମିଲ୍ ୩୪ ଶହ କୁଇଣ୍ଟାଲରୁ ୧୭୦୩ କୁଇଣ୍ଟାଲ ଉଠାଇଛି ।

ରଶ୍ମି ୨୧୫୦ କୁଇଣ୍ଟାଲରୁ ୧୮୩୩, ଭଗବତୀ ୧୯ଶହ କୁଇଣ୍ଟାଲରୁ ୧୩୩୮, ମହିମା ୧୦୫୦ କୁଇଣ୍ଟାଲରୁ ୧୦୩୮ ଓ ସୁରେଶ ଟ୍ରେଡିଂ ୧୫ ଶହ କୁଇଣ୍ଟାଲରୁ ୭୬୪ କୁଇଣ୍ଟାଲ ଉଠାଇ ସାରିଛି । ମିଲର୍ସମାନେ କୁଇଣ୍ଟାଲ ପ୍ରତି ଅଢେଇ କେଜି ଧାନ କଟନି ଛଟନି କରୁଛନ୍ତି । କେବଳ ମହିମା ମିଲ୍ ଟାର୍ଗେଟ ପୂରଣ କରିଥିବା ବେଳେ ବାକି ମିଲର୍ସ ଧାନ ଉଠାଣରେ ଡେରି କରୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବଡଟିକା ପାକ୍ସରେ ଟୋକନରେ ଏପଟସେପଟ କରାଯାଉ ନ ଥିଲେ ସୁଦ୍ଧା ଫଲସ ଏଣ୍ଟ୍ରିରେ ଧାନ ଉଠାଯାଇଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଫଲସ ଏଣ୍ଟ୍ରି ଯୋଗୁ ଚାଷୀ ଉପେକ୍ଷିତ ହେଉଥିବା ନେଇ ପାକ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ କଲେ କୌଣସି ସୁଫଳ ମିଳୁ ନାହିଁ । ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ଉକ୍ତ ପାକ୍ସର ସମ୍ପାଦକ ଜଗନ୍ନାଥ ପଧାନଙ୍କୁ ପଚାରିବାରେ ଅଫିସର ଗୋପନୀୟ ତଥ୍ୟ ଦେବାକୁ ସେ ମନା କରିଥିଲେ । ପ୍ରଶାସନ ପକ୍ଷରୁ ମଣ୍ଡିରୁ ଧାନ ଉଠାଣ ସଂକ୍ରାନ୍ତ ଦସ୍ତାବିଜ ସହ ସିସିଟିଭି ଫୁଟେଜ ଯାଞ୍ଚ ହେଲେ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି ଚାଷୀମାନେ କହିଛନ୍ତି । ଅପରପକ୍ଷେ ଲୋଇସିଂହା ବ୍ଲକ ବୁର୍ଡା ପାକ୍ସରେ ଧାନକ୍ରୟରେ ଅନିୟମିତତା ଘଟଣାର ବିଭାଗୀୟ ତଦନ୍ତ ବାଟବଣା ହୋଇ ପଡିଥିବାରୁ ବିଭାଗୀୟ ସ୍ୱଚ୍ଛତାକୁ ନେଇ ଉଠି ପ୍ରଶ୍ନ ଉଠିଛି ।




ବଡଟିକା ପାକ୍ସ ସମ୍ମୁଖରେ ବିକ୍ରି ପାଇଁ ଗଚ୍ଛିତ ଧାନବସ୍ତା ।

## ବଡ଼ଟିକା ପାକ୍ସ

# ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଘାଟିତ



ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ।



ଭୁବନେଶ୍ୱରର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଆବାହନ, ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ଏବଂ ଲୋକନୃତ୍ୟର ତାଳେତାଳେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଲୋକବାଦ୍ୟ ଓ ଲୋକନୃତ୍ୟରେ ସୁବର୍ଣ୍ଣପୁର ସହର ରାଜରାସ୍ତା ଦୁଲୁକି ଉଠିଥିଲା। ରୟାଲ ପଡିଆଠାରୁ ରାମେଶ୍ୱର ଷ୍ଟାଡିୟମ ପର୍ଯ୍ୟନ୍ତ କଳାକାରଙ୍କ ନୃତ୍ୟ, ସଂକୀର୍ତ୍ତନ୍ୟ ଓ ବାଦ୍ୟର ତାଳରେ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅଞ୍ଜଳିନା ପ୍ରଧାନ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ଢୋଲ, ନିଶାନ୍ ଓ ବଂଶୀର ସ୍ୱରର ତାଳେତାଳେ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ କଳାକାରମାନେ ଲୋକନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ନୃତ୍ୟ ଓ ବାଦ୍ୟର ମହା ସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। ଭୁବନେଶ୍ୱର ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନର ଓଡ଼ିଶୀ ନୃତ୍ୟ ଶିବ ତାଣ୍ଡବରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ। ପରେ ରାଜସ୍ଥାନ କାଲବେଲିଆ ଅନୁଷ୍ଠାନର କଳାକାରଙ୍କ ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ, ମା' ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, କଳାହାଣ୍ଡି କଳାକାରଙ୍କ ବଜାଶାଳ ନୃତ୍ୟ, ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏସନ୍‌ର ପାଇକ

## ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

ଆଖଡା, ସୋନପୁର ସୁର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶାସ୍ତ୍ରୀୟ ନୃତ୍ୟ, ଡୁଙ୍ଗୁରିପାଲି ବ୍ଲକ କଳା ସଂସ୍କୃତି ପରିଷଦର କଳାକାରଙ୍କ କରମାସାନୀ ନୃତ୍ୟ ଓ ସୋନପୁର ଆଦର୍ଶ ସ୍କୁଲର ଛାତ୍ରୀଛାତ୍ରଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟର ଛନ୍ଦରସରେ ଝୁମିଥିଲେ ଦର୍ଶକ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁରର ଗୌରବମୟ ଇତିହାସ ରହିଛି। ଜିଲାର କଳା, ସାହିତ୍ୟ ଓ ସଂସ୍କୃତି ଦେଶ ବିଦେଶରେ ପ୍ରସିଦ୍ଧ। ରାଜ୍ୟ ସରକାର ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଜିଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ଓ ସୂତା କଳ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଥିବା ସିଂହଦେଓ କହିଥିଲେ। ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଅନ୍ୟା ଦାସ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦାନ କରି ଏହି ମହୋତ୍ସବ ଜିଲାର ଅସ୍ମିତା ସହ ଜଡିତ। ମେଳାରେ କିଣାବିକାର ଅପାର ସୁଯୋଗ ରହିଛି। ମୋହନ ମାଝୀଙ୍କ ସରକାର ଚାଷୀଙ୍କ ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି। ସେଥିପାଇଁ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଉଥିବା ପାତ୍ର କହିଥିଲେ। ବୀରମହାରାଜପୁର ବିଧାୟକ ଜଗଦଲା ଯୋଗଦେଇ ଲୁପ୍ତକଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଲୋକ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ମହୋତ୍ସବର ସ୍ମରଣିକା ଶାକ୍ତସ୍ୱରକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ଅଭିନେତା ପ୍ରଦ୍ୟୁମ୍ନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦ କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉତ୍ସବ ଉଦ୍‌ଘାଟନ ପୂର୍ବରୁ ମୁଖ୍ୟ ଅତିଥି ସିଂଦେଓ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ କରିଥିଲେ। ମେଳାରେ ମୋଟ ୨୩୭ଟି ଷ୍ଟଲ ଖୋଲାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଅବିନାଶ ହୋତା, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ ଓ ପ୍ରୀତି ପ୍ରତ୍ୟାଶା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ସହଯୋଗରେ ଏହି ୩୧ତମ ଲୋକ ମହୋତ୍ସବ ଆୟୋଜିତ ହେଉଛି।

# ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ

ଅମରପାଲି, ୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସଭାପତିତ୍ୱ କରିଥିଲେ। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ପ୍ରଗତିରେ ପ୍ରବାସୀ ଭାରତୀୟ ମାନଙ୍କର ଭୂମିକା ସମ୍ବନ୍ଧ ରେ ଆଲୋଚନା କରିଥିଲେ। କମଳପୁର ସ୍କୁଲ ପରିଚାଳନା କମିଟିର ସଭାପତି ନାରାୟଣ ମହାକୁର ଓ ଉଫୁଲା କ୍ଲଷ୍ଟର ର ସିଆରସିସି ଦିଗାମ୍ବର ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାଇକେଲ ଚାଳନା, କୁଇଜ, ପ୍ରବନ୍ଧ ଲିଖନ, ପ୍ରବନ୍ଧ ଉପସ୍ଥାପନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଟାଙ୍ଗରସାହି ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆରସିସି ବିନୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

ଅମରପାଲି,୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, କମଳପୁର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଲାଲ ବିହାରୀ ମହାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନଝିରିଆପାଲି କ୍ଲଷ୍ଟର ସିଆରସିସି ବିନୟ ବିଶାଳ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଟାଙ୍ଗରସାହି ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ସଭା ସଂଯୋଜନା କରିଥିଲେ।



ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଧନୁଯାତ୍ରା ଅବସରରେ କବିତା ପାଠୋତ୍ସବ



ଅକ୍ଷୟ ସରାଫଙ୍କ କୋସଲି ଲକ୍ଷ୍ମୀ ପୁରାଣର ତୃତୀୟ ସଂସ୍କରଣ ଉନ୍ମୋଚନ କରାଯାଉଛି।

ଅମରପାଲି, ୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ତୃତୀୟ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ସପ୍ତଦୀପା ସାହିତ୍ୟ ସଂସଦ ତରଫରୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା ପରିଚାଳନା କମିଟି ସଭାପତି କିଶୋର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅବସରପ୍ରାପ୍ତ ସ୍କୁଲ ନିରୀକ୍ଷକ କୃଷ୍ଣଚନ୍ଦ୍ର ପାଢୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର ସମ୍ମାନିତ ଅତିଥି ଏବଂ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଧନୁଯାତ୍ରା କମିଟିର ସମ୍ପାଦକ ଅକ୍ଷୟ ସରାଫ ଓ ସପ୍ତଦ୍ୱୀପ ଅନୁଷ୍ଠାନ ସଭାପତି ଦ୍ୱିତୀକୃଷ୍ଣ ପଣ୍ଡା ମଞ୍ଚାସୀନ ଥିଲେ। ସମାଜ ପ୍ରତି ସାହିତ୍ୟର ଅବଦାନ ବିଷୟରେ ଆଲୋଚନା ହେବା ସହ କବି ଅକ୍ଷୟ ସରାଫଙ୍କର ଲିଖିତ କୋଶଳୀ ଲକ୍ଷ୍ମୀ ପୁରାଣର ତୃତୀୟ ସଂସ୍କରଣ ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଅଧିବେସନରେ ବିଭିନ୍ନ ଜିଲାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପିକା ସନ୍ତୋଷିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ରେଣ୍ଡସ କ୍ଲବର ନୂତନ କର୍ମକର୍ତ୍ତା ଚୟନ

ଅମରପାଲି, ୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମରେ ଥିବା ଫ୍ରେଣ୍ଡସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବର ପ୍ରାୟ ଶହେରୁ ଅଧିକ ସଦସ୍ୟ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ କ୍ଲବର ଏକ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭା ପ୍ରାରମ୍ଭରେ ଜୟ ପ୍ରକାଶ ସାହୁ ଗତବର୍ଷ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ।

## ବସନ୍ତ ସାହୁ ସଭାପତି, ସୁରେଶ ବିଶି ସମ୍ପାଦକ

ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ବସନ୍ତ କୁମାର ସାହୁଙ୍କୁ ସଭାପତିଭାବେ ଚୟନ କରାଯାଇଛି। ଏହାସହିତ କାର୍ତ୍ତିକ ପ୍ରଧାନ ଉପସଭାପତି, ସୁରେଶ ବିଶି ସମ୍ପାଦକ, ମୁକେଶ ସେଠ ସହସମ୍ପାଦକ ଏବଂ ସୁନୀଲ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ସେହିପରି କହ୍ନେଇ ଚରଣ ପ୍ରଧାନ, ଅଜିତ ସାହୁ, ନାରାୟଣ ପ୍ରଧାନ, ଦୁର୍ଯ୍ୟୋଧନ ପଧାନ, ଅଶୋକ ସାହୁଙ୍କୁ ଉପଦେଷ୍ଟାଭାବେ ମନୋନୀତ କରାଯାଇଛି। ଦିଲ୍ଲୀପ ପ୍ରଧାନ, ଅମରେଶ ସାହୁ, ସୁମନ ସାହୁ, ପ୍ରମୋଦ ଦୀପ ଓ ଚନ୍ଦ୍ରଶେଖର ପତିଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ଚୟନ କରାଯାଇଛି। ଏହି ଅବସରରେ ବାର୍ଷିକ ହେବାକୁ ଥିବା କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ଉପରେ ବିଭାଗ ବଣ୍ଟନ କରାଯିବା ସହିତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଂଶୁମାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅମରପାଲି ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ।

# ପୁତନା ବଧ, କଂସ ମର୍ମାହତ

ଅମରପାଲି,୬।୧(ପୀତାମ୍ବର ସାହୁ)

## ବୀରମହାରାଜପୁର ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ତୃତୀୟ ଆଞ୍ଚଳିକ ଧନୁଯାତ୍ରାର ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। ରଙ୍ଗମଞ୍ଚ ମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ପୁତନା ବଧ ସମ୍ବାଦ ଶୁଣି କଂସ ମର୍ମାହତ, ସଡମଲ୍ଲଙ୍କୁ ଗୋପପୁର ପ୍ରେରଣ, କୃଷ୍ଣଙ୍କ ସହିତ ସଡମାଲ୍ଲଙ୍କ ଯୁଦ୍ଧ ଓ ଯୁଦ୍ଧରେ ସଡମଲ୍ଲ ନିଧନ, ସଡମଲ୍ଲଙ୍କ ନିଧନ ସମ୍ବାଦ ଶୁଣି କଂସ ମର୍ମାହତ ପରିବେଷଣ ହୋଇଥିଲା। ଏହା ସହିତ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା ଏବଂ କଳୀୟ ଦଳନ ଆଦି ଆଦି ଜୀବନ୍ତ ଭାବେ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜକ ସଭାପତି କିଶୋର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବିଭିନ୍ନ ପର୍ଯ୍ୟାୟରେ ରାଜ ଅତିଥିମାନେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ରଙ୍ଗମଞ୍ଚରେ ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା।



ବୀରମହାରାଜପୁର ଧନୁଯାତ୍ରାରେ ଲୀଳା ନାଟକର ଏକ ଦୃଶ୍ୟ।

# ସୁରୁବନ୍ଧର ହେବ ପୁନରୁଦ୍ଧାର

ଟିଁଟିଲାଗଡ଼,୬।୧(ସନ୍ତୋଷ ପଟ୍ଟନାୟକ)

ଟିଁଟିଲାଗଡ଼ ସହରର ସର୍ଗିଗୁଡାଠାରେ ଥିବା ଜଳାଶୟ ସୁରୁବନ୍ଧର ପୁନରୁଦ୍ଧାର ହେବାକୁ ଯାଉଛି । ଦୀର୍ଘ ଦଶନ୍ଧି ଧରି ପ୍ରଶାସନିକ ଅବହେଳାର ଶିକାର ହୋଇ ଏହା ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିଲା । ଲୋକଙ୍କ ଦାବି ସତ୍ତ୍ୱେ ଏହାର ସଫେଇ କିମ୍ବା ପଙ୍କୋଦ୍ଧାର କାର୍ଯ୍ୟ ହେଉ ନ ଥିଲା । ଫଳରେ ଦୀର୍ଘ ବର୍ଷ ଧରି ଅବ୍ୟବହୃତ ହୋଇ କ୍ରମଶଃ ପୋତି ହେବାରେ ଲାଗିଛି । ଏପରି କି ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ଏହା ଉପରେ ପଡ଼ିଥିବା ଅଭିଯୋଗ ହୋଇ ଆସୁଥିଲା । ତେବେ ଟିଁଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିବା ପରେ ରବିବାର ସୁରୁବନ୍ଧ ନିକଟରେ ନଡ଼ିଆ ଭାଙ୍ଗି ପୁନରୁଦ୍ଧାର ପାଇଁ ଶୁଭ ଦେଇଛନ୍ତି । ଏହି ଜଳାଶୟର ସଫେଇ ସହ ଚାରିକଡ଼ରେ ଗାର୍ଡୱାଲ, ୱାକିଂ ଟ୍ରାକ, ଆଲୋକୀକରଣ, ଓପନ ଜିମ୍, ଶିଶୁ ଉଦ୍ୟାନ ଆଦି ବ୍ୟବସ୍ଥା ହେବ । ତତଲାଗଡ଼ ଭାବରେ ପରିଚିତ ଟିଁଟିଲାଗଡ଼ ଅଞ୍ଚଳରେ ଜଳାଶୟର ଉନ୍ନତି ହେଲେ ଜଳ ସଂରକ୍ଷଣ ପରିମାଣ ବୃଦ୍ଧି ସହ ଭୂତଳ ଜଳସ୍ତର ବୃଦ୍ଧିରେ ସହାୟକ ହେବ ବୋଲି ପୌରାଧ୍ୟକ୍ଷା ଜୈନ କହିଛନ୍ତି । ଜଳାଶୟର ପୁନଃରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, କାଉନସିଲର ଚନ୍ଦ୍ରକାନ୍ତି ନାଗ, ବିଜୟ ମେହେର, ବୈକୁଣ୍ଠ ନାଗ, ଶଙ୍କର ମେହେର, ଘନ ମେହେର, ଦଶମୁ ମାଝୀ, ଲୋକନାଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



# ପାରାୟଣ ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଯୁଧିଷ୍ଠିରପୁର ଗ୍ରାମରେ ଏକ ଦିବସୀୟ ପାରାୟଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଭାଗବତ ମନ୍ଦିର ପ୍ରାଙ୍ଗଣରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଞ୍ଜନ ପଧାନ ଅଧ୍ୟକ୍ଷତା କରିଥିଲେଧି। ଏହି କାର୍ଯ୍ୟକ୍ରମ ପାଇଁ ଗଠିତ କମିଟିରେ ବିହାରି ପଧାନଙ୍କୁ ସଭାପତିଭାବେ ଚୟନ କରାଯାଇଛି। ସୁଶାନ୍ତ ପଧାନ ଉପସଭାପତି, ଆନନ୍ଦ ପଧାନ ସମ୍ପାଦକ ଓ ଦେବେନ୍ଦ୍ର ପଧାନଙ୍କୁ କୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ଦୀର୍ଘ ୧୨ ବର୍ଷଧରି ଗ୍ରାମରେ ଏକଦିବସୀୟ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଜାନୁୟାରୀ ୨୦ ତାରିଖରେ ହେବା ସ୍ଥିରୀକୃତ ହୋଇଛି। ପୁରାଣ ପଠନ ପାଇଁ ବ୍ୟାସ ଭାବେ ଗୋବର୍ଦ୍ଧନ ମିଶ୍ର ଯୋଗଦେଇ ପାରାୟଣ ପଠନ କରିବେ।

# ତରଭା ରିଜୁଲ ଏମ୍‌ଏଫସି ଦଳ ସେମିରେ

## ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସୁଜନ ନାଗ ଏକାଡେମୀ ପକ୍ଷରୁ ସୋନପୁର ରୟାଲ ପଡ଼ିଆରେ ୧୨ ତମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସ ମ୍ୟାଚରେ ବରଗଡ଼ ଷ୍ଟାର ଏଫସି ଏବଂ ତରଭା ରିଜୁଲ ଏମଏଫସି ମଧ୍ୟରେ ହୋଇଥିଲା । ଧାର୍ଯ୍ୟ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକର ଖେଳାଯାଇଥିଲା। ଏଥିରେ ୫-୪ ଗୋଲ ବ୍ୟବଧାନରେ ତରଭା ରିଜୁଲ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ମିଡଫିଲଡ ମୋହନ ମାଝୀ, ଶ୍ରେଷ୍ଠ ଡିଫେନ୍ସ ସୁନୀଲ ଲୁଇସ, ଶ୍ରେଷ୍ଠ ଉଇଙ୍ଗର ଅମର ଖାଡିଆ, ଶ୍ରେଷ୍ଠ ଗୋଲ କିପର କୁବେର ଚିରଗୁଣ ଏବଂ ହିରୋ ଅଫ ଦି ମ୍ୟାଚ ଦେବରାଜ ସା ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥ ଏବଂ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଅରବିନ୍ଦ ବାରିକ, ସନ୍ତୋଷ ପୂଝାରୀ, ଗାୟତ୍ରୀ ପାଣିଗ୍ରାହୀ, ରାଧାକାନ୍ତ ମହାକୁଡ଼, ସ୍ୱରୂପ ପାତ୍ର, ହରିଶଙ୍କର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସଦର ଅବକାରୀ ଥାନା ପକ୍ଷରୁ ୪୦ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି । ସେ ହେଲେ ଛତିଶଗଡ଼ ଇଷ୍ଟ ସିଂହଭୂମି ଜିଲା ବିଳାସପୁର ଥାନା ବିଷ୍ଣୁପୁରର ଅରୁଣ ପଲ(୨୯)। ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ଅରୁଣ ଏକ କାରରେ ସୋନପୁର ଦେଇ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ସୋନପୁର ସହର କୁଞ୍ଜ ଛକରେ ଚଢ଼ାଉ କରି ଧରିଥିଲା । ଯାଞ୍ଚ ସମୟରେ କାରରୁ ୪୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣାରେ ସୋନପୁର ଅବକାରୀ ବିଭାଗ ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅବକାରୀ ଅଧିକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉରେ ଇନ୍ସପେକ୍ଟର ହରପ୍ରସାଦ ରଣା, ପ୍ରକାଶ ସା, ଏସଆଇ ଶାନ୍ତନୁ ପଟ୍ଟନାୟକ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

# ଥମୁନାହିଁ ପାର୍କିଂଜନିତ ସମସ୍ୟା

ରାଉରକେଲା, ୬।୧ (ବିପ୍ଳବରଞ୍ଜନ ଦାଶ)

ରାଉରକେଲା ଉନ୍ନୟନ ବିଭାଗ ଅନ୍ତର୍ଗତ ଡେଲି ମାର୍କେଟ-ପାନପୋଷ ୧୦କି.ମି ରାସ୍ତା ସହରବାସୀଙ୍କ ଦୈନନ୍ଦିନ ଜୀବନ ସହ ଜଡିତ। ମାତ୍ର ରାସ୍ତାରେ ହେଉଥିବା ଅବୈଧ ପାର୍କିଂ ଅବ୍ୟବସ୍ଥା ସହରବାସୀଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ଦୁର୍ବିସହ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଅବୈଧ ପାର୍କିଂ ଯାତାୟତ ପାଇଁ ଶୋଚନୀୟ ସାବ୍ୟସ୍ତ ହେଉଛି। ରାସ୍ତା ସଂଲଗ୍ନରେ ରାଉରକେଲା ସହରର ଡେଲିମାର୍କେଟ ଛକ, ଉଦିତନଗର ଛକ, ଏସ୍‌ଟିଆଇ ଛକ, ଆଇଟିଆଇ ଛକ, ପାନପୋଷ ଛକ ଓ ସିଟିଆଇ ଭଳି ଜନବହୁଳ ଛକ ରହିଛି। ଏଥିସହ ରହିଛି ସରକାରୀ ସ୍ୱୟଂ ଶାସିତ କଲେଜ ଭଳି ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ। ଏହା ବ୍ୟତୀତ ସାଧାରଣ ଜନତାଙ୍କ ଆଇନଗତ ଆଶ୍ରୟ ପାଇଁ ରାସ୍ତା ସଂଲଗ୍ନରେ ଜେଏମ୍‌ଏଫସି କୋର୍ଟ ଓ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଯୁକ୍ତି ନିୟୋଜନ, ଜିଏସଟି ଅଫିସ, ରାଉରକେଲା ସରକାରୀ ଡାକ୍ତରଖାନା, ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ପରିବହନ ବିଭାଗ,


ଡେଲିମାର୍କେଟ-ପାନପୋଷ ଛକରେ କାର ପାର୍କିଂ ଓ ସାଧାରଣ ଯାତ୍ରୀ ଅଟକି ରହିଛନ୍ତି।

- ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା
- ପାର୍କିଂ ଟର୍ମିନାଲ ଅଭାବ ସାଜୁଛି ମୁଖ୍ୟ କାରଣ

ଶ୍ରମ ବିଭାଗ କାର୍ଯ୍ୟାଳୟ, ଉଦ୍ୟୋଗ ଶିଳ୍ପକେନ୍ଦ୍ର, ରଘୁନାଥପାଲୀ ଥାନା ଭଳି ବହୁ ଜନକଲ୍ୟାଣକାରୀ ସରକାରୀ କାର୍ଯ୍ୟାଳୟ। ଫଳରେ ସହରର ୭୦ଭାଗ ଲୋକ ଓ ରାଉରକେଲା, ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳର ଲୋକ ଏ ରାସ୍ତାରେ ଦୈନିକ ଯିବାଆସିବା କରନ୍ତି। ମାତ୍ର ରାସ୍ତାରେ ଯାନବାହନ ପାର୍କିଂ ଯୋଗୁ ଏହି ରାସ୍ତା ସର୍ବଦା ଟ୍ରାଫିକ ଜାମ ହେଉଛି ଓ ଲୋକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅଟକିବାକୁ ପଡୁଛି। ଏମିତିକି ୧୦୮ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସରକାରୀ ବ୍ୟବସ୍ଥାରେ ଏହି ରାସ୍ତାକଡ଼ ପାର୍କିଂ ଅନ୍ତରାୟ ସୃଷ୍ଟି କରୁଥିବା କୁହାଯାଉଛି। ଯାନବାହନ ପାର୍କିଂ ଟର୍ମିନାଲ ବ୍ୟବସ୍ଥାର ଅଭାବ କାରଣରୁ ଲୋକେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ପ୍ରକାଶ ଥାଉକି ସହର ସଂଲଗ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରୁ ଅବୈଧ ପାର୍କିଂ ନିୟନ୍ତ୍ରଣ ପାଇଁ ୭ଟି ପାର୍କିଂ ଟର୍ମିନାଲ ନିର୍ମାଣ କରାଯାଇଥିବାବେଳେ ରାଉରକେଲା ଡେଲି ମାର୍କେଟ--ପାନପୋଷ ରାସ୍ତା ଆରଡିଏ ବିଭାଗ ଅଧିନସ୍ତ ସହରର ଏହି ପ୍ରମୁଖ ମାର୍ଗ ମଧ୍ୟେ ଦୁଇଚକିଆ ଓ ଚାରିଚକିଆ ଯାନବାହନ ରଖିବା ନିମନ୍ତେ ବାରମ୍ବାର ଦାବି ହେଉଥିଲେ ହେଁ ଆବଶ୍ୟକୀୟ ପାର୍କିଂ ଟର୍ମିନାଲ ନିର୍ମାଣ ସମ୍ପୃକ୍ତ ବିଭାଗ ପକ୍ଷରୁ ହେଉନାହିଁ। ଏଣୁ ଏଦିଗରେ ବିଭାଗୀୟ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସହରର ସାଧାରଣ ବର୍ଗ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି ସାମନ୍ତ ସିଂହରାୟ କୁହନ୍ତି, ରାଉରକେଲା ଡେଲି ମାର୍କେଟ-ପାନପୋଷ ୧୨କିମି ରାସ୍ତାରେ ପାର୍କିଂଜନିତ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ରାସ୍ତା ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବାରୁ ସେମାନଙ୍କୁ ପାର୍କିଂ ଟର୍ମିନାଲ ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଛି।

## ପେନାଲ୍‌ଟି ଶୁଟ୍ ଆଉଟ୍‌ରେ ସୁର୍‌ମା ହକି କ୍ଲବ ବିଜୟୀ

### ହକି ଇଣ୍ଡିଆ ଲିଗ୍

ରାଉରକେଲା, ୬।୧ (ଦିନେଶ ମିଶ୍ର): ରାଉରକେଲାସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଏକ ମ୍ୟାଚରେ ସୁରମା ହକି କ୍ଲବ ୩-୧ ପେନାଲ୍‌ଟି ଶୁଟ୍ ଆଉଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ସୁର୍‌ମା ହକି କ୍ଲବକୁ ଅତିରିକ୍ତ ବୋନସ ପଏଣ୍ଟ ମିଳିଛି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଦିଲ୍ଲୀ ଦଳ ତରଫରୁ ଟୋମାସ ଡୋମିନେ (୪୩ତମ ମିନିଟ) ଓ ମନଜିତ ସିଂ (୪୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଦିଲ୍ଲୀ ଏସ୍‌ଜି ପାଇପର୍ସ ତରଫରୁ ଦୁଇଟି ଗୋଲ ତୃତୀୟ କ୍ୱାର୍ଟରେ ଖେଳରେ ସ୍କୋର ହୋଇଥିଲା। ହରମନପ୍ରୀତ ଏହି ଗୋଲ୍ ଦୁଇଟି ୪୮ତମ ଓ ୫୭ତମ ମିନିଟ୍‌ରେ ସ୍କୋର କରିଥିଲେ। ବିଜୟୀ ଦଳ ତରଫରୁ ପେନାଲ୍‌ଟି ଶୁଟଆଉଟରେ ବିବେକ ସାଗର ପ୍ରସାଦ, ନିକୋଲାସ କିନାନ ଓ ବୋରିସ ବୁର୍ଖାଡଟ୍ ସ୍କୋର କରିଥିଲେ। ହରମନପ୍ରୀତ୍ ସିଂ ତାଙ୍କ ଜନ୍ମଦିନରେ ଡବଲ ଗୋଲ ସ୍କୋର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୋମବାର ଏହି ବିଜୟ ଦ୍ୱାରା ସୁର୍‌ମା ହକି କ୍ଲବ ୪ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଶ୍ରାଚିରାର୍ ବେଙ୍ଗଲ ଟାଇଗର୍ସ ୩ଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ୪ଟି ମ୍ୟାଚରୁ ୪ପଏଣ୍ଟ ସହ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

## ଆର୍‌ଏସ୍‌ପି ଗୁଣବତ୍ତା ମଣ୍ଡଳୀ ଦଳଙ୍କ ସଫଳତା ହାସଲ



ଗୁଣବତ୍ତା ମଣ୍ଡଳୀଙ୍କୁ ସଫଳତାମୂଳକ ପ୍ରମାଣପତ୍ର ଓ ମାନପତ୍ର ପ୍ରଦାନ କରାଯାଉଛି।

ରାଉରକେଲା, ୬।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସମସ୍ତ ୨୫ଟି ଗୁଣବତ୍ତା ମଣ୍ଡଳୀ ଦଳକୁ ମିଳିଛି ଅପୂର୍ବ ସଫଳତା। ଗ୍ୱାଲିୟରର ଅଟଳବିହାରୀ ବାଜପାୟୀ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜୀ ଆଣ୍ଡ ମ୍ୟାନେଜମେଣ୍ଟ ସହଭାଗିତା କ୍ରମେ କ୍ୱାଲିଟି ସର୍କଲ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ୩୮ତମ ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀର ବିଭିନ୍ନ ବର୍ଗରେ ଏହି ୨୫ଦଳ ପୁରସ୍କୃତ ହୋଇଛନ୍ତି। ସମ୍ମିଳନୀର ଶୀର୍ଷକ ଥିଲା ଲୋକଙ୍କଠାରେ ନିବେଶ,ଏକ ଉନ୍ନତତର ଭବିଷ୍ୟତ ନିର୍ମାଣ। ୨୫ଟି ଗୁଣବତ୍ତା ମଣ୍ଡଳୀ ଦଳ ମଧ୍ୟରୁ ୧୬ଟି ଦଳ ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ପାଇ ଏକ୍ସଲେନ୍ସ ସମ୍ମାନ ଲାଭ କରିଥିଲେ। ଏହି ଦଳ ଗୁଡିକ ହେଲେ ନୂତନ ପ୍ଲେଟ ମିଲ୍ଲରର ତେଜାସ, ଅକ୍ସିଜେନ ପ୍ଲାଣ୍ଟରୁ ସୃଷ୍ଟି, ପ୍ରୟାସ ଓ ଇନନାଇଟ, ଷ୍ଟିଲ ମେଲ୍ଟିଂ ସପ-୧ରୁ ସମର୍ପଣ, କଞ୍ଚାମାଲ ପ୍ରବନ୍ଧନରୁ ସମ୍ଭବ ଏବଂ ପିନାକଲ, ଆରସିଏଲ୍‌ରୁ ଲକ୍ଷମ, ପାଇପ ପ୍ଲାଣ୍ଟରୁ ଆବିଷ୍କାର, ଇନଷ୍ଟ୍ରୁମେଣ୍ଟେସନରୁ ପ୍ରଗତି, ସିଏଣ୍ଡଆଇଟିରୁ ଏକମ, ସିଂଟରିଙ୍ଗ ପ୍ଲାଣ୍ଟ-୨ରୁ ସୃଜନ, ରୋଲ ସପରୁ ମେଗା ମାଇଣ୍ଡ, ବ୍ଲାଷ୍ଟ ଫର୍ଣ୍ଣେସରୁ ଉତ୍କର୍ଷ, ଏୟାର କଣ୍ଡିସନିଂ ବିଭାଗରୁ ନିଷ୍କର୍ସ ଓ ଆଇଏଣ୍ଡଏରୁ ପାୟୋନିୟର ଗୁଣବତା ମଣ୍ଡଳୀ। ଏକ୍ସଲେନ୍ସ ପୁରସ୍କାର ଲାଭ କରିଥିବା ଅବଶିଷ୍ଟ ୯ ଦଳ ହେଲେ ବିଦ୍ୟୁତ୍ ବିତରଣରୁ ଶକ୍ତି, ସିଣ୍ଟରିଂ ପ୍ଲାଣ୍ଟ-୧ରୁ ବିଜେତା, ହଟ ଷ୍ଟ୍ରିପ ମିଲ-୨ ପ୍ଲେଟ ମିଲରୁ ଆରୋହଣ, ପ୍ଲେଟ ମିଲରୁ ଡାଇନାମିକ, ପାଇପ ପ୍ଲାଣ୍ଟରୁ ଅଙ୍କୁର ,ଏସଏମଏସ-୨ର କ୍ରିଏଟିଭ, କୋକ ଓଭେନରୁ କର୍ମବୀର, ପ୍ଲେଟ ମିଲର ସମୃଦ୍ଧି ଓ କଞ୍ଚାମାଲ ପ୍ରବନ୍ଧନ ବିଭାଗର ଅଗ୍ରଣୀ। ଇନଷ୍ଟ୍ରୁମେଣ୍ଟେସନ ପ୍ରଗତି ଦଳ ଶ୍ରେଷ୍ଠ ଲାଇଭ ମଡେଲ ପୁରସ୍କାର ଲାଭ କରିଥିଲା। ଆରଏଣ୍ଡସି ଲ୍ୟାବ୍ରୋଟୋରୀ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଟକ ସବୁଜକ୍ରାନ୍ତି ମଞ୍ଚସ୍ଥ




ରାଉରକେଲା,୬।୧ (ସଙ୍ଗୀତା ଜେନା)

ସିଭିକସେଣ୍ଟର ଠାରେ କଲଚ଼ରାଲ ଏକାଡ଼େମୀ, ରାଉରକେଲା ପକ୍ଷରୁ ୩୭ତମ ଲୋକନାଟକ ମହୋତ୍ସବ ଅନୁଷ୍ଠିତ ହେଉଛି। ସୋମବାର ଏହାର ଦ୍ୱିତୀୟ ସନ୍ଧ୍ୟାରେ ସଭାପତି ପଶୁପତି ନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାରତ ଭୂଷଣ ମହାନ୍ତି କହିଲେ, ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଆଜି ନାନା ଅହିଂସା, ଦ୍ୱେଷ, କୁଭାବନା ଦେଇ ଗତି କରୁଛି। ନାଟକ ହେଉଛି ପ୍ରକୃଷ୍ଟ ମାଧ୍ୟମ ଯାହା ମାଧ୍ୟମରେ ଲୋକମାନେ ଶିକ୍ଷା ପାଇବା ସହ ପୃଥିବୀ ଶାନ୍ତସୁନ୍ଦର ହୋଇପାରିବ। ଅନ୍ୟତମ ଅତିଥି ସଦାନନ୍ଦ ସାହୁ କହିଲେ, କଲଚ଼ରାଲ ଏକାଡ଼େମୀର ଲୋକନାଟକ ମହୋତ୍ସବ ରାଉରକେଲା ପରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଅଭିବୃଦ୍ଧି ନିମନ୍ତେ ଯେତିକି ସଚେତନତା ସୃଷ୍ଟି କରୁଛି ସେତିକି ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଜନ ସଚେତନତା ଜାଗ୍ରତ କରୁଛି। ଡ. କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚ଼ାଳନା କରିଥିଲେ କଲଚ଼ରାଲ ଏକାଡ଼େମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର। ଡ. ଶ୍ରୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏକାଡ଼େମୀର ସହ ଆବାହକ ଅକ୍ଷୟ ସାମଲ, ଗୋକୁଳାନନ୍ଦ ଦାଶ, ଅକ୍ଷୟ ପଣ୍ଡା, କିଶୋର ଚନ୍ଦ୍ର ବେହେରା, ସୁଜିତ କୁମାର ନାଏକ, ଆଲୋକ ବୋଷ, ଡ. ନଗେନ ଦାସ, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ମୀନକେତନ ପଶାୟତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦ୍ୱିତୀୟ ସନ୍ଧ୍ୟାରେ ନାଟ୍ୟଅନୁଷ୍ଠାନ ସାର୍‌ନା ନବ ଯୁବକ ସଂଘ, ରାଉରକେଲା ପରିବେଷଣ କରିଥିଲେ ନାଟକ 'ସବୁଜ କ୍ରାନ୍ତି'। ପରିବେଶ ବିପଦରେ ଥିବାବେଳେ ଭରତପୁର ଅଞ୍ଚଳର ଲୋକେ ଟାଙ୍ଗରା ଭୂଇଁରେ ସୃଷ୍ଟି କରିଥିଲେ ସବୁଜ ସୁନ୍ଦର ବନାନୀ। ସେଇ ଜଙ୍ଗଲ ସଫାକରି କାରଖାନା ନିର୍ମାଣ କରିବା ପାଇଁ ସରକାରୀ ନିଷ୍ପତିକୁ ବିରୋଧ କରି ପରିବେଶ ବଞ୍ଚାଇବା ପାଇଁ ଲୋକଙ୍କର ସଂଘର୍ଷ ଭିତର ଦେଇ ନାଟକ ଗତିଶୀଳ ହୁଏ ଏବଂ ଶେଷରେ ଲୋକମାନେ ପରିବେଶ ବଞ୍ଚାଇବାରେ ସଫଳ ହୁଅନ୍ତି। ପ୍ରକୃତି ସହିତ ପ୍ରାଣୀଜଗତର ନିବିଡ଼ ସମ୍ପର୍କ ଓ ନିର୍ଭରଶୀଳତାକୁ ନେଇ ନାଟକୀୟ ଉପସ୍ଥାପନା ସମକାଳୀନ ଆହ୍ୱାନକୁ ଲୋକାଭିମୁଖୀ କରିବାରେ ସଫଳ ପ୍ରୟାସ ଥିଲା।

## ଗୁଣ୍ଡିଚି ପକ୍ଷରୁ କ୍ୟାନସର ପୀଡିତାଙ୍କୁ ସହାୟତା ପ୍ରଦାନ

ରାଉରକେଲା,୬।୧ (ଦିନେଶ ମିଶ୍ର)

ସହରର ଅନ୍ୟତମ ସେବାଧର୍ମୀ ଅନୁଷ୍ଠାନ ଗୁଣ୍ଡିଚି ପକ୍ଷରୁ ବାସନ୍ତୀ କଲୋନୀ ନିବାସୀ ବିଷ୍ଣୁ ଚରଣ ମିଶ୍ର ନାମକ ଜଣେ କର୍କଟରୋଗୀଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବାରମ୍ବାର ଚିକିତ୍ସା ପାଇଁ ଭୁବନେଶ୍ୱର ଯିବାକୁ ପଡୁଥିବାରୁ ମିଶ୍ର ବହୁବାର ଆର୍ଥିକ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ତେଣୁ ସେ ଅର୍ଥଅଭାବ ଜଣାଇ ଆର୍ଥିକ ସହାୟତା ପାଇଁ ଗୁଣ୍ଡିଚି ପାଖରେ ଆବେଦନ କରିଥିଲେ। ଗୁଣ୍ଡିଚି ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କର ଅସୁବିଧାକୁ ହୃଦୟଙ୍ଗମ କରି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେ ଆସିବା ସମ୍ଭବ ନ ହେବା ହେତୁ ତାଙ୍କର ମତାମତ ନେଇ ଏହି ସହାୟତା ରାଶିକୁ ତାଙ୍କର ପୁଅ ଅମୀତଙ୍କୁ ପ୍ରଦାନ କରାଯାଇଥିଲା। ପରେ ମିଶ୍ର ସହାୟତା ମନୋଭାବ ଯୋଗୁ ଗୁଣ୍ଡିଚି ଅନୁଷ୍ଠାନକୁ କୃତଜ୍ଞତା ଜଣାଇଥିଲେ। ଏଥିରେ ସଭାପତି ଭଗବାନ ରାଉତ, ସାଧାରଣ ସମ୍ପାଦକ କୁମୁଦରଞ୍ଜନ ମହାନ୍ତି, ସତ୍ୟଜିତ ସୂତାର, ଗଗନ ବିହାରୀ ରାଉତ, ଗୋପବନ୍ଧୁ ପାଣିଗ୍ରାହୀ, ଉରତ ଚନ୍ଦ୍ର ଧଳ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ସହାୟତା ରାଶି ପ୍ରଦାନ କରିଥିଲେ।

## ଭାରତକୋ ଜାନୋ ପ୍ରଶ୍ନ ଉତ୍ତରଦାତାଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୬।୧ (ଦିନେଶ ମିଶ୍ର): ସେକ୍ଟର-୬ ସ୍ଥିତ ଇସ୍ପାତ ସରୋବର ପରିସରରେ ଭାରତ ବିକାଶ ପରିଷଦ ରାଉରକେଲା ଶାଖା ପକ୍ଷରୁ ଭାରତକୋ ଜାନୋକୁ ନେଇ ପ୍ରଶ୍ନଉତ୍ତର ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ବିକାଶ ପରିଷଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଭାରତର ପ୍ରଧାନମନ୍ତ୍ରୀଙ୍କର ବିକଶିତ ଭାରତର ସ୍ୱପ୍ନକୁ ପ୍ରତିଯୋଗିତା ମାଧ୍ୟମରେ ସୂଚାଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କମାଣ୍ଡେଣ୍ଟ ଅଶୋକ ଜଲୱାନି ଉପସ୍ଥିତ ଥିଲେ। ସଭାପତି ଅଶୋକ କକ୍କଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଷଦର ଉପସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ବନ୍ଦିତା ମହତୋ, ଜିତେନ୍ଦ୍ର ପ୍ରସାଦ, ଉଦିତ କୁମାର ସାହୁ, କଲ୍ୟାଣୀ ମିଶ୍ର, ରବି ଦାଶ, ଡକ୍ଟର ସୁନିତ ମାଥୁର, ରାଧୁ ମିଶ୍ର, ଗୁନୁ ନାୟକ, ପ୍ରାଞ୍ଜଳି ନାଗ, ପ୍ରେମଜିତ କାଉର, ମଞ୍ଜୁ ମେହେର, ଅଞ୍ଜୁ କକ୍କଡ, ସ୍ନେହଲତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୬ ଜଣ ନୂତନ ସଦସ୍ୟ ପରିଷଦର ସଭ୍ୟତା ଗ୍ରହଣ କରିଥିଲେ। ସେମାନେ ହେଲେ ଡ. ସାମନ୍ତ୍ର କୁମାର ସାହୁ, ସତ୍ୟବ୍ରତ ମିଶ୍ର, ମହେନ୍ଦ୍ର ସାହୁ, ଶୈଳେନ୍ଦ୍ର ସିଂ, କୃଷ୍ଣ ରାଉତ ଓ ଉଦୟ ଠାକୁର । ଶେଷରେ ପରିଷଦର ଅର୍ଥ ସଚିବ ବୈଷ୍ଣବ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ମାସ ପାଳନ ନେଇ ମାନବ ଶୃଙ୍ଖଳ



ସଡକ ସୁରକ୍ଷା ନେଇ ମାନବ ଶୃଙ୍ଖଳ ପ୍ରଦର୍ଶନ ହେଉଛି।

ରାଉରକେଲା,୬।୧ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟ ବିଭାଗର ୧୫୦ରୁ ଅଧିକ କର୍ମଚାରୀ ଓ ଠିକା ଶ୍ରମିକ ସଡକ ସୁରକ୍ଷା ମାସ ୨୦୨୫ ପାଳନ ନେଇ ଏମ୍‌ଆରଡି ଛକରୁ ପାଇପ ପ୍ଲାଣ୍ଟ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଛନ୍ତି। ଏହା ସହିତ ସଡକ ସୁରକ୍ଷା ମାସ ୨୦୨୫ ଶୁଭାରମ୍ଭ ହୋଇଯାଇଛି। ହଟଷ୍ଟ୍ରିପ ମିଲ ଓ ଆନୁଷାଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର, ସୁରକ୍ଷା ଓ ଅଗ୍ନିଶମ ବିଭାଗ ସିଜିଏମ୍ ଆଶା କାର୍ଥା ଓ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ତଥା ପାଇପ ପ୍ଲାଣ୍ଟ ବିଭାଗର ଜିଏମ୍ ଅବିନାଶ ଚୌଧୁରୀ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ୧ମାସ ବ୍ୟାପୀ ସଡକ ସୁରକ୍ଷା ଅଭିଯାନ ଜାରି ରହିବ। ପାଇପ ପ୍ଲାଣ୍ଟ ବିଭାଗର କର୍ମଚାରୀ ଓ ଠିକା ଶ୍ରମିକମାନେ ମାନବ ଶୃଙ୍ଖଳ ଗଠନ କରିବା ସହିତ ସୁରକ୍ଷା ବାର୍ତ୍ତା ଆଧାରିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏ ପ୍ଲାକାର୍ଡ ଗୁଡିକ ମାଧ୍ୟମରେ ସଡକ ସୁରକ୍ଷାର ମହତ୍ୱପୂର୍ଣ୍ଣ ଦିଗଗୁଡିକ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଓଭରଟେକିଂକୁ ଏଡାଇବା, ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସକୁ ଏଡାଇବା ଏବଂ ପ୍ଲାଣ୍ଟ ପରିସର ମଧ୍ୟେ ଗତି ସୀମା ପାଳନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା। ଜେନେରାଲ ସିଫ୍ଟ ସମୟରେ ବହୁ କର୍ମଚାରୀଙ୍କ ଗମନା ଗମନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା। ଏହି ଅଭିଯାନ ସକାଳ ୮ଟା ୩୦ରେ ଆରମ୍ଭ ହୋଇ ୯ଟା ୩୦ରେ ଶେଷ ହୋଇଥିଲା। ଏହା ଏକତା ଏବଂ ସୁରକ୍ଷା ସଚେତନତା ସନ୍ଦର୍ଭରେ ଉଭୟ ସଂସ୍କାର ଫାଟକ ଓ ମୁଖ୍ୟ ଫାଟକ ଦେଇ ପ୍ରବେଶ କରୁଥିବା କର୍ମଚାରୀମାନଙ୍କର ଦୃଷ୍ଟି ଆକର୍ଷଣ ସୁନିଶ୍ଚିତ କରିଥିଲା। ସୂଚନାଯୋଗ୍ୟ ଯେ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ବାବୁନି ବେହେରା ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗୀୟ ଦଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୋ ଅପ୍‌ରେଟିଭ୍ କ୍ରେଡିଟ୍ ସୋସାଇଟିର ବାର୍ଷିକ ଅଧିବେଶନ

ରାଉରକେଲା, ୬।୧ (ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୨୦ସ୍ଥିତ ଏ/୧୯୦ କାର୍ଯ୍ୟାଳୟ ପରିସରରେ ଫର୍ଟିଲାଇଜର କୋ-ଅପ୍‌ରେଟିଭ କ୍ରେଡିଟ ସୋସାଇଟିର ୫୯ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୋସାଇଟିର ସଭାପତି ସୁଶାନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରି କହିଥିଲେ, ୧୯୬୬ ମସିହାଠାରୁ ସୋସାଇଟି ତାର ସଦସ୍ୟ ଏବଂ ସମାଜର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରୁଛି। ସୋସାଇଟିର ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗ ସଂସ୍ଥାକୁ ବଳିଷ୍ଠ କରିଛି। ଏ କାର୍ଯ୍ୟକ୍ରମରେ ପାନପୋଷ ସର୍କଲର ସବଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଲକ୍ଷ୍ମୀଧର ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସଂସ୍ଥା ମାଧ୍ୟମରେ ସଦସ୍ୟ ଏବଂ ସମାଜର ଆର୍ଥିକ ମାନଦଣ୍ଡ ବିକଶିତ କରାଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତରୀଣ ଅଡିଟର ସୁରେଶ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ କୋ-ଅପ୍‌ରେଟିଭ କ୍ରେଡିଟ ସୋସାଇଟିକୁ ଆହୁରି ବିକଶିତ କରିବା ପାଇଁ ମିଳିତ ଉଦ୍ୟମ ଜରୁରୀ ବୋଲି କହିଥିଲେ। ନବନିର୍ବାଚିତ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ପଶାୟତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନିରାକାର ହୋତା ଆୟବ୍ୟୟ ଇତ୍ୟାଦି ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟାଳୟର ସମ୍ପାଦକ ଜଗଦୀଶ ପଶାୟତ ଓ କାର୍ଯ୍ୟାଳୟ ପରିଚାଳକ ପ୍ରମୋଦ ମୁଗୁରୀ ସହଯୋଗ କରିଥିଲେ। ସୋସାଇଟିର ନିର୍ଦ୍ଦେଶକଙ୍କ ମଧ୍ୟରେ ଉପସଭାନେତ୍ରୀ ଆଲିସା କୁଜୁର, ରୀତା ଦେବୀ, ସଞ୍ଜୟ ପରିଡ଼ା, ସନ୍ତୋଷ ବେହେରା, ପ୍ରଦୀପ ମଲ୍ଲିକ, ବିକାଶ ମୁଗୁରୀ, ବଳଭଦ୍ର କମଲ, ସାଇହୁଣ ପ୍ରଭାସ ଡାଙ୍ଗ, ଅଜୟ ନାୟକ, ରାଜ କୁମାର ପଣ୍ଡା, କ୍ଷିରୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସିଦ୍ଧାର୍ଥ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ସାଙ୍ଗଠନିକ ନିର୍ବାଚନ: ଆଶାୟୀଙ୍କ ଲମ୍ବା ତାଲିକା

ରାଉରକେଲା,୬।୧ (ସଙ୍ଗୀତା ଜେନା)

ଭାଜପାରେ ସମ୍ପ୍ରତି ସାଙ୍ଗଠନିକ ନିର୍ବାଚନ ଜାରି ରହିଛି। ୩ବର୍ଷରେ ହେଉଥିବା ଉକ୍ତ ପ୍ରକ୍ରିୟାରେ ବୁଥସ୍ତରୀୟ ନିର୍ବାଚନ ଶେଷ ହୋଇଥିବା ବେଳେ ମଣ୍ଡଳସ୍ତରୀୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇଛି। ଏହି କ୍ରମରେ ରାଉରକେଲା ପାନପୋଷ ସାଙ୍ଗଠନିକ ଭାଜପା ଜିଲା ଲାଗି ନୂତନ ସଭାପତି ନାମ ଘୋଷଣା ଲାଗି ଉତ୍କଣ୍ଠା ପ୍ରକାଶ ପାଇଛି। ପ୍ରକ୍ରିୟା ଭାବେ ମଣ୍ଡଳସ୍ତରୀୟ ନିର୍ବାଚନ ପରେ ଜିଲାସଭାପତି ନାମ ଘୋଷଣା ଖୁବ୍ ଶୀଘ୍ର ହେବାକୁ ଯାଉଛି ବୋଲି ଜଣାପଡ଼ିଛି। ସମ୍ଭବତଃ ଆସନ୍ତା ୧୫ ସୁଦ୍ଧା ଜିଲା ସଭାପତି ଘୋଷଣା ହେବ ବୋଲି ଭାଜପା ମହଲରେ ଆଲୋଚନା ହେଉଛି। ଏ ନେଇ ଆନୁଷ୍ଠାନିକ ଭାବେ କେହି ମତାମତ ଦେଇନାହାନ୍ତି। ହେଲେ ସଭାପତି ପଦବୀ ପାଇଁ ଚର୍ଚ୍ଚା ଜୋର ଧରିଛି। ପାନପୋଷ ସାଙ୍ଗଠନିକ ଜିଲାର ମଣ୍ଡଳ ଯଥାକ୍ରମେ ଛେଣ୍ଡକଲୋନୀ, ସିଭିଲଟାଉନଶିପ୍, କୋଏଲନଗର, ଗୋପବନ୍ଧୁ (ନୂଆ) ଏବଂ ବାସନ୍ତୀକଲୋନୀ ମଧ୍ୟରୁ ପ୍ରଥମ ୪ଟିର ସଭାପତି ନାମ ଘୋଷଣା ହୋଇଛି। ପାନପୋଷ ଜିଲା ନିର୍ବାଚନ ଅଧିକାରୀ ବଟକିଶୋର ମିଶ୍ରଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡଙ୍ଗୀଙ୍କ ତରଫରୁ ଆସିଥିବା ଚିଠି ସଂଖ୍ୟା(ବିଜେପିଓଏଲ ୨୮/୨୫)ରେ ଏହା ଉଲ୍ଲେଖ ରହିଛି। ଛେଣ୍ଡ କଲୋନୀରେ ବଟକ୍ରିଷ୍ଣ ନାୟକ, ସିଭିଲଟାଉନଶିପ୍ ଅନିଲ ମହାନନ୍ଦିଆ, କୋଏଲନଗର ତ୍ରିବିକ୍ରମ ମାଝୀ, ଗୋପବନ୍ଧୁ (ନୂଆ)ର ଜନ ନାୟକ ପ୍ରମୁଖଙ୍କ ନାମ ରହିଛି। ବାସନ୍ତୀକଲୋନୀ ସଭାପତି ନାମକୁ ବାଦ୍ ରଖାଯାଇଛି। ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ପ୍ରକ୍ରିୟା ସମ୍ପନ୍ନ ପରେ ଜିଲା ସଭାପତି ନାମ ଘୋଷଣା ପ୍ରକ୍ରିୟା ଆରମ୍ଭ ହେବ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ଭାଜପା ସଭାପତିମଙ୍ଗ ଲତିକା ପଟ୍ଟନାୟକ ସମ୍ଭାଳି ଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଅଧିକ ସମୟ ଦଳ ହାତରେ ନ ଥିବା ଯୋଗୁ ପୁନର୍ବାର ଲତିକା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଭାର ସମ୍ଭାଳି ଥିଲେ। ହେଲେ ୨୦୨୫ରେ ସାଙ୍ଗଠନିକ ନିର୍ବାଚନରେ ଦଳ ପକ୍ଷରୁ ସର୍ତ୍ତାବଳୀ ଲାଗୁ କରାଯାଇଛି। ସଭାପତି ପଦ ପାଇଁ ନିର୍ଦ୍ଦିଷ୍ଟ କିଛି ପ୍ରମୁଖ ନିୟମ ରହିଛି। ପ୍ରାର୍ଥୀପତ୍ର ଆବେଦନକାରୀ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବେ, ଅତିକମ୍‌ରେ ୬ ବର୍ଷର ସକ୍ରିୟ ସଦସ୍ୟତା ବହନ, ଦଳର ଦାୟିତ୍ୱରେ ଥିବେ, ସଦସ୍ୟତା ଅଭିଯାନରେ ନିଜର ସଦସ୍ୟତା ଜାରି ରଖିଥିବେ ଆଦି ଅନ୍ୟତମ ରହିଛି। ନିୟମ ଓ ସର୍ତ୍ତାବଳୀରେ ଅନେକ ଯୁବଚେହେରା ପାନପୋଷ ସାଙ୍ଗଠନିକ ଜିଲା ପାଇଁ ଆସୁଥିବା ଦେଖାଯାଉଛି। ପୂର୍ବରୁ ଜିଲା ସମ୍ପାଦକ ଥିବା, ପୂର୍ବତନ ବିଧାୟକ, ଯୁବନେତା ଆଦି ୮ରୁ ଉର୍ଦ୍ଧ୍ୱ ନାମ ଏହି ତାଲିକାରେ ରହିଥିବା ଜଣାପଡ଼ିଛି। ରାଜ୍ୟ ପ୍ରବକ୍ତା ଧୀରେନ ସେନାପତିଙ୍କ କହିବା ଅନୁସାରେ ମଣ୍ଡଳ ସଭାପତି ନାମ ଘୋଷଣା ପରେ ଜିଲା ସଭାପତି ପାଇଁ ସଦସ୍ୟମାନେ ନିଜ ନାମ ଆବେଦନ କରିବା ପ୍ରକ୍ରିୟା ରହିଛି। ଯାହାକି ସେମାନେ କରିବେ ବୋଲି ସେନାପତି କହିଛନ୍ତି।

## ହାକାଥନ-୨୦୨୪ ସମାରୋହ ଉଦ୍‌ଯାପିତ

ରାଉରକେଲା, ୬।୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ଠାରେ ଚାଲିଥିବା ହାକାଥନ-୨୦୨୪ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହ ବିଳମ୍ବିତ ରାତି ଯାଏଁ ଚାଲିଥିଲା। ଏହି ଦୁଇଦିବସୀୟ ସମାରୋହ ପ୍ରାୟତଃ ୩୬ଘଣ୍ଟା ଧରି ଚାଲିଥିଲା। ଉଦ୍‌ଯାପନୀ ସମାରୋହ ବିପିୟୁଟିରେ ନେତାଜୀ ସୁବାଷ ବୋଷ ପ୍ରେକ୍ଷାଳୟରେ ହୋଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏସ୍‌ଟିପିଆଇ, ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜୀ ଏଣ୍ଡ ରସର୍ଚ୍ଚର ଉପକୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏବଂ ମାଇଥିକା ଟେକ୍ନୋଲୋଜୀ ପ୍ରା.ଲିର ସିଇଓ ରାଜା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବିପିୟୁଟିର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏନେଇ ଅତିଥିମାନେ ଦେଶର ପ୍ରଗତି ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ରହିଥିବା ସମାରୋହର ୮ଟି ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପରେ ୮ଟି ସମସ୍ୟାର ସମାଧାନ ନେଇ ଉପସ୍ଥାପନା କରିଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଦଳଗତ କାର୍ଯ୍ୟ ନିପୁଣତା ଓ ଜ୍ଞାନ ସହଭାଗିତା ନେଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତେବେ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୩୦ହଜାର ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି ବିପିୟୁଟି ପକ୍ଷରୁ ଆୟୋଜିତ ହାକାଥନ-୨୦୨୪ ଥିଲା ଛାତ୍ରୀଛାତ୍ରଙ୍କ ପାଇଁ ଏକ ଅଭିନବ ତଥା ପ୍ରତିଯୋଗିତାମୂଳକ ଇଭେଣ୍ଟ ସମାରୋହ। ଯାହା ଏସ୍‌ଟିପିଆଇ ଓ ଏମ୍‌ଟେକ ଭୁବନେଶ୍ୱର ସୌଜନ୍ୟ କ୍ରମେ ପ୍ରାୟୋଜିତ ହୋଇଥିଲା। ସମାରୋହ ଛାତ୍ରୀଛାତ୍ରଙ୍କ ପାଇଁ ଜଟିଳ ସମସ୍ୟା ସମାଧାନ କରିବାର ରଣନୈତିକ କୌଶଳ ପ୍ରଦର୍ଶନ କରିବା ପାଇଁ ପ୍ରୋତ୍ସାହିତ କରିଛି।



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ଜିଲାପାଳଙ୍କୁ ଫେରାଦ

**ବ୍ରଜରାଜନଗର,୬।୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ଲକ ରାଜପୁର ପଞ୍ଚାୟତ ଅଧୀନ ରାଣୀ ବନ୍ଧଠାରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସରପଞ୍ଚ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ଓ ଜିଲା ଅବକାରୀ ବିଭାଗ ପଦାଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଅଭିଯୋଗ ଅନୁଯାୟୀ ସେଠାରେ ଥିବା ମଦ ଦୋକାନଠାରୁ ଅଳ୍ପ ଦୂରରେ ଶନି ମନ୍ଦିର, ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ସେଠାରେ ସର୍ବଦା ମଦ୍ୟପାନ କରି ମଦ୍ୟପମାନେ ରାସ୍ତା ଉପରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗଣ୍ଡଗୋଳ କରିଥାନ୍ତି। ଛକ ଉପରେ ସବୁ ସମୟରେ ଅସାମାଜିକ ବ୍ୟକ୍ତି ବିଶେଷ ଆଡ୍ଡା ଜମୁଛି। ପ୍ରତିବାଦ କଲେ ମଦୁଆମାନଙ୍କ୍ ଆକ୍ରୋଶର ଶିକାର ହେବାକୁ ପଡୁଛି। ମଦ ଦୋକାନ ହାଟେଇବାକୁ ଗ୍ରାମ ସଭାରେ ପାରିତ ହୋଇଥିଲା।

### ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ କେନ୍ଦୁପତ୍ର ସେଣ୍ଟ୍ରାଲ ଗୋଦାମଠାରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ ହେଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ସଂଘ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମଜୟନ୍ତୀ ଓଡିଶାର ବିଭିନ୍ନ ଡିଭିଜନରେ ପାଳିତ ହୋଇଥିଲା ବେଳେ ଝାରସୁଗୁଡ଼ାଠାରେ ମଧ୍ୟ ପାଳନ କରାଯାଇଛି। ଏହି ସଭାରେ ପ୍ରଦୀପ କୁମାର ସାହୁ, ଡିଭିଜନ ସମ୍ପାଦକଙ୍କ ସଭାପତିତ୍ୱ କରି ସ୍ୱର୍ଗତଃ ପଣ୍ଡିତଙ୍କ ସ୍ମୃତିଚାରଣ କରିବା ସହ ସଂଘର ୬୦ବର୍ଷର ଇତିହାସ ବିଷୟରେ ଅଭିଭାଷଣ ରଖିଥିଲେ। ଏହି ସଭାରେ ରମେଶ ପଧାନ, ଅଶୋକ ମାଝି, ମନବୋଧ ପଣ୍ଡା, ତିଳକ ମାଝି, ସରୋଜ ଭଣ୍ଡ, ପ୍ରେମାନନ୍ଦ ଖଣ୍ଡା, କପିଲ ସାହୁ, ଜିତୁ ନାଗ, ଅଲେକ୍ ସାହୁ, ଶ୍ରୀବତ୍ସ ସାହୁ, ଡିଭିଜନର କର୍ମକର୍ତ୍ତା ଓ କେନ୍ଦୁପତ୍ର ତୋଳାଳିମାନେ ଉପସ୍ଥିତ ଥିଲେ।

# ଅଦାଲତଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କଲା ପୋଲିସ

## ଜାଲ୍ ନଥିପତ୍ର ଜରିଆରେ ଲକ୍ଷାଧିକ ଟଙ୍କାର କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣା

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଜାଲ୍ ନଥିପତ୍ର ଜରିଆରେ ଏକ କୋଟି ୨୨ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ପରେ ଦେବଗଡ଼ ଥାନା ପୋଲିସ ଗତ ୩ ତାରିଖରେ ଏହି ମାମଲା ରୁଜୁ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଘନଶ୍ୟାମ ସାହୁ, ଦିବାକର ଲୁହାର, ଜଗତ ଶବର ଓ ଦୁଃଖବନ୍ଧୁ ବେହେରା ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ଗୋହିରା ଡ୍ୟାମ୍ କ୍ଷତିପୂରଣ ଅର୍ଥ ବାବଦକୁ ଏକ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ କରିଥିବା ନେଇ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଗତ ଅଗଷ୍ଟ ୧୦ରେ ଦେବଗଡ଼ ଥାନାରେ ପ୍ରତ୍ୟକ୍ଷ ଭାବେ ଲିଖିତ କରିବା ସହ ୧୨ ତାରିଖରେ ରେଜଷ୍ଟ୍ରୀ ଡାକ ଜରିଆରେ ମଧ୍ୟ ଅଭିଯୋଗ କରିଥିଲେ। ମାତ୍ର ବିଭିନ୍ନ ଆଳ ଦେଖାଇ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରି ନ ଥିଲା। ଫଳରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ କୁମାର ବାଗ ବାଧ୍ୟ ହୋଇ ଦେବଗଡ଼ ଏସ୍‌ଡିଜେଏମ୍ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ଏହାକୁ ଗମ୍ଭୀରତାର ଗ୍ରହଣ କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଗତ ଡିସେମ୍ବର ୨୩ରେ ଦେବଗଡ଼ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦେବଗଡ଼ ପୋଲିସ ଗତ ୩ ତାରିଖରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ଏଘଟଣା ସମଗ୍ର ଦେବଗଡ଼ ଜିଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କରି ଏକ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷ ୨ଟି ପର୍ଯ୍ୟାୟରେ ୫ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ନିଲମ୍ବିତ କରିସାରିଛନ୍ତି । ନିଲମ୍ବିତମାନଙ୍କ ମଧ୍ୟରେ ବିଭାଗୀୟ ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର, ଅମିନ ଭୋଳେଶ୍ୱର ସାହୁ ଓ ପୂର୍ବତନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର(ଓଆର୍‌ଏସ୍)ଭାବେ କର୍ଯ୍ୟରତ ଧନଞ୍ଜୟ କିଷାନ ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଦାଲତ ନଥିପତ୍ର ଜାଲିଆତି ପୂର୍ବକ କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣାରେ ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡର ନରେଶ କୁମାର ରଣା(ଆଇନଜୀବୀ)ଙ୍କ ବିରୋଧରେ ମଧ୍ୟ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡିଛି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ଜମିବାଡ଼ି ବିବାଦ, ନୂତନ ରାଶନ କାର୍ଡ, ମେଡିକାଲ ଟ୍ରିଟମେଣ୍ଟ, ଜାତୀୟ ରାଜପଥ ବଣିଆକିଲିଣ୍ଡାଠାରେ ୟୁ ଟର୍ଣ ନିର୍ମାଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଦାକୁ ଆସିଲା ଉଡୁଥିବା ହେଲିକପ୍ଟର ପ୍ରକୃତ ସତ

- ଜନସାଧାରଣ ଆଶ୍ୱସ୍ତ
- ହେଲିକପ୍ଟର ଯୋଗେ ଖଣିଜ ପଦାର୍ଥର ଅନୁସନ୍ଧାନ
- ଆକାଶରେ ହେଲିକପ୍ଟର ଉଡ଼ିବା ଘଟଣା



**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାର ଆକାଶରେ ଗତ କିଛି ଦିନ ହେବ ନିୟମିତ ଭାବେ ଉଡୁଛି ଏକ ହେଲିକପ୍ଟର। ହେଲିକପ୍ଟର ତଳେ ଖଞ୍ଜାଯାଇଛି ଇଲେକ୍ଟ୍ରୋ ମାଗନେଟିକ ମିଟର। ଏହା ଗାଁର ଅତି ନିକଟକୁ ଆସୁଛି, ବଣପାହାଡ ଉପରେ ବୁଲୁଛି। ହେଲିକପ୍ଟରକୁ ଦେଖି ଲୋକ ଯେତିକି ମଜା ନେଉଛନ୍ତି ସେତିକି ଭୟଭୀତ ମଧ୍ୟ ହୋଇ ପଡୁଛନ୍ତି। ହେଲିକପ୍ଟର କେଉଁଠୁ ଆସୁଛି, ଗାଁ ଉପରେ କାହିଁକି ଉଡୁଛି ଏଭଳି କିଛି ଆଶଙ୍କାରେ ରହିଛନ୍ତି ସ୍ଥାନୀୟ ଲୋକ। କିନ୍ତୁ ହେଲିକପ୍ଟର ଉଡିବା ପଛର ସତ ଏବେ ସାମ୍ନାକୁ ଆସିଛି। ହେଲିକପ୍ଟର ଯୋଗେ ଖଣିଜ ପଦାର୍ଥର ଅନୁସନ୍ଧାନ କରାଯାଉଥିବା ବେଳେ ଜିଲା ପ୍ରଶାସନ ଅନୁମତି ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ସୋମବାର ଏକ ହେଲିକପ୍ଟର ଜିଲାର ତିଲେଇବଣି ଓ ରିଆମାଳ ବ୍ଲକ ଅଞ୍ଚଳରେ ଆକାଶରେ ଉଡୁଥିଲା। ଉକ୍ତ ହେଲିକପ୍ଟର ବିଶେଷ ଭାବେ ରିଆମାଳ ବ୍ଲକର ଆଡସ ପଞ୍ଚାୟତରେ ଚିହ୍ନଟ ହୋଇଥିବା ସୁନାଖଣି ଏବଂ ଅନତି ଦୂରରେ ତିଲେଇବଣି ବ୍ଲକ କଂସର ପଞ୍ଚାୟତ ତେଲଭାଙ୍ଗୁଣି, ଭଙ୍ଗାମୁଣ୍ଡା ଓ ଖଜୁରିଖମଣ ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳୁଛି। ହେଲିକପ୍ଟର ତଳେ ଖଣିଜ ପଦାର୍ଥର ସର୍ବେକ୍ଷଣ ପାଇଁ ଇଲେକ୍ଟ୍ରୋ ମାଗନେଟିକ ମିଟର ଖଞ୍ଜାଯାଇଛି। ଏହାକୁ ନେଇ ଲୋକେ ଅନେକ ଆଶଙ୍କାରେ ଥିବା ବେଳେ ଏହ ପଛର ସତ ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସାମାନ୍ୟ ଆସ୍ୱସ୍ତି ପ୍ରକାଶ ପାଇଛି। ଦେବଗଡ଼ ଜିଲା ରିଆମାଳ ବ୍ଲକ ଆଡସ ଗ୍ରାମପଞ୍ଚାୟତରେ ସୁନାଖଣି ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬ ଶହ କିଲୋଗ୍ରାମରୁ ଅଧିକ ପରିମାଣର ସୁନା ରହିଥିବା ସରକାରୀ ଭାବେ ଜଣାପଡିଛି। ଏଥିସହ ହିଲାଙ୍ଗ ଅଞ୍ଚଳରେ ବିପୁଳ ପରିମାଣର ଲୁହାପଥର ଗଚ୍ଛିତ ରହଥିବା ବେଳେ ଅତୀତରେ ସେଠାରୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ କେତେକ ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏବେ ହେଲିକପ୍ଟର ଯୋଗେ ସୁନାଖଣି ସମେତ ଜିଲାର ବିଭିନ୍ନ ସ୍ଥାନରେ ଖଣିଜ ପଦାର୍ଥର ଅନୁସନ୍ଧାନ ଚାଲିଛି। ଦେବଗଡ଼ ସମେତ ପଡୋଶୀ ସମ୍ବଲପୁର ଏବଂ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଖଣିଜ ସମ୍ପଦର ଅନୁସନ୍ଧାନ ପାଇଁ ଭାରତ ସରକାର ଏକ ସଂସ୍ଥାକୁ ନିୟୋଜିତ କରିଛନ୍ତି। ଜିଲା ପ୍ରଶାସନଠାରୁ ଅନୁମତି ନେବା ପରେ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳକୁ ହେଲିକପ୍ଟରରେ ଯାଇ ଖଣିଜ ସମ୍ପଦର ଅନୁସନ୍ଧାନ କରାଯିବ ବୋଲି ଦେବଗଡ଼ ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆକାଶରେ ଘୁରି ବୁଲୁଥିବା ଇଲେକ୍ଟ୍ରୋ ମାଗନେଟିକ ମିଟର ସହିତ ଆକାଶରେ ଘୁରି ବୁଲୁଥିବା ହେଲିକପ୍ଟର ରବିବାର ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଅବତରଣ କରିବା ସହ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି।

### ପୁସ୍ତକ ପଠନ, ଗପ ପାଠ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିଟିଏମ୍‌ଠାରେ ଚାଲିଥିବା ଜିଲା ପୁସ୍ତକ ମେଳା ପରିସରରେ ପୃଥିବୀ ବିଜ୍ଞାନ କ୍ଲବ ଓ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ପଠନ ଓ ଗପ ପାଠ କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ଲେଖକ ବିରାଟ ରାଜା ପଧାନ ଯୋଗଦେଇ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପଠନ କରାଇବା ସହ ଗପ ପାଠ କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠ କରିଥିବା ପୁସ୍ତକରୁ ଓ ଶୁଣିଥିବା ଗପରୁ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଠିକ୍ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ସେଣ୍ଟ ଜୋସେଫ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ପୃଥିବୀ ବିଜ୍ଞାନ କ୍ଲବ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଶରୀର, ଚକ୍ଷୁଦାନ ଶିବିର

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଦୁଲ୍‌ଦୁଲି କାର୍ଯ୍ୟକ୍ରମରେ ସମ୍ବଲପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏମ୍ସ ଫାଉଣ୍ଡେଶନ ପକ୍ଷରୁ ଶରୀର ଦାନ ଓ ଚକ୍ଷୁ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ଅନୁଷ୍ଠାନ ସମ୍ପାଦକ ଶ୍ରିମନ୍ତ ପାତ୍ର ପରିଚାଳନା କରିଥିଲେ। ଶିବିରରେ ଅରବିନ୍ଦ ପାତ୍ର, ଭୁଗଦେବ ଭୋଇ, ଯଜ୍ଞସେନି ପଟେଲ, ସତ୍ୟନାରାୟଣ ପାଢ଼ୀ, ମଞ୍ଜୁଲତା ପଟେଲ, ଶୁଭମ୍ ରାଉତ ଚକ୍ଷୁ ଦାନ ଏବଂ ପ୍ରଶାନ୍ତ ନନ୍ଦ, ସତ୍ୟନାରାୟଣ ପାଢ଼ୀ, ଯଜ୍ଞସେନି ପଟେଲ, ଭୁଗଦେବ ଭୋଇ, ନୀତେଶ କୁମାର ପାଣ୍ଡେ ଶରୀର ଦାନ କରିଥିଲେ। କାର୍ଯ୍ୟକ୍ରମ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଥିଲେ। ଶିବିରରେ ପରିଚାଳନା ସଭାପତି ବିପିନ ବିହାରୀ ପଣ୍ଡା ଏବଂ ଏମ୍ସ ମହାବିଦ୍ୟାଳୟ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଇଂ ଅଭିନାଶ ମିଶ୍ର ଏବଂ ଜୟଶ୍ରୀ ଭୁଏ, ଶୁଶ୍ରି ଶୁଧାଂଶୁ ବାଳା ପ୍ରଧାନ, ନରେଶ ମେହେର ଶିବିର ପରିଚାଳନା ସହଯୋଗ କରିଥିଲେ।

# ଅଧକ୍ଷାଙ୍କ ବିରୋଧରେ ୨୨ କାଉନ୍‌ସିଲରଙ୍କ ଅନାସ୍ଥା ପ୍ରସ୍ତାବ


ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା କାଉନସିଲରମାନେ।

## ତେଜିଲା ବ୍ରଜରାଜନଗର ପୌର ପରିଷଦ

**ବ୍ରଜରାଜନଗର,୬।୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ବିବାଦ ତେଜିଲା। ପୌର ପରିଷଦର ମୋଟ ୨୩ କାଉନ୍‌ସିଲରଙ୍କ ମଧ୍ୟରୁ ୨୨ କାଉନ୍‌ସିଲର ସୋମବାର ଅଧକ୍ଷା ଯାଜ୍ଞସେନୀ ଓରାମ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଓରାମଙ୍କ ବିରୋଧରେ ମ୍ୟୁନିସିପାଲ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ପଦକ୍ଷେଦ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନାସ୍ଥା ସପକ୍ଷରେ ବିଜେଡିର ୨୦ କାଉନ୍‌ସିଲର, ଭାଜପାର ଜଣେ, ବିଏସ୍‌ପିର ଜଣେ କାଉନ୍‌ସିଲର ଅଭିଯୋଗ କରିଛନ୍ତି। ଉପନଗରପାଳଙ୍କ ନେତୃତ୍ୱରେ ସମସ୍ତ କାଉନ୍‌ସିଲର ବୈଠକରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଅଧକ୍ଷା ଯଜ୍ଞସେନୀ ଦୀର୍ଘ ୨ ବର୍ଷରୁ ଦୀର୍ଘ ଦିନ ଧରି ମନମୁଖୀ ଶାସନ, ସରକାରୀ ଅନୁଦାନ ଠିକ୍ ବିନିଯୋଗ କରୁ ନ ଯୋଗୁ ପୌର ପରିଷଦ କୌଣସି ବିକାଶ ହେଉ ନ ଥିବା ଆଦି ଅଭିଯୋଗ କାଉନ୍‌ସିଲରମାନେ କରିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରଜରାଜନଗର ପୌର ପରିଷଦରେ ମୋଟ ୨୩ କାଉନ୍‌ସିଲରଙ୍କ ମଧ୍ୟରୁ ବିଜେଡିର ୨୦, ଭାଜପା ୨ ଓ ବିଏସ୍‌ପିର ୧ କାଉନ୍‌ସିଲର ଥିଲେ। ଅଧକ୍ଷା ଓରାମ୍ ବିଜୁ ଜନତା ଦଳ ଟିକେଟରେ ସିଧାସଳଖ ଭବେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରଠାରୁ ଅନାସ୍ଥା ଭିତରେ ଅଧକ୍ଷା ଯାଜ୍ଞସେନୀ ଓରାମ୍ ଉପାଧକ୍ଷ ଗୋପାଳ ସୀତାନିଙ୍କ ମଧ୍ୟରେ ସୁସମ୍ପର୍କ ନ ଥିଲା। ଗୋପାଳ ସୀତାନିଙ୍କ ହାତରେ କିଛି କାଉନ୍‌ସିଲର ଏବଂ ଯାଜ୍ଞସେନୀ ଓରାମଙ୍କ ସପକ୍ଷରେ କିଛି କାଉନ୍‌ସିଲର ରହି ଆସୁଥିଲେ। ସଦାସର୍ବଦା ଉଭୟଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହୁଥିଲା। ସେତେବେଳେ ବିଜୁ ଜନତା ଦଳ ବିଧାୟିକା ଥିବାରୁ ଉଭୟଙ୍କୁ ସାଥିରେ ଧରି ଚାଲିଥିଲେ। ଏବେ ସରକାର ବଦଳିବା ପରେ ବିଜୁ ଜନତା ଦଳର ସ୍ଥାନୀୟ ନେତାମାନେ କାଉନ୍‌ସିଲରମାନଙ୍କୁ ହାତବାରିସି କରି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଘଟଣା ସମ୍ପର୍କରେ ଯାଜ୍ଞସେନୀ ଓରାମଙ୍କୁ ପଚାରିବାରେ ଅନାସ୍ଥା ବାବଦରେ ସେ ଅବଗତ ଅଛନ୍ତି, ଦଳୀୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ଶ୍ରୀଗଣେଶ ମଣ୍ଡପ ନିର୍ମାଣ, ମୂର୍ତ୍ତି ସ୍ଥାପନ ନେଇ ଆଲୋଚନା

## ସାର୍ବଜନୀନ ଗଣେଶ ମେଳା କମିଟି ବୈଠକ


ବୈଠକରେ ଆଲୋଚନା କରାଯାଉଛି।

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମଣ୍ଡପ ନିର୍ମାଣ ସାଙ୍ଗକୁ ମୂର୍ତ୍ତି ସ୍ଥାପନ ନେଇ ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ କମିଟିର ବହୁ କର୍ମକର୍ତ୍ତା, ସଦସ୍ୟ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଗଣେଶଙ୍କ ଏକ ସ୍ଥାୟୀ ମଣ୍ଡପ ନିର୍ମାଣ, ମାର୍ବଲ ମୂର୍ତ୍ତି ସ୍ଥାପନ ଓ ରୂପା ଛାଉଣି ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀ ଗଣେଶଙ୍କ ନୀତିକାନ୍ତି ତ୍ୱରାନ୍ୱିତ ପାଇଁ ପୁରୀସ୍ଥିତ ମୁକ୍ତି ମଣ୍ଡପର ସହାୟତା ଲୋଡାଯିବା ପାଇଁ ମଧ୍ୟ ଆଲୋଚନା କରାଯିବା ସହ ସ୍ଥାୟୀ ଗଣେଶ ମଣ୍ଡପର ପରିଚାଳନା ପାଇଁ ଏକ ୨୧ ଜଣିଆ କମିଟି ଗଠନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଗଣେଶ ମେଳା କମିଟି ଉପ ସଭାପତି ଜନ୍ମାଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କମିଟି ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ସହ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ସମ୍ଭୁନାଥ ଗୋଏଲଙ୍କ ସମେତ ବହୁ କର୍ମକର୍ତ୍ତା, ସଦସ୍ୟ ଏବଂ ଜନସାଧାରଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଝାରସୁଗୁଡ଼ା ପ୍ରୋଗ୍ରେସିଭ ବିଜୟୀ

## ଅଣ୍ଡର ୧୭ ନକ୍‌ଆଉଟ କ୍ରିକେଟ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଭିଏସ୍‌ଏସ୍ ଷ୍ଟାଡିୟମଠାରେ ପ୍ରଥମ ଦିବାରାତ୍ରି ଅଣ୍ଡର ୧୭ କ୍ରିକେଟ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ବିଜୟୀ ହୋଇଛଇ। ପ୍ରୋଗ୍ରେଶିଭ ଆସୋସିଏଶନ୍ ଝାରସୁଗୁଡା ଓ ଲିଓ କ୍ରିକେଟ କ୍ଲବ ବେଳପାହାଡ ମଧ୍ୟରେ ଖେଳାଯାଇଥିଲା। ଲିଓ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି କରିଥିଲେ। ୧୧.୨ ଓଭରରେ ୧୦ ଉଇକେଟ୍ ହରାଇ ୫୭ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରୋଗ୍ରେଶିଭ ଆସୋସିଏଶନ୍ ଦଳ ୫.୪ ଓଭରରେ ୧ ଉଇକେଟ ବିନିମୟରେ ୬୧ ରନ ସଂଗ୍ରହ କରି ୯ ଉଇକେଟ୍‌ରେ ବିଜୟୀ ହାସଲ କରି ଫାଇନଲକୁ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଓମ୍ ମହାପାତ୍ର ୪ ଓଭରରେ ୧୪ ରନ ଦେଇ ୩ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅନୀଲ ଅଗ୍ରୱାଲ ଓ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଜିଲା ଆଥିଲେଟିକ ଆସୋସିଏଶନ୍ ଉପସଭାପତି ବ୍ରିଜେଶ କୁମାର ଶର୍ମା ଓ କୈଳାଶ ନାୟକ ଯୋଗ ଦେଇଥିଲେ। ପରିଚାଳନା କମିଟି ପ୍ରଜ୍ଜ୍ୱଲ୍ କୁମାର ପଟେଲ, ଟିଟୁ ପରିଡ଼ା, କମ୍ପାଉଣ୍ଡର ବେହେରା, ରବୀନ୍ଦ୍ର ସିଂହ, ରୋମାଞ୍ଚ ପଟେଲ, ଅଶୋକ କୁମାର ପ୍ରଧାନ ଯୋଗଦେଇଥିଲେ। ଜୟ ସିଂ ଓ ନକୁଲ ଯାଦବ୍ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସଂକ୍ଷିପ୍ତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ


ଜିଲା ପ୍ରଶାସନର ବୈଠକରେ ସଂକ୍ଷିପ୍ତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି।

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ସୋମବାର ସଂକ୍ଷିପ୍ତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ହୋଇଛି। ଫର୍ମ ନମ୍ବର ୬, ୭ ଓ ୮ ଅନୁସାରେ ଭୋଟର ତାଲିକାରେ ନାଁ ଯୋଗ କରିବା, ତାଲିକାରୁ ନାଁ ବାଦ ଦେବା ସହ ଆନୁସଙ୍ଗିକ ସଂଶୋଧନ ପାଇଁ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଗତ ଡିସେମ୍ବର ୧୦ରୁ ଚଳିତ ୨୦୨୫ ଜାନୁଆରୀ ୫ ପର୍ଯ୍ୟନ୍ତ ସମୟ ସ୍ଥିର କରାଯାଇଥିଲା। ଏହି ଅବଧି ମଧ୍ୟରେ ତାଲିକା ସଂଶୋଧନ ପ୍ରକ୍ରିୟାକୁ ନିର୍ଭୁଲ ଭାବେ ପରିଚାଳନା ଓ ଠିକ ତଥ୍ୟ ଅନୁସାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ହୋଇଛି। ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ୦୬-ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ୦୭-ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଓ ସମ୍ପୃକ୍ତ ଅଧିକାରୀଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକାର ନକଲ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ୨୦୨୫ ଜାନୁଆରୀ ୧ ସୁଦ୍ଧା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୧୧ହଜାର ୦୬ ଏବଂ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୨୧ହଜାର ୧୪୧। ଏହିକ୍ରମରେ ଜିଲାର ମୋଟ ଭୋଟର ସଂଖ୍ୟା ୪ଲକ୍ଷ ୩୨ହଜାର ୧୪୭। ଭୋଟର ତାଲିକା ସଂଶୋଧନ ପୂର୍ବରୁ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧୦୭୮୫୫, ମହିଳା ଭୋଟର ସଂଖ୍ୟା ୧୦୩୧୩୬, ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୧୫, ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୩୨୪୪, ୮୬ ବୟସରୁ ଉର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୧୪୯୩ ଏବଂ ସର୍ଭିସ ଭୋଟରଙ୍କ ସଂଖ୍ୟା ୨୦୩ ରହିଥିଲା। ସଂଶୋଧନ ପରେ ପୁରୁଷ ଭୋଟର ସଂଖ୍ୟା ୧୧୦୮୩୦, ମହିଳା ଭୋଟର ସଂଖ୍ୟା ୧୦୮୧୨୯, ତୃତୀୟ ଲିଙ୍ଗ ୧୫, ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୩୩୯୩, ୮୫ ବୟସରୁ ଉର୍ଦ୍ଧ୍ୱ ଭୋଟର ସଂଖ୍ୟା ୧୨୮୮ ଓ ସର୍ଭିସ ଭୋଟର ସଂଖ୍ୟା ଅପରିବର୍ତ୍ତିତ ଦରଜ କରାଯାଇଛି। ସେହିପରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ପୂର୍ବରୁ ପୁରୁଷ ଭୋଟର ୧୧୦୧୭୮, ମହିଳା ୧୦୮୧୨୯, ତୃତୀୟ ଲିଙ୍ଗ ୫୯, ଦିବ୍ୟାଙ୍ଗ ୨୪୦୬, ୮୫ବୟସରୁ ଉର୍ଦ୍ଧ୍ୱ ୧୯୦୫ ଏବଂ ସର୍ଭିସ ଭୋଟର ସଂଖ୍ୟା ୨୩୦ ଥିଲା। ଚୂଡ଼ାନ୍ତ ତାଲିକା ଅନୁସାରେ ପୁରୁଷ ଭୋଟର ସଂଖ୍ୟା ୧୧୪୧୪୬, ମହିଳା ୧୧୭୦୨୫, ତୃତୀୟ ଲିଙ୍ଗ ୫୭, ଦିବ୍ୟାଙ୍ଗ ୨୬୮୨, ୮୫ ବୟସରୁ ଉର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୧୭୨୩ ଥିବା ବେଳେ ସର୍ଭିସ ଭୋଟର ସଂଖ୍ୟା ଅପରିବର୍ତ୍ତିତ ରହିଛି। ବୈଠକରେ ଡେପୁଟି କଲେକ୍ଟର ନିର୍ବାଚନ ଲୋପାମୁଦ୍ରା ସାମଲ, ସହକାରୀ ଜିଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଭାଜପାର ତ୍ରିଲୋଚନ ପ୍ରଧାନ ଓ ମନୋଜ କଲେତ, ବିଜେଡିର ରଘୁନନ୍ଦନ ପାଢ଼ୀ, କଂଗ୍ରେସର ମନିଶ ବାଜପେୟୀ, ବହୁଜନ ସମାଜ ପାର୍ଟିରୁ ଲଛମନ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଏକତା ସୂତ୍ରରେ ବାନ୍ଧିରଖୁଛି ସମାବେଶ


ସମାବେଶରେ ଯୋଗଦେଇଥିବା ଅତିଥିମାନେ।

**ବାଘ ବଂଶୀୟ ଭତରା ପରିବାରର ବାର୍ଷିକ ଉତ୍ସବ**

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରିଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗ୍ରାମରେ ବାଘ ବଂଶୀୟ ଭତରା ପରିବାରଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭତରା ସମ୍ପ୍ରଦାୟର ଆରାଧ୍ୟ ଦେବତା ଭୈରବ ଦେବଙ୍କୁ ପୂଜାର୍ଚ୍ଚନା ପରେ ବଙ୍ଗୋମୁଣ୍ଡା ବାଘ ବଂଶ ସମ୍ପର୍କ କମିଟି ସଭାପତି ଜିତେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି, ଭତରା ସମାଜ କର୍ମଚାରୀ ସଂଘ ସଭାପତି ରୂପ କୁମାର ପାତ୍ର ମୁଖ୍ୟବକ୍ତା ଓ ପୂର୍ବତନ ବିଧାୟକ ଡାବୁଗାଁ ଭୁଜବଳ ମାଝୀ, ଅବସରପ୍ରାପ୍ତ ପଞ୍ଚାୟତ ଅଧିକାରୀ ପଦ୍ମକିଶୋର ପୂଜାରୀ, ଅବସରପ୍ରାପ୍ତ ବିଇଓ ଦୟାନିଧି ପୂଜାରୀ, ଜିଲା ଭତରା ସମାଜର ସଭାପତି କୈଳାଶ ଚନ୍ଦ୍ର ମାଝୀ, ଉପସଭାପତି ଗରୁଡ଼ ଧ୍ୱଜ ମାଝୀ, ଶିକ୍ଷାବିତ୍ ବନମାଳୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଉତ୍ସବ ଭତରା ସମାଜକୁ ଏକତା ସୂତ୍ରରେ ବାନ୍ଧିରଖୁଛି ବୋଲି ଅତିଥିମାନେ ମତ ରଖିଥିଲେ। ସମାଜର ପରମ୍ପରା, ସଂସ୍କୃତିକୁ ଉଜାଗର ରଖିବା ସହ ସମାଜରେ ନାରୀଶିକ୍ଷାକୁ ସାର୍ବଜନୀନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରସିକ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ବଙ୍ଗୋମୁଣ୍ଡା ଭତରା ସମାଜର ଡ଼. ପରମାନନ୍ଦ ପୂଜାରୀ, ଜଗବନ୍ଧୁ ପୂଜାରୀ, ଜ୍ୟେଷ୍ଠ ପୂଜାରୀ, ଗୌତମ ପୂଜାରୀ, କ୍ଷୀରସିନ୍ଧୁ ମାଝୀ, ହେମନ୍ତ ମାଝୀ, ତୁଳସିରାମ ପୂଜାରୀ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାବେଶରେ କଳାହାଣ୍ଡି, ନବରଙ୍ଗପୁର, ବସ୍ତର ଅଞ୍ଚଳରୁ ବାଘ ବଂଶଜ ପରିବାରର ଶତାଧିକ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ୩ ଗୁରୁତର

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ୨୬ନଂ. ଜାତୀୟ ରାଜପଥର କଳାହାଣ୍ଡି ଜିଲା କୋକସରା ବ୍ଲକ କାଉତୋଳା ମହାଜନଗୁଡା ରାସ୍ତାରେ ସୋମବାର ଏକ କାର୍ ଦୁର୍ଘଟଣାରେ ପରିବାରର ୩ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ହସ୍ପିଟାଲ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମତେ ଜଗଦଲପୁରରୁ କେନ୍ଦୁଝର ଜିଲାର କରଞ୍ଜିଆକୁ କାର୍ (ଓଡି୦୯ଏଏଲ-୯୦୨୨)ରେ ଏକ ପରିବାର ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ ଜମିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ପରିବାର ମୁଖିଆ ଦୁଷ୍ମନ୍ତ ମହନ୍ତ ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କ ୬ ବର୍ଷର ପୁଅ ଶୁଭାଶିଷ, ୧୧ ବର୍ଷର ଝିଅ ବନିନାକ୍ଷୀ ଓ ସ୍ତ୍ରୀ ବୀଣାପାଣି (୩୭) ଗୁରୁତର ହୋଇଛନ୍ତି।

### ସଡ଼କ ସୁରକ୍ଷା ସଚେତନତା ରାଲି

**ଖଡ଼ିଆଳ,୬।୧(ସୁଜିତ କୁମାର ପ୍ରଧାନ):** ଝାନ୍ସୀରାଣୀ ଲକ୍ଷ୍ମୀ ବାଈ କ୍ଷତ୍ରିୟ ମହିଳା ସଙ୍ଗଠନର ସଦସ୍ୟାମାନେ ବଣଭୋଜି କିରିବା ପରେ ସଡ଼କ ସୁରକ୍ଷା ସଚେତନତା ରାଲି କରିଥିଲେ। ଏହି ରାଲି ମହାରଥା ଫାର୍ମ ହାଉସରୁ ବାହାରି ଲୋହରାପାଲି ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ସଦସ୍ୟାମାନେ ହାତରେ ସଡ଼କ ସୁରକ୍ଷା ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ବଣଭୋଜି ସ୍ଥଳରେ ମ୍ୟୁଜିକ ଚେୟାର, ଫ୍ୟାଶନ ଶୋ, କବିତା ପାଠ କରାଯାଇଥିଲା। ଶେଷରେ କାଦମ୍ବିନୀ ପଣ୍ଡା ସ୍ୱରଚିତ କବିତା ପାଠ କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବେହେରା,୬।୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ କୁମୁଦିନୀ ଗାଇନ୍ତା ମୁଖ୍ୟ ଅତିଥି, ସ୍ଥାନୀୟ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରୁପେନ୍ଦ୍ର ବାଣୁଆ ମୁଖ୍ୟବକ୍ତା ଓ ବେହେରା ସମିତିସଭ୍ୟ କିଶୋର ନାଗ, ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ମୋହନ ଚରଣ ବିଷି, ନିକୁଞ୍ଜ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଫକିର ନାରାୟଣ ଚଣ୍ଡି, ଅଶୋକ କୁମାର ଚଣ୍ଡି, ସାନୁର୍ଯ୍ୟ ଗୋପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଯୋଗଦେଲେ ସ୍ୱୟଂପ୍ରିତ

**ଖଡ଼ିଆଳ,୬।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ତୁକୁଲାଠାରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ର ସ୍ୱୟଂପ୍ରତ ତ୍ରିପାଠୀ ରାଜ୍ୟସ୍ତରରୁ ଚୟନ ହୋଇ ଜାତୀୟ ସ୍ତରରେ ଅନୁଷ୍ଠିତ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଯୋଗଦାନ କରିଥିଲେ। ମଧ୍ୟପ୍ରଦେଶର ଭୋପାଳଠାରେ ୩ରୁ ୬ ତାରିଖ ଯାଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଯୋଗଦେଇ ଆଗମୀ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଗଠନ ସପ୍ନ ସାକାର କରିବା ପାଇଁ କୁନି ବୈଜ୍ଞାନିକଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱୟଂପ୍ରିତଙ୍କ ସନ୍ଦର୍ଭ 'ବବୁଲ ଗଛ: ଏକ ପ୍ରାକୃତିକ ଜଳବାୟୁ ସୂଚକ' ରହିଥିଲା। ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଦାଶ ପ୍ରକଳ୍ପ ପାଇଁ ମାର୍ଗଦର୍ଶନ କରିଥିଲେ। ସ୍ୱୟଂପ୍ରିତଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଓ ତୁକଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ଅସୀମା ବାଘ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସାମାଜିକ ମହୋତ୍ସବ

**କେସିଙ୍ଗା,୬।୧ (ତୁଳେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଗୋବର୍ଦ୍ଧନ ପୀଠରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲାସ୍ତରୀୟ ଅଷ୍ଟମ ସାମାଜିକ ମହୋତ୍ସବ ଜିଲା ସଭାପତି ନୀଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାଲସି ଜଗନ୍ନାଥ ମନ୍ଦିରରୁ ମଶାଲ ଯାତ୍ରା ବାହାରି ଗୋବର୍ଦ୍ଧନ ପୀଠ ସଭାମଞ୍ଚରେ ସ୍ଥାପନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ ବିବରଣୀ ପଠନ କରିଥିଲେ। ସଚେତନ ପାଇଁ ସଭାପତି ସାହୁ ସମାଜରେ ରିଙ୍ଗ ସେରିମୋନି ଉଚ୍ଛେଦ, ସମାଜର ବାଲ-ଲ, ଯୌତୁକ ନିଷେଧ, ନାରୀ ନିର୍ଯାତନା ଆଦି ବିଷୟରେ ଆବଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଯୁବରାଜ ସାହୁ, ଯୁଗ୍ମ ସମ୍ପାଦକ ଚୁଲପାଣି ସାହୁ, କାର୍ତ୍ତିକେଶ୍ୱର ସାହୁ, କିଶନ ସାହୁଙ୍କ ସମେତ ମଣ୍ଡଳ ସଭାପତି ମନୋହର ସାହୁ, ଗ୍ରାମ୍ୟ କମିଟି ସଭାପତି ନକୁଳ ସାହୁ, ସମ୍ପାଦକ ଫକୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଲସି ମଣ୍ଡଳ ସମ୍ପାଦକ ଅଶ୍ୱିନୀ କୁମାର ସାହୁ, ଲିଙ୍ଗରାଜ ସାହୁ, ଖୁସିରାମ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରୟାଗରାଜକୁ ସିଧାସଳଖ ଭଲ୍‌ଭୋ ବସ୍ ଚଳାଯାଉ


ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର**

**ନୂଆପଡ଼ା,୬।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ଓଡିଶା ସରକାରଙ୍କ ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ସାକ୍ଷାତ କରି ଜିଲାର ବିଭିନ୍ନ ସମସ୍ୟା ଅବଗତ କରିଥିଲେ। ନୂଆପଡ଼ାରୁ ପ୍ରୟାଗରାଜକୁ କୌଣସି ବସ୍ କିମ୍ବା ଟ୍ରେନ୍‌ର ପ୍ରତ୍ୟକ୍ଷ ବ୍ୟବସ୍ଥା ନାହିଁ। ଲୋକେ ଟ୍ରେନ୍ ଟିକେଟ ନ ପାଇ ବାଧହୋଇ ଚାରିଚକିଆ ଯାନରେ ଯାଉଛନ୍ତି। ସେହିପରି ବ୍ୟବସାୟିକ, ଉଚ୍ଚତର ଚିକିତ୍ସା ପାଇଁ ଲୋକେ ଭାଇଜାଗ ଓ ନାଗପୁର ଯାଉଛନ୍ତି। ସେଥିରେ ମଧ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ୭୫୦କି.ମି. ଦୂର ପ୍ରୟାଗରାଜ ସହ ନାଗପୁର ଓ ଭାଇଜାଗକୁ ଯିବା ପାଇଁ ୩ଟି ଭଲ୍‌ଭୋ ବସ୍ ମଞ୍ଜୁର କରିବାକୁ ଦାବି ହୋଇଛି। ଏହାଛଡା ନୂଆପଡ଼ା ଜିଲାକୁ ୬ଟି ବସ୍ ଗାଁ ଗାଡି ଯୋଜନାରେ ଦିଆଯାଇଥିଲା। ହେଲେ ୧୦ ବର୍ଷର ପୁରୁଣା ହୋଇସାରିଥିବାରୁ ଏହାକୁ ବଦଳାଇ ନୂଆ ବସ୍ ଦେବା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ସେହିପରି ଫିଟ୍‌ନେସ ପାଇଁ ଲୋକେ ସିନାପାଲି, ବୋଡେନ, ଖଡ଼ିଆଳରୁ ଭାରିଯାନ ଧରି ଆର୍‌ଟିଓ ଆସି ବହୁତ ହଇରାଣ ହେଉଛନ୍ତି। ତେଣୁ ମାସ୍‌କୁ କିମ୍ବା ଦୁଇ ମାସରେ ଥରେ କ୍ୟାମ୍ପ କରି ଲୋକଙ୍କ ଅସୁବିଧାକୁ ଦୂର କରିବା ପାଇଁ ଅନୁରୋଧ କରାଯାଇଛି । ମନ୍ତ୍ରୀ ଜେନା ସମସ୍ତ ପ୍ରସ୍ତାବକୁ ଗୁରୁତର ସହିତ ବିଚାର କରି ମଞ୍ଜୁରୀ ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ପ୍ରବାସୀ ଭାରତୀୟ ଦିବସ ଅବସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ଖଡ଼ିଆଳ,୬।୧ (ସୁଜିତ କୁମାର ପ୍ରଧାନ)**

୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ନୂଆପଡା ଜିଲା ଖଡ଼ିଆଳ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ସମାରୋହରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ, ସହକାରୀ ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ, ସିଆର୍‌ସିସି ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ରହି ପ୍ରବାସୀ ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ବିଚାରକ ଭାବରେ ଶିକ୍ଷକ ଜୟଦେବ ବେହେରା, ଫକୀର ମୋହନ ମିଶ୍ର, ଚତୁର୍ଭୁଜ ସିଂହଦେଓ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କର୍ଲାମୁଣ୍ଡା,୬।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡ. ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଶିଶୁମନ୍ଦିର ସମ୍ପାଦକ କାହ୍ନୁ ଚରଣ ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଉଣୀ ଆରାଧ୍ୟା ଦାଶ ସଂଯୋଜନା କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଜତୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

# ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଖେଳାଳିଙ୍କ ସହ ଅତିଥିମାନେ।

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ସଦର ମହକୁମା ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ କୋକସରା କସ୍ତୁରବା ଖେଳପଡିଆରେ ସନୋଜ ନାଏକ ମେମୋରିଆଲ ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ପୋର୍ଟସ କ୍ଲବ ସଭାପତି ତ୍ରିମୋହନ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବିଡ଼ିଓ କୋକସରା ଡ଼. ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ବିଏସ୍‌ଏସ୍‌ଓ ଦୀପକ କୁମାର ବେହେରା, ଡାକ୍ତର ମାନବେଶ ମହାପାତ୍ର, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ନବରଙ୍ଗପୁର ଜିଲା ଚିତ୍ରକୁଟ ଓ କଳାହାଣ୍ଡି ଜିଲା ବାନେରର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି ଶୁଟ ଆଉଟରେ ବାନେର ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। କେସିଙ୍ଗା ବ୍ଲକର କ୍ରୀଡା ଶିକ୍ଷକ ଛବିଲାଲ ନାୟକ ଓ ଲାଇନ ମ୍ୟାନ ଖେଳ ଶିକ୍ଷକ ଶଙ୍କର ପୋଢ଼ ପରିଚାଳନା କରିଥିଲେ।

### କୋକସରା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସୋମବାର କୋକସରା ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ ବ୍ଲକର ଜିପିଡ଼ିଓ ରାଜେନ୍ଦ୍ର ପାତ୍ର, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ ଉପସ୍ଥିତ ରହି ହିତାଧିକାରୀଙ୍କ ଆବାସ ଯୋଜନା, ଭତ୍ତା, ପିଡ଼ିଏସ୍ ଆଦି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଉପରେ ଶୀଘ୍ର ସମାଧାନ କରାଯିବା ନେଇ ବିଡ଼ିଓ ମାଝୀ କହିଛନ୍ତି। ପଞ୍ଚାୟତର ପିଇଓ ଭବିଷ୍ୟତ ପଟେଲ ଓ ଯୋଗାଣ ସହାୟକ ଦୟା ଶବର ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗଡ଼ିଲା ଶ୍ରୀ ଅନ୍ନ ଅଭିଯାନ ସଚେତନତା ରଥ



ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**କର୍ଲାମୁଣ୍ଡା,୬।୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଓଡିଶା ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ସଚେତନତା ରଥ ଗଡ଼ିଛି। ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଚାଷୀନେତା ଗୋବିନ୍ଦ ସାହୁ, ଓଡିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକ ସରୋଜିନୀ ପ୍ରଧାନ, କର୍ଲାମୁଣ୍ଡା ଭାରପ୍ରାପ୍ତ ଏଓ ଲୋକ ନାଥ ନାଗ, ଗ୍ରାମ୍ୟ କୃଷି କର୍ମୀ ସୁରଜ ସାହୁ, ଶ୍ରୀ ଅନ୍ନ ଅଭିଯାନର ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ୫୪ ଗାଁରେ ପହଞ୍ଚି ଚାଷୀମାନଙ୍କୁ ମଣ୍ଡିରେ ମାଣ୍ଡିଆ ବିକ୍ରୀ କରି ଉପଯୁକ୍ତ ମୂଲ୍ୟ ପାଇବା, କ୍ଷୁଦ୍ରଶସ୍ୟ ଚାଷ ପାଇଁ ବିଭିନ୍ନ କୌଶଳ, ସରକାରୀ ସହାୟତା ବିଷୟରେ ସଚେତନ କରିବ। ଏଥିରେ ସିଆର୍‌ପି ବାଲ୍ମିକି ଛତ୍ରିଆ, ଭାନୁମତି ପଧାନ, କମଳ ସୁନା ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ବ୍ଲକ ଗଠନ ପାଇଁ ବୈଠକ

**ପଲମ, ୬।୧ (ଭିକାରୀ ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ପଲମ ପଞ୍ଚାୟତଠାରେ ନୂତନ ବ୍ଲକ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଲମ ସରପଞ୍ଚ ହେମ କିଶୋର ନାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ମହେନ୍ଦ୍ର ଭୋଇ, ସମିତି ସଭ୍ୟ ଭକ୍ତି ନାଗ, ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ମାଝୀ, ପୂର୍ବତନ ସମିତି ସଭ୍ୟ ପୁରନ୍ଦର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗୌର ଚନ୍ଦ୍ର ଗହିରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ ଦେଇ ନୂତନ ବ୍ଲକ ଗଠନ ପାଇଁ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ନୂତନ ବ୍ଲକ ସଂଖ୍ୟା ବଢିପାରେ ବୋଲି ସୂଚନା ପ୍ରଦାନ କରିବା ପରେ ପଲମ ପଞ୍ଚାୟବାସୀଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ରେଗେଡ଼ା, ସାପଲହରା, ଯୋରାଡ଼ବରା, ହାତିଖୋଜ, ବେଲଖଣ୍ଡି, ସିର୍ଜାପାଲି, ତୁଣ୍ଡଲା, ତୁର୍ଲାଖମନ, ନୂନମାଠ, ମୁଡିଙ୍ଗ, ଟକର୍ଲା, ଗିମିନା, ଘୋଡ଼ାବନ୍ଧ ଆଦି ପଞ୍ଚାୟତର ମତାମତ ନିଆଯାଇ ଆଗକୁ ବଢିବା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଦୀର୍ଘ ୩୫ବର୍ଷ ପୂର୍ବରୁ ଏ ନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସମ୍ମତି ପ୍ରଦାନ କରିଥିଲେ ମଧ୍ୟ ନୂତନ ବ୍ଲକ ପୁନର୍ଗଠନ ପ୍ରକ୍ରିୟା କୌଣସି କାରଣରୁ ହୋଇପାରି ନ ଥିଲା।



ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ।

# ୧୩୦ ଅଭିଯୋଗ ପଞ୍ଜୀକୃତ

**ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର**

**ଭବାନୀପାଟଣା,୬।୧(ଉତ୍ତମ କୁମାର ଦାଶ)**

ଚଳିତବର୍ଷର ପ୍ରଥମ କଳାହାଣ୍ଡି ଜିଲା ସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଏସ୍‌ପି ଅଭିଲାଷ ଜୀ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୧୩୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୧୧୨ଟି ବ୍ୟକ୍ତିଗତ ଓ ୧୫ ସାମୂହିକ ରହିଥିଲା। ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ମଣ୍ଡିରେ ଧାନ ବିକ୍ରି, ରାଶନ କାର୍ଡ, ସୁଭଦ୍ରା ଯୋଜନା, ଶିକ୍ଷା, ସାସ୍ଥ୍ୟ, କୃଷି ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରପାଳିକା, ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।


ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ଓ ଏସ୍‌ପି।


ଗୋପପୁରରେ ଶ୍ରୀକୃଷ୍ଣ, ବଳରାମଙ୍କ ପୂଜାର୍ଚ୍ଚନା।


ଗୋପପୁରରେ ଷଣ୍ଢାସୁର ବଧ।


ଗୋପପୁରରେ ତୃଣାସୁର ବଧ।


ଗୋପପୁରରେ ବକାସୁର ବଧ।

## ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ

ତା ୭।୧।୨୦୨୫(ମଙ୍ଗଳବାର)

**ମଥୁରାନଗରୀ**

ଜରାସନ୍ଧ ସହିତ କଂସଙ୍କ ଯୁଦ୍ଧ ଏବଂ ହେତୀ, ପ୍ରହେତୀଙ୍କ ସହିତ ବିବାହ, କଂସ ମହାରାଜଙ୍କ ବ୍ରହ୍ମଚାରୀ ଅଞ୍ଚଳରେ ଦିଗବିଜୟ, ରାକ୍ଷସୀ, ରାକ୍ଷସଙ୍କ ନିଧନ ପରେ ମର୍ମାହତ କଂସଙ୍କ ଆପାତ ବୈଠକ।

**ଗୋପପୁର**

କୃଷ୍ଣ, ବଳରାମଙ୍କ ବାଲ୍ୟଲୀଳା, ଯାମଳାର୍ଜ୍ଜୁନ ଭଞ୍ଜନ, କାଳୀୟ ଦଳ, ବିଶ୍ୱରୂପ ଦର୍ଶନ, ଗୋପୀଙ୍କ ଦଧିବିକା।


ଗୋପପୁରରେ ପୁତନା ବଧର ଦୃଶ୍ୟାଭିନୟ।


ଗୋପପୁରରେ ଶକଟାସୁର ବଧ।


ମୁକ୍ତେଶ୍ୱର ବାବାଙ୍କ ମନ୍ଦିରରେ କଂସଙ୍କ ପୂଜାର୍ଚ୍ଚନା।

# କୃଷ୍ଣଙ୍କ ବାଲ୍ୟଲୀଳା, କଂସ ବିଚଳିତ

**ମଥୁରାନଗରୀ/ଗୋପପୁର, ୬।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସୋମବାର ଥିଲା ଚତୁର୍ଥ ଦିବସ। କୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଦେଖିବା ପାଇଁ ମଥୁରା ନଗରୀ ଭଳି ଗୋପପୁରରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ନନ୍ଦରାଣୀ, ନନ୍ଦରାଜା ମେଲାଣି ଦେବା ପରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ପରିକ୍ରମାବେଳେ ଗୋପବାସୀ ବେନିଭାଇଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀକୃଷ୍ଣ, ବଳରାମ ଗୋପଦାଣ୍ଡକୁ ପହଞ୍ଚି ଥିଲେ। ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ସେଠାକୁ କଂସ ପ୍ରେରିତ ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର ଆଦି ରାକ୍ଷସୀ, ରାକ୍ଷସ ପହଞ୍ଚିଥିଲେ। କିନ୍ତୁ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ଜଣେ ପରେ ଜଣେ ରାକ୍ଷସୀ, ରାକ୍ଷସ ନିହତ ହୋଇଥିଲେ। ଅନ୍ୟପଟେ ପୂର୍ବଦିନ ଭଳି ମଥୁରାଧିପତି ମହାରାଜ କଂସ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ। ସ୍ଥାନୀୟ ସେଲ୍ସଟ୍ୟାକ୍ସ ଅଫିସ ପରିସରରେ ଥିବା ମୁକ୍ତେଶ୍ୱର ମନ୍ଦିରକୁ ପହଞ୍ଚି ରୁଦ୍ରାଭିଷେକ କରିଥିଲେ। ଶୂନ୍ୟବାଣୀ ଶୁଣିବା ପରଠାରୁ ବିଚଳତ କଂସ ରଙ୍ଗମହଲକୁ ଯାଇ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟରେ ନିଜ ଅଶାନ୍ତ ମନକୁ ଶାନ୍ତ କରିଥିଲେ। ପରେ ରାଜ ଦରବାରକୁ ଯାଇ ମଥୁରା ନଗରୀ ଖବର ବୁଝିଥିଲେ। ତେବେ ଗୋପପୁରକୁ ତାଙ୍କ ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ଖବର ପାଇ କଂସ ମହାରାଜ ଆହୁରି ବିଚଳିତ ହୋଇ ପଡ଼ିଥିଲେ ଏବଂ ପୁଣି ସାଂସ୍କୃତିକ ଦଳର ନାଚଗୀତରେ ନିଜ ମନକୁ ଶାନ୍ତ କରିବାକୁ ପ୍ରୟାସ କରିଥିଲେ।

## ଧାନବସ୍ତା ବୋଝେଇ ଟ୍ରକ ଧକ୍କାରେ ଯୁବକ ମୃତ

### ଝାରବନ୍ଧ ପାଇକମାଳ ରାସ୍ତା ଅବରୋଧ

**ପାଇକମାଳ, ୬।୧(ବଡ ଶତପଥି):** ବରଗଡ ଜିଲା ପାଇକମାଳ ବ୍ଲକ ଝାରବନ୍ଧ ରାସ୍ତା ଚୂହାପାଲି ବ୍ରିଜ ପାଖରେ ଟ୍ରକ ଦୁର୍ଘଟଣାରେ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚୂହାପାଲି ଗ୍ରାମର ବାସୁଦେବ କୁମ୍ଭାରଙ୍କ ପୁଅ ରାଜେଶ କୁମ୍ଭାର। ପ୍ରାପ୍ତ ବିବରଣୀରୁ ଜଣାପଡିଛି, ଓଡି ୧୫ସି ୧୨୯୪ ନମ୍ବର ଟ୍ରକ ଝାରବନ୍ଧ ବ୍ଲକ ବିଳାସପୁର ଧାନ ମଣ୍ଡିରୁ ଧାନ ବସ୍ତା ଲୋଡ଼ କରି ପଦ୍ମପୁର ଅନ୍ନପୂର୍ଣ୍ଣା ରାଇସ ମିଲକୁ ଡ୍ରାଇଭର କୋଦଣ୍ଡ ଭୋଇ (୪୧)ଗାଡି ଚଳାଇ ନେଉଥିଲେ। ଚୂହାପାଲି ବ୍ରିଜ ପାର ହୋଇ ଆସୁଥିବାବେଳେ ରାଜେଶଙ୍କୁ ଧକ୍କା ଦେଇ ଆଗକୁ ପଳାଇ ଯାଇଥିଲା। ଘଟଣାସ୍ଥଳରେ ରାଜେଶ ମୃତ୍ୟୁବରଣ କରି ପଡିଥିବାବେଳେ ଗ୍ରାମବାସୀ ଉକ୍ତ ଦୁର୍ଘଟଣା ଦେଖି ଟ୍ରକକୁ ଅଟକାଇ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। ପାଇକମାଳ ପୋଲିସ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କ ସହ ପହଞ୍ଚିଥିଲେ। ଗ୍ରାମବାସୀ ଗରିବ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବା ପାଇଁ ଅଡ଼ି ବସିଥିଲେ। ପରେ ଗାଡି ମାଲିକ ଆଶ୍ୱାସନା ଦେଇ କିଛି ଟଙ୍କା ପରିବାରକୁ ଅନୁକମ୍ପା ରାଶି ସାହାଯ୍ୟ କରିବାରୁ ଲୋକେ ଧାରଣରୁ ଉଠି ଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିଲା।

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



**ହରଭଙ୍ଗା,୬।୧( ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାର ୩୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରି ଖେଳ ପଡିଆଠାରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବୌଦ୍ଧ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ୨୦୨୫ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ,ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଣିଜ୍ୟ,ପରିବହନ,ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି କଣ୍ଟାମାଳ ବିଧାୟକ ଡାଙ୍ଗ କହିଥିଲେ, ବୌଦ୍ଧ ଜିଲା ହୋଇ ନ ଥିଲେ ବୋଧହୁଏ ଏଭଳି ମହୋତ୍ସବ ହୋଇପାରି ନ ଥାନ୍ତା। ଜିଲା ଗଠନରେ ଜିଲା ଓକିଲ ସଂଘର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଥିବା କହିବା ସହ ବୌଦ୍ଧ ଜିଲାର ଐତିହ୍ୟ, ଇତିହାସ ବହୁ ବଡ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଯଶୋଧାରା ଉନ୍ମୋଚନ କରାଯାଇଥିଲା। ସଂଯୋଜିକା ଶୋଭନା ମିଶ୍ର, ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଓ ସହକାରୀ ନିବନ୍ଧକ ସମବାୟ ସମିତି ହାଡିବନ୍ଧୁ ମହୁକୁଡ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ଏଲିନା ସାମନ୍ତରାୟ , ସ୍ମୃତିମୟୀ ଓ ବିକାଶ ଏବଂ ସିଜଲରସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ ଦେଖିବାକୁ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

## କୋକସରା ପଞ୍ଚାୟତରେ ଅଭିଯୋଗ ଶୁଣାଣି

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସୋମବାର କୋକସରା ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ ବ୍ଲକର ଜିପିଡ଼ିଓ ରାଜେନ୍ଦ୍ର ପାତ୍ର, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ ଉପସ୍ଥିତ ରହି ହିତାଧିକାରୀଙ୍କ ଆବାସ ଯୋଜନା, ଭତ୍ତା, ପିଡ଼ିଏସ୍ ଆଦି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଉପରେ ଶୀଘ୍ର ସମାଧାନ କରାଯିବା ନେଇ ବିଡ଼ିଓ ମାଝୀ କହିଛନ୍ତି। ପଞ୍ଚାୟତର ପିଇଓ ଭବିଷ୍ୟତ ପଟେଲ ଓ ଯୋଗାଣ ସହାୟକ ଦୟା ଶବର ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରାଲି

**ଖଡ଼ିଆଳ,୬।୧(ସୁଜିତ କୁମାର ପ୍ରଧାନ):** ଝାନ୍ସୀରାଣୀ ଲକ୍ଷ୍ମୀ ବାଈ କ୍ଷତ୍ରିୟ ମହିଳା ସଙ୍ଗଠନର ସଦସ୍ୟାମାନେ ବଣଭୋଜି କିରିବା ପରେ ସଡ଼କ ସୁରକ୍ଷା ସଚେତନତା ରାଲି କରିଥିଲେ। ଏହି ରାଲି ମହାରଥା ଫାର୍ମ ହାଉସରୁ ବାହାରି ଲୋହରାପାଲି ଗ୍ରାମ ପରିକ୍ରମା କରିଥିଲେ। ଏହି ସମୟରେ ସଦସ୍ୟାମାନେ ହାତରେ ସଡ଼କ ସୁରକ୍ଷା ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ବଣଭୋଜି ସ୍ଥଳରେ ମ୍ୟୁଜିକ ଚେୟାର, ଫ୍ୟାଶନ ଶୋ, କବିତା ପାଠ କରାଯାଇଥିଲା।

## ଆତ୍ମ ସୁରକ୍ଷା ତାଲିମ ଶିବିର ଶୁଭାରମ୍ଭ

**ବରପାଲି,୬।୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଦଲିପାଲିଠାରେ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଏବଂ କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ନେତୃତ୍ୱରେ ବାର୍ଷିକ ଆତ୍ମ ସୁରକ୍ଷା ତାଲିମ୍ ଶିବିର ଶୁଭାରମ୍ଭ ହୋଇଯାଇଛି। ଜାନୁୟାରୀ ୧୬ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ମାଷ୍ଟର ଟ୍ରେନର ଭାବେ ଜଗବନ୍ଧୁ ଦାସ, ମହିଳା ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ରୁପାଲି ମେହେର, ଶୁଭସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ଯୋଗଦେଇ ତାଲିମ୍ ଦେଇଛନ୍ତି। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଭାବେ ସୁଧାଂଶୁ କୁମାର ଦାସ, ରବିନ୍ଦ୍ର ସାହୁ, ମିନତି ବାବୁ, ଅନ୍ତର୍ଯ୍ୟାମି ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ନନ୍ଦ ଏବଂ ଆନନ୍ଦ ବେହେରା ସହଯୋଗ କରିଥିଲେ।

## ଲିଟିଲ ମାଷ୍ଟର କପ୍ : ସେମିଫାଇନାଲରେ କିରାସିରା ଦଳ

**ବାଉଁଶୁଣୀ,୬।୧( ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ଲିଟିଲ ମାଷ୍ଟର ସ୍ପୋର୍ଟିଂ କ୍ଲବର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନର ପ୍ରଥମ ଖେଳ ଏଲଏମଏସି ବାଉଁଶୁଣୀ ଓ କିରାସିରା ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ କିରାସିରା ଦଳ ବ୍ୟାଟିଂ କରି ୧୦୫ରନ କରିଥିଲା। ଜବାବରେ ଏଲଏମଏସି ବାଉଁଶୁଣୀ ଦଳ ୮୮ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ଖେଳ ବାଗବର ବୌଦ୍ଧ ଓ ଭୀମ ସ୍ପୋର୍ଟିଂ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଗବର ବୌଦ୍ଧ ଦଳ ବ୍ୟାଟିଂ କରି ୬୯ ରନ କରିଥିଲା। ଜବାବରେ ଭୀମ ସ୍ପୋର୍ଟିଂ ସୋନପୁର ଦଳ ବ୍ୟାଟିଂ କରି ୭୦ ରନ କରି ବିଜୟୀ ହୋଇଥିଲା। ତୃତୀୟ ଖେଳ ଭୀମ ସ୍ପୋର୍ଟିଂ ସୋନପୁର ଓ କିରାସିରା ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ କିରାସିରା ଦଳ ବ୍ୟାଟିଂ କରି ୧୦ ଓଭରରେ ୮୯ ରନ କରିଥିଲା। ଜବାବରେ ଭୀମ ସ୍ପୋର୍ଟିଂ ସୋନପୁର ଦଳ ୭୮ ରନ କରି ପରାଜିତ.ହୋଇଥିଲା। ଅବିନାଶ ମିଶ୍ର, ଖଗେଶ୍ୱର ମେହେର,ସମିର ଭୁକ୍ତା ଖେଳ ପରିଚାଳନା କରିଥିଲେ।

## ଟୁର୍ଲା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ




**ଝାରବନ୍ଧ,୬।୧(ଦେବେନ୍ଦ୍ର ସାହୁ)**


ଝାରବନ୍ଧ ପଞ୍ଚାୟତ ଅଧୀନ ଟୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବକୁ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଓ ଦିବ୍ୟକିଶୋର ପଣ୍ଡା, ସିଆରସିସି ଗୋପାଳ ହରିଜନ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ସାହୁ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଝାଙ୍କର, ସହକାରୀ ଶିକ୍ଷକ ନରେଶ କୁମ୍ଭାର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିହାରୀ କଲେତ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୁଚି ଖେଳ,ବସ୍ତା ଦୌଡ ଆଦି ଖେଳ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ଗୋଛାପଡାରେ ଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ

**ବାଉଁଶୁଣୀ,୬।୧(ଦେବାଶିଷ ନେପାକ):** ସୋମବାର ଦିନ ବୌଦ୍ଧ ବ୍ଲକର ଗୋଛାପଡାଠାରେ ନୂତନ ସରକାରୀ ଧାନ କ୍ରୟ ମଣ୍ଡି ଶୁଭାରମ୍ଭ ହୋଇଛି। କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବାଉଁଶୁଣୀ ପାକ୍ସ ସଭାପତି ଗିରିଶ ଚନ୍ଦ୍ର ଲଉରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ବାଉଁଶୁଣୀ ପାକ୍ସ ଅନ୍ତର୍ଗତ ଗୋଛାପଡା ଗ୍ରାମ ପଞ୍ଚାୟତର ଚାଷୀମାନଙ୍କ ଧାନ ବିକ୍ରୟର ସୁବିଧା ଦୃଷ୍ଟିରୁ ଚଳିତବର୍ଷ ନୂତନ ଭାବରେ ଉକ୍ତ ସରକାରୀ ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି।

## ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ନିର୍ଦ୍ଦୋଷ ସାବ୍ୟସ୍ତ

**ମଥୁରାନଗରୀ,୬।୧(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲା ଭଟଲିରେ ଗତ ୨୦୧୮ରେ ସଂଘଟିତ ଏକ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ବର୍ତ୍ତମାନର ଭଟଲି ବିଧାୟକ ଇରାସିସ୍ ଆଚର୍ଯ୍ୟଙ୍କ ସମେତ ଅନ୍ୟ ୩ଜଣ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ୨୦୧୮ରେ ଭଟଲିରେ ଏକ ଗୁଳିକାଣ୍ଡ ହୋଇଥିଲା। ଏଥିରେ ବୁଲୁ ସତନାମୀ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ପୋଲିସ ଇରାସିସ୍‌ଙ୍କ ସମେତ ପ୍ରମୋଦ ପୋଢ଼, ବବଲୁ ନାଗ ଏବଂ ବଣ୍ଟି ଓରଫ୍ ଆୟୁଷ୍ମାନଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଇରାସିସ୍ ଦୀର୍ଘମାସ ଧରି ଜେଲରେ ଥିଲେ। ପରେ ସେ ଜାମିନରେ ଆସିଥିଲେ। ତେବେ ଉକ୍ତ ମାମଲାର ବିଚାର କରି ବରଗଡ଼ ଅତିରିକ୍ତ ଜିଲା ଓ ଦୌରାଜଜ ଏହାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଇରାସିସ୍, ପ୍ରମୋଦ ପୋଢ଼ଙ୍କ ତରଫରୁ ଆଡ଼ଭୋକେଟ୍ ଶରତ ପ୍ରଧାନ, ସରୋଜ ଜେନା, କିଶୋର ଦଫାଦାର, ବବଲୁଙ୍କ ତରଫରୁ ଆଡ଼ଭୋକେଟ୍ ପ୍ରଦୀପ ମହାପାତ୍ର ଏବଂ ବଣ୍ଟିଙ୍କ ତରଫରୁ ଆଡ଼ଭୋକେଟ୍ ଲିପସିତ୍ ମିଶ୍ର ମାମଲା ପରିଚାଳନା କରୁଥିଲେ। ଏଠାରେ ଉଲ୍ଲେଖଥାଉକି, ହତ୍ୟା ଘଟଣା ସମୟରେ ଇରାସିସ୍ ଭଟଲି ବିଧାୟକ ନ ଥିଲେ।

## କାର୍ ଦୁର୍ଘଟଣାରେ ୩ ଗୁରୁତର

**କୋକସରା,୬।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ୨୬ନଂ. ଜାତୀୟ ରାଜପଥର କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ମହାଜନଗୁଡା ରାସ୍ତାରେ ସୋମବାର ଏକ କାର୍ ଦୁର୍ଘଟଣାରେ ପରିବାରର ୩ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ହସ୍ପିଟାଲ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମତେ ଜଗଦଲପୁରରୁ କେନ୍ଦୁଝର ଜିଲାର କରଞ୍ଜିଆକୁ କାର୍ (ଟିଏନ୬୯ଏଏଲ-୯୦୨୨)ରେ ଏକ ପରିବାର ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ ଜମିକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ପରିବାର ମୁଖିଆ ଦୁଷ୍ମନ୍ତ ମହନ୍ତ ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କ ୬ ବର୍ଷର ପୁଅ ଶୁଭାଶିଷ, ୧୧ ବର୍ଷର ଝିଅ ବର୍ମିନାକ୍ଷୀ ଓ ସ୍ତ୍ରୀ ବୀଣାପାଣି (୩୭) ଗୁରୁତର ହୋଇଛନ୍ତି।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବେହେରା,୬।୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ କୁମୁଦିନୀ ଗାଇନ୍ତା ମୁଖ୍ୟ ଅତିଥି, ସ୍ଥାନୀୟ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରୁପେନ୍ଦ୍ର ବାଣୁଆ ମୁଖ୍ୟବକ୍ତା ଓ ବେହେରା ସମିତିସଭ୍ୟ କିଶୋର ନାଗ, ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ମୋହନ ଚରଣ ବିଷି, ନିକୁଞ୍ଜ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ‘ଏଣିକି ରହିବ ନାହିଁ ଡାକ୍ତର ସମସ୍ୟା’

**ଖୁଣ୍ଟିଗୋରା,୬।୧(ମକରନ୍ଦ ସାହୁ)**

ଡାକ୍ତରଖାନାରେ ଆଉ ରହିବ ନାହିଁ ଡାକ୍ତର ସମସ୍ୟା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ସମସ୍ୟା ଦୂର ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ନିକଟରେ କଣ୍ଟାମାଳ ବ୍ଲକ ମସିଣାଗୋରାଠାରେ ଡୁମାଲ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ଆୟୋଜିତ ଦ୍ୱିତୀୟ ମା’ ମାହେଶ୍ୱରୀ ମହୋତ୍ସବର ତୃତୀୟ ଦିବସରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ଜିଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଯୁବ ଭାଜପା ନେତା ଓମପ୍ରକାଶ ମିଶ୍ର, ଡୁମାଲ ସମାଜ ସଭାପତି ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଅନନ୍ତ ଖେତି ଯୋଗଦେଇ ସାଂସ୍କୃତିକ ମଞ୍ଚ ଦ୍ୱାରା ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ରଞ୍ଜୁ ଅମାତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମସିଣାଗୋରା ସମାଜ ଓ ମା’ ମାହେଶ୍ୱରୀ ସେନା ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଏହାକୁ ଉଦଘାଟନ କରିବା ସହ ରକ୍ତଦାତା, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ରୋଗୀ ଏବଂ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ବୌଦ୍ଧ ରକ୍ତ ଭଣ୍ଡାରରୁ ଆସିଥିବା ଟେକନିସିଆନ ଟିମ୍ ଦ୍ୱାରା ମୋଟ ୪୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ମହେନ୍ଦ୍ର ସୋଏ ଓ କଣ୍ଟାମାଳ ଡାକ୍ତରଖାନାର ମେଡିକାଲ ଅଫିସର ଡ. ଜଗଦୀଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମେଡିକାଲ ଅଫିସର ଡ. ବିକେଆରସି ଦେଓ ହେମ୍ବ୍ରମ ଏଲ.ଟି., ବ୍ଲଡ ବ୍ୟାଙ୍କର ଦେବଦତ୍ତ କିସାନ, କାଉନସେଲର ପ୍ରମୋଦ କୁମାର ମହାରଣା, ନର୍ସିଂ ଅଫିସର ଲୁଢ଼ା ଶବର, ଆଟେଣ୍ଡାଣ୍ଟ ସୁରଜ ଶେଖର ଭୁକ୍ତା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ। ସଭାରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଓ ବିଧାୟକ ଡାଙ୍ଗଙ୍କୁ ମା’ ମାହେଶ୍ୱରୀ ମହୋତ୍ସବ କମିଟି ପକ୍ଷରୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମୁଖ୍ୟଅତିଥି ଓ ଅତିଥିମାନଙ୍କ ଦ୍ୱାରା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସଦସ୍ୟ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**ହେମଗିର,୬।୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ ବୁଡିଦରହ ବ୍ରିଜ ନିକଟରୁ ଜଣେ ଯୁବକଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କାଠଫାଲି ଗ୍ରାମର କୁଞ୍ଜରାମ ଜୟପୁରୀଆ(୩୯)। ହେମଗିର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, କୁଞ୍ଜରାମ ଡୁଲିଙ୍ଗା ସ୍ଥିତ ମାଇନ୍ସରୁ କାମ ସାରି ରବିବାର ରାତିରେ ବାଇକ ଯୋଗେ (ଓଡି ୨୩ ଜେ ୬୯୨୨) ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ ଘଟଣା

**ଅଭିଯୋଗକୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଖଣ୍ଡନ**

**ବଣାଇଁ,୬।୧(ପ୍ରଦୀପ ତ୍ରିପାଠୀ):** ବଣାଇଁ ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସନ୍ତୋଷ ନାଥଙ୍କ ମାଡ଼ରେ ଛାତ୍ରାବାସରେ ରହୁଥିବା ଜଣେ ଛାତ୍ର ଗୁରୁତର ହୋଇଥିଲେ। ବଣାଇଁ ଡାକ୍ତରଖାନାରେ ଚିକିତ୍ସିତ ପରେ ସୋମବାର ସେ ଘରକୁ ଫେରିଛନ୍ତି। ଛାତ୍ର ଜଣଙ୍କ ହେଉଛନ୍ତି ଜଡିବାହାଲ ଗ୍ରାମର ସିଦ୍ଧେଶ୍ୱର ମୁଣ୍ଡା। ସେ ରାଜା ଧରଣୀଧର ଉଚ୍ଚବିଦ୍ୟାଳୟର ଛାତ୍ରାବାସରେ ରହି ୯ମ ଶ୍ରେଣୀରେ ପାଠ ପଢୁଛନ୍ତି। ସୂଚନା ଅନୁସାରେ, ଗତ ୪ ତାରିଖରେ ସିଦ୍ଧେଶ୍ୱର ବଣାଇଁ ମାର୍କେଟରୁ ମୁଢ଼ି କିଣି ଛାତ୍ରାବାସକୁ ଫେରୁଥିବା ବେଳେ ଛାତ୍ରାବାସ ଦାୟିତ୍ୱରେ ଥିବା ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସନ୍ତୋଷ ତାଙ୍କୁ ମାଡମାରି ଥିଲେ। ଏନେଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା କିଷାନ ଏବଂ ହିନ୍ଦୀ ଶିକ୍ଷକ ସନ୍ତୋଷଙ୍କୁ ପଚାରିବାରୁ, ଛାତ୍ର ଜଣକ ବିନା ଅନୁମତିରେ ମାର୍କେଟକୁ ଯାଇ ନିଶା ଦ୍ରବ୍ୟ କ୍ରୟ କରି ନିଜ ବ୍ୟାଗରେ ରଖିଥିବା ବେଳେ ଧରାପଡିଥିଲେ। ଅଭିଭାବକଙ୍କୁ ଡାକି ଛାତ୍ରଙ୍କୁ ୧୫ ଦିନ ପାଇଁ ଛାତ୍ରାବାସରୁ ବାହାର କରି ଘରକୁ ପଠାଇ ଦିଆଯାଇଥିବା କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା। ଏଥିସହ ଛାତ୍ରଙ୍କୁ ମାଡ ମାରିବା ଘଟଣାକୁ ସମ୍ପୂର୍ଣ୍ଣଭାବେ ଖଣ୍ଡନ କରିଛନ୍ତି। ତେବେ କେଉଁ ଅଭିଯୋଗ ସତ୍ୟ ସେନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



**ସୁନ୍ଦରଗଡ,୬।୧(ଜୟ ନାରାୟଣ ମେଣ୍ଡୁଲି) :** ଯୋଗୀମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାରଠାରୁ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ କିଶୋର କୁମାର ରାଉତ, ଅଧ୍ୟାପକ ରତ୍ନାକର ବେହେରା, ସୁଜାତା ନାଏକ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ନିହାତି ଜରୁରୀ ବୋଲି ଅଧ୍ୟକ୍ଷ ରାଉତ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ତଥା ସଂଯୋଜକ ନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୩ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ। ତାଲିମ ଦାତାଭାବେ ସାଗରିକା ନେଟି ଏବଂ ବିନି ମେହେର ୯୫ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ଦେବେ।



ପଞ୍ଚାୟତ ଅଫିସ୍ ସଭାଗୃହରେ ସମବେତ ମହିଳା।

# ଫୁଲବାରୀ ପଞ୍ଚାୟତ: ମଦ ବିରୋଧୀ ସମାବେଶ

**ବଡ଼ଗାଁ,୬।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତର ସମସ୍ତ ଗ୍ରାମକୁ ମଦ ମୁକ୍ତ କରିବାକୁ ଅଣ୍ଟା ଭିଡିଛନ୍ତି ମହିଳା ଗୋଷ୍ଠୀ। ସୋମବାର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମର ମହିଳା ଗୋଷ୍ଠୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମବେତ ହେଲାପରେ ମଦ ମୁକ୍ତ ଗାଁ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମକୁ ମଦ ମୁକ୍ତ କରିବାକୁ ସହମତି ପ୍ରକାଶ ପାଇଥିଲା। ପ୍ରଥମ ପର୍ଯ୍ୟାୟରେ ମଦୁଆମାନଙ୍କୁ ବୁଝାସୁଝା କରି ମଦ ଛଡ଼ାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହେବା ସହ ଦ୍ୱିତୀୟ ପର୍ଯ୍ୟାୟରେ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ପୋଲିସ ଏବଂ ଅବକାରୀ ବିଭାଗର ସହଯୋଗ କାମନା କରାଯାଇଥିଲା। ମହିଳା ଗୋଷ୍ଠୀ ସଦସ୍ୟାମାନେ ପଞ୍ଚାୟତର କେତେକ ଗ୍ରାମରେ ମଦ ବିକ୍ରି ବଢ଼ିଚାଲିଥିବା ଓ ମଦ ଅପରାଧିକ ମାନସିକତାର ବଢ଼ାଉଥିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା। ଗରିବ ଅସହାୟ ପରିବାର ସର୍ବହରା ହୋଇପଡ଼ିଥିବା ଦେଖାଯାଉଛି ବୋଲି ଅନେକ ମତ ରଖିଥିଲେ। ଏହି ସମାବେଶରେ ଫୁଲବାରି ସରପଞ୍ଚ ଯୋଗେନ୍ଦ୍ର କିଷାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବୈଶାଲି ପାଣିଗ୍ରାହୀ, ମହିଳା ଗୋଷ୍ଠୀ ସଦସ୍ୟା ସଂଯୁକ୍ତା କିଷାନ, ଗୋଲାପି ବାହାଲା, କସ୍ତୁରୀ ମିଞ୍ଜ, ଜୟକୁମାରୀ ପୃଷେଟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମାବେଶରେ ଫୁଲବାରି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ସିଆରପି,ଏମବିକେମାନେ ଉପସ୍ଥିତ ଥିଲେ। ପୂର୍ବରୁ ଏହି ବିଷୟରେ ସରପଞ୍ଚ ସଂଘର ସଭାପତି ଯୋଗେନ୍ଦ୍ର କିଷାନଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟଯେ, ବଡ଼ଗାଁ ବ୍ଲକ ଅଞ୍ଚଳର ଜନ ପ୍ରତିନିଧି , ଅନେକ ଗ୍ରାମର ଗୃହିଣୀ ମହିଳା, ସଚେତନ ନାଗରିକ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଆଉ କେତେକ ସଂଗଠନ ଗାଁ ଗୁଡିକରେ ମଦ ବିକ୍ରି ବନ୍ଦ୍ କରିବାକୁ ବହୁବାର ପ୍ରୟାସ କରିଆସୁଥିଲେ।

## ଓଟିଏସ୍ ଟଙ୍କା ପ୍ରଦାନ ଦାବିରେ ରାସ୍ତାରୋକୋ

**ହେମଗିର,୬।୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା କୋଇଲା ଖଣିରେ ସୋମବାର ବିସ୍ଥାପିତଙ୍କ ତରଫରୁ ଚାକିରି ବାବଦକୁ ଏକ କାଳୀନ ରାଶି (ଓଟିଏସ) ଟଙ୍କା ଶୀଘ୍ର ପ୍ରଦାନ କରିବା ଦାବି ନେଇ ରାସ୍ତା ରୋକୋ କରି କୋଇଲା ପରିବହନକୁ ବନ୍ଦ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ବିସ୍ଥାପିତ ଲୋକଙ୍କ ଅନେକ ଦିନର ଦାବି ଓଟିଏସ ଟଙ୍କା ସାଢେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାର ଥିବା ବେଳେ ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ନଭେମ୍ବରରେ ଏହି ଟଙ୍କା ପ୍ରଦାନ କରିବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଟଙ୍କା ମିଳିନଥିବାରୁ ଶୀଘ୍ର ପ୍ରଦାନ କରିବା ଦାବି ନେଇ ବିସ୍ଥାପିତଙ୍କ ପକ୍ଷରୁ ରାସ୍ତା ରୋକୋ କରି କୋଇଲା ପରିବହନକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କୋଇଲା ପରିବହନ ବନ୍ଦ ରହିଥିବା ବେଳେ ପରେ କମ୍ପାନୀର କର୍ମଚାରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଆସନ୍ତା ୧୫ତାରିଖ ଠାରୁ ଓଟିଏସ ଟଙ୍କା ପ୍ରଦାନ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତା ରୋକରୁ ଓହରି ଥିଲେ। ଆସନ୍ତା ୧୫ତାରିଖ ସୁଦ୍ଧା ଓଟିଏସ ଟଙ୍କା ପ୍ରଦାନ କରାନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଏହି ଆନ୍ଦୋଳନରେ ସୁରେନ୍ଦ୍ର କିଶାନ, ମନୋଜ ବଢେଇ, ସାଗର ମାଝୀ, ଏକଲବ୍ୟ ଜଗତ, ତପନ ବାରିକ, ବିଜୁ ଭୋଇ, ଅମରିଥ ପାଧନ, ପ୍ରେମନନ୍ଦ ଗୌଡ ଓ ସମସ୍ତ ଗ୍ରାବାସୀ ସାମିଲ ହୋଇଥିଲେ।

## ରେଳବାଇ ଡିଆର୍‌ଏମଙ୍କ ବନ୍ଧମୁଣ୍ଡା ପରିଦର୍ଶନ

**ବନ୍ଧମୁଣ୍ଡା,୬।୧(ସୁବ୍ରତ ଦେ)**



ଡିଆରଏମ ଯାଞ୍ଚ କାର୍ଯ୍ୟ କରୁଛନ୍ତି।

ଚକ୍ରଧରପୁର ରେଳବାଇ ଡିଆରଏମ ତରୁଣ ହୁରିଆ ସୋମବାର ବନ୍ଧମୁଣ୍ଡା ଅଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ଧମୁଣ୍ଡା ଇଲେକ୍ଟ୍ରିକ୍ ସେଡରେ ପହଞ୍ଚି ଯାଞ୍ଚ କରିଥିଲେ। ଡିଆରଏମ ଶେଡର ସାଧାରଣ ଷ୍ଟୋର ଡିପୋ ଏବଂ ବିଭିନ୍ନ ସାମଗ୍ରୀର ଷ୍ଟକ୍ ସମ୍ପର୍କରେ ବୁଝିଥିଲେ। ଏଥିସହ ଶେଡର ରକ୍ଷଣାବେକ୍ଷଣ ସମ୍ବନ୍ଧରେ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ସେ ରାଉରକେଲା ଇଲେକ୍ଟ୍ରିକ୍ ଶେଡରେ ପହଞ୍ଚି କର୍ମଚାରୀଙ୍କ କ୍ଷମତା ଏବଂ ଲୋକ କ୍ଷମତା ସମ୍ବନ୍ଧୀୟ ସୂଚନା ନେଇଥିଲେ। କର୍ମଚାରୀଙ୍କୁ ନିଷ୍ଠାପୂର୍ବକ ଏବଂ ସଚ୍ଚୋଟ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଡିଆରଏମ ରାଉରକେଲା ରେଳବାଇ ଷ୍ଟେଶନକୁ ଫେରିବା ପରେ ଚକ୍ରଧରପୁରକୁ ଫେରି ଯାଇଥିଲେ। ତାଙ୍କର ବନ୍ଧମୁଣ୍ଡା ପରିଦର୍ଶନ ବେଳେ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନର ସଦସ୍ୟମାନେ ତାଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ଏବଂ ଏକ ଦାବି ପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ଦାବି ପତ୍ରରେ ଶେଡରେ କର୍ମଚାରୀଙ୍କ ଅଭାବକୁ ଦୂର କରିବା, କର୍ମଚାରୀଙ୍କ ପାଇଁ ଶେଡ ନିକଟରେ ଏକ ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ କରିବା ଏବଂ କର୍ମଚାରୀଙ୍କ ପାଇଁ ଶେଡରେ ଅତି କମରେ ଦୁଇଟି ଆଉ ୱାଟର ବୁଥ୍ ସ୍ଥାପନ ପାଇଁ ଦାବି କରାଯାଇଛି। ଏହି ଅବସରରେ ସଙ୍ଗଠନର ରାଜା ମୁଖାର୍ଜୀ, ଏସବିଏନ୍ ମୁର୍ଣ୍ଣୀ, ପି.ଆର ସିଂ, ବି ରାଉତ, ଦିଲୀପ ଶ୍ୟାମଲ, ଧ୍ୱମାନ ହାଲଦାର,ଋଷୀ ରାଜ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ କଂଗ୍ରେସର ସଦସ୍ୟମାନେ ମଧ୍ୟ ଡିଆରଏମଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଯେଉଁଠି ସଂଗଠନର ଡିସିଏସ ରାଓ, କେ ରାମ, ଧର୍ମେନ୍ଦ୍ର କୁମାର, ଜେ.କେ ସିଂ,ଓ.ଡି.ପି ସାହୁ, ଗୌତମ ଚୌଧୁରୀ, ସି.କେ ସିଂ, ଏନସି ଯାଦବ,ବି ସୁରେଶ ଉପସ୍ଥିତ ଥିଲେ।

## ପିକନିକ୍ ସ୍ଥଳରେ ଭାଜପାର ସଫେଇ ଅଭିଯାନ

**ବନ୍ଧମୁଣ୍ଡା: ୬।୧(ସୁବ୍ରତ ଦେ)**

ବନ୍ଧମୁଣ୍ଡାର ପିକନିକ ସ୍ଥଳ ଡୁମେରତା ପାହାଡରେ ଭାଜପା ପକ୍ଷରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ସ୍ଥାନୀୟ ଭାଜପା ନେତା ଆଇ ରାଜା ରମେଶ ଏବଂ ଭାରତୀ ସିଂଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଏକତ୍ରିତ ହେଇ ପିକନିକ୍ ସ୍ପଟରେ ସ ଫେଇ ଅଭିଯାନ ଚଳାଇଥିଲେ। ଏହି ଅବସରରେ ଭାଜପାର ଆଇ ରାଜା ରମେଶ, ଭାରତ ସିଂ,ଲୀନା ନାଇଡୁ, ଜୟା ସିଂହ, ପ୍ରମିଳା ମାହାତୋ, ରାମାବତୀ, ଅମରେଶ ପ୍ରଧାନ, ରାଜେଶ କିଶନ, କରଣ ପୂର୍ତ୍ତି, କିଶନ ମୁଖୀ, ଅମନ କୁମାର, ପୀୟୁଷ ଶର୍ମା, ଅଜୟ ମାହାତୋ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**କୁତ୍ରା,୬।୧(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଗଏରବାହାଲ ସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ୮ ଦିନାତ୍ମକ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରର ସଂଯୋଜକ ଅଧ୍ୟାପକ ସଞ୍ଜୟ କୁମାର ଠାକୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ସମୟରେ ବାଳିକାମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଏହି ଶିବିର ଛାତ୍ରୀମାନଙ୍କ ପାଇଁ ଉପଯୋଗୀ ହେବ ବୋଲି କହିଥିଲେ। ୮ ଦିନ ଧରି ୨ ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଏହି ଶିବିରରେ ୪୮ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ। ସରକାର ଓ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଏହି ଶିବିରର ପ୍ରଶିକ୍ଷକ ଭାବେ ଅସୀମା କୁଲୁ ପ୍ରଶିକ୍ଷଣ ଦେଉଛନ୍ତି। ଅନୁଷ୍ଠାନର ଅଶୋକ କୁମାର ସିନ୍ଦୁରାୟ, କଲୋଷ୍ଟି ସାହୁ, ସମୀର ପୁରୋହିତ, ଯଶୋବନ୍ତି ନାୟକ, ପୁରନ ତୀର୍କୀ, କାନ୍ତି ମିଞ୍ଜ, ବିଶାଳ ନାଗ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ସ୍ଲୋଗାନରେ ସୀମିତ ସଡ଼କ ସୁରକ୍ଷା ସଚେତନତା

**କୁଆଁରମୁଣ୍ଡା,୬।୧(ମହେନ୍ଦ୍ର କୁମାର ସାହୁ)**

**ବୀରମିତ୍ରପୁର ଉପଖଣ୍ଡରେ ଚାଲିଛି ବେପରୁଆ ଗାଡ଼ି ଚାଳନା**

ଜାନୁଆରୀ ୧ରୁ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ମାସ ଆରମ୍ଭରୁ ବୀରମିତ୍ରପୁର ଉପଖଣ୍ଡର ରାଏବୋଗା ଠାରୁ ଆରମ୍ଭ କରି ବୀରମିତ୍ରପୁର, ହାତିବାରି ଓ କୁଆଁରମୁଣ୍ଡା ଅଞ୍ଚଳରେ ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରତ୍ୟହ ଦୁର୍ଘଟଣାମାନ ଘଟୁଛି। କେଉଁଠି ମଣିଷ ତ ଅନ୍ୟ କେଉଁଠି ବୁଲା ଗାଈଗୋରୁ, ମଇଁଷିଙ୍କ ଅକାଳ ମୃତ୍ୟୁ ଘଟୁଥିବା ନଜିର ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରବିବାର ସନ୍ଧ୍ୟା ସମୟରେ ୬ଟି ମଇଁଷି କୁଆଁରମୁଣ୍ଡା ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିଲା ବେଳେ ରାଜପଥ ପେଟ୍ରୋଲିଂ ଆମ୍ବୁଲାନ୍ସ ଧକ୍କାରେ ଗୋଟିଏ ମଇଁଷି ମରିଯାଇଥିଲା ବେଳେ ଅନ୍ୟ ୫ଟି ଖଣ୍ଡିଆ ଖାବରା ହୋଇଥିଲେ। ସେହିପରି ଶନିବାର ସ୍ୱଷ୍ଟ ଦିବାଲୋକରେ ଏକ ହାଇୱା ଚାଳକ ମଦ୍ୟପାନ କରି କୁଆଁରମୁଣ୍ଡା କାଲୋଷିହିରିଆ ରୋଡରେ ଗାଡ଼ି ଚଳାଉଥିଲା ବେଳେ ଏକ ଗାଈ ଉପରେ ମାଡିଯାଇଥିଲା। ସେହିପରି ବୀରମିତ୍ରପୁର ଅଞ୍ଚଳରୁ ରାଉରକେଲାକୁ ସକାଳୁ ଯାଉଥିବା ଯାତ୍ରୀବାହୀ ବସ୍ ସଡ଼କ ସୁରକ୍ଷା ସଚେତନତା ନିୟମ ମାନୁନାହାଁନ୍ତି। ଏଥିପ୍ରତି ପରିବହନ ଓ ପୋଲିସ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଯାଦବ ସମାବେଶ: ଶିକ୍ଷା ଉପରେ ଗୁରୁତ୍ୱ

**ବଡ଼ଗାଁ,୬।୧(ଅଶୋକ ଷଡ଼ଙ୍ଗୀ)**



ଉପ ବାଚସ୍ପତି ଉଦବୋଧନ ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପଞ୍ଚାୟତର ବେହେରାମାଲ ଗ୍ରାମରେ ସୋମବାର ବାର୍ଷିକ ଯାଦବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମନ ଷଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନ ଓ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକୁ ଲୋକାଭିମୁଖୀ କରିବାକୁ କହିଥିଲେ। ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ସମାବେଶ ଆରମ୍ଭ ହୋଇଥିଲା। ସମ୍ପାଦକ ମଧୁସୂଦନ କର୍ସେଲ ସମାଜର ବାର୍ଷିକ ବିବରଣୀ ପାଠ କରିବା ସହ ସଙ୍ଗଠନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ଜିଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ରାହାସବିହାରୀ ଷଣ୍ଢ, ଉପସଭାପତିଅରକ୍ଷିତ ଗୌଡ଼ ଯୋଗଦେଇ ଆଲୋଚନା କରିଥିଲେ। ସଦର ବ୍ଲକ ଉପ ସଭାପତି ରାଧେଶ୍ୟାମ ପେରୁଆ, ସମ୍ପାଦକ ହରିହର ଛଞ୍ଚାଣ, କୁଲଟା ଗ୍ରାମ ପଞ୍ଚାୟତର ଉପଦେଷ୍ଟା ଦାଶରଥି ବାଦଲ, ଭୋଇପାଲି ଗ୍ରାମ ପଞ୍ଚାୟତର ଉପଦେଷ୍ଟା ପବିତ୍ର ଗୌଡ଼, କଟକି ଗୌଡ଼, ଶିକ୍ଷକ ମନବୋଧ ଗୌଡ ପ୍ରମୁଖ ସମାଜ କର୍ମକର୍ତ୍ତା ମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ଚିନୁପମା ଭୈଷାଲ ସମ୍ମାନିତ ଅତିଥିଭାବେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ସମାଜର ଉନ୍ନତି, ଶିକ୍ଷାର ବିକାଶ, କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୁରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ଯାଦବ ସମାଜର କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୫୬ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

**ସୁନ୍ଦରଗଡ଼,୬।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ମହକୁମାଠାରେ ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୩୬ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ଟି ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ଟି ଆବେଦନ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୫୬ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲାପ ଦାଶରଥି ସରାବୁ ଏବଂ ସମସ୍ତ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନଡେଗାରେ ଅଭିଯୋଗ ଶୁଣାଣି, ସମାଧାନ ଶିବିର

**ବାଲିଶଙ୍କରା,୬।୧( ହୃଦା ନନ୍ଦ ବାରିକ)**



ପଞ୍ଚାୟତ ସମିତିର ପିଏ ଓ ଜିପିଓ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

ବାଲିଶଙ୍କରା ବ୍ଲକ ବନଡେଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ବନଡେଗା ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ପଞ୍ଚାୟତ ସମିତିର ପିଏ ମୋନିକା ବୋହିଦାର ଓ ଜିପିଓ ପାସ୍କାଲ ଲାକଡ଼ା ଯୋଗଦେଇ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ନିଜ ନିଜ ଅଭିଯୋଗ ନେଇ ଆସିଥିବା ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଥିଲେ। ଦରଖାସ୍ତ ମଧ୍ୟରେ ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହାଳ, ରାସନ୍ କାର୍ଡ, ଶିଶୁ ବିଭାଗ, ରାସ୍ତା, ବିଦ୍ୟୁତ୍, ଜମି ମରାମତି, ନଳକୂପ, କୂଅ ଓ ଅନ୍ୟାନ୍ୟ ଉପରେ ୪୭ଟି ଦରଖାସ୍ତର ଅଭିଯୋଗ ପଞ୍ଜିକୃତ ହୋଇଛି। ସମସ୍ତ କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟ ରାମ ପଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ

**କୁତ୍ରା,୬।୧ (ଦେବାଶିଷ ସାହୁ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ତୁନମୁରା ସରଗୁକିଶାନ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ, ସିଆରସିସି ତପନ ସେଠୀ, ରାଜେଶ ବେହେରା, ସୁଦୀପ୍ତି ରଞ୍ଜନ ବେହେରା ବଦ୍ୟନାଥ ଜୟପୁରୀଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା,ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୁନିଅର ଗ୍ରୁପର ପ୍ରବନ୍ଧ ଲିଖନ ଓ ପୋଷ୍ଟର ପ୍ରେଜେଣ୍ଟେସନ, ସିନିଅର ଗ୍ରୁପର ପ୍ରବନ୍ଧ ଲିଖନ ଓ ପୋଷ୍ଟର ପ୍ରେଜେଣ୍ଟେସନ, ସୁପର ସିନିୟର ଗ୍ରୁପର କୁଇଜ, ପୋଷ୍ଟର ପ୍ରେସେଣ୍ଟେସନ ଓ ସାଇକେଲ ରିଲେ ରେସ ଆଦି ପ୍ରତିଯୋଗିତା କରାଯାଇଥିଲା। ଜଜ ଭାବେ ପ୍ରିୟଦର୍ଶିନୀ ପାଢ଼ି, ବିରଜୀ ପ୍ରଧାନ, ନିରଞ୍ଜନ ପୃଷ୍ଟି, ରାଧାନାଥ ଦିଶ୍ରି ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତି ଦେବୀ ଉଚ୍ଚ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ପ୍ୟାରେଲାଲ ସାହୁ, ଆଲିଶା ଟପ୍ପୋ, ଶଶି ଛୁରା, ଦିନା ଜୟପୁରିଆ, ବିଜୟ କର୍କେଟା, ଉଦିତ ସିଂ, ରବି କୁମାର ଶିକ୍ଷକ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଲାଞ୍ଜିବେର୍ଣ୍ଣା ସିଆରସିସି ତପନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଦୁର୍ଘଟଣା, ଜଣେ ମୃତ

ଜମନକିରା, ୬।୧ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମା ସ୍ଥିତ ଭୋଜପୁର-ଜମନକିରା ରାସ୍ତାର କିସାନ ପଡ଼ାଠାରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ସୌଦାଗର ଭଇଁସା(୨୫)ଙ୍କ ମୃତ୍ୟୁ ଘଟିଛି। ବାଇକରେ ଥିବା ଅନ୍ୟତମ ଆରୋହୀ ଦୀପକ ସୁନାନି(୨୪)ଙ୍କୁ ଗୁରୁତର ଅବସ୍ଥାରେ ଜମନକିରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୌଦାଗର ଓ ଦୀପକ ଭୋଜି କରି ଟାଙ୍ଗରମାଲରୁ ଜମନକିରା ଅଭିମୁଖେ ବାଇକରେ ଆସୁଥିବା ବେଳେ କିସାନ ପଡ଼ାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ମୃତ ସୌଦାଗରଙ୍କ ଘର ଜମନକିରା ପଞ୍ଚାୟତ ଖଇରଡିହିରେ ହୋଇଥିବା ବେଳେ ଦୀପକଙ୍କ ଘର ଟାଙ୍ଗରମାଲ ବୋଲି ଜଣାପଡିଛି।

# ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ବିଡିଓ

■ ସମ୍ବଲପୁରରେ ଚାଷୀ ଆତ୍ମହତ୍ୟା ଘଟଣା

■ ମଣ୍ଡିରେ ନ ବିକି ବେପାରୀଙ୍କୁ ଧାନ ବିକିଥିଲେ ଚାଷୀ

ସମ୍ବଲପୁର/ ପଡିଆବାହାଲ, ୬।୧ (ଭବାନୀ ଶଙ୍କର ଭୋଇ/ ରାଧାମୋହନ ଷଡଙ୍ଗୀ)


ଝୁଝୁମୁରା ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ବୈରାଗୀପାଲିରେ ଚାଷୀଙ୍କ ଘରେ ତଦନ୍ତ କରୁଛନ୍ତି।

ପ୍ରତିକୂଳ ପାଗ ଧାନ ଫସଲ ବିଗାଡିଥିଲା। ସେଥିରୁ ବଞ୍ଚି ଉତ୍ପାଦିତ ହୋଇଥିଲା ତାହାର ସଠିକ ମୂଲ୍ୟ ମିଳିଲା ନାହିଁ। ମଣ୍ଡିରେ ବିକି ନ ପାରି ବେପାରୀଙ୍କ ହାତରେ କମ୍ ମୂଲ୍ୟରେ ଟେକିଦେଲେ। ଚାଷ ପାଇଁ କରିଥିବା ଋଣ ପରିଶୋଧ ସହ ପରିବାର ପୋଷଣ ଚିନ୍ତାରେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ୍ ବୈରାଗୀପାଲି ଗ୍ରାମର କ୍ଷୁଦ୍ରଚାଷୀ ରତ୍ନାକର ଭୋଇ(୫୫) ଶନିବାର ବିଷପିଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ସୋମବାର ଅଭିଯୋଗର ତଦନ୍ତ ପାଇଁ ବ୍ଲକ ପ୍ରଶାସନିକ ଅଧିକାରୀ ମୃତ ଚାଷୀଙ୍କ ଗାଁ ବୈରାଗୀପାଲି ଯାଇଥିଲେ। ଝୁଝୁମୁରା ବିଡିଓ ବିଜୟ ସଏ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଠୀ, କବରାପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିତେଶ ପ୍ରଧାନ ରତ୍ନାକରଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତ୍ୟୁର କାରଣ ସମ୍ପର୍କରେ ସେ ପରିବାର ଲୋକେ ଓ ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ।

ଆଇଟିଆଇ ପଢୁଥିବା ମୃତକଙ୍କ ଝିଅ ଦେବକୀ ଭୋଇ କହିଛନ୍ତି, ତାଙ୍କ ବାପା ୨ ଏକର ଜମିରେ ଧାନଚାଷ କରିଥିଲେ। ଏଥିପାଇଁ ୫ପ୍ରତିଶତ ସୁଧ ହିସାବରେ ଘରୋଇ ଭାବେ ୭୦ହଜାର ଟଙ୍କା, ପିଏନ୍‌ବିଠାରୁ ପାୱାର ଟିଲର୍ ପାଇଁ ୩୫ହଜାର ଟଙ୍କା ସହିତ ପୁରୁଣା ଋଣ ରହିଥିଲା। ଧାନ ବିକ୍ରି ମୂଲ୍ୟ ମିଳିଲେ ଋଣ ପରିଶୋଧ କରିବେ ବୋଲି ବାପା ଆଶାପୋଷଣ କରିଥିଲେ। ହେଲେ ବର୍ଷାଭାବ ଏବଂ ଏଲ୍‌ଆଇ ପଏଣ୍ଟ ବାରମ୍ବାର ଅଚଳ ହେବା କାରଣରୁ ଅଧାରୁ ଅଧିକ ଫସଲ ନଷ୍ଟ ହୋଇଯାଇଥିଲା। ଯାହା ବି ବଳିଥିଲା ତାହା ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଥିଲା। ଏହାକୁ ନେଇ ତାଙ୍କ ବାପା ରତ୍ନାକର ଭୋଇ ଚିନ୍ତାରେ ଥିଲେ। ଶେଷରେ ବିଷପାନ କରି ଆତ୍ମହତ୍ୟାର ପଥ ବାଛି ନେଲେ ବୋଲି ସେ କହିଥିଲେ। ଏହି ଅବସରରେ କବରାପାଲି ଗ୍ରାମପଞ୍ଚାୟତ ପକ୍ଷରୁ ସୋମବାର ମୃତଚାଷୀଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ବିଡିଓଙ୍କ ସୂଚନା ଅନୁସାରେ ମୃତଚାଷୀ ରତ୍ନାକର ଭୋଇଙ୍କ ପରିବାରକୁ ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ମିଳିଥିଲା। ସେ ନିର୍ଦ୍ଧାରିତ ଅବଧି ଭିତରେ ନିର୍ମାଣ କରିଥିବାରୁ ୧୦ହଜାର ଅଧିକ ଆର୍ଥିକ ସହାୟତା ପାଇଥିଲେ। ତା ସହ ଚଳିତବର୍ଷ ୪୫ବସ୍ତା ଧାନ ମଣ୍ଡିରେ ନ ବିକି ବେପାରୀଙ୍କୁ ବିକ୍ରୀ କରିଥିବା ପରିବାର ଲୋକେ କହିଥିଲେ। ସିଏମ କିସାନ ଯୋଜନାରେ ୨ହଜାର ଏବଂ ସୁଭଦ୍ରା ଯୋଜନାରେ ସ୍ତ୍ରୀ ସୁଷମାଙ୍କୁ ୫ ହଜାର ଟଙ୍କା ସହାୟତା ମିଳିଛି। ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ପ୍ରତିମାସ ୪୦କେଜି ଚାଉଳ ମିଳୁଥିଲା ବୋଲି ବିଡିଓ କହିଛନ୍ତି। ତେବେ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ ପରେ ଜିଲା ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ବିଜୟ ସଏ କହିଛନ୍ତି। ସୂଚନା ଅନୁସାରେ ମୃତ ଚାଷୀ ରତ୍ନାକରଙ୍କ ୪ଝିଅ ଓ ୩ପୁଅ। ଗତବର୍ଷ ବଡଝିଅର ବିବାହ ସରିଛି। ୩ପୁଅ ଓ ୩ଝିଅଙ୍କ ସହ ସ୍ତ୍ରୀଙ୍କ ସହ ସେ ରହୁଥିଲେ। ଝିଅ ବିବାହ ପାଇଁ ସେ ଟଙ୍କା ଧାରକରଜ କରିଥିଲେ। ଚଳିତ ବର୍ଷର ଫସଲହାନୀ ପରେ ଘରର ମୁରବୀ ଆତ୍ମହତ୍ୟାର ପଥ ବାଛି ନେବା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୬।୧(ପ୍ରମୋଦ ବହିଦାର)

ସ୍ଥାନୀୟ ରାମକଲୀ ଦେବୀ ଟ୍ରଷ୍ଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଅଧକ୍ଷା ଗୀତାଞ୍ଜଳି ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥିଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ସମ୍ବଲପୁର ଜୋନ ଉପସଚିବ ଡ. ମହେନ୍ଦ୍ର ପ୍ରସାଦ ବେହେରା ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସେ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କେତେ ଉପଯୋଗୀ ସେନେଇ ଆଲୋଚନା କରିଥିଲେ। ଆତ୍ମରକ୍ଷା ଶିବିର ସଂଯୋଜକ ଅଧାପକ ପ୍ରସନ୍ନ ସରକାର ଦୈନନ୍ଦିନ ଜୀବନରେ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର୍ ଭାରତୀ ଓରାମ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦେଇଥିଲେ। ଏଥିରେ ତାଙ୍କୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ପାଢ଼ୀଙ୍କ ସହିତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ହିନ୍ଦୀ ଅଧାପିକା ଡ. ଦୀପିକା ଚୌହାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ଡ. ସୁଶାନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# ତଦନ୍ତ କଲା ପ୍ରାଣୀ ସମ୍ପଦ ବିଭାଗ ଟିମ୍



## ଏସ୍‌ଏଲ୍‌ବିଏଫ୍ ଫାର୍ମ

■ ଭଡ଼ାରେ ଲାଗିଛି କ୍ୱାର୍ଟର୍ସ, ମାଟି ଚାଲାଣ ଅଭିଯୋଗ

■ ତଦନ୍ତ ରିପୋର୍ଟ ସରକାରଙ୍କୁ ଦିଆଯିବ: ଅତିରିକ୍ତ ନିର୍ଦ୍ଦେଶକ

ସମ୍ବଲପୁର, ୬।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହର ଉପକଣ୍ଠ ଚିପଲିମା ନିକଟରେ ଥିବା ରାଜ୍ୟ ପ୍ରାଣୀ ପାଳନ ପ୍ରଜନନ ଫାର୍ମ(ଏସ୍‌ଏଲ୍‌ବିଏଫ)କୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏହାର ତଦନ୍ତ ପାଇଁ ସୋମବାର କଟକ ପ୍ରାଣୀ ସମ୍ପଦ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ହାଡିବନ୍ଧୁ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଏସ୍‌ଏଲ୍‌ବିଏଫ୍‌ରେ ପହଞ୍ଚି ଛାନଭିନ କରିଥିଲେ। ଅଫିସରେ କାଗଜପତ୍ର ଯାଞ୍ଚ କରିବା ସହ ଭଡା ଲାଗିଥିବା କ୍ୱାର୍ଟର୍ସଗୁଡିକୁ ଯାଇ ସେଠାରେ ରହୁଥିବା ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଯାହା ସବୁ ଅଭିଯୋଗ ଆସିଥିଲା ତା'ର ତଦନ୍ତ କରିଛି। ଏହାର ରିପୋର୍ଟ ସରକାରଙ୍କୁ ଦେବି ଅତିରିକ୍ତ ନିର୍ଦ୍ଦେଶକ ଡ. ଭୋଇ କହିଛନ୍ତି।

ଅଭିଯୋଗ ଅନୁସାରେ ଏସ୍‌ଏଲ୍‌ବିଏଫର ଶତାଧିକ ଏକର ଜମିକୁ ମାଫିଆମାନେ ବେଆଇନଭାବେ ଖନନ କରି ହଜାରହଜାର ଟ୍ରିପ ମାଟି ଚାଲାଣ କରିଛନ୍ତି। ଅବିଚାରିତଭାବେ ମାଟି ଉଠିବା ପରେ ଏହା ପରିସରରେ ଏକାଧିକ ପୋଖରୀ ସଦୃଶ ଗର୍ତ୍ତ ସୃଷ୍ଟି ହେଲାଣି। ଏବେ ସେହି ଗର୍ତ୍ତରେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କମ୍ପାନୀ ନିର୍ଗତ ପାଉଁଶ ଭରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଫାର୍ମର ବର୍ତ୍ତମାନ ଶତାଧିକ ଏକର ଜମି ଅବ୍ୟବହୃତ ଭାବେ ପଡିରହିଛି। ସ୍ଥାନୀୟ ଲୋକେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଫାର୍ମ ଦାୟିତ୍ୱରେ ଥିବା ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ ବରିହାଙ୍କ ଭୂମିକାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ପ୍ରାଣୀ ଓ ପଶୁ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ଗୋଶାଳା ନିକଟବର୍ତ୍ତୀ ଏହି ଫାର୍ମ ଦିନେ ରାଜ୍ୟର ଦ୍ୱିତୀୟ ହିମକୃତ ଶୁକ୍ରାଣୁର ସଂରକ୍ଷଣ ତଥା ବିତରଣ କେନ୍ଦ୍ରଭାବେ ପରିଚିତ ଥିଲା। କ୍ରମାଗତ ସରକାରୀ ଅବହେଳା ଏବଂ ଦୁର୍ନୀତିର ଶିକାର ହୋଇ ଏହି କେନ୍ଦ୍ର ଏବେ ଧ୍ୱଂସ ହେବାକୁ ବସିଛି।

# ଭିସୁଟ୍‌ରେ ବିଆଇଏସ୍‌ର ସ୍ଥାପନା ଦିବସ ପାଳିତ


ଭିସୁଟ୍‌ରେ ବିଆଇଏସ୍‌ର ସ୍ଥାପନା ଦିବସ ପାଳନ ଉତ୍ସବରେ ଅଂଶଗ୍ରହଣକାରୀଙ୍କ ସହ ଅତିଥିବୃନ୍ଦ।

ସମ୍ବଲପୁର,୬।୧(ପ୍ରମୋଦ ବହିଦାର)

ବ୍ୟୁରୋ ଅଫ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ୍ସ (ବିଆଇଏସ୍) ଭୁବନେଶ୍ୱର ଶାଖା ପକ୍ଷରୁ ସୋମବାର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ପରିସରରେ ବିଆଇଏସ୍‌ର ୭୮ତମ ସ୍ଥାପନା ଦିବସ ପାଳିତ ହୋଇ ଯାଇଛି। ଭିସୁଟ୍ କୁଳପତି ପ୍ରଫେସର ବିଭୁତି ଭୂଷଣ ପତି ସ୍ଥାପନା ଦିବସ ପାଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଠାରେ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଷ୍ଟାଣ୍ଡାର୍ଡ୍ସ କ୍ଲବ୍ ପାଇଁ ବିଶେଷ କାର୍ଣ୍ଣିଭାଲ ଆୟୋଜିତ ହୋଇଥିଲା। ଷ୍ଟାଣ୍ଡାର୍ଡ୍ସ ଫର୍ ଏ ବେଟର୍ ୱାର୍ଲ୍ଡ ଶୀର୍ଷକ କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରକଳ୍ପ ଓ ପୋଷ୍ଟର ଉପସ୍ଥାପନ କରିବାକୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅମନ୍ତ୍ରିତ ହୋଇଥିଲେ। ଉତ୍ସବରେ ଡିନ୍ ଷ୍ଟୁଡେଣ୍ଟ ୱେଲଫେୟାର ରାକେଶ ରୋଷନ ଦାସ, ଗଣେଶ୍ୱର ନାଥ, ରାଜନୀ ପନ୍ୱାର, ସଞ୍ଜୀବ କୁମାର ନାୟକ, ସ୍ୱପ୍ନିଳ ପ୍ରତାପଓ ବିଆଇଏସ୍‌ର ପ୍ରତିନିଧି ରଞ୍ଜନ ସାହୁ ଉପସ୍ଥିତ ଥିଲେ।

କାର୍ଣ୍ଣିଭାଲରେ ଶହେରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଭିସୁଟ୍ ଶିକ୍ଷୟିତ୍ରୀ ଓ ଶିକ୍ଷକକମାନଙ୍କ ସମେତ ବିଆଇଏସ୍‌ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପୋଷ୍ଟର ଓ ମଡେଲ୍ ପ୍ରତିଯୋଗିତା ବ୍ୟତୀତ ଏଥିରେ କ୍ୱିଜ୍, 'ସ୍ପିନ-ଦ-ହ୍ୱିଲ୍ ଗେମ୍ ଏବଂ ରିଡଲ୍ ଭଳି ରୋମାଞ୍ଚକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୫ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାର ବିଜେତାମାନଙ୍କ ମଧ୍ୟରେ ବରଗଡ଼ ଜିଲା ପାଇକମାଲ ଉଚ୍ଚବିଦ୍ୟାଳୟ ପ୍ରଥମ ପୁରସ୍କାର ସ୍ୱରୂପ ୭ ହଜାର ଟଙ୍କା, ଦ୍ୱିତୀୟ ପରୁସ୍କାର ସ୍ୱରୂପ ସମ୍ବଲପୁର ଲେଡିଲୁଇସ୍ ଉଚ୍ଚ ବିଦ୍ୟାଳୟକୁ ୫ ହଜାର ଟଙ୍କା ଏବଂ ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟକୁ ତୃତୀୟ ପୁରସ୍କାର ସ୍ୱରୂପ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହପରି ବରଗଡ଼ ଜିଲା ନୂଆ ରମ୍ପେଲା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶାନ୍ତ୍ୱନାମୂଳକ ପୁରସ୍କାର ସ୍ୱରୂପ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ସ୍ତରରେ ଭିସୁଟ୍ ସିଭିଲ ବିଭାଗର ଛାତ୍ରମାନଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ରଜନୀ ପନୱାର ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା, ୬।୧ (ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ୨କଲେଜରେ ସୋମବାର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭ ଅତିଥିମାନେ ମା' ସମଲେଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ଶିକ୍ଷୟିତ୍ରୀ କୌଶଲ୍ୟା ମିର୍ଦ୍ଧା, ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ସରକାରଙ୍କ ଏକ ଉତ୍ତମ ପଦକ୍ଷେପ ବୋଲି କହିଥିଲେ। ବରିଷ୍ଠ ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା କରିଥିଲେ। ଆତ୍ମରକ୍ଷା ତାଲିମ ଦାୟିତ୍ୱରେ ଥିବା ଅଧାପିକା ଭାବନା ପାଣ୍ଡେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ଆତ୍ମରକ୍ଷା ତାଲିମ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅଧାପକ ସୁଧିର କୁମାର ନାଏକ, କର୍ମଚାରୀ ଭେଷଜ କୁମାର ଗରଡିଆ,ମାଷ୍ଟର ଟ୍ରେନର ସୁଜାତ ବରାର୍ତ୍ତା, ଡିଇଓ ସମିନ ରଞ୍ଜନ ଜୟଦେବ ରାଉତ ଓ ଅସିମ କୁମାର ପରୁଆ ଏଥିରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ୮ଦିନ ଧରି ହେବାକୁ ଥିବା ଏହି ଶିବିରରେ ୩୩ଜଣ ଛାତ୍ରୀ ତାଲିମ ନେବା କାର୍ଯ୍ୟକ୍ରମ ରହିଛି।

# ୧୩୯ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ


ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନେ ତାଲିମ ନେଉଛନ୍ତି।

ଜମନକିରା, ୬।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରୁଥିଲେ। ଏସଡିଟିପି ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମହାକୁଳ ଝିଅମାନଙ୍କ ପାଇଁ ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ଉପାସୀ ନାୟକ ଯୁକ୍ତ ୨ ପ୍ରଥମ ବର୍ଷର ୧୩୯ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଅଙ୍କିତା ରାଣୀ କର୍ଣ୍ଣ, ଅଧାପକ ଭାବଗ୍ରାହୀ ବାର୍ଗେ, ଅଧାପିକା ମନୀଷା ପରିଡା ଏବଂ ଅଧାପିକା ମଧୁସ୍ମିତା ନାୟକ ଉପସ୍ଥିତ ଥିଲେ। ଶିବିର ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଛାତ୍ରୀଛାତ୍ର ପରିବେଷଣ କଲେ ନାଟକ ରୁଟ୍ ଆଣ୍ଡ ଉଇଙ୍ଗସ


ନାଟକ ରୁଟ ଆଣ୍ଡ ଉଇଙ୍ଗସରେ ଅଭିନୟ କରିଥିବା କଳାକାର ଓ ଅତିଥିମାନେ।

ସମ୍ବଲପୁର,୬।୧(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତଷ୍ଠା ଦିବସ ଉପଲକ୍ଷେ ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ରୁଟ ଆଣ୍ଡ ଉଇଙ୍ଗସ ରବିବାର ରାତିରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ମଞ୍ଚସ୍ଥ ହେଇଯାଇଛି। ପ୍ରଫେସର ବିଶ୍ୱଜିତ ଶତପଥୀ ନାଟକ ରଚନା କରିଥିଲେ। ଏହି ନାଟକ ମାଧ୍ୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ଅଗ୍ରଗତି ଏବଂ କାୟା ବିସ୍ତାର ବିଷୟରେ ସୃଜନାତ୍ମକ ଦୃଶ୍ୟାବଳୀ ମାଧ୍ୟମରେ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, କର୍ତ୍ତୃପକ୍ଷ ଏବଂ ଅନ୍ୟ ଉପସ୍ଥିତ ଦର୍ଶକଙ୍କୁ ଛାତ୍ରୀଛାତ୍ରମାନଙ୍କ ମନଛୁଆ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ନୀଳାମ୍ବର ମାନିକପୁରୀ ଉକ୍ତ ନାଟକର ମଞ୍ଚସଜ୍ଜା ଏବଂ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ମହେଶ ପାୱାର। ପ୍ରଦର୍ଶନ କଳା ବିଭାଗ ସହକାରୀ ପ୍ରାଧାପକ ଅରବିନ୍ଦ ପଣ୍ଡା ମାର୍ଗ ପ୍ରଦର୍ଶକ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଶେଷ ସହଯୋଗିତାରେ ଥିଲେ ପ୍ରଫେସର ଗୋପୀନାଥ ବାଗ।

# କ୍ରିକେଟ ଟୁର୍ନାମେଣ୍ଟ: ଉଇଁଚା ଚାମ୍ପିୟନ

ନାକଟିଦେଉଳ, ୬।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଡ଼ମାଲ ମା' ବୁଢ଼ୀ ଠାକୁରାଣୀ କ୍ରିକେଟ କ୍ଲବ ପକ୍ଷରୁ ଗତ ୨ ତାରିଖଠାରୁ ଚାଲିଥିବା ଟିକେଶ୍ୱର ସ୍ମାରକୀ କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ରେ ସମୁଦାୟ ୧୬ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଉଇଁଚା ଏବଂ ବୁରୁବୁଡ଼ା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ଉଇଁଚା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର ମଧ୍ୟରୁ ୫.୫ ବଲରେ ସମସ୍ତ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଜବାବରେ ବୁରୁବୁଡ଼ା ଦଳ ୬ ଓଭରରେ ୯ ଉଇକେଟ ହରାଇ ମାତ୍ର ୨୦ ରନ କରି ପରାଜିତ ହୋଇଥିଲା। ଉଇଁଚାର ଶ୍ରୀକାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ବୁରୁବୁଡ଼ାର ଗୁନାଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଦୁଷ୍ମନ୍ତ କୁମାର ଦେହୁରୀଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରକାଶ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପାଣିମୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଜଗନ୍ନାଥ ସାହୁ, ସମିତି ସଭ୍ୟ ମାନସ କୁଅଁର, ଗୁରୁଚରଣ ନାଏକ, ୱାର୍ଡସଭ୍ୟ ଡିଲେଶ୍ୱର ନାଏକ, ଅବସରପ୍ରାପ୍ତ କୃଷି ଅଧିଦର୍ଶକ କାଶୀନାଥ ସାହୁ, ଚାଣକ୍ୟ ଦେଓ ଏବଂ ଅରୁଣ ପ୍ରଧାନ ଯୋଗଦେଇ ବିଜେତା ଉଇଁଚା ଏବଂ ଉପବିଜେତା ବୁରୁବୁଡ଼ା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ପ୍ରେମାନନ୍ଦ ଭୋଇ, ରୋହିତ ପ୍ରଧାନ, ରାଜେଶ ଭୋଇ, ସୋମନାଥ ଭୋଇସହଯୋଗ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଲୋକ ସାହିତ୍ୟ କୃଷିକୁ ଅଧିକ ଗୁରୁତ୍ୱ ଦେଇଛି

## ଲୋକ ମହୋତ୍ସବ ଆଲୋଚନାଚକ୍ର

ସମ୍ବଲପୁର, ୬।୧(ଭବାନୀ ଶଙ୍କର ଭୋଇ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଆଲୋଚକ।

ସମ୍ବଲପୁର ଲୋକ ମହୋତ୍ସବର ସୋମବାର ଥିଲା ତୃତୀୟ ଦିବସ। ଦିବସର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ ଆଲୋଚନାଚକ୍ର ନୋଡାଲ ଅଧିକାରୀ ରବିନ୍ଦ୍ର ଦଲାଇ, କିରନ ବେହେରା ଓ ଆବାହକ ଅତିଶ କୁମାର ଶତପଥୀ। ଏଥିରେ ପଶ୍ଚିମ ଓଡ଼ିଶା ଲୋକ ସାହିତ୍ୟର ବିଭବ ଉପରେ ଆଲୋଚନା କରାଯାଇଥିଲା। ଆଲୋଚକଭାବେ ଡ. ଗୋପୀନାଥ ବାଗ, ଡ. ପରୀକ୍ଷିତ ଭୋଇ ଏବଂ ଡ. ଅଖିଳ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଲୋଚକ ଅଖିଳ ବିଶ୍ୱାଳ ଲୋକସାହିତ୍ୟରେ କୃଷି ବିଷୟ ଉପରେ ବକ୍ତବ୍ୟ ରଖି କହିଥିଲେ, ଇଂରାଜୀ ଶବ୍ଦ କଲଚର ଶବ୍ଦ ଲାଟିନର କଲଚ୍ୟୁରାରୁ ଆସିଛି। ଏହାର ଅର୍ଥ ହେଉଛି ହଳ କରିବା। ତେଣୁ ସଂସ୍କୃତି ଓ ପରେ ସଭ୍ୟତା ଉଭୟ କୃଷି ଦ୍ୱାରା ସୃଷ୍ଟ। କୃଷିକୁ ନେଇ ହିଁ ଅଧିକ ଲୋକ ସାହିତ୍ୟ ଓ ସାଂସ୍କୃତିକ ପର୍ବ ରହିଛି। ଲୋକସାହିତ୍ୟ ବ୍ୟତୀତ କୃଷି ଉପରେ ଶିଷ୍ଟ ସାହିତ୍ୟର ମଧ୍ୟ ଅଭାବ ନାହିଁ। ବିଭିନ୍ନ କୃଷି ନିୟମ, କୃଷି ଉପାଦାନ ଏପରିକି ଗାଈ, ଗୋବର, ଦଳଦ ଆଦି ଉପରେ ଲୋକ ସାହିତ୍ୟରେ ରହିଥିବା ଅନେକ ଦୃଷ୍ଟାନ୍ତ ସେ ଉଦ୍ଧାର କରିଥିଲେ।

ଡ. ଗୋପୀନାଥ ବାଗ ଲୋକଗୀତରେ ଶୃଙ୍ଗାର ଉପରେ ବକ୍ତବ୍ୟ ରଖି କହିଥିଲେ ଯେ, ଶିଷ୍ଟ ଓ ଲୋକ ପ୍ରତ୍ୟେକ ସାହିତ୍ୟରେ ଶୃଙ୍ଗାରିକତା ରହିଛି। ଡ. ପରୀକ୍ଷିତ ଭୋଇ ଲୋକଗାଥା ଉପରେ ବକ୍ତବ୍ୟ ରଖି କହିଥିଲେ ଲୋକସଂସ୍କୃତିର ଅନ୍ୟାନ୍ୟ ବିଭବ ଯଥା ଗୀତ, କାହାଣୀ, ନୃତ୍ୟ ବହୁମାତ୍ରାରେ ଆଲୋଚିତ ହୁଏନାହିଁ। ତେଣୁ ଗବେଷକଗଣଙ୍କ ବ୍ୟତୀତ ଅନ୍ୟମାନେ ଏଥିପ୍ରତି ମନ ବଳାନ୍ତି ନାହିଁ। ପ୍ରାୟତଃ ସମସ୍ତ ଗାଥା ଗୁଡିକରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଚେତନତାର ବାର୍ତ୍ତା ରହିଥାଏ ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ମୋହନ ସାହୁ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନ କବି ସମ୍ମିଳନୀ କବି ତଫିଜୁଲ ହୋସେନ ଓ କବି ବିଭୂତି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା ଏଥିରେ ଉଭୟ ସମ୍ବଲପୁରୀ ଓ ଓଡ଼ିଆରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଆଲୋଚନାଚକ୍ର ଆୟୋଜନରେ ଗୁଲୁ ରଥ, ଯାମିନୀ ଠାକୁର ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ମାନି
ପରିବାରବର୍ଗ


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୯ ଲକ୍ଷ କୋଟି

- ସେନ୍‌ସେକ୍ସ ୧୨୫୮ ପଏଣ୍ଟ ହ୍ରାସ
- ୩୮୯ ପଏଣ୍ଟ କମିଲା ନିଫ୍ଟି



**ମୁମ୍ବାଇ,୬।୧**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଓ ନୂତନ ଚାଇନା ଭୂତାଣୁ ଏଚ୍‌ଏମ୍‌ପିଭିର ପ୍ରାଥମିକ ପ୍ରଭାବ ଯୋଗୁ ଭାରତୀୟ ପୁଞ୍ଜି ବଜାର ବେଶ୍ ପ୍ରଭାବିତ ହୋଇଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ହରାଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋମବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ପ୍ରାୟ ୯ ଲକ୍ଷ କୋଟି (୮,୮୮, ୨୬୩.୯୧ କୋଟି)ର ନିବେଶ ହରାଇ ୪୪,୨୪୫,୫୮୪.୯୬ କୋଟିରେ ପହଞ୍ଚିଛି। ଏପରିକି ପୂର୍ବ କାର୍ଯ୍ୟ ଦିବସ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫,୧୩୩,୮୪୮.୮୭ କୋଟିରେ ରହିଥିଲା। ସେହିଭଳି ୩୦ ଶେୟାର ବିଶିଷ୍ଟ ସେନସେକ୍ସ କାରବାର ୧,୫୯% ହ୍ରାସ ଘଟି ୭୭,୯୬୪.୯୯ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୬୨% କମି ୨୩,୬୧୬.୦୫ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ବିଏସଇ ମିଡକ୍ୟାପର କାରବାର୨.୪% ଏବଂ ସ୍ମଲକ୍ୟାପର କାରବାର ପ୍ରାୟ ୩% ହ୍ରାସ ହୋଇଥିଲା। ସେହିପରି ନିଫ୍ଟି ମିଡକ୍ୟାପର କାରବାର ୨.୭୦% କମି ୫୬,୩୬୬.୯୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୩.୦୭% ହ୍ରାସ ଘଟି ୮୭୩୬.୪୦ ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କ ୨.୦୯% କମି ୪୯,୯୨୨.୦୦ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ପିଏସୟୁ ବ୍ୟାଙ୍କ, ମେଟାଲ, ଶକ୍ତି, ରିଅଲିଟି ଭଳି ପ୍ରମୁଖ ନିବେଶକ ବଡ ଧରଣର କ୍ଷତି ସହିଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧୨୫୮ (୧୨୫୮.୧୨) ପଏଣ୍ଟ କମି ୭୭,୯୬୫ (୭୭,୯୬୪.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୮୯ (୩୮୮.୭୦) ପଏଣ୍ଟ ହ୍ରାସ ଘଟି ୨୩,୬୧୬ (୨୩,୬୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରସକିକ୍ ଗ୍ଲୁକୋ ଏନର୍ଜିର ଶୁଭାରମ୍ଭ

**ମୁମ୍ବାଇ,୬।୧ (ଅଭୟ ଦାଶ)**

ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଗୁଣାତ୍ମକ ମୃଦୁପାନୀୟ ବ୍ରାଣ୍ଡ 'ରସକିକ୍ ଗ୍ଲୁକୋ ଏନର୍ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି।




ଉଲ୍ଲେଖଯୋଗ୍ୟ, ରସକିକ୍ ବର୍ତ୍ତମାନ ଆମ୍ବ, ଆପଲ୍, ମିକ୍ସଡ୍ ଫ୍ରୁଟ୍, ନଡିଆ ପାଣି ଏବଂ ନିମ୍ବୁ ପାନି (ଲେମ୍ବୁ ପାଣି) ଭଳି ଭେରାଇଟି ପ୍ରଦାନ କରିଥାଏ ଏବଂ ଭାରତୀୟ ଆଞ୍ଚଳିକ ଫଳ ବିବିଧତା ଏବଂ ସ୍ୱାଦର ପସନ୍ଦ ଦ୍ୱାରା ଅନୁପ୍ରାଣିତ ପୋର୍ଟଫୋଲିଓକୁ ବିସ୍ତାର କରିବ।

ଏ ସମ୍ପର୍କରେ ଆରସିପିଏଲର ସିଓଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) କେତନ ମୋଡି କହିଥିଲେ, ଆମେ ଆମର ନୂତନ ବ୍ରାଣ୍ଡ ତଥା ଉତ୍ପାଦକୁ ଘରୋଇ ବଜାରରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ କମ୍ପାନୀ ଭାବେ ଆମେ ଭାରତୀୟ ପରମ୍ପରାରେ ଗଭୀର ଭାବେ ଜଡିତ ରହିଛୁ। ସେହିଭଳି ଆମେ ଆମର ବ୍ରାଣ୍ଡ ମାଧ୍ୟମରେ ଭାରତୀୟ ଉପଭୋକ୍ତା ଐତିହ୍ୟକୁ ପୁନଃଉଦ୍ଭାବନ ଏବଂ ରସକିକ୍ ଗ୍ଲୁକୋ ଏନର୍ଜି ପାରମ୍ପରିକ ପୁନଃହାଇଡ୍ରେସନର ସମାନ ଉତ୍ତମତାକୁ ଫେରାଇ ଆଣିଛୁ, ଯାହା ଆମ ମାଆମାନେ ପିଲାଦିନରୁ ଆମକୁ ଯୋଗାଇ ଦେଉଥିଲେ। ଏହା ହେଉ କିମ୍ବା ଖେଳ ପରେ କିମ୍ବା ଉତ୍ତାପକୁ ମାରିବା ପାଇଁ ଏକ ବହନ ଭାବେ ରସକିକ୍ ଗ୍ଲୁକୋ ଏନର୍ଜି କେବଳ ଏକ ପାନୀୟ ନୁହେଁ, ଏହା କେବଳ ହାଇଡ୍ରେସନ୍ ଠାରୁ ଅଧିକ ହୋଇଥାଏ। ଏହା ଭାରତୀୟ ଗ୍ରାହକଙ୍କୁ ସ୍ୱଚ୍ଛତା, ଗୁଣବତ୍ତା ଏବଂ ଅଫର୍ ପିଇବାକୁ ପ୍ରସ୍ତୁତ ଥିବା ଦିନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ଶକ୍ତି ପ୍ରଦାନ କରିବ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବାସୁଦେବ ରଥ
ବିଜୟ ବିହାର, ନୂଆଗାଁ, ଭୁବନେଶ୍ୱର
ଆବିର୍ଭାବ : ୦୫.୦୩.୧୯୩୮
ତିରୋଧାନ : ୨୯.୧୨.୨୦୨୪
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ତ୍ରୀ ଓ ପରିବାରବର୍ଗ।
ଧ-୨୫୦୬


# ଡିସେମ୍ବରରେ ୧୦,୬୩୯ ୟୁନିଟ୍ ଟ୍ରାକ୍ଟର ବିକ୍ରି

**ନୂଆଦିଲ୍ଲୀ,୬।୧**

ଦେଶର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ 'ସୋନାଲିକା ଟ୍ରାକ୍ଟର୍ସ'ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ଡିସେମ୍ବରରେ ବ୍ରାଣ୍ଡ ମୋଟ ୧୦,୬୩୯ ୟୁନିଟ ଟ୍ରାକ୍ଟର ବିକ୍ରି ରେକର୍ଡ ହୋଇଥିଲାବେଳେ ଗତ ବର୍ଷ ସମାନ ଅବଧି ମଧ୍ୟରେ ବ୍ରାଣ୍ଡ ମୋଟ ୭୯୯୯ ୟୁନିଟ ଟ୍ରାକ୍ଟର ବିକ୍ରି ହୋଇଥିଲା। ସେହିଭଳି କମ୍ପାନୀ ୨୦୨୪ ଡିସେମ୍ବରରେ ୧୮%ର ସର୍ବୋଚ୍ଚ ମାସିକ ବଜାର ଅଂଶ ରେକର୍ଡ କରି ଏକ ନୂଆ ବେଞ୍ଚମାର୍କ



ସୃଷ୍ଟି କରିଛି। ଏପରିକି ୨୦୨୪ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ସୋନାଲିକା ମୋଟ ୧,୧୯,୩୬୯ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି, କମ୍ପାନୀ ୱାଇଟିଡି ସେଲ୍ ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ମଜଭୁତ ସଫଳତା ବଜାୟ ରଖିଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପ୍ରତ୍ୟେକ ଟ୍ରାକ୍ଟର ସହିତ ଆମେ ଆମର କୃଷକ ସମୁଦାୟ ପାଇଁ ଅଭିବୃଦ୍ଧି, ସ୍ଥିରତା ଓ ଆଶାର ବିହନ ବୁଣିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ କରିଛୁ। ୨୦୨୪ ଡିସେମ୍ବରରେ ୧୮%ର ସର୍ବୋଚ୍ଚ ମାସିକ ବଜାର ଅଂଶ ହାସଲର ନୂଆ ସଫଳତା ବେଞ୍ଚମାର୍କ ପ୍ରଦର୍ଶନ ଓ ନୂତନ ଉପଲବ୍ଧିରେ ଉଜ୍ଜ୍ୱଳିତ ଏକ ବର୍ଷର ଉପଯୁକ୍ତ ସମାପ୍ତି ଅଟେ। ଏହି ମାସରେ ୩୩% ବୃଦ୍ଧି ସହିତ ଆମେ ଶିଳ୍ପ ଅଭିବୃଦ୍ଧିକୁ ୨.୪ ଗୁଣରେ ପରାଜିତ କରିଛୁ।

# ଏସ୍‌କେଏଲ୍‌ର ନୂତନ ଅଭିଯାନ

**ନୂଆଦିଲ୍ଲୀ,୬।୧**

ଷ୍ଟୋଭ କ୍ରାଫ୍ଟ ଲିମିଟେଡ୍ (ଏସ୍‌କେଏଲ୍)ର ନୂତନ ଅଭିଯାନ 'ସୁପର ଖୁସ୍ ୨୦୨୫ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସେଲ କମ୍ପାନୀର ପ୍ରମୁଖ ବ୍ରାଣ୍ଡ 'ପିଜନ' ଆନୁକୂଲ୍ୟରେ ଆରମ୍ଭ କରାଯାଇଛି। ଏହି ସେଲ ଜରିଆରେ ଗ୍ରାହକଙ୍କୁ ୨୦୨୫ ଟଙ୍କା ମୂଲ୍ୟରେ ଅପରାଜେୟ କମ୍ବୋ ଅଫର ପ୍ରଦାନ କରାଯାଉଛି, ଯେଉଁଥିରେ ପିଜନ ବ୍ରାଣ୍ଡର ଉନ୍ନତ ଉପକରଣ ଏବଂ ରୋଷେଇ ସାମଗ୍ରୀ ସାମିଲ ରହିଛି। ପ୍ରତ୍ୟେକ କମ୍ବୋ ଏମ୍‌ଆର୍‌ପି ଉପରେ ୬୦% ପର୍ଯ୍ୟନ୍ତ ସଞ୍ଚୟ ପ୍ରଦାନ କରିଥାଏ, ଯାହାଦ୍ୱାରା ଗ୍ରାହକମାନେ ନିଜ ରୋଷେଇ ଘରକୁ ସଜ୍ଜିତ କରିପାରିବେ କିମ୍ବା ନୂତନ ବର୍ଷ ପାଇଁ ସେମାନଙ୍କ ପ୍ରିୟଜନଙ୍କୁ ଚିନ୍ତାଶୀଳ ଉପହାର ମଧ୍ୟ ଦେଇପାରିବେ। ସେହିପରି ସୁପର ଖୁସ୍ ୨୦୨୫ ସେଲ୍‌ରେ ପିଜନର ବିଭିନ୍ନ ପ୍ରଡକ୍ଟ ଉପରେ ଅବିଶ୍ୱସନୀୟ ଡିଲ୍ ରହିବ, ଯେଉଁଥିରେ ପ୍ରେସର କୁକର, ନନ୍-ଷ୍ଟିକ୍ ପ୍ୟାନ୍ ଏବଂ ତାୱାସ୍ ସମେତ ଓଭେନ୍ସ, ବ୍ଲେଣ୍ଡର, ମିକ୍ସର ଏବଂ ଇଲେକ୍ଟ୍ରିକ୍ ରାଇସ୍ କୁକର ଇତ୍ୟାଦି ସାମିଲ ରହିଛି।

ଏସ୍‌କେଏଲ୍‌ର ଏମଡି ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି. ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ପିଜନ ବ୍ରାଣ୍ଡ ଉପରେ ବିଶ୍ୱାସ ରଖିଥିବା ଗ୍ରାହକଙ୍କୁ ଧନ୍ୟବାଦ ଜଣାଇବା ସହିତ କିଛି ଭଲ ସଞ୍ଚୟ ଉପଭୋଗ କରିପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏଆଇସିଟିଇ ସହ ଗୋଦରେଜର ସହଭାଗିତା

**ନୂଆଦିଲ୍ଲୀ,୬।୧**

ଗୋଦରେଜ ଏଣ୍ଟରପ୍ରାଇଜେସ ଗ୍ରୁପର ଆପ୍ଲାଏନ୍‌ସେସ ବ୍ୟବସାୟ ପକ୍ଷରୁ ସ୍ମାର୍ଟ ଇଣ୍ଡିଆ ହାକାଥନ ବା ଏସ୍‌ଆଇଏଚ୍-୨୦୨୪ର ସପ୍ତମ ସଂସ୍କରଣ ଲାଗି ଏଆଇସିଟିଇ ସହ ଗୋଦରେଜର ସହଭାଗିତା ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମକୁ ଦେଶର ବିଭିନ୍ନ ଅନୁଷ୍ଠାନରେ ଆୟୋଜନ କରାଯାଇଥିଲା। ଯେଉଁଥିରେ ସ୍ଥାୟିତ୍ୱ, ପରିବେଶ, ବ୍ଲକଚେନ, ସ୍ମାର୍ଟ ଅଟୋମେଶନ ଆଦି ବିଷୟରେ ୨୫୪ ପ୍ରକାର ସମସ୍ୟାର ସମାଧାନ ଲାଗି ୧୩୫୦ଫାଇନାଲିଷ୍ଟ ସେମାନଙ୍କ ଅଭିନବ ଚିନ୍ତାଧାରା ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ଏଆଇସିଟିଇର ଉପାଧ୍ୟକ୍ଷ ଡ. ଅଭୟ ଜେରେ କହିଛନ୍ତି, ଏସ୍‌ଆଇଏଚ୍-୨୦୨୪ ବାସ୍ତବ ଦୁନିଆର ଆହ୍ୱାନର ସମାଧାନରେ ଅଭିନବତା ଏବଂ ସହଯୋଗ ଶକ୍ତିର ପ୍ରମାଣ ପାଳିଛି। ଗୋଦରେଜ ଏଣ୍ଟରପ୍ରାଇଜେସ୍ ଗ୍ରୁପର ଆପ୍ଲାଏନ୍ସ ବିଜ୍‌ନେସର ଏଭିପି ତଥା ଇନୋଭେଶନ୍ (ଆର୍‌ଆଣ୍ଡଡି) ମୁଖ୍ୟ ସନ୍ତ ରଞ୍ଜନ କହିଛନ୍ତି, ଆମେ ସବୁବେଳେ ସକାରାତ୍ମକ ପରିବର୍ତ୍ତନ ଆଣିବା ଉପରେ ବିଶ୍ୱାସ କରୁଛୁ। ଏସ୍‌ଆଇଏଚ୍ ୨୦୨୪ ପାଇଁ ଏଆଇସିଟିଇ ସହିତ ସହଭାଗିତା କରିବା ଏବଂ ଯୁବ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେବା ଏକ ଭଲ ଅଭିଜ୍ଞତା ଥିଲା। ସ୍ମାର୍ଟ ଇଣ୍ଡିଆ ହାକାଥନ ୨୦୨୪ରେ ୨୬୦୦ ଶିକ୍ଷାନୁଷ୍ଠାନର ୨,୯୯,୩୫୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ରୟାଲ କଲେଜରେ 'ୟାଦେଁ' ପାଳିତ

**ଭୁବନେଶ୍ୱର,୬।୧**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ଯୁକ୍ତ ୨ ରେସିଡେନ୍‌ସିଆଲ କଲେଜ 'ରୟାଲ୍ସ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ରୟାଲ କଲେଜ)ରେ ସ୍ୱତନ୍ତ୍ର ସାଂସ୍କୃତିକ ସନ୍ଧ୍ୟା 'ୟାଦେଁ' ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ରୟାଲ କଲେଜର ପ୍ରତିଷ୍ଠାତା ଡ. ବିଷ୍ଣୁମୋହନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାମାନଙ୍କ ପାଠପଢ଼ା ସହ ବୌଦ୍ଧିକ ବିକାଶରେ ମଧ୍ୟ ସାହାଯ୍ୟ କରିଥାଏ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଅନ୍ୟମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରିଥିଲେ। ଅପରପକ୍ଷରେ କଲେଜ ପିଲାମାନେ ନୃତ୍ୟ-ଗୀତ ତଥା ମନଛୁଆଁ ଅଭିନୟ ସହିତ ଅନ୍ୟାନ୍ୟ ପ୍ରତିଭା ପ୍ରଦର୍ଶିତ କରିଥିଲେ।


# Classified Everyday

0674-2580101, 2549949



## REAL ESTATE

## SALE

1600sqft. land କିଣନ୍ତୁ, ପାଆନ୍ତୁ, 3gram Gold ଫ୍ରି, registration ମାଗଣା, 3lakh ଫେରସ୍ତ। 8249533255.
D-71080

**Gharabari Converted plots available near Hi-Tech Square, Sundarpada Bhubaneswar. For more details Contact- 9437054765, 9853035888.**
D-2497

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.**
D-2494

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.**
D-2496

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Kerala Ayurveda Massage therapy gents/ Ladies pain relief Bhubaneswar. 9337672475.
D-2491

Newly open health benefits spa special offer @799, Bapujinagar, 8018429809.
D-76183

Newly open health benefits spa by experience lady therapist. 8117972440.
D-76182

## LOST

I Ayush Agrawal, S/o- Lt Girija Prasad Agrawal of Rengali Bhalipada, P.S.-Rengali, Dist.-Sambalpur do hereby declare that I have lost R.O.R. Vide Khata No.-497/2190 of Mouza Rengali, P.S./Tahsil-Rengali, Dist.-Sambalpur stands in the name of Girija Prasad Agrawal, and Regd. sale deed doc. No.- 11651700806, dt.07.11.2017 and couldn't trace out the same.
D-2501

Lost Passports: Two Passports (V4899708, J5738671 with US Visa) lost near Bomikhal, Bhubaneswar. If found, kindly contact Punit Agarwal at 8327794527. Reward offered.
D-2502

## AFFIDAVIT

I Krushna Podh, S/o- Prahallad Podh, R/o- Village- Kalangapali, P.O.- Tabada, P.S.- Sohela, Dist.- Bargarh declare by this affidavit No.-02 dated 06.01.2025 sworn before the Executive Magistrate, Sohela I have changed my name and DOB from Upendra Podh, DOB- 05.06.2006 to Krushna Podh, DOB- 26.08.2006 for all future purposes.
D-2503

By an affidavit No.-CFO 40 dated 03.01.2025, I Sri Manamohan Nayak, S/o-Late Sugriba Nayak, At/P.O.- Sasanga, Via- Champua, Dist.- Keonjhar, Odisha-758041 declare that my daughter's name is wrongly mentioned as Tejaswini Nayak instead of Tanaya Priyadarshini Nayak in the Aadhaar Card No.-xxxxxxxxx 4929. Tejaswini Nayak & Tanaya Priyadarshini Nayak is same person & shall be known as Tanaya Priyadarshini Nayak for all purposes.
D-2495

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before Notary Public, Bhadrak, dated 24.12.24, I Sandhyarani Tripathy, Address- Vill-Majhigan, P.O.- Bijaynagar, P.S.- Chandabali, Dist.- Bhadrak, Pin- 756133, declare that I have changed my daughters name from Laxmipriya Tripathy to Lisarani Tripathy. Hence forth She shall be known as Lisharani Tripathy for all purposes.
D-2500

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF JUDGE FAMILY COURT, BALANGIR
C.P. (MAT.) NO. 17 of 2018
Smt. Subhra Priyadarsini Sahu
.... Petitioner
Vs.
Ajaya Kumar Sahu
.... Respondent
NOTICE
UNDER ORDER 5 RULE 20 (1) OF CPC
To,
Ajaya Kumar Sahu, S/o- Manchiram @ Mochi Sahu, R/o- Vill./P.O.- Mundamarai, P.S.- Asika, Dist.- Ganjam (Odisha)

Take notice that the petitioner Smt. Subhra Priyadarsini Sahu has filed a matrimonial proceeding against you. You are hereby noticed to appear before the court in person or by a pleader duly well instructed and able to answer all materials relating to the this proceeding on 04.02.2025 and in default of your appearance on the day as mentioned, the matrimonial proceeding will be heard and determined in your absence.

Given under my hand and the seal of court, this 2nd day of January 2025

By order
Court of Judge Family Court, Balangir
D-2504

## ଜନ୍ମଦିନ ଶୁଭେଚ୍ଛା



ତେଜସ୍ୱିନୀ (ମାନୀ)
ସେବକସାହି, ସାକ୍ଷୀଗୋପାଳ
ତୋର ପ୍ରଥମ ଜନ୍ମବାର୍ଷିକ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ରାଧାରାଣୀ, ମା' କାଗେଶ୍ୱରୀ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ସତ୍ୟନାରାୟଣ ଶତପଥି (ଜେଜେବାପା), ଚିତ୍ତରଞ୍ଜନ (ନନା), ଇତିଶ୍ରୀ (ମାମା), ପିଉସିନାନୀ, ନାନୀ, ଅଜା, ଆଈ, ମାମୁ, ମାଇଁ, ଶତପଥି ପରିବାର ଓ ବନ୍ଧୁବର୍ଗ।
ଧ-୨୨୬୮୭

## ଜନ୍ମଦିନର ଶୁଭେଚ୍ଛା



ସାହିଲ୍ ଶେଖର ଜେନା (ସିପୁ)
ସୁନ୍ଦରପୁର, ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୁମର ୨୫ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ପାପା, ମାମି, ସାଙ୍ଗସାଥୀମାନେ।
ଧ-୨୪୯୯

## ସିଦ୍ଧାର୍ଥ ଶଙ୍କର ପ୍ରଧାନଙ୍କ Ph.D ଲାଭ



ଗବେଷକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ପ୍ରବନ୍ଧନ ବିଭାଗରେ ବିଜ୍ଞପ୍ତି ନଂ.- 8672/ Ph.D. dt.10.12.2024 ଦ୍ୱାରା ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାମୂଳକ ନିବନ୍ଧର ବିଷୟବସ୍ତୁ ଥିଲା "Quality of Work life in Managing Human Resources: An empirical study of private and public sector". ସିଦ୍ଧାର୍ଥ ପ୍ରଫେସର ତୁଷାରକାନ୍ତି ଦାଶଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ ଏବଂ ତାଙ୍କ ସନ୍ଦର୍ଭଟି ଜାଭିୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଜାମସେଦପୁର, ଝାଡଖଣ୍ଡର ପ୍ରଫେସର ପିଙ୍ଗାଲୀ ଭେଣୁଗୋପାଲ ଏବଂ ଡ.ହରୀସିଂହ ଗୌର ବିଶ୍ୱବିଦ୍ୟାଳୟ, ସାଗର, ମଧ୍ୟପ୍ରଦେଶର ପ୍ରଫେସର ଯଶବନ୍ତ ସିଂହ ଠାକୁରଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି। ଡ. ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲସ୍ତଲା (ଥାନା-ଅତାବିରା, ଜିଲ୍ଲା-ବରଗଡ଼, ଓଡ଼ିଶା) ଗ୍ରାମ ନିବାସୀ ଡ. କମଳାକାନ୍ତ ପ୍ରଧାନ ଏବଂ ଶ୍ରୀମତୀ ସଂଯୁକ୍ତା ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଅଟନ୍ତି। ଡ. ସିଦ୍ଧାର୍ଥ ତାଙ୍କର ଏହି ସନ୍ଦର୍ଭଟିକୁ ତାଙ୍କର ଜେଜେବାପା ୰ଭାଗବତ ପ୍ରସାଦ ପ୍ରଧାନ, ଜେଜେମା ୰ ସୁଶୀଳା ପ୍ରଧାନ, ଅଜା ଶ୍ରୀଯୁକ୍ତ ଭୋଜରାଜ ସ୍ୱାଇଁ ଏବଂ ଆଈ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁଙ୍କୁ ଉତ୍ସର୍ଗ କରିଛନ୍ତି। ବାପା ଡ.କମଳାକାନ୍ତ ପ୍ରଧାନଙ୍କ ନିରନ୍ତର ପ୍ରେରଣା ଏବଂ ତ୍ୟାଗ ପାଇଁ ହିଁ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ଡ. ସିଦ୍ଧାର୍ଥ କହିଛନ୍ତି। ସେ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ଭଗବାନଙ୍କୁ ଅର୍ପଣ କରିବା ସହିତ ନିଜ ତତ୍ତ୍ୱାବଧାରକ, ଶିକ୍ଷକ/ ଶିକ୍ଷୟିତ୍ରୀ, ଗୁରୁ-ଗୁରୁଜନ, ପିତା-ମାତା, ବନ୍ଧୁ, ସହଯୋଗୀ, ସହକର୍ମୀ ଏବଂ ବିଶେଷକରି ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ରୀତା ସାହୁ, ପୁତ୍ର ରାଧାଂଶୁ ପ୍ରଧାନ ଏବଂ ଭାଇ ଶ୍ରୀଯୁକ୍ତ ଉଦୟ ଶଙ୍କର ପ୍ରଧାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ ଡ. ସିଦ୍ଧାର୍ଥ ଶଙ୍କର ପ୍ରଧାନ ରାଉରକେଲା ସ୍ଥିତ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟ କରୁଛନ୍ତି।
ଧ-୨୫୦୫

# ଉପକାରୀ ଫ୍ଲାକ୍ସ ସିଡ୍

**ଫ୍ଲାକ୍ସ ସିଡ୍ ବା ଅଳସୀ ମଞ୍ଜିରେ ଭରିରହିଛି ଅନେକ ପୋଷକ ତତ୍ତ୍ୱ। ଏହାକୁ ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲ କଲେ, ବିଶେଷ କରି ଶୀତଦିନେ ଏହାକୁ ଖାଇଲେ ଥଣ୍ଡା, କାଶ, ଫ୍ଲୁ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ। ଜାଣିବା ଏହା ସମ୍ପର୍କରେ...**



⏭ଏହା ପୃଥିବୀର ସବୁଠୁ ପୁରୁଣା ଶସ୍ୟ ଭିତରୁ ଗୋଟିଏ। ବ୍ରାଉନ୍ ଏବଂ ଗୋଲ୍ଡେନ୍ ଦୁଇଟି ରଙ୍ଗରେ ମିଳୁଥିବା ଏହି ଶସ୍ୟରେ ଭରି ରହିଛି ପ୍ରୋଟିନ୍, ଫାଇବର୍, ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଏବଂ ମିନେରାଲ୍ ଭଳି ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ଭରିରହିଛି।

⏭ଏହାକୁ ପ୍ରତିଦିନ ଖାଇଲେ ମେଦବହୁଳତା ଏବଂ ମଧୁମେହ ରୋଗ ହେବାକୁ ଦିଏ ନାହିଁ।

⏭ଏଥିରେ ଅଧିକ ପରିମାଣରେ ଲିଗ୍ନାନ୍ସ୍ ରହିଛି ଯାହାକି କ୍ୟାନ୍ସର ଭଳି ମାରାତ୍ମକ ରୋଗଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଅନ୍ୟ ଖାଦ୍ୟ ତୁଳନାରେ ଏହା ୭୫-୮୦୦ ଗୁଣ ଅଧିକ ଲିଗ୍ନାନ୍ସ୍ ଶରୀରକୁ ଯୋଗାଇଥାଏ। ଯାହାକି ଶରୀରରେ ଥିବା ଫ୍ୟାଟ୍‌କୁ କମ୍ କରିବାରେ ସାହାଯ୍ୟ କରିଥାଏ।

⏭ଏଥିରେ ଆଣ୍ଟିଇନ୍‌ଫ୍ଲାମେଟାରି ଗୁଣ ରହିଛି ଯାହାକି ଶୀତଦିନେ ଉପୁଜୁଥିବା ଆଣ୍ଠୁଗଣ୍ଠି ବିନ୍ଧା ଭଳି ସମସ୍ୟାଠୁ ଦୂରେଇ ରଖିଥାଏ।

⏭ଶୀତଦିନେ ଅନେକଙ୍କଠାରେ ବଦହଜମି କିମ୍ବା କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦେଇଥାଏ। ଫ୍ଲାକ୍ ସିଡ୍‌ରେ ଅଧିକ ପରିମାଣରେ ଫାଇବର ଥିବାରୁ ଏହାକୁ ଖାଇଲେ ହଜମଜନିତ ସମସ୍ତ ସମସ୍ୟା ଦୂର ହୋଇଥାଏ।

⏭ଏହା ଶୀତଦିନେ ହେଉଥିବା କାଶ, ଗଳା ଯନ୍ତ୍ରଣା ଆଦିକୁ ଦୂର କରିବାରେ ସାହାଯ୍ୟ କରିଥାଏ।

# କୋହ୍ଲାପୁରୀ ଚପଲ

**କୋହ୍ଲାପୁରୀ ଚପଲ ଏବେ ଫ୍ୟାଶନ୍ ଟ୍ରେଣ୍ଡରେ ଅଛି। ଏମ୍ବ୍ରଏଡରି, ଷ୍ଟୋନ୍, ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଏହି ଚପଲ ବଜେଟ୍ ଫ୍ରେଣ୍ଡଲି ହେବା ସହ ୱେଷ୍ଟର୍ନ ହେଉ କି ଏଥ୍ନିକ୍ ଆଉଟ୍‌ଫିଟ୍ ସବୁଥିରେ ମିକ୍ସ ମ୍ୟାଚ୍ କରି ପିନ୍ଧି ହେଉଥିବାରୁ ଏହାର ଡିମାଣ୍ଡ ବଢ଼ୁଛି ...**

– ଶାଢ଼ି କିମ୍ବା ଲେହେଙ୍ଗା ଭଳି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍‌ରେ କୋହ୍ଲାପୁରୀ ଚପଲ ସବୁଠୁ ସୁନ୍ଦର ଦେଖାଯାଇଥାଏ।




ଏହି ଚପଲ ମଲ୍ଟି କଲର୍ ଏବଂ ସିଙ୍ଗଲ୍ କଲରରେ ମଧ୍ୟ ଉପଲବ୍ଧ। ଶାଢ଼ି କଲରକୁ ମ୍ୟାଚ୍ କରୁଥିବା ଚପଲ ପିନ୍ଧିପାରିଲେ ଏହା ଆପଣଙ୍କୁ କ୍ଲାସି ଲୁକ୍ ଦେବ।

–ଯଦି ଆପଣଙ୍କୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ପସନ୍ଦ ଆଉ ଏହା ସହ ସ୍ନିକର୍ସ କିମ୍ବା ଶୁ' ପିନ୍ଧୁଛନ୍ତି ତେବେ ଥରେ ଟ୍ୟାସେଲ୍‌ବାଲା କୋହ୍ଲାପୁରୀ ଟ୍ରାଏ କରନ୍ତୁ। ଜିନ୍ସ ସହିତ ଡାର୍କ କଲର୍‌ର ଟ୍ୟାସେଲ୍‌ବାଲା କୋହ୍ଲାପୁରୀ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ସିମ୍ପଲ ଟପ୍, ଶାର୍ଟ ସହ ଜିନ୍ସ ପିନ୍ଧି ଏହି କୋହ୍ଲାପୁରୀ ପେୟାର ଅପ୍ କଲେ ଟ୍ରେଣ୍ଡି ଲାଗିବେ।


–ଅଫିସ୍‌ୱେର୍ ପାଇଁ କ୍ଲାସିକ୍ ଲେଦର୍ କୋହ୍ଲାପୁରୀ ଚପଲ ପର୍‌ଫେକ୍ଟ ଲାଗିଥାଏ। ପ୍ଲାଜୋ କିମ୍ବା ଟ୍ରାଉଜର୍ ପିନ୍ଧି ଅଫିସ ଯାଉଥିଲେ ଏହି ଡିଜାଇନର ଚପଲ ବେଶ୍ ସୁନ୍ଦର ଫର୍ମାଲ୍ ଲୁକ୍ ଦେଇଥାଏ।

– ଟ୍ରାଡିଶନାଲ୍ ଗେଟ୍‌ଅପ୍ ନେଉଥିଲେ କ୍ଲାସିକ୍ ଲେଦର, ଲେଦର ସହ ଥ୍ରେଡ ୱାର୍କ ଡିଜାଇନ୍‌ର କୋହ୍ଲାପୁରୀ ଚପଲ ମ୍ୟାଚ୍ କରି ପିନ୍ଧନ୍ତୁ। ଚୁଡିଦାର କିମ୍ବା ସାଲୱାର ସୁଟ୍‌କୁ ମଧ୍ୟ କୋହ୍ଲାପୁରୀ ଚପଲ ଭଲ ମାନିଥାଏ। ଘୁଙ୍ଗୁର ଥିବା କୋହ୍ଲାପୁରୀ ଚପଲ ମଧ୍ୟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଯାହାକି ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ସହ ଟିମ୍‌ଅପ୍ କଲେ ଆଧିକ ଆଟ୍ରାକ୍ଟିଭ୍ ଲାଗିଥାଏ।

# ବିଚ୍ଛେଦ ନୁହେଁ ସମାଧାନ



**କଥାରେ ଅଛି ଯେଉଁ ସମ୍ପର୍କରେ ମାନ ଅଭିମାନ ନାହିଁ ସେଠି ଜୀବନର ଆନନ୍ଦ ନାହିଁ। ବିଶେଷ କରି ସ୍ୱାମୀସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ଛୋଟ ଛୋଟ ଝଗଡ଼ା ଏବଂ ରାଗରୁଷା ପରବର୍ତ୍ତୀ ସମୟରେ ପରସ୍ପରକୁ ବୁଝାଇବାରେ ଭଲପାଇବା ବଢ଼ାଇଥାଏ। କିନ୍ତୁ ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ସାମାନ୍ୟ ଝଗଡ଼ା ବି ମନାନ୍ତର ଏବଂ କେବେ କେବେ ବିବାହ ବିଚ୍ଛେଦର କାରଣ ସାଜୁଥିବା ଦେଖିବାକୁ ମିଳୁଛି। ହେଲେ କେତେକ ଦିଗ ପ୍ରତି ଯତ୍ନଶୀଳ ହୋଇପାରିଲେ ବିବାହ ଭଳି ଏକ ନିବିଡ଼ ସମ୍ପର୍କ ଅତୁଟ ହୋଇ ରହିପାରିବ...**



**ହେବାକୁ ପଡ଼ିବ ନିଃସ୍ୱାର୍ଥପର:** ବୈବାହିକ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁମାନେ କୌଣସି ସ୍ୱାର୍ଥ ରଖି ବିବାହ କରିଥାନ୍ତି, ସେମାନେ ନିଜର ସ୍ୱାର୍ଥ ପୂରଣ ପରେ ଜୀବନସାଥୀ ଅଲୋଡ଼ା ଭାବନ୍ତି। ଯାହାକି ଅନ୍ୟକୁ ଗଭୀର ମାନସିକ ଆଘାତ ଦେଇଥାଏ, ଆଉ ତାହାହିଁ ବିବାହ ବିଚ୍ଛେଦର ସବୁଠୁ ବଡ଼ କାରଣ ସାଜିଥାଏ।

**ଆବଶ୍ୟକ ଦୃଢ଼ ବିଶ୍ୱାସ:** ଜୀବନସାଥୀଙ୍କ ମଧ୍ୟରେ ବିବାହ ବିଚ୍ଛେଦର ସବୁଠୁ ବଡ଼ କାରଣ ହେଉଛି ଅବିଶ୍ୱାସ। କୌଣସି କାର୍ଯ୍ୟ ଦ୍ୱାରା ଯଦି ଜଣଙ୍କର ବିଶ୍ୱାସ ଥରେ ଭାଙ୍ଗିଯାଏ ତାହା ପୁନର୍ବାର ସୃଷ୍ଟିହେବା ଖୁବ୍ କଷ୍ଟ। ତେଣୁ ବିଶ୍ୱାସରେ ବିଷ ଦେବା ଭଳି କୌଣସି କାର୍ଯ୍ୟ କରିବା ଆଦୌ ଉଚିତ୍ ନୁହେଁ। ପରସ୍ପର ପ୍ରତି ବିଶ୍ୱାସ ରଖିବା ହିଁ ଏକ ସୁଖୀ ଦାମ୍ପତ୍ୟ ଜୀବନର ସବୁଠୁ ବଡ଼ ମନ୍ତ୍ର।

**ସନ୍ଦେହ ବି ହୋଇପାରେ କ୍ଷତିକାରକ:** ସନ୍ଦେହ ଏମିତି ଏକ ନକାରାତ୍ମକ ଚିନ୍ତା ଯାହା ଏକ ନିବିଡ଼ ସମ୍ପର୍କକୁ କ୍ଷଣକରେ ଭାଙ୍ଗି ଦେଇପାରେ। ତେଣୁ ବୈବାହିକ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସନ୍ଦେହକୁ ମନରେ ଆଦୌ ସ୍ଥାନ ଦେବା ଠିକ୍ ନୁହେଁ। ଅନେକେ ଏମିତି ଅଛନ୍ତି ଯେଉଁମାନେ ଅନ୍ୟର ଶୁଣା କଥାରେ ନିଜ ଜୀବନସାଥୀଙ୍କୁ ସନ୍ଦେହ କରନ୍ତି, ସେ କାହା ସହ ଖୁସିରେ କଥା ହେଲେ ବିରକ୍ତ ହୁଅନ୍ତି, ଏମିତିକି ତାଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା ମନାନ୍ତର ହୋଇ ଧୀରେ ଧୀରେ ବିଚ୍ଛେଦର କାରଣ ସାଜିପାରେ। ତେଣୁ ମନରେ ସନ୍ଦେହକୁ ସ୍ଥାନ ଦିଅନ୍ତୁ ନାହିଁ ବରଂ ଆବଶ୍ୟକ ସ୍ଥଳେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂର କରନ୍ତୁ।

**ଠିକ୍ ନୁହେଁ କମ୍ୟୁନିକେଶନ ଗ୍ୟାପ୍:** ଦମ୍ପତିଙ୍କ ମଧ୍ୟରେ କେବେ କେବେ ଝଗଡ଼ା, ରାଗ ରୁଷା ହୁଏ। ଆଉ ଏଥିପାଇଁ କିଛି ସମୟ ରାଗରେ କଥାବାର୍ତ୍ତା ବି ବନ୍ଦ ହୁଏ। ହେଲେ ଏହାର ଅର୍ଥ ନୁହେଁ ରାଗ ଅବା ସନ୍ଦେହରେ ମନ ଭିତରେ ଦୁଃଖକୁ ଚାପିରଖି ଦୀର୍ଘ ସମୟ ଚୁପ୍ ରହିବା। କାରଣ ଏହା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ, ଯାହାକି ଶେଷରେ ମନାନ୍ତର ଏବଂ ବିଚ୍ଛେଦର ରୂପ ନେଇଥାଏ। ତେଣୁ ବୁଝାମଣା ଅଭାବରୁ ଗ୍ୟାପ୍ ଯେପରି ନ ବଢ଼ିଯାଏ ସେଥିପାଇଁ ଚୁପ୍ ନ ରହି କିମ୍ବା ନ ରାଗି ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବାକୁ ଚେଷ୍ଟା କଲେ ବୈବାହିକ ସମ୍ପର୍କ ଅତୁଟ ହୋଇଥାଏ।

**ସଚ୍ଚୋଟ ହେବା ଦରକାର:** ଜୀବନସାଥୀ ପରସ୍ପରକୁ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ଲୁଚାଇଲେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ତେଣୁ ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ସଚ୍ଚୋଟ ହୋଇ ହୃଦୟ ଖୋଲା ରଖି ସତ କହିଲେ ହିଁ ସମ୍ପର୍କ ମଧୁର ଏବଂ ଅତୁଟ ରହିଥାଏ।

**ତୁଳନା ଠିକ୍ ନୁହେଁ:** ଅନେକ ଦମ୍ପତ୍ତି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କ ତୁଳନା ଅନ୍ୟ ସହ କରିଥାନ୍ତି। ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି। ଫଳରେ ସମ୍ପର୍କ ଖରାପ ହୋଇଥାଏ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହିଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କଲେ ସମ୍ପର୍କ ମଜ୍‌ଭୁତ ହୋଇଥାଏ।

**ବାକ୍ ସଂଯମତା ସବୁଠୁ ଗୁରୁତ୍ୱପୂର୍ଣ୍ଣ:** ଦାମ୍ପତ୍ୟ ଜୀବନ ସୁଖମୟ ରଖିବା ଓ ନିଜ ସମ୍ପର୍କ ଅତୁଟ ରଖିବା ଲାଗି ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ବିଶ୍ୱାସ ରହିବା ଦରକାର। ହେଲେ କେବେ କେବେ ବିଭିନ୍ନ କଥାକୁ ନେଇ ପରସ୍ପର ମଧ୍ୟରେ ଝଗଡ଼ା ହୋଇଥାଏ। ଆଉ ରାଗରେ ପାଟିରୁ ଏମିତି କିଛି ଭୁଲ୍ କଥା ବାହାରିଆସେ ଯାହାକି ପରବର୍ତ୍ତୀ ସମୟରେ ସମ୍ପର୍କ ଖରାପ କରିଥାଏ। ତେଣୁ ଯେବେ ମନରେ ରାଗ ଥିବ ସେତେବେଳେ 'ତୁମ ସହ ବିବାହ କରି ଭୁଲ୍ କରିଦେଲି, ମୁଁ ତୁମକୁ ଭଲ ପାଏ ନାହିଁ, ଘୃଣା କରେ, 'କାସ୍, ତୁମକୁ ନ ବାହା ହୋଇ ଆଉ କାହାକୁ ବାହା ହୋଇଥାନ୍ତି, ଖୁସିରେ ରହିଥାନ୍ତି' ଆଦି ଭଳି କଟୁ କଥା ଆଦୌ କୁହନ୍ତୁ ନାହିଁ। କାରଣ ଏହା ଜୀବନସାଥୀଙ୍କ ମନକୁ ଏହି କଥା ବାରମ୍ବାର ଆଘାତ ପହଞ୍ଚାଇଥାଏ, ଯାହାଦ୍ୱାରା ସମ୍ପର୍କର ଦୃଢ଼ତା ଧୀରେ ଧୀରେ କମିଯାଏ।





**ପରସ୍ପର ପ୍ରତି ସମ୍ମାନ ରହିବା ଦରକାର:** ପରସ୍ପର ପ୍ରତି ସମ୍ମାନ ହେଉଛି ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର। ଦାମ୍ପତ୍ୟ ଜୀବନରେ ଜଣେ ଜଣଙ୍କୁ ଅସମ୍ମାନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ବିବାହ ବିଚ୍ଛେଦର କାରଣ ସାଜିଥାଏ। ତେଣୁ ନିଜ ସମ୍ପର୍କକୁ ଦୃଢ଼ କରିବାକୁ ଚାହୁଁଥିଲେ ସବୁବେଳେ ଜୀବନସାଥୀଙ୍କୁ ସମ୍ମାନ ଦିଅନ୍ତୁ।

## ଏମାନେ କ'ଣ କହନ୍ତି...



**ସଂଘମିତ୍ରା ପ୍ରତିହାରୀ**(ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର)– ବୈବାହିକ ସମ୍ପର୍କ ଏକ ସାଧାରଣ ସମ୍ପର୍କ ନୁହେଁ, କାରଣ କୁହାଯାଏ ଏହାକୁ ଉପରବାଲା ଯୋଡିଥାନ୍ତି। ବିବାହ ବେଳେ ହୋମ ଅଗ୍ନିକୁ ସାକ୍ଷୀ ରଖି ଦୁଇ ଅଜଣା ମଣିଷ ସାରା ଜୀବନ ପାଇଁ ସାଥି ହୋଇଯିବା ପରେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଭଲପାଇବା ବଢ଼ିଯାଏ। ହେଲେ, କେବେ କେବେ ଏହି ସମ୍ପର୍କରେ ବି ବିଚ୍ଛେଦ ଦେଖାଦିଏ। ମୋ ମତରେ ଏଥିପାଇଁ ଉତ୍ତମ ବୁଝାମଣା, ପରସ୍ପର ପ୍ରତି ବିଶ୍ୱାସର ଅଭାବ ମୁଖ୍ୟତଃ ଦାୟୀ। କାରଣ ପ୍ରତ୍ୟେକ ଦମ୍ପତ୍ତିଙ୍କ ମଧ୍ୟରେ କେବେ କେବେ ରାଗ ରୁଷା ଓ ଝଗଡ଼ା ହେବା ଏକ ସାଧାରଣ କଥା, ହେଲେ ଏଥିପାଇଁ ରାଗରେ ଏଣୁ ତେଣୁ କହିବା କିମ୍ବା ମତାନ୍ତର ମନାନ୍ତରରେ ପରିଣତ ହେବା ଠିକ୍ ନୁହେଁ। ତେଣୁ ଦାମ୍ପତ୍ୟ ଜୀବନ ସୁଖମୟ ଓ ନିଜ ସମ୍ପର୍କ ଅତୁଟ ରଖିବା ଲାଗି ଉଭୟଙ୍କ ମଧ୍ୟରେ ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନ ଓ ନିଃସ୍ୱାର୍ଥ ଭାବନା ରହିବା ନିହାତି ଦରକାର।



**ମିନତୀ ଦାସ**(ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପୁରୀ)– ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଅତୁଟ ରହିବା ଲାଗି ବୁଝାମଣା ଠିକ୍ ରହିବା ଦରକାର। କାରଣ ଏହା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ଏହା ଭାବନାକୁ ନିଜ ସମ୍ପର୍କ ମଧ୍ୟରେ ଆସିବାକୁ ଆଦୌ ଦେଇ ନ ଥାଏ। ତା'ଛଡ଼ା ଯଦି କେବେ କୌଣସି କାରଣରୁ ସାମାନ୍ୟ ଝଗଡା ହୁଏ ତେବେ କ୍ରୋଧରେ ଏମିତି କୌଣସି କଟୁ କଥା କହେ ନାହିଁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ କିମ୍ବା କୌଣସି ପରିସ୍ଥିତିରେ ଏହାର ସମାଧାନ ପାଇଁ ତୃତୀୟ ବ୍ୟକ୍ତିର ସାହାଯ୍ୟ ନିଏ ନାହିଁ। ସର୍ବୋପରି ପରସ୍ପର ପ୍ରତି ସମ୍ମାନ ଓ କର୍ତ୍ତବ୍ୟ ପରାୟଣ ହେବା ହିଁ ଅତୁଟ ବୈବାହିକ ସମ୍ପର୍କର ଚାବିକାଠି ବୋଲି ମୁଁ ଭାବିଥାଏ।

## ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ବିଟ୍‌ରୁଟ୍



**ବିଟ୍‌ରୁଟ୍‌ରେ ଭରିରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ...**



⏭ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ। ଏକ ଚାମଚ୍ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ। ପ୍ରତିଦିନ ଏପରି କଲେ ଆପଣଙ୍କ ଓଠ ମାତ୍ର କିଛିଦିନ ମଧ୍ୟରେ ଗୋଲାପି ହୋଇଯିବ।

⏭ଦୁଇ ଚାମଚ ବିଟ୍‌ରୁଟ୍ ପେଷ୍ଟ କିମ୍ବା ଦୁଇ ଚାମଚ ବିଟ୍‌ରୁଟ୍ ପାଉଡର ସହିତ ଦୁଇ ଚାମଚ ଦହି ଏବଂ ଏକ ଚାମଚ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ବେକ ଏବଂ ମୁହଁରେ ଭଲ ଭାବେ ଲଗାଇ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ବ୍ରାଇଟ୍ କରିବା ସହ ଏକ ନ୍ୟାଚୁରାଲ୍ ବ୍ଲଶ୍ ମଧ୍ୟ ଦେବ।

⏭ଯେଉଁମାନଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖା ଦେଉଛି ସେମାନଙ୍କ ପାଇଁ ବିଟ୍‌ରୁଟ୍ ଏବଂ ଓଟ୍‌ମିଲ୍ ମାସ୍କ ବହୁତ ଉପକାରୀ। ଏଥିପାଇଁ ଏକ ଚାମଚ ବିଟ୍‌ରୁଟ୍ ପେଷ୍ଟ ସହିତ ଦୁଇ ଚାମଚ ଓଟ୍‌ମିଲ୍ ଏବଂ ଏକ ଚାମଚ ଦହି ନେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହା ମୁହଁରେ ଥିବା ଅଧିକ ତେଲ ଅଂଶକୁ ବାହାର କରି ବ୍ରଣ ସମସ୍ୟା ଦୂର କରିଥାଏ।

⏭ଦୁଇ ଚାମଚ ବିଟ୍‌ରୁଟ୍ ପାଉଡର ସହିତ ଦୁଇ ଚାମଚ ଆଲୋଭେରା ଜେଲ୍ ଏବଂ ୪-୫ ବୁନ୍ଦା ରୋଜ୍ ୱାଟର୍ ଏବଂ ୨ ବୁନ୍ଦା ଲାଭେଣ୍ଡର ଏସେନ୍ସିଆଲ୍ ଅଏଲ୍ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ସେରମ୍‌କୁ ମୁହଁରେ ଲଗାଇଲେ ତ୍ୱଚା ସଫ୍ଟ ଏବଂ ଗ୍ଲୋଇଂ ଦେଖାଯିବ। ଏହା ମଧ୍ୟ ଟ୍ୟାନିଂ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

⏭କେବଳ ଲଗାଇବା ନୁହେଁ ବିଟ୍‌ରୁଟ୍ ଖାଇବା ଏବଂ ଏହାର ଜୁସ୍ ପିଇବା ଦ୍ୱାରା ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ତତ୍ତ୍ୱ ତ୍ୱଚା ଏବଂ କେଶକୁ ହାଇଡ୍ରେଟ୍ ରଖିବା ସହ ଏହାର ସୌନ୍ଦର୍ଯ୍ୟ ବଢ଼ାଇବାରେ ସାହାଯ୍ୟ କରିଥାଏ।

## ଖାଦ୍ୟରୁଚି // ଗ୍ରୀନ୍ ପିଜ୍ ଚାଟ୍

**ଆବଶ୍ୟକ ସାମଗ୍ରୀ:** ଗ୍ରୀନ୍ ପିଜ୍ ବା ଗ୍ରୀନ୍ ମଟର ୨କପ୍, ୨ଟି ମଧ୍ୟମ ଆକାରର ସିଝା ଆଳୁ, ଅଧା ଚାମଚ କଶ୍ମୀର ଲଙ୍କା, ଅଧା ଚାମଚ ଜିରା ପାଉଡର, ୧ ଚାମଚ କଟା ଧନିଆପତ୍ର, ଅଧା ଚାମଚ ଚାଟ୍ ମସଲା, ୨ ଚାମଚ ତେନ୍ତୁଳି ରସ, ୧ଟି ଛୋଟ କଟାହୋଇଥିବା କଞ୍ଚାଲଙ୍କା, ୨ ଚାମଚ ଲେଖାଏ କଟା ପିଆଜ, ଟମାଟୋ, କାକୁଡ଼ି, ଛଣା ସେଓ ଗାଣ୍ଠିଆ, ୧ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଗ୍ରୀନ୍ ମଟରକୁ ପାଣି ଓ ଆବଶ୍ୟକ ଲୁଣ ଦେଇ ସିଝାଇ ଦିଅନ୍ତୁ। ସିଝା ଆଳୁକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଚୁଲାରେ ପ୍ୟାନ୍ ବସାଇ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ କଟା ପିଆଜ ପକାଇ ଲାଲ୍‌ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ କଟା ଧନିଆପତ୍ର, ଟମାଟୋ, ଲଙ୍କା, ଜିରା ପାଉଡର ପକାଇ ଭାଜନ୍ତୁ। ବର୍ତ୍ତମାନ ସିଝା ଆଳୁ ପକାଇ ଘାଣ୍ଟନ୍ତୁ। ଅଳ୍ପ ପାଣି ଓ ତେନ୍ତୁଳି ରସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆବଶ୍ୟକ ମାତ୍ରାରେ ଲୁଣ, ଚାଟ୍ ମସଲା ପକାଇ ଗୋଳାନ୍ତୁ। ଭଲ ଭାବେ ମିଶିଗଲା ପରେ ଚୁଲା ବନ୍ଦକରି ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏହା ଉପରେ କଟାହୋଇଥିବା ପିଆଜ, କାକୁଡ଼ି ଏବଂ ସେଓ ଗାଣ୍ଠିଆ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ଗ୍ରୀନ୍ ପିଜ୍ ଚାଟ୍। ଶୀତରେ ଏହି ଗରମା ଗରମ ଚାଟ୍ ନିଜ ପରିବାର ସଦସ୍ୟଙ୍କୁ ଖୁଆଇବା ସହ ନିଜେ ଖାଇବାର ମଜାନିଅନ୍ତୁ।



# ସ୍ମୃତି ମନ୍ଧାନା ଅଧିନାୟିକା

**ନୂଆଦିଲ୍ଲୀ, ୬।୧ (ପି.ଟି.)**

ଚଳିତମାସରେ ଖେଳାଯିବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଘରୋଇ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳ ମନୋନୟନ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଷ୍ଟାର ଓପନର ସ୍ମୃତି ମନ୍ଧାନାଙ୍କୁ ଦଳର ଅଧିନାୟିକା ଭାବେ ମନୋନୀତ କରିଛନ୍ତି।

## ହରମନପ୍ରୀତ୍, ରେଣୁକାଙ୍କୁ ବିଶ୍ରାମ

ନିୟମିତ ଅଧିନାୟିକା ହରମନପ୍ରୀତ କୌରଙ୍କୁ ବିଶ୍ରାମ ଦିଆଯାଇଛି। ପେସ୍ ବୋଲର ରେଣୁକା ସିଂ ଠାକୁରଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଆୟର୍ଲାଣ୍ଡ ବିପକ୍ଷ ଏହି ଛୋଟ ସିରିଜ ଜାନୁଆରୀ ୧୦ରୁ ରାଜକୋଟରେ ଆରମ୍ଭ ହେବ। ସମସ୍ତ ଭେନ୍ୟୁରେ ସମସ୍ତ ୩ଟି ଗେମ୍ ଖେଳାଯିବ। ଗତ ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ବେଳେ ହରମନପ୍ରୀତଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଫଳତଃ ସେ ଗତ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏହା ପୂର୍ବରୁ ଗତବର୍ଷ ଅକ୍ଟୋବରରେ ଏହି ୩୫ ବର୍ଷୀୟ ଖେଳାଳିଙ୍କ ମହିଳା ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳୁଥିବା ସମୟରେ ତାଙ୍କ ବେକରେ ଆଘାତ ଲାଗିଥିଲା। ଅଗ୍ରଣୀ ପେସ୍ ବୋଲର ରେଣୁକା ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ତିନୋଟି ମ୍ୟାଚରୁ ୧୦ ଉଇକେଟ ଅକ୍ତିଆର କରିଥିଲେ। ଅତୀତରେ ପିଠିରେ ସମସ୍ୟା ତାଙ୍କୁ ଅଡୁଆରେ ପକାଇଥିଲା। କାର୍ଯ୍ୟଭାର ହ୍ରାସ ପାଇଁ ତାଙ୍କୁ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରୁ ବିଶ୍ରାମ ଦିଆଯାଇଛି। ଭାରତୀୟ ଦଳ ଗତମାସରେ ୱେଷ୍ଟଇଣ୍ଡିଜକୁ ୨-୧ରେ ହରାଇ ୫ ବର୍ଷରେ ନିଜ ଦେଶରେ ଏକ ଅନ୍ତର୍ଜାତୀୟ ଟି୨୦ ସିରିଜ ଜିତିପାରିଛି। ପରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ୩-୦ରେ ବିଜୟୀ ହୋଇ ପାରିଥିଲା। ୨୮ବର୍ଷୀୟା ମନ୍ଧାନା ଚମତ୍କାର ଫର୍ମରେ ଥିଲେ। ସେ ଅନ୍ତର୍ଜାତୀୟ ଟି୨୦ରେ କ୍ରମାଗତ ତିନୋଟି ଅର୍ଦ୍ଧଶତକ ଏବଂ ପରେ ଅନ୍ତର୍ଜାତୀୟ ଦିନିକିଆରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏବେ ଦଳ ଆୟର୍ଲାଣ୍ଡକୁ ଭେଟିବାକୁ ଯାଉଛି।

**ଭାରତୀୟ ମହିଳା କ୍ରିକେଟ ଦଳ:** ସ୍ମୃତି ମନ୍ଧାନା (ଅଧିନାୟିକା), ଦୀପ୍ତି ଶର୍ମା ଉପ-ଅଧିନାୟିକା, ପ୍ରତୀକା ରାୱାଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ଉମା ଛେତ୍ରୀ (ଉଇକେଟକିପର), ତେଜଲ ହାସାବନିସ୍, ରାଘବୀ ବିଷ୍ଟ, ମିନୁ ମାନି, ପ୍ରିୟା ମିଶ୍ର, ତନୁଜା କନୱର, ତାତାସ ସାଧୁ, ସଇମା ଠାକୁର ଓ ସାୟଲି ସାତ୍‌ଘରେ।



ସ୍ମୃତି ମନ୍ଧାନା

# ଓଡ଼ିଶା ଏଫ୍‌ସି ଦଳରେ ରାହୁଲ

**ଭୁବନେଶ୍ୱର, ୬।୧ (ବିଜୟ ରଣା)**



ଓଡ଼ିଶା ଏଫ୍‌ସି ଜଣେ ପ୍ରତିଭା ସମ୍ପନ୍ନ ଫରୱାର୍ଡ ରାହୁଲ କେ.ପିଙ୍କ ସହିତ ଚୁକ୍ତି କରିଛି। କେରଳ ବ୍ଲାଷ୍ଟର୍ସଠାରୁ ପରମାନେଣ୍ଟ ଟ୍ରାନ୍ସଫର ଭିତିରେ ଏହି ଖେଳାଳିଙ୍କୁ ଅଣାଯାଇଛି। ଦଳ ସହିତ ସେ ୨୦୨୬-୨୭ ସିଜନ ଶେଷ ପର୍ଯ୍ୟନ୍ତ ରହିବେ। ପୁନର୍ବାର ଦଳ ଚାହିଁଲେ ଅତିରିକ୍ତ ଏକ ବର୍ଷ ପାଇଁ ଦଳରେ ରଖିପାରିବ। ରହୁଲ ୨୦୨୪-୨୫ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ସହିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ପ୍ରଥମ ପଦାର୍ପଣରେ ପ୍ରଭାବୀ ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦଳ ତରଫରୁ ସେ ୧୧ଟି ମ୍ୟାଚରେ ଖେଳିଛନ୍ତି। ୨୦୨୪ ନଭେମ୍ବର ୨୪ରେ ଚେନ୍ନାଇ ଏଫ୍‌ସି ବିପକ୍ଷରେ ୩-୦ ବିଜୟ ମ୍ୟାଚରେ ସେ ପ୍ରଥମ ଗୋଲ ସ୍କୋର କରିଥିଲେ। ୟଲୋ ଆର୍ମି ଦଳ ତରଫରୁ ସେ ୮୯ ଥର ଖେଳି ବିଭିନ୍ନ ଟୁର୍ନାମେଣ୍ଟରେ ୧୦ରୁ ଅଧିକ ଗୋଲ ସ୍କୋର କରିଛନ୍ତି। ରାହୁଲଙ୍କ ଫୁଟ୍‌ବଲ ଯାତ୍ରା ଥ୍ରିସୁର ସହିତ ଆରମ୍ଭ ହୋଇଥିଲା। କେରଳର ୟୁଥ୍ ସିଷ୍ଟମ ଜରିଆରେ ତାଙ୍କର ଅଗ୍ରଗତି ହୋଇଥିଲା। ସେ ଭାରତର ୧୭ ବର୍ଷରୁ କପ୍ ଫିଫା ବିଶ୍ୱକପ୍ ଦଳର ଜଣେ ଅନ୍ୟତମ ସଦସ୍ୟ ଥିଲେ। ପରେ ସେ ଇଣ୍ଡିଆନ ଆରୋଜ ଦଳରେ ଯୋଗଦାନ କରିଥିଲେ। ଏହି ଦଳ ତରଫରୁ ୪୦ଟି ମ୍ୟାଚ ଖେଳି ୬ଟି ଗୋଲ ସ୍କୋର କରିପାରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସର୍ଗିଓ ଲୋବେରା କହିଛନ୍ତି ଯେ, ରାହୁଲଙ୍କ ଖେଳିବା ଶୈଳି ଆମ ଦଳର ରଣନୀତିକୁ ବେଶ୍ ସୁହାଇବ। ଅନ୍ୟପକ୍ଷରେ ରାହୁଲ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ନୂଆ ଚ୍ୟାଲେଞ୍ଜକୁ ସାମ୍ନା କରିବା ଲାଗି ସେ ପ୍ରସ୍ତୁତ ଅଛନ୍ତି। ଓଡ଼ିଶା ଏଫ୍‌ସି ଏକମାତ୍ର ଦଳ ତାଙ୍କ ପ୍ରତି ଆଗ୍ରହ ଦେଖାଇଛି। ଏଥିପାଇଁ ସେ ବହୁତ୍ ଖୁସି।

# ବିଜୟ ସହ କିଟ୍‌ର ଅଭିଯାନ

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ

**ଭୁବନେଶ୍ୱର, ୬।୧ (ବିଜୟ ରଣା)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ଟୁର୍ନାମେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟ ବିଜୟ ସହ ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ସୋମବାର ଗ୍ରୁପ୍ ପର୍ଯ୍ୟାୟରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଦଳ ରାଜସ୍ଥାନର ଶ୍ରୀ ଖୁସାଲ ଦାସ ବିଶ୍ୱବିଦ୍ୟାଳୟକୁ ୩-୨ ସ୍କୋରରେ ପରାସ୍ତ କରିଛି। ଖେଳାଳିମାନଙ୍କ ମଧ୍ୟରେ ଚମତ୍କାର ସମନ୍ୱୟ ଯୋଗୁ ଏହି ବିଜୟ ସମ୍ଭବପର ହୋଇପାରିଛି। ପଲାଇସ୍ଥିତ ସେଣ୍ଟ ଥୋମାସ କଲେଜ ପରିସରରେ ସ୍ୱେସ୍ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ ତରଫରୁ ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଛି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ ପାଇଁ ଶୁଭକାମନା କରିଛନ୍ତି।



ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କିଟ୍ ଦଳ।

# ଶ୍ରୀରାମ ଓ ମିଗୁଏଲ ବିଜୟୀ, ନାଗାଲ ପରାସ୍ତ



ବିଜୟ ପରେ ମିଗୁଏଲ ରେସ୍ ଭାରେଲା ଓ ଶ୍ରୀରାମ ବାଲାଜୀ।

**ନୂଆଦିଲ୍ଲୀ, ୬।୧ (ପି.ଟି.)**

ଶ୍ରୀରାମ ବାଲାଜୀ ଓ ମିଗୁଏଲ ରେସ୍ ଭାରେଲା ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ବେଳେ ସୁମିତ ନାଗାଲ ଅକଲାଣ୍ଡ ଏଏସ୍‌ବି କ୍ଲାସିକ୍‌ର ଆରମ୍ଭରୁ ବିଦାୟ ନେଇଛନ୍ତି। ଇଣ୍ଡୋ-ମେକ୍ସିକାନ ଯୋଡ଼ି ବାଲାଜୀ ଓ ରେସ୍-ଭାରେଲା ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୪-୬, ୬-୨, ୧୦-୭ରେ ରୋହନ ବୋପାନ୍ନା ଏବଂ ତାଙ୍କ ନୂଆ ପାର୍ଟନର ନିକୋଲାସ ବାରିଣ୍ଟସଙ୍କୁ ହରାଇ ଦେଇଛନ୍ତି। ବୋପାନ୍ନା ଅଷ୍ଟ୍ରେଲିଆର ମାଥ୍ୟୁ ଇବିଡେନଙ୍କ ସହିତ ତାଙ୍କର ଦୁଇ ବର୍ଷର ପାର୍ଟନରଶିପ୍‌ର ପରିସମାପ୍ତି ଘଟାଇଛନ୍ତି। ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ସେ ବାରିଣ୍ଟସଙ୍କୁ ତାଙ୍କ ନୂଆ ପାର୍ଟନର କରିଛନ୍ତି। ବାରିଣ୍ଟସ ଖୁବ୍ ଚମତ୍କାର ସର୍ଭିସ କରିପାରନ୍ତି। ଅଣ ସିଡ୍ ଯୋଡ଼ି ବର୍ତ୍ତମାନ ଏହି ଏଟିପି ୨୫୦ ମିଟ୍‌ରେ ପ୍ରି-କ୍ୱାର୍ଟରରେ ଚତୁର୍ଥ ସିଡ୍ ଫିନିଶ-ବ୍ରିଟନ ଯୋଡ଼ି ହ୍ୟାରୀ ହେଲିଓଭାରା ଓ ହେନ୍‌ରୀ ପାଟେନଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ନାଗାଲ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ତାଙ୍କୁ ୟୁଏସ୍‌ଏ ପ୍ରତିଦ୍ୱନ୍ଦ୍ୱୀ ଆଲେକ୍ସ ମିଚେଲସେନ୍‌ଙ୍କଠାରୁ ୭-୬ (୮), ୪-୬, ୨-୬ରେ ହାରିଯାଇଛନ୍ତି। ଏହି ମ୍ୟାଚ ୨ ଘଣ୍ଟା ଓ ୪୦ ମିନିଟ ଧରି ଚାଲିଥିଲା।

# ପାକିସ୍ତାନରେ ଟେଷ୍ଟ ଖେଳିବ ୱେଷ୍ଟଇଣ୍ଡିଜ

**କରାଚୀ, ୬।୧ (ପି.ଟି.):** ୱେଷ୍ଟଇଣ୍ଡିଜ ପୁରୁଷ କ୍ରିକେଟ ଦଳ ସୋମବାର ଇସ୍‌ଲାମାବାଦ୍‌ରେ ପହଞ୍ଚିଛି। ୧୮ ବର୍ଷ ପରେ ଦଳ ପ୍ରଥମ ଥର ଏହି ଦେଶରେ ଏକ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି। ୱେଷ୍ଟଇଣ୍ଡିଜ ଗତଥର ୨୦୦୬ରେ ଏକ ଟେଷ୍ଟ ସିରିଜ ଖେଳିବା ଲାଗି ପାକିସ୍ତାନ ଟୁର୍‌ରେ ଆସିଥିଲା। ତେବେ ଏହି ଦଳ ଇତିମଧ୍ୟରେ ପାକିସ୍ତାନ ଟୁର୍‌ରେ ଆସି ଦୁଇଟି ହ୍ୱାଇଟ ବଲ୍ ସିରିଜ ଖେଳି ସାରିଛି। ଭ୍ରମଣକାରୀ ଦଳ ଜାନୁଆରୀ ୧୦ରୁ ପାକିସ୍ତାନ ଶାହିନ୍ସ ବିପକ୍ଷରେ ଏକ ୩ ଦିନିଆ ଟୁର୍ ଗେମ୍ ଇସ୍‌ଲାମାବାଦରେ ଖେଳିବ। ପରେ ଜାନୁଆରୀ ୧୭ରେ ମୁଲ୍‌ତାନଠାରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିବ। ସମାନ ଭେନ୍ୟୁରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜାନୁଆରୀ ୨୫ରୁ ଖେଳାଯିବ। ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ପାଇଁ ଚଳିତ ଚକ୍ର (ସାଇକେଲ)ରେ ଉଭୟ ଦଳର ଏହା ହେଉଛି ଶେଷ ସିରିଜ।

# ଓଡ଼ିଶା ୮ ଉଇକେଟରେ ବିଜୟୀ



ଜ୍ୟୋତି କେ. ପ୍ରସାଦ



ସୋନାଲି ହେମ୍ବ୍ରମ

## ୨୩ ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫି

**ଭୁବନେଶ୍ୱର, ୬।୧ (ବିଜୟ ରଣା)**

ଗୋଆର ମାରଗାଓଠାରେ ସୋମବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟ୍ରଫି ମ୍ୟାଚରେ ଓଡ଼ିଶା ୮ ଉଇକେଟରେ ବିହାରକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିହାର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୮୦ ରନ କରିଥିଲା। ଟପ୍ ସ୍କୋରର ପ୍ରୀତି ୨୪ ବଲ୍‌ରେ ୨୭ ରନ ଏବଂ ୟଶିତା ସିଂ ୨୯ ବଲ୍‌ରେ ୧୭ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ସୋନାଲି ହେମ୍ବ୍ରମ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜ୍ୟୋତି କେ. ପ୍ରସାଦ ୧୫ ରନ ଦେଇ ୨ ଉଇକେଟ ନେଇଥିଲେ। ୮୧ରନର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୧୩.୧ ଓଭରରେ ୨ ଉଇକେଟ ବିନିମୟରେ ୮୧ ରନ କରି ମ୍ୟାଚକୁ ସହଜରେ ଜିତ ନେଇଥିଲା। ଦଳ ପକ୍ଷରୁ ଆଲିପ୍ସା ବିଶ୍ୱାଳ ସର୍ବାଧିକ ୩୩ ରନ (୩୫ବଲ୍) କରିଥିବା ବେଳେ ତନ୍ମୟୀ ବେହେରା ୨୬ରନ (୨୯ ବଲ୍) କରି ଅପରାଜିତ ରହିଥିଲେ। ବିହାର ତରଫରୁ ଅର୍ଯ୍ୟା ଓ ୟଶିତା ସିଂ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

# ୨୯ରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା

**ଭୁବନେଶ୍ୱର, ୬।୧ (ବିଜୟ ରଣା)**

ଜାନୁଆରୀ ୨୯ ତାରିଖରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା କଟକ ବାଲୁବଜାରସ୍ଥିତ ମାରୱାଡ଼ି କ୍ଲବ ପରିସରରେ ଅନୁଷ୍ଠିତ ହେବ। ଉରାଳିଠାରେ ଅଲ୍ ଓଡ଼ିଶା ଆର୍ମ ରେସ୍‌ଲିଂ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଦିବଙ୍ଗତ ବିଭୂତି ଭୂଷଣ ଜେଠି ଓ ଅଶୋକ କୁମାର ଶର୍ମାଙ୍କ ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାକୁ ଉତ୍ସର୍ଗିକୃତ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଏଥିରୁ ଆସନ୍ତା ଫେବୃଆରୀରେ ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ହେବାକୁଥିବା ଜାତୀୟ ବାହୁକୁସ୍ତି ପ୍ରତିଯୋଗିତା ନିମନ୍ତେ ଖେଳାଳି ମନୋନୟନ କରାଯିବ। ସୋମବାରର ଏହି ବୈଠକରେ ରାଜ୍ୟସଂଘର ବିଜୟ ଶର୍ମା, ହୁକୁମ ସିଂ, ଶଶିକାନ୍ତ ଜେନା, ଗୌରାଙ୍ଗ ପାତ୍ର, ଶିବ ଦାସ ସିଂ, ବିରଜା ପ୍ରସନ୍ନ ଦାସ, ରାଜକିଶୋର ସାହୁ। ମନୋଜ ସେଠୀ, ଜିତେନ୍ଦ୍ର ପରିଡ଼ା, ସାଗର ନାୟକ, ଗୌତମ କାହାଳି, ଚନ୍ଦନ ବେହେରା, କୁନୁ ମୁଖି, ତାରାକାନ୍ତ ମହାପାତ୍ର, ଗୌରବ ନାୟକ, ସନ୍ତୋଷ ଦାସ, ମୀ ଅଜମଦ ଅଲୀ, ଗୋପାଳ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ଦାସ, ରାହୁ ମହାର ଓ ସଂଘର ସଭାପତି ସୁପିଲ କୁମାର ରାଜ୍ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଜଣାଇଛନ୍ତି।

# ସୀମିତ ଓଭର କ୍ରିକେଟରୁ ଋଷି ଧାୱନଙ୍କ ଅବସର



**ନୂଆଦିଲ୍ଲୀ, ୬।୧ (ପି.ଟି.)**

ଭାରତର ପୂର୍ବତନ ଅଲରାଉଣ୍ଡର ହିଷି ଧାୱନ ବିଜୟ ହଜାରେ ଟ୍ରଫିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ପରେ ସୀମିତ ଓଭର ଘରୋଇ ଟୁର୍ନାମେଣ୍ଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଧାୱନ ୨୦୧୬ରେ ଭାରତର ତରଫରୁ ୩ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ତାଙ୍କ ଦଳ ମଧ୍ୟପ୍ରଦେଶ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇ ନ ପାରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ୩୪ ବର୍ଷୀୟ କ୍ରିକେଟର ଅବଶିଟେ ରଣଜୀ ଟ୍ରଫି ସିଜନ ପାଇଁ ଉପଲବ୍ଧ ହେବେ। ରଣଜୀ ଟ୍ରଫି ଜାନୁଆରୀ ୨୩ରୁ ଆରମ୍ଭ ହେବ। ସୂଚନାଯୋଗ୍ୟ, ଧାୱନଙ୍କ ନେତୃତ୍ୱରେ ହିମାଚଳ ଥରେ ମାତ୍ର ୨୦୨୧-୨୨ରେ ବିଜୟ ହଜାରେ ଟାଇଟଲ ଜିତିଥିଲା। ଚଳିତ ସିଜନରେ ସେ ୭ଟି ମ୍ୟାଚ ଖେଳି ଗୋଟିଏ ଅର୍ଦ୍ଧଶତକ ସହ ୩୯.୨୦ ଆଭରେଜରେ ୧୯୬ ରନ ସଂଗ୍ରହ କରିଛନ୍ତି। ଏହି ମିଡିୟମ ପେସ୍ ବୋଲର ୭ଟି ମ୍ୟାଚରେ ୮ ଉଇକେଟ ଅକ୍ତିଆର କରିଛନ୍ତି।

# ଅଧିକାଂଶ ମ୍ୟାଚ୍ ଖେଳି ନ ପାରନ୍ତି ବୁମ୍‌ରା

**ସିଡ୍‌ନୀ, ୬।୧ (ପି.ଟି.)**

ପିଠି ମାଂସପେଶୀରେ ଆଘାତ ଲାଗିଥିବାରୁ ଇଂଲଣ୍ଡ ବିପକ୍ଷ ଘରୋଇ ହ୍ୱାଇଟ୍ ବଲ୍ ସିରିଜର ଅଧିକାଂଶ ମ୍ୟାଚ ଖେଳି ନ ପାରନ୍ତି ଭାରତର ଅଗ୍ରଣୀ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା। ଫେବୃଆରୀ ୧୯ରୁ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନଜରରେ ରଖି ତାଙ୍କୁ ହୁଏତ

## ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ

ବିଶ୍ରାମ ଦିଆଯାଇପାରେ। ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ଭାରତ ୩-୧ରେ ପରାଜିତ ହୋଇଛି। ଏଥିରେ ବୁମ୍‌ରାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ସେ ୩୨ ଉଇକେଟ ଅକ୍ତିଆର କରିଥିଲେ। ତେବେ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ସିରିଜର ଫାଇନାଲ ଇନିଂସରେ ଖେଳିପାରି ନ ଥିଲେ। ୩୦ବର୍ଷୀୟ ବୁମ୍‌ରା ସିରିଜରେ ୧୫୦ରୁ ଊର୍ଦ୍ଧ୍ୱ ଓଭର ବୋଲିଂ କରିଛନ୍ତି। ସିରିଜର ମାତ୍ରାଧିକ କାର୍ଯ୍ୟଭାର ଯୋଗୁ ବୁମ୍‌ରା ଆଘାତପ୍ରାପ୍ତ ହୋଇଥିବା କୁହାଯାଉଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ବୁମ୍‌ରାଙ୍କ ଉପସ୍ଥିତିର ନିହାତି ଆବଶ୍ୟକତା ରହିଛି। ଖବର ଅନୁସାରେ ବୁମ୍‌ରାଙ୍କ ଆଘାତ କେତେ ଗୁରୁତର ତାହା ଏପର୍ଯ୍ୟନ୍ତ କଳନା କରାଯାଇ ପାରିନାହିଁ। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃଆରୀ ୨୦ରେ ଦୁବାଇରେ ଏହାର ଓପନିଂ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ବୁମ୍‌ରାଙ୍କ ଆଘାତ ଯଦି ଗ୍ରେଡ୍-୧ ହୋଇଥାଏ ତେବେ ତାଙ୍କୁ ଅତି କମ୍‌ରେ ୨ରୁ ୩ ସପ୍ତାହ ରିହାବିଲିଟେଶନରେ ରହିବାପରେ ଖେଳିପାରିବେ। ଯଦି ଗ୍ରେଡ୍-୨ ଇଞ୍ଜୁରୀ ହୋଇଥାଏ ତେବେ ସୁସ୍ଥ ହେବାକୁ ତାଙ୍କୁ ୬ ସପ୍ତାହ ସମୟ ଲାଗିବ। ଗ୍ରେଡ୍-୩ ହୋଇଥିଲେ ଇଞ୍ଜୁରୀ ଗୁରୁତର ବୋଲି ବିବେଚନା କରାଯିବ। ଏକ୍ଷେତ୍ରରେ ତାଙ୍କୁ ଅତି କମ୍‌ରେ ୩ ମାସ ବିଶ୍ରାମ ସହ ରିହାବିଲିଟେଶନରେ ରହିବାକୁ ପଡ଼ିବ।



ଯଶପ୍ରୀତ୍ ବୁମ୍‌ରା

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ